ଧରିତ୍ରୀ
DHARITRI

ମଙ୍ଗଳବାର, ଏପ୍ରିଲ ୨୧/୨୦୨୦ (୧୮ ପୃଷ୍ଠା) Tuesday, April 21/2020

୪୬ଶ ଭାଗ ୧୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ମଡୁଆଲା କଲା ନୋରାଙ୍କ ଡ୍ୟାନ୍ସ

ବଲିଉଡ୍ ଅଭିନେତ୍ରୀ ନୋରା ଫତେହି ଏକ ଡ୍ୟାନ୍ସ ଭିଡିଓ ସୋସିଆଲ ସାଇଡ୍‌ରେ ଶେୟାର କରିଛନ୍ତି। ଏହାକୁ ଇନ୍‌ଷ୍ଟାଗ୍ରାମରେ ୩ କୋଟିରୁ ଊର୍ଦ୍ଧ୍ୱ ଲୋକ ଦେଖିସାରିଲେଣି।

୦୭

୧୮

ନିଜେ ଚୁଟି କାଟୁଛନ୍ତି ତେନ୍ଦୁଲକର

କୋଭିଡ୍-୧୯ ପାଇଁ ସାମାଜିକ ଦୂରତା ରକ୍ଷା କରିବାକୁ ଯାଇ ଘରେ ନିଜେ ଚୁଟି କାଟୁଛନ୍ତି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର।

ଦିନକରେ ୧୩ କରୋନା ପଜିଟିଭ୍

- **ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୭୪କୁ ଛୁଇଁଲା**
- **ଯାଜପୁର ୫, ଭଦ୍ରକ ୫, ବାଲେଶ୍ୱର ୨, ସୁନ୍ଦରଗଡ଼ରେ ୧ ନୂଆ ରୋଗୀ**
- **୨ବର୍ଷର ଶିଶୁକନ୍ୟା ବି ସଂକ୍ରମିତ**

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଥିବାବେଳେ କଟକଣାରେ ସାମାନ୍ୟ କୋହଳ ହୋଇଛି। ଏପରିସ୍ଥଳେ ସୋମବାର ୧୩ନୂଆ କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଭଦ୍ରକ ଓ ଯାଜପୁରର ୫ଜଣ ଲେଖାଏ ରହିଥିବାବେଳେ ବାଲେଶ୍ୱରର ୨ଜଣ ଓ ସୁନ୍ଦରଗଡ଼ର ଜଣେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏବେସୁଦ୍ଧା ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୪ ଛୁଇଁଛି। ତେବେ କିଛିଦିନର ଆଶ୍ୱସ୍ତି ପରେ ଗୋଟିଏ ଦିନରେ ଏତେସଂଖ୍ୟକ ସଂକ୍ରମିତ ଚିହ୍ନଟ ହେବା ଚିନ୍ତା ବଢ଼ାଇ ଦେଇଛି।

ସୂଚନାନୁସାରେ, ଭଦ୍ରକ ଜିଲାରୁ ଚିହ୍ନଟ କରୋନା ଆକ୍ରାନ୍ତ ସମସ୍ତେ ପୁରୁଷ। ୩ଜଣ ବାସୁଦେବପୁରର ଓ ଦୁଇଜଣଙ୍କ ଘର ଭଣ୍ଡାରିପୋଖରୀରେ। ଏମାନଙ୍କ ବୟସ ଯଥାକ୍ରମେ ୪୮, ୫୫, ୫୭, ୫୮ ଓ ୬୬ ବର୍ଷ। ଏମାନେ ପଶ୍ଚିମବଙ୍ଗ ଫେରନ୍ତା ବୋଲି ଜଣାପଡିଛି। ତେବେ ନୂଆ ଆକ୍ରାନ୍ତଙ୍କୁ ମିଶାଇଲେ ଭଦ୍ରକ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ପୂର୍ବରୁ ଭଦ୍ରକର ବିଭିନ୍ନ ଅଞ୍ଚଳରୁ ୩ଜଣ କରୋନା ପଜିଟିଭ ଚିହ୍ନଟ ହୋଇ ଚିକିତ୍ସିତ ହେଉଥିଲେ। ଇତିମଧ୍ୟରେ ୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

ଯାଜପୁରର ୫ଜଣ ନୂଆ ଆକ୍ରାନ୍ତ ସମସ୍ତେ ପୁରୁଷ ହୋଇଥିବାବେଳେ ବୟସ ୨୮, ୩୨, ୫୦, ୫୮ ଓ ୬୪ ରହିଛି। ସେମାନଙ୍କ ମଧ୍ୟରୁ ୩ଜଣ ଯାଜପୁର ବ୍ଲକ୍‌ର ହୋଇଥିବାବେଳେ ଜଣେ ଦଶରଥପୁର ବ୍ଲକ ଓ ଆଉଜଣେ କୋରେଇ ବ୍ଲକ୍‌ର ବୋଲି ଜଣାପଡ଼ିଛି। ଏମାନେ ମଧ୍ୟ ସମସ୍ତେ କଲିକତାରୁ ଫେରିଥିବା ସୂଚନା ମିଳିଛି। ଏହାପୂର୍ବରୁ ଜିଲାରେ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ଚିକିତ୍ସିତ ହେଉଥିବାବେଳେ ଜଣେ ସୁସ୍ଥ ହୋଇଛନ୍ତି। ☞ପୃଷ୍ଠା–୪

କୋଭିଡ୍-୧୯ ଜିଲାୱାରୀ ତଥ୍ୟ

ଜିଲା	ଆକ୍ରାନ୍ତ	ସୁସ୍ଥ
ଖୋର୍ଦ୍ଧା	୪୬	୧୭
ଯାଜପୁର	୭	୧
କେନ୍ଦ୍ରାପଡ଼ା	୨	୦
ଭଦ୍ରକ	୮	୨
କଳାହାଣ୍ଡି	୨	୧
ସୁନ୍ଦରଗଡ଼	୩	୧
ବାଲେଶ୍ୱର	୩	୦
ଢେଙ୍କାନାଳ	୧	୦
କଟକ	୧	୧
ପୁରୀ	୧	୧
ମୋଟ	୭୪	୨୪

ଆକ୍ରାନ୍ତଙ୍କ ମଧ୍ୟରୁ ୨୪ ପଶ୍ଚିମବଙ୍ଗ ଫେରନ୍ତା

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇଲା ପଡୋଶୀ ପଶ୍ଚିମବଙ୍ଗ। ସୋମବାର ଚିହ୍ନଟ ହୋଇଥିବା ୧୩ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧୦ଜଣ ହେଉଛନ୍ତି ପଶ୍ଚିମବଙ୍ଗ ଫେରନ୍ତା। ସେହିଭଳି ରାଜ୍ୟର ମୋଟ ୭୪ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ଏକ ତୃତୀୟାଂଶ ଅର୍ଥାତ୍ ୨୪ଜଣ ପଶ୍ଚିମବଙ୍ଗରୁ ଫେରିଛନ୍ତି କିମ୍ବା ସେମାନଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏନେଇ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ସୂଚନା ଦେଇଛନ୍ତି। ଏହାକୁ ନେଇ ରାଜ୍ୟ ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ପରିସ୍ଥିତିର ସରଜମିନ୍ ତଦନ୍ତ ସହ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

ଏବେ ପଶ୍ଚିମବଙ୍ଗରେ କରୋନା ସ୍ଥିତି ବିଗଡିବାରେ ଲାଗିଛି। ତେଣୁ ଓଡ଼ିଆ ଲୋକେ ଭୟରେ ଗାଁକୁ ରାତିରେ ପଳାଇ ଆସୁଛନ୍ତି। ତେଣୁ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ରାଜ୍ୟ ସରକାର ସତର୍କ କରାଇଛନ୍ତି। ପଶ୍ଚିମବଙ୍ଗରୁ ଫେରିଥିବା ସମସ୍ତ ବ୍ୟକ୍ତି କ୍ୱାରାଣ୍ଟାଇନରେ ରହିବେ। ବିଶେଷକରି ଗତ ୨୮ ଦିନ ଭିତରେ ଯେଉଁମାନେ ପଶ୍ଚିମବଙ୍ଗରୁ ଫେରିଛନ୍ତି ସେମାନେ ନିଜ ଆଡୁ ଜଣାଇବାକୁ କୁହାଯାଇଛି। ଏଥିସହିତ ସ୍ଥାନୀୟ ସରପଞ୍ଚ, ବିଡିଓ ଓ ତହସିଲଦାର ତୁରନ୍ତ ଏନେଇ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ବ୍ୟକ୍ତି ସହଯୋଗ ନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ଅନ୍ୟପଟେ ପଜିଟିଭ୍ ଚିହ୍ନଟ ହେବା ସ୍ୱାଗତଯୋଗ୍ୟ ଘଟଣା ବୋଲି ବାଗ୍‌ଚୀ କହିଛନ୍ତି। ଏହି ବ୍ୟକ୍ତିମାନଙ୍କର ଚିହ୍ନଟ ଠିକ୍ ସମୟରେ ହୋଇପାରି ନଥିଲେ ପରିସ୍ଥିତି ଅଭାବନୀୟ ବା ଭୟାବହ ହୋଇଥାଆନ୍ତା।

ବଢ଼ିଲା ଚିନ୍ତା, ପଡ଼ିଲା ନଜର

- **ସରଜମିନ ତଦନ୍ତ, ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ**
- **୨୮ଦିନ ମଧ୍ୟରେ ପଶ୍ଚିମବଙ୍ଗରୁ ଆସିଥିବା ବ୍ୟକ୍ତି କ୍ୱାରାଣ୍ଟାଇନରେ ରହିବେ**

ଗୁଳି ମାଡ଼ରେ ୧୭ ନିହତ

କାନାଡାରେ ଗଣହତ୍ୟା

ଓଟ୍ଟାୱା,୨୦।୪

କାନାଡାର ନୋଭା ସ୍କଟିଆ ପ୍ରଦେଶରେ ଜଣେ ବ୍ୟକ୍ତି ପୋଲିସ ୟୁନିଫର୍ମ ପିନ୍ଧି ଗଣହତ୍ୟା କରିଛନ୍ତି। ତାଙ୍କର ଆଖିବୁଜା ଗୁଳି ମାଡ଼ରେ ୧୭ ଜଣ ନିହତ ଓ ଅନେକେ ଆହତ ହୋଇଛନ୍ତି। ଶେଷରେ ବନ୍ଧୁକଧାରୀ ଆତତାୟୀ ଜଣକ ପୋଲିସ କାର୍ଯ୍ୟାନୁଷ୍ଠାନରେ ପ୍ରାଣ ହରାଇଛନ୍ତି। ଏହାକୁ କାନାଡା ଇତିହାସରେ ସବୁଠୁ ଘାତକ ଆକ୍ରମଣ ବୋଲି ବିବେଚନା କରାଯାଉଛି।

ରୟାଲ କାନାଡିଆନ୍ ମାଉଣ୍ଟେଡ୍ ପୋଲିସ (ଆର୍‌ସିଏମ୍‌ପି) ପକ୍ଷରୁ ମିଳିଥିବା ସୂଚନାନୁସାରେ ଜଣେ ବନ୍ଧୁକଧାରୀ ରବିବାର ରାତିରେ ନୋଭା ସ୍କଟିଆର ବିଭିନ୍ନ ସ୍ଥାନରେ ଲୋକଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳି ଚଳାଇଥିଲେ। ଦୀର୍ଘ ୧୨ ଘଣ୍ଟା ଧରି ଗୁଳି ଚଳାଇବା ପରେ ସେ ପୋଲିସ କାର୍ ଭଳି ଦେଖାଯାଉଥିବା ଏକ ଏସ୍‌ୟୁଭି ଚଳାଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ☞ପୃଷ୍ଠା–୪

ଭାରତକୁ ଚାଇନାର ସମାଲୋଚନା

ସଂଶୋଧିତ ଏଫ୍‌ଡିଆଇ ନିୟମ

ନୂଆଦିଲ୍ଲୀ,୨୦।୪

ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ(ଏଫ୍‌ଡିଆଇ) କ୍ଷେତ୍ରରେ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ଉପରେ ଭାରତ ଅଙ୍କୁଶ ଲଗାଇବାର ୨ ଦିନ ପରେ ଏହାକୁ ନେଇ ସୋମବାର ଚାଇନା ପ୍ରତିକ୍ରିୟା ପ୍ରକାଶ କରିଛି। ଚାଇନା ସମେତ ଅନ୍ୟ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ପ୍ରତ୍ୟକ୍ଷ ରୁଟ୍‌ରେ ବା ସିଧାସଳଖ ଭାବେ ଭାରତ ବଜାରରେ ଏଫ୍‌ଡିଆଇ ଖଟାଇପାରିବେ ନାହିଁ ବୋଲି ଭାରତ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ। ବ୍ୟକ୍ତିବିଶେଷ କିମ୍ବା କମ୍ପାନୀ ଏହାକୁ ମାନିବାକୁ ବାଧ୍ୟ ବୋଲି ନିର୍ଦ୍ଦେଶରେ କୁହାଯାଇଥିଲା। ଏହି ଆଇନ ଉପରେ ଚାଇନା ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ଭାରତ ପକ୍ଷପାତିତା ନୀତି ଅବଲମ୍ବନ କରିଛି। ନୂଆ ନିୟମ ଦ୍ୱାରା ଭାରତରେ ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ଭୟ ଏକ

ଗଛ ଉପରୁ ଅନ୍‌ଲାଇନ୍ କ୍ଲାସ୍

ଲକ୍‌ଡାଉନ୍ ବେଳେ ଇଣ୍ଟରନେଟ ଆସୁ ନ ଥିବାରୁ ପଶ୍ଚିମବଙ୍ଗର ବାଙ୍କୁରା ଜିଲାସ୍ଥିତ ଏକ ଗ୍ରାମରେ ଥିବା ଗଛ ଉପରେ ମଞ୍ଚ କରି ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍‌ରେ ଇତିହାସ ଶିକ୍ଷକ ପାଠ ପଢ଼ାଉଛନ୍ତି ।

ଚାଇନାକୁ ଜର୍ମାନୀର ୧୬୫ ବିଲିୟନ ଡଲାରର ବିଲ୍

ନୂଆଦିଲ୍ଲୀ,୨୦।୪

କରୋନା ଭାଇରସ୍ ସଂକ୍ରମଣ ଦ୍ୱାରା ସାରା ବିଶ୍ୱରେ ବ୍ୟାପକ ଭାବେ ଧନଜୀବନ କ୍ଷତି ଘଟିବାରେ ଲାଗିଛି। ଚାଇନାର ଉହାନରୁ ପ୍ରଥମେ ଏହି ସଂକ୍ରମଣ ଦେଖାଦେଇଥିଲା ଏବଂ ତାହା ସାରା ବିଶ୍ୱକୁ ବ୍ୟାପିଛି। ଏଥିପାଇଁ ଚାଇନାକୁ ଦାୟୀ କରୁଛନ୍ତି ଆମେରିକା, ଫ୍ରାନ୍ସ, ବ୍ରିଟେନ, ଜର୍ମାନୀ ଓ ଅଷ୍ଟ୍ରେଲିଆ ଭଳି ଦେଶ। ଏପରି କି ଚାଇନାକୁ ପରିଣାମ ଭୋଗିବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇସାରିଲେଣି। ଚାଇନାକୁ ବିଭିନ୍ନ ଦେଶରୁ ନିନ୍ଦା କରାଯିବା ସହ ଏକପ୍ରକାର ଘେରିବାକୁ ଉଦ୍ୟମ ଆରମ୍ଭ ହେଲାଣି। ଏହି ପରିପ୍ରେକ୍ଷୀରେ ଜର୍ମାନୀର ଏକ ପ୍ରମୁଖ ଦୈନିକ ଟାବ୍‌ଲଏଡ୍ 'ବିଲ୍ଡ' କରୋନା ସଂକ୍ରମଣ ଯୋଗୁ ଦେଶରେ ହୋଇଥିବା କ୍ଷୟକ୍ଷତି ପାଇଁ ଚାଇନାକୁ ଦାୟୀ କରିଛି। ଏହାସହିତ ଚାଇନା ଉକ୍ତ କ୍ଷତି ଭରଣା କରିବା ପାଇଁ 'ବିଲ୍ଡ' ପକ୍ଷରୁ ୧୬୫ ବିଲିୟନ ଡଲାର ବା ୧୫୦ ବିଲିୟନ ୟୁରୋର ଏକ ବିଲ୍ ଜାରି କରାଯାଇଛି। ଗତ ବୁଧବାର ଉକ୍ତ ଟାବଲଏଡ୍‌ରେ 'ଚାଇନା ଆମର କେତେ ରଣୀ' ଶୀର୍ଷକ ଏକ ଲେଖା ପ୍ରକାଶ ପାଇଥିଲା। ଜର୍ମାନୀର ପର୍ଯ୍ୟଟନ କ୍ଷେତ୍ରର କ୍ଷତି ପାଇଁ ଉକ୍ତ ଖବରକାଗଜ ୨୭ ବିଲିୟନ ୟୁରୋ ଧାର୍ଯ୍ୟ କରିଛି। ସେହିପରି ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ୭.୨ ବିଲୟନ ୟୁରୋ, କ୍ଷୁଦ୍ର ବ୍ୟବସାୟଗୁଡ଼ିକର କ୍ଷତି ଭରଣା ନିମନ୍ତେ ୫୦ ବିଲିୟନ ୟୁରୋ ଏବଂ ବିମାନ କମ୍ପାନୀ ଲୁଫ୍‌ଥାନ୍ସାର ପ୍ରତି ଘଣ୍ଟାର କ୍ଷତି ଲାଗି ୧ ମିଲିୟନ ୟୁରୋ ଧାର୍ଯ୍ୟ କରିଛି। ଏହି ଲେଖାକୁ ନେଇ ଜର୍ମାନୀରେ ଥିବା ଚାଇନା ଦୂତାବାସ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ଏହା ଚାଇନା ବିରୋଧରେ ରାଷ୍ଟ୍ରବାଦ, ଜେନୋଫୋବିଆ(ବିଦେଶୀଙ୍କୁ ଘୃଣା) ଓ ଶତ୍ରୁଭାବର ପ୍ରତିଫଳନ ବୋଲି କୁହାଯାଇଛି।

ଟାବ୍‌ଲଏଡ୍ 'ବିଲ୍ଡ' ପକ୍ଷରୁ କରୋନାଜନିତ କ୍ଷୟକ୍ଷତି ଆକଳନ

ପ୍ୟାରିସ୍ ପାଣିରେ କରୋନା ପଜିଟିଭ

ପ୍ୟାରିସ୍,୨୦।୪

- **୨୭ ନମୁନାରୁ ୪ଟି ପଜିଟିଭି**
- **ପାନୀୟ ଜଳ ସୁରକ୍ଷିତ ଥିବା କହିଲେ ଅଧିକାରୀ**

କରୋନା ମହାମାରୀର ପ୍ରକୋପରେ ଘାଣ୍ଟି ହେଉଥିବା ଦେଶଗୁଡ଼ିକ ମଧ୍ୟରେ ଫ୍ରାନ୍ସର ସ୍ଥାନ ବିଶ୍ୱରେ ୪ର୍ଥ ଏବଂ ୟୁରୋପରେ ୩ୟ। ଏଠାରେ ଅଦ୍ୟାବଧି ଦେଢ଼ ଲକ୍ଷ ଲୋକ ସଂକ୍ରମିତ ହୋଇଥିବାବେଳେ ପ୍ରାୟ ୨୦ ହଜାର ଲୋକଙ୍କ ମୃତ୍ୟୁ ଘଟିଲାଣି। ଏଭଳି ସ୍ଥଳେ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ର ପାଣି ନମୁନାରୁ କରୋନା ପଜିଟିଭ୍ ଚିହ୍ନଟ ହେବା ଭଳି ଚିନ୍ତାଜନକ ତଥ୍ୟ ମିଳିଛି। ପ୍ୟାରିସ୍ ଜଳ କର୍ତ୍ତୃପକ୍ଷଙ୍କ ଲାବୋରେଟୋରିରେ ସହର ଓ ଆଖପାଖରୁ ସଂଗୃହୀତ ୨୭ଟି ନମୁନାକୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୪ଟି ନମୁନାରେ କରୋନା ଭାଇରସ୍ ଚିହ୍ନଟ ହୋଇଥିଲା। ହେଲେ ଯେଉଁ ପାଣିରୁ ନମୁନା ସଂଗ୍ରହ କରାଯାଇଥିଲା ତାହା ପିଇବାଯୋଗ୍ୟ ନୁହେଁ ବୋଲି ପ୍ୟାରିସ୍‌ର ମୁଖ୍ୟ ପରିବେଶ ଅଧିକାରୀ ବ୍ଲାଉଏଲ କହିଛନ୍ତି। ତାଙ୍କ କହିବାନୁଯାୟୀ ଉକ୍ତ ପାଣି ସିନ୍ ନଦୀର। ତାହାକୁ ପାର୍କ, ଗାର୍ଡେନ ଏବଂ ରାସ୍ତା ସଫେଇ ଭଳି କାର୍ଯ୍ୟରେ ବିନିଯୋଗ କରାଯାଇଥାଏ। ପିଇବା ପାଇଁ ଯୋଗାଣ ହେଉଥିବା ପାଣି ନିମନ୍ତେ ଅଲଗା ନେଟ୍‌ୱର୍କ ରହିଛି, ଯାହାକି ସୁରକ୍ଷିତ।

ଚ୍ୟାଲେଞ୍ଜ ହୋଇପାରେ କୋଭିଡ୍ ପରବର୍ତ୍ତୀ କାର୍ଯ୍ୟସ୍ଥଳ

ନୂଆଦିଲ୍ଲୀ,୨୦।୪

କୋଭିଡ୍-୧୯ ସଂକ୍ରମଣକୁ ପ୍ରତିହତ କରିବା ଲାଗି ସରକାର ଲକ୍‌ଡାଉନ ସମୟସୀମାକୁ ମେ' ୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫଳରେ ଅଧିକାଂଶ କର୍ମଚାରୀ ଘରେ ରହି ଅଫିସ କାର୍ଯ୍ୟ କରିବାକୁ ନିୟମିତ କାର୍ଯ୍ୟକ୍ରମ ଭାବେ ଧରିନେଇଛନ୍ତି। କରୋନା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିବା ପର୍ଯ୍ୟନ୍ତ ଘରେ ରହି କାର୍ଯ୍ୟ କରିବାକୁ ଅନୁମତି ମିଳିପାରେ। ଲକ୍‌ଡାଉନ ବେଳେ ଦେଶର ୪୩ ଲକ୍ଷ ଆଇଟି ବିପିଓ କର୍ମଚାରୀଙ୍କ ମଧ୍ୟରୁ ଦୁଇ–ତୃତୀୟାଂଶ ଘରେ ରହି କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କୋଭିଡ୍ ପରବର୍ତ୍ତୀ କାର୍ଯ୍ୟଜୀବନକୁ ନେଇ ବର୍ତ୍ତମାନର ସ୍ଥିତିରେ ନିଜର ମତାମତ ଶେୟାର କରିଛନ୍ତି। ନୂଆ ବ୍ୟବସାୟ ମଡେଲ ଓ କାର୍ଯ୍ୟ ସଂସ୍କୃତିକୁ ଆପଣାଇନେବା ଲାଗି ସେ ଶିଳ୍ପସଂସ୍ଥାକୁ ଆହ୍ୱାନ ଦେଇଛନ୍ତି। ଭବିଷ୍ୟତ ସଙ୍କଟରୁ ମୁକୁଳିବାରେ ଏହା ସକ୍ଷମ ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

ତେବେ ଦୀର୍ଘଦିନ ବନ୍ଦ ରହିବା ପରେ ଯେତେବେଳେ ବ୍ୟବସାୟ ପୂରା ଦମ୍‌ରେ ଚାଲିବା ସ୍ଥିତିକୁ ଆସିବ ସେତେବେଳେ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହେବ। କରୋନା ମହାମାରୀର ପ୍ରଭାବ ଅନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳ ଉପରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଅନୁଭୂତ ହେବ। ଏହା ସତ୍ତ୍ୱେ ଅଧିକାଂଶ ଶିଳ୍ପସଂସ୍ଥାକୁ ସେମାନଙ୍କ ସମ୍ପୂର୍ଣ୍ଣ ଯୋଗାଣ ଶୃଙ୍ଖଳକୁ ପୁନଃ ସକ୍ରିୟ କରିବାକୁ ପଡ଼ିବ। ଦୂରରୁ କାର୍ଯ୍ୟ କରୁଥିବା ଅପେକ୍ଷାକୃତ ଛୋଟ ତଥା ବିଭିନ୍ନ କାର୍ଯ୍ୟ କରିପାରୁଥିବା ଟିମ୍ ନେଟ୍‌ୱର୍କକୁ ନେଇ ନୂଆ ଢାଞ୍ଚା ପ୍ରସ୍ତୁତ କରିବା ଚ୍ୟାଲେଞ୍ଜ ହେବ ବୋଲି ଆଇସ୍କିଡ୍ ସଲ୍ୟୁଶନର ପରିଚାଳନା ନିର୍ଦ୍ଦେଶକ ତଥା ସହପ୍ରତିଷ୍ଠାତା



ଯୋଗିତା ତୁଲ୍‌ସିଆନି କହିଛନ୍ତି। ଆମକୁ ବହୁଚ୍ୟାନେଲ ଟିମ୍ ଯୋଗାଯୋଗ, ସ୍ୱାସ୍ଥ୍ୟ ନିଷ୍ପତ୍ତି ବିନ୍ଦୁ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ହେବ ବୋଲି ସେ କହିଛନ୍ତି।

ଦୂରରେ ଥାଇ କାର୍ଯ୍ୟ କରିବା ସାମର୍ଥ୍ୟ ବୃଦ୍ଧି ଲାଗି ଅନ୍‌ଲାଇନ ପ୍ରବନ୍ଧ, ସହଯୋଗ ଉପକରଣ, ଉପଯୁକ୍ତ ଚ୍ୟାନେଲରେ ପ୍ରଶିକ୍ଷଣ ଆଦି ଆବଶ୍ୟକ ହେବ। ଉତ୍ପାଦନଶୀଳତା ଲାଗି ନିୟମିତ କାର୍ଯ୍ୟକ୍ରମକୁ କଡ଼ାକଡ଼ି କରାଯିବ। ସେହିପରି ନିର୍ଦ୍ଦେଶ ଦେବା, ଟିମ୍‌କୁ ଉତ୍ସାହିତ କରିବା ଏବଂ ବିନ୍ଦୁକୁ ସଂଯୋଗ କରିବା ଲାଗି ନେତୃତ୍ୱ ଭୂମିକା ବଢ଼ିଯିବ। କାର୍ଯ୍ୟକୁ ଏକ ସମୟରେ କରାଇବା ଓ ପ୍ରତିବନ୍ଧକ ହଟାଇବା ଲାଗି ସମୟାନ୍ତରରେ ବୈଠକ ଏକ ନୂଆ କଥା ହେବ। ଏଥିପାଇଁ ଉପଯୁକ୍ତ ଯୋଗାଯୋଗ ଉପକରଣ, ସବୁସ୍ତରରେ ଫଳାଫଳ କୈନ୍ଦ୍ରିକ ପ୍ରଦର୍ଶନ ପରିଚାଳନା ଆବଶ୍ୟକ ପଡ଼ିବ।

ଲକ୍‌ଡାଉନ ପରେ ଯେଉଁ ଅନୁଷ୍ଠାନଗୁଡ଼ିକ ସେମାନଙ୍କ ଅନ୍ତର୍ଦୃଷ୍ଟି, ଦୂରଦୃଷ୍ଟିକୁ ଉନ୍ନତ କରାଇବା ସହ ନିଜକୁ ବଦଳାଇବେ ସେମାନେ ସଫଳ ହେବେ। ଅର୍ଥନୈତିକ କାର୍ଯ୍ୟଧାରାକୁ ସଜାଡିବା ଲାଗି ନାଗରିକମାନେ ଅଧିକ ସକ୍ରିୟ ଭୂମିକା ନେବା ନିମନ୍ତେ ସରକାର ପ୍ରୋତ୍ସାହିତ କରିପାରନ୍ତି। ସେହିପରି ଶିକ୍ଷାନୁଷ୍ଠାନଗୁଡ଼ିକ ଶ୍ରେଣୀଗୃହ ଓ ଦୂରଶିକ୍ଷା ମଧ୍ୟରେ ସମନ୍ୱୟ ଲାଗି ଆଧୁନିକୀକରଣ ଉପରେ ବିଚାର କରିବାକୁ ପଡ଼ିବ। ମହାମାରୀ ପରବର୍ତ୍ତୀ ପର୍ଯ୍ୟାୟ ପରିସ୍ଥିତିରୁ ଶିଖିବାର ଏକ ସୁଯୋଗ ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଉହାନ କମ୍ ବିପଦପୂର୍ଣ୍ଣ ଅଞ୍ଚଳ ଘୋଷିତ

କରୋନା ଭାଇରସ୍‌ର ଉତ୍ପତ୍ତିସ୍ଥଳ କୁହାଯାଉଥିବା ଚାଇନାର ଉହାନ ସହରକୁ କମ୍ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। କରୋନା ଯୋଗୁ ସହରର ମୃତକଙ୍କ ସଂଖ୍ୟା ପୂର୍ବ ସଂଖ୍ୟାର ୫୦ ପ୍ରତିଶତ ବଢ଼ାଇବା ପରେ ଏବେ ଏହି ଅଞ୍ଚଳକୁ ସେଠାକାର ସରକାରଙ୍କ ପକ୍ଷରୁ କମ୍ ବିପଦପୂର୍ଣ୍ଣ ଘୋଷଣା କରାଯାଇଥିବା ଜଣାଯାଇଛି।

ମୁମ୍ବାଇରେ ୫୩ ଗଣମାଧ୍ୟମ ପ୍ରତିନିଧିଙ୍କୁ କରୋନା

ମୁମ୍ବାଇ,୨୦।୪(ପି.ଟି.): ମୁମ୍ବାଇରେ ୫୩ ଜଣ ଗଣମାଧ୍ୟମ ପ୍ରତିନିଧି କରୋନା ସଂକ୍ରମିତ ଥିବା ପରୀକ୍ଷାରୁ ଜଣାପଡିଛି। ଖବରଦାତାମାନଙ୍କର କୋଭିଡ୍-୧୯ ପରୀକ୍ଷା ଲାଗି ଗତ ୧୬ ଓ ୧୭ ତାରିଖରେ ଆଜାଦ ମଇଦାନରେ ସ୍ୱତନ୍ତ୍ର କ୍ୟାମ୍ପ୍‌ର ଆୟୋଜନ କରାଯାଇଥିଲା। ବୃହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ପକ୍ଷରୁ ଇଲେକ୍ଟ୍ରୋନିକ୍ ଓ ଛାପା ଗଣମାଧ୍ୟମର ୧୭୧ ଜଣ ଖବରଦାତା, ଫଟୋଗ୍ରାଫର ଓ କ୍ୟାମେରାମ୍ୟାନ୍‌ଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିଲା। ସେଥିରୁ ୫୩ଟି କରୋନା ପଜିଟିଭ୍ ଜଣାପଡିଛି। ତେବେ ସେମାନଙ୍କଠାରେ ସଂକ୍ରମଣର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ସମସ୍ତଙ୍କୁ ଆଇସୋଲେଶନରେ ରଖାଯିବା ଲାଗି ପଦକ୍ଷେପ ନିଆଯାଉଛି ବୋଲି ବିଏମ୍‌ସି ମୁଖପାତ୍ର ବିଜୟ୍ ଖାବଲେ କହିଛନ୍ତି।

ଆଦିତ୍ୟନାଥଙ୍କ ପିତୃବିୟୋଗ

ଶେଷକୃତ୍ୟରେ ଯୋଗଦେବେନି ୟୁପି ମୁଖ୍ୟମନ୍ତ୍ରୀ

ଆନନ୍ଦ ବିଷ୍ଟ

ନୂଆଦିଲ୍ଲୀ/ଲକ୍ଷ୍ନୌ,୨୦।୪(ପି.ଟି.): ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପିତା ଆନନ୍ଦ ବିଷ୍ଟଙ୍କର ସୋମବାର ପରଲୋକ ହୋଇଯାଇଛି। ଉତ୍ତରାଖଣ୍ଡର ହରିଦ୍ୱାରଠାରେ ମଙ୍ଗଳବାର ତାଙ୍କର ଶେଷକୃତ୍ୟ ହେବାକୁ ଥିବାବେଳେ ଆଦିତ୍ୟନାଥ ଯୋଗଦେଇପାରିବେ ନାହିଁ ବୋଲି କହିଛନ୍ତି। ଆନନ୍ଦଙ୍କୁ ୮୯ ବର୍ଷ ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସୋମବାର ପୂର୍ବାହ୍ନ ୧୦ଟା ୪୪ରେ ତାଙ୍କର ଦେହାନ୍ତ ହୋଇଥିବା ଅତିରିକ୍ତ ମୁଖ୍ୟ ଗୃହ ସଚିବ କହିଛନ୍ତି। ପିତାଙ୍କ ଶେଷ ଦର୍ଶନ କରିବାକୁ ଆଗ୍ରହୀ ଥିଲେ ହେଁ କୋଭିଡ୍-୧୯ ମହାମାରୀ ବେଳେ ରାଜ୍ୟର ୨୩ କୋଟି ଲୋକଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ ରହିଥିବାରୁ ସେ ଯାଇପାରିବେ ନାହିଁ ବୋଲି ଆଦିତ୍ୟନାଥ କହିଛନ୍ତି।

ସଂକ୍ରମଣ ରୋକିବାକୁ ଅଧାଦେଶ ଆଣିବ କର୍ନାଟକ

ବେଙ୍ଗାଲୁରୁ,୨୦।୪(ପି.ଟି.): କୋଭିଡ୍-୧୯ ସଂକ୍ରମଣ ରୋକିବା ଲାଗି ସରକାରଙ୍କୁ ସ୍ୱତନ୍ତ୍ର କ୍ଷମତା ଦେବା ପାଇଁ ଅଧାଦେଶ ଆଣିବାକୁ କର୍ନାଟକ କ୍ୟାବିନେଟ ସୋମବାର ନିଷ୍ପତ୍ତି ନେଇଛି। ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇବା ଲାଗି ଅଧାଦେଶରେ ବ୍ୟବସ୍ଥା ରହିଛି। କରୋନା ମୁକାବିଲାରେ ସରକାରଙ୍କୁ ସହଯୋଗ ନ କଲେ ଏବଂ ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ପ୍ରସାର କଲେ, ଏହାକୁ ଦଣ୍ଡନୀୟ ଅପରାଧ ଭାବେ ନିଆଯିବ। କେରଳ ଓ ଉତ୍ତରପ୍ରଦେଶ ସରକାର ମହାମାରୀ ରୋକିବା ଦିଗରେ ଏଭଳି ପଦକ୍ଷେପ ନେଇଛନ୍ତି। ଏହି ଅଧାଦେଶ ପାଇଁ ରାଷ୍ଟ୍ରପତିଙ୍କ ମଞ୍ଜୁରୀର ଆବଶ୍ୟକ ପଡ଼ିବନି।

ୱାଶିଂଟନର 'ଘରେ ରୁହ' ନିର୍ଦ୍ଦେଶନାମା ପ୍ରତିବାଦରେ ଓଲିମ୍ପିଆରେ ବିକ୍ଷୋଭ କରୁଛନ୍ତି ଲୋକେ। ଜଣେ ବିକ୍ଷୋଭକାରୀଙ୍କ ପ୍ଲାକାର୍ଡରେ ଲେଖାଅଛି 'ମୋତେ ସ୍ୱାଧୀନତା ଦିଅ ନଚେତ୍ ମୃତ୍ୟୁ'।

୧୮ ହଜାରରୁ ଊର୍ଦ୍ଧ୍ୱ କରୋନା ଆକ୍ରାନ୍ତ

- ଭାରତରେ ପ୍ରାଣ ହାରିଲେଣି ୫୭୦
- ଦିନକରେ ୭୩୦ ନୂଆ ରୋଗୀ ଚିହ୍ନଟ
- ମହାରାଷ୍ଟ୍ର, ଦିଲ୍ଲୀ ସ୍ଥିତି ଉଦ୍‌ବେଗଜନକ

ନୂଆଦିଲ୍ଲୀ,୨୦।୪: ପାଶ୍ଚାତ୍ୟ ଦେଶଗୁଡ଼ିକ ଭଳି ଭାରତର ସ୍ଥିତି କ୍ରମଶଃ ଭୟଙ୍କର ହେବାରେ ଲାଗିଛି। କରୋନା ପ୍ରକୋପ ବଢ଼ି ବଢ଼ି ଚାଲିଛି। ସୋମବାର ସୁଦ୍ଧା ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ୧୮ ହଜାର ଟପିଥିବା ବେଳେ ୫୭୦ ଜଣ ପ୍ରାଣ ହରାଇଲେଣି। ଯଦିଓ ଭୂତାଣୁ ଆକ୍ରାନ୍ତଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ପାଖାପାଖି ୩ ହଜାର ଭଲହୋଇ ଘରକୁ ଫେରିଛନ୍ତି, ତଥାପି ଗୋଟିଏ ଦିନରେ ୭୩୦ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥିସହ ମହାରାଷ୍ଟ୍ର, ଗୁଜରାଟ, ରାଜଧାନୀ ଦିଲ୍ଲୀ, ରାଜସ୍ଥାନ, ତାମିଲନାଡୁ, ମଧ୍ୟପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ମହାରାଷ୍ଟ୍ରରେ ୪,୫୦୦ ଆକ୍ରାନ୍ତ ରହିଥିବାବେଳେ ୨୨୩ ପ୍ରାଣ ହରାଇଲେଣି। ଦିଲ୍ଲୀରେ ସଂକ୍ରମିତଙ୍କ ସଂଖ୍ୟା ୨ ହଜାର ଟପିଥିବାବେଳେ ୪୫ ଜଣଙ୍କ ଜୀବନ ଯାଇଛି। ସେହିଭଳି ଗୁଜରାଟରେ ୧୨,୮୧୫, ରାଜସ୍ଥାନରେ ୧,୫୩୫, ତାମିଲନାଡୁରେ ୧,୫୨୦, ମଧ୍ୟପ୍ରଦେଶରେ ୧,୪୮୫ ଭୂତାଣୁ ଆକ୍ରାନ୍ତ ଚିହ୍ନଟ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକଙ୍କ ମଧ୍ୟରୁ ଗୁଜରାଟରେ ୬୭, ରାଜସ୍ଥାନରେ ୨୫, ତାମିଲନାଡୁରେ ୧୭, ମଧ୍ୟପ୍ରଦେଶରେ ୭୨, ଉତ୍ତରପ୍ରଦେଶରେ ୧୭, ତେଲଙ୍ଗାନାରେ ୨୧, ଆନ୍ଧ୍ରପ୍ରଦେଶରେ ୨୦, କର୍ନାଟକ ଓ ପଞ୍ଜାବ ପ୍ରତ୍ୟେକ ରାଜ୍ୟରେ ୧୬ ଜଣ ଲେଖାଏ ବ୍ୟକ୍ତି ଅଛନ୍ତି। ସରକାର ବିଭିନ୍ନ କଟକଣା ଜାରି କରିଥିବା ବେଳେ ଭୂତାଣୁ ପ୍ରକୋପ ବଢ଼ିଚାଲିଛି। ଲୋକମାନେ କାମଧନ୍ଦା ହରାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗରିବ, ନିରାଶ୍ରୟଙ୍କ ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ଅନେକଙ୍କ ରାଶନ କାର୍ଡ ସାହୁକାରଙ୍କ ପାଖରେ ବନ୍ଧା ପଡ଼ିଥିବାରୁ ସେମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

ବିଲ୍ ଗେଟ୍ସଙ୍କ ଭାରତୀୟ ଏଜେଣ୍ଟାର ପର୍ଦ୍ଦାଫାଶ

ୱାଶିଂଟନ,୨୦।୪

ଆମେରିକାର ବିଶିଷ୍ଟ ବ୍ୟବସାୟୀ ଉଇଲିୟମ୍ ବିଲ୍ ଗେଟ୍ସଙ୍କ ଭାରତୀୟ ଏଜେଣ୍ଟାର ପର୍ଦ୍ଦାଫାଶ ହୋଇଛି। ଭାରତରେ ଭାକ୍‌ସିନ ବେପାର କରିବା ପାଇଁ ଗେଟ୍ସଙ୍କୁ କିପରି ନିଶା ଘାରିଛି ସେନେଇ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍. କେନେଡି (ଜେଏଫ୍‌କେ)ଙ୍କ ପୁତୁରା ରବର୍ଟ ଏଫ୍. କେନେଡି ଜୁନିୟର ପ୍ରଘଟ କରିଛନ୍ତି।

ରବର୍ଟ କେନେଡି ଜୁନିୟର କହିଛନ୍ତି, ଗେଟ୍ସ ଭାରତରେ ପୋଲିଓ ଦୂରୀକରଣ ପାଇଁ ନିଜ ଅଂଶଧନର ୧.୨ ବିଲିୟନ ଡଲାରରୁ ୪୫୦ ନିୟୁତ ଡଲାର ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ସହ ଦେଶର ନ୍ୟାଶନାଲ ଟେକ୍ନିକାଲ ଆଡ୍‌ଭାଇଜରି ଗ୍ରୁପ୍ ଅନ୍ ଇମ୍ୟୁନାଇଜେଶନ (ଏନ୍‌ଟିଏଜିଆଇ)ର ନିୟନ୍ତ୍ରଣ ହାତକୁ ନେଇଥିଲେ। ଏନ୍‌ଟିଏଜିଆଇ ଓଭରଲାଫିଂ ଜରିଆରେ ପୋଲିଓ ଟିକାକରଣର ୫୦ରୁ ଅଧିକ ଖୋରାକକୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ପହଞ୍ଚାଇଛି। ଭାରତୀୟ ଡାକ୍ତରମାନେ ଗେଟ୍ସଙ୍କ ଅଭିଯାନକୁ ବିନାଶକାରୀ ନନ୍-ପୋଲିଓ ଆକ୍ୟୁଟ୍ ଫ୍ଲାସିଡ୍ ପାରାଲିସିସ୍ (ଏନ୍‌ପିଏଏଫ୍‌ପି) ମହାମାରୀ ପାଇଁ ଦାୟୀ କରିଛନ୍ତି। ଏଥିଯୋଗୁ ୨୦୦୦ ଓ ୨୦୧୭ ମଧ୍ୟରେ ସ୍ୱାଭାବିକ ହାରରୁ ଅଧିକ ୪୯୦,୦୦୦ ପିଲା ବିକଳାଙ୍ଗ ହୋଇଯାଇଛନ୍ତି। ୨୦୧୭ରେ ଭାରତ ସରକାର ଗେଟ୍ସଙ୍କ ଟିକାକୁ ମନା କରିଦେଇଥିଲେ ଓ ତାଙ୍କ ଭାକ୍‌ସିନ ନୀତି ଉପରେ ପ୍ରଶ୍ନ ମଧ୍ୟ ଉଠାଇଥିଲେ। ଏହା ପରେ ଏନ୍‌ପିଏଏଫ୍‌ପି ହାରରେ ତ୍ୱରିତ ଭାବେ ହ୍ରାସ ଦେଖିବାକୁ ମିଳିଛି।

ପୋଲିଓ ବୃଦ୍ଧିର ମୁଖ୍ୟ କାରଣ ଭାକ୍‌ସିନ୍ ଷ୍ଟ୍ରେନ୍ ବୋଲି ୨୦୧୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଅନିଚ୍ଛା ସତ୍ତ୍ୱେ ସ୍ୱୀକାର କରିଥିଲା। ସେହିପରି କଙ୍ଗୋ, ଆଫଗାନିସ୍ତାନ ଓ ଫିଲିପାଇନ୍ସରେ ସବୁଠୁ ଭୟଙ୍କର ମହାମାରୀର ଟିକା ଯୋଗୁ ହୋଇଛି। ବାସ୍ତବରେ ୨୦୧୮ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପୋଲିଓର ୭୦% ମାମଲା ପାଇଁ ଭାକ୍‌ସିନ ଷ୍ଟ୍ରେନ୍ ଦାୟୀ ବୋଲି ଡବ୍ଲ୍ୟୁଏଚ୍‌ଓ ମାନିଥିଲା। ୨୦୧୪ରେ ଗେଟ୍ସ ଫାଉଣ୍ଡେଶନ ପକ୍ଷରୁ ଭାରତୀୟ ଯୁବତୀମାନଙ୍କ ଉପରେ ଗ୍ଲାକ୍ସୋ ସ୍ମିଥ୍ କ୍ଲିନ୍ (ଜିଏସ୍‌କେ) ଓ ମେର୍କ ଦ୍ୱାରା ବିକଶିତ ପ୍ରୟୋଗାତ୍ମକ ଏଚ୍‌ପିଭି ଟିକାର ପରୀକ୍ଷଣ ପାଇଁ ଫଣ୍ଡିଂ କରାଯାଇଥିଲା। ଏହାର ପ୍ରାୟ ୧,୨୦୦ ଗମ୍ଭୀର ଦୁଷ୍ପ୍ରଭାବ ଦେଖିବାକୁ ମିଳିଥିଲା, ଯେଉଁଥିରେ ଅଟୋଇମ୍ୟୁନ୍ ଓ ପ୍ରଜନନ ସମ୍ପର୍କିତ ବିକାର ଅନ୍ତର୍ଭୁକ୍ତ। ଏଥିଯୋଗୁ ୭ ଜଣଙ୍କ ମୃତ୍ୟୁ ମଧ୍ୟ ଘଟିଥିଲା। ଯାଞ୍ଚ ପରେ ଭାରତ ସରକାର ଅଭିଯୋଗ ଆଣିଥିଲେ ଯେ ଗେଟ୍ସଙ୍କ ଫଣ୍ଡିଂ ଯୋଗୁ ଗବେଷକମାନେ ନୈତିକ ଉଲ୍ଲଂଘନ କରିଥିଲେ। ମକଦ୍ଦମା ବେଳେ ଗ୍ରାମୀଣ ଯୁବତୀମାନଙ୍କ ଉପରେ ଚାପ ପକାଇବା, ମାତାପିତାଙ୍କୁ ଧମକ ଦେବା, ସହମତି ପାଇଁ ବାଧ୍ୟ କରିବା ଓ ଅସୁସ୍ଥ ଯୁବତୀଙ୍କୁ ଚିକିତ୍ସା ପାଇଁ ମନା କରିବା ଭଳି ଅଭିଯୋଗ ଆସିଥିଲା। ତେବେ ଏହି ମାମଲା ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି।

୨୦୧୦ରେ ଗେଟ୍ସ ଫାଉଣ୍ଡେଶନ ଜିଏସ୍‌କେ ଦ୍ୱାରା ପ୍ରସ୍ତୁତ ପ୍ରୟୋଗାତ୍ମକ ମ୍ୟାଲେରିଆ ଭାକ୍‌ସିନର ଫେଜ୍-୩ର ପରୀକ୍ଷଣ ପାଇଁ ଫଣ୍ଡିଂ କରିଥିଲା। ଏଥରେ ୧୫୧ ଆଫ୍ରିକୀୟ ଶିଶୁଙ୍କ ମୃତ୍ୟୁ ଘଟିଥିଲା ଓ ୫,୯୯୦ ପିଲାଙ୍କ ମଧ୍ୟରୁ ୧,୦୪୮ଙ୍କୁ ପକ୍ଷାଘାତ ଓ ଜ୍ୱର ଯୋଗୁ ହେଉଥିବା ଅନେକ କ୍ଷତି ସହିବାକୁ ପଡ଼ିଥିଲା। ସେହିବର୍ଷ ଗେଟ୍ସ ଡବ୍ଲ୍ୟୁଏଚ୍‌ଓକୁ ୧୦ ବିଲିୟନ ଡଲାର ଦେଇଥିଲେ। ଆମକୁ ଏହି ଦଶନ୍ଧିକୁ ଟିକାର ଦଶନ୍ଧିରେ ପରିଣତ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଏହାର ମାସେ ପରେ ସେ ଟେଡ୍ ଟକ୍‌ରେ କହିଥିଲେ, ନୂଆ ଟିକା ଜନସଂଖ୍ୟା ହ୍ରାସ କରିପାରେ। ଡବ୍ଲ୍ୟୁଏଚ୍‌ଓ, ୟୁନିସେଫ୍, ଜିଏଭିଆଇ ଏବଂ ପିଏଟିଏଚକୁ ନିୟନ୍ତ୍ରିତ କରିବା ପାଇଁ ଗେଟ୍ସ ଫାଉଣ୍ଡେଶନ ଏକ ଟିକା ପ୍ରସ୍ତୁତକାରୀ ଘରୋଇ ଔଷଧ କମ୍ପାନୀକୁ ଫଣ୍ଡିଂ କରେ। ଏହାବାଦ୍ କରୋନା ଭାଇରସ୍ ଭାକ୍‌ସିନ ବିକଶିତ କରିବା ଲାଗି ମଧ୍ୟ ୧୨ଟି ଫାର୍ମାସ୍ୟୁଟିକାଲ୍ କମ୍ପାନୀକୁ ୫୦ ନିୟୁତ ଡଲାର ଦେଇଛି। ସେହିପରି କୋଭିଡ୍-୧୯ ସଙ୍କଟ ଏବେ ଗେଟ୍ସଙ୍କୁ ଆମେରିକାର ଶିଶୁମାନଙ୍କୁ ନେଇ ଏକଚ୍ଛତ୍ରବାଦୀ ଭାକ୍‌ସିନ୍ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ଲାଗି ସୁଯୋଗ ଦେଇଥିବା ସେ କହିଛନ୍ତି। ଶିଶୁଙ୍କ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ରବର୍ଟ କେନେଡି ଜୁନିୟର ଏକ ଆର୍ଟିକିଲ ଲେଖିଛନ୍ତି। ଗେଟ୍ସ ଗ୍ଲୋବାଲ ଭାକ୍‌ସିନ୍ ଏଜେଣ୍ଟା: ଏ ୱିନ୍-ୱିନ୍ ଫର୍ ଫାର୍ମା ଆଣ୍ଡ ମାଣ୍ଡାଟୋରି ଭାକ୍‌ସିନେଶନ୍ ଶୀର୍ଷକ ଉକ୍ତ ନିବନ୍ଧରେ ସେ ବିଲ୍ ଗେଟ୍ସଙ୍କ ଟିକା ବ୍ୟବସାୟ ନିଶାକୁ ନେଇ ଉପରୋକ୍ତ ତଥ୍ୟ ସେ ପ୍ରଘଟ କରିଛନ୍ତି।

ମୁଖା ଖୋଲିଲେ କେନେଡିଙ୍କ ପୁତୁରା

ରବର୍ଟ ଏଫ୍. କେନେଡି ଜୁନିୟର

> ରବର୍ଟ କେନେଡି ଜୁନିୟରଙ୍କ ଭାଷାରେ ଟିକା ହେଉଛି ବିଲ୍ ଗେଟ୍ସଙ୍କ ପାଇଁ ଏକ ରଣନୈତିକ ପରୋପକାର, ଯାହା ତାଙ୍କର ଅନେକ ଭାକ୍‌ସିନ ସମ୍ପର୍କିତ ବ୍ୟବସାୟ (ବିଶ୍ୱବ୍ୟାପୀ ଟିକାକରଣ ଉଦ୍ୟମକୁ ନିୟନ୍ତ୍ରଣ କରିବା ପାଇଁ ମାଇକ୍ରୋସଫ୍ଟର ମହତ୍ତ୍ୱାକାଂକ୍ଷା ସହିତ) ଏବଂ ତାଙ୍କୁ ବିଶ୍ୱର ସ୍ୱାସ୍ଥ୍ୟ ନୀତି ନିର୍ଦ୍ଧାରଣର ସ୍ୱେଚ୍ଛାଚାରିତା ପ୍ରଦାନ କରେ। ଟେକ୍ନୋଲୋଜି ସହ ସାରା ବିଶ୍ୱକୁ ବଞ୍ଚାଇବା ପାଇଁ ଗେଟ୍ସଙ୍କ ଅତ୍ୟଧିକ ଆସକ୍ତି ଦୃଢ଼ ବିଶ୍ୱାସପୂର୍ଣ୍ଣ ଭଳି ମନେହୁଏ।

ଦିଲ୍ଲୀରେ ଗରିବ ଓଡ଼ିଆଙ୍କ ଦୁର୍ଦ୍ଦଶା ବଢ଼ୁଛି

ନୂଆଦିଲ୍ଲୀ,୨୦।୪: ଲକ୍‌ଡାଉନ ଯୋଗୁ ଦିଲ୍ଲୀରେ ଥିବା ଗରିବ, ଖଟିଖିଆ ଓଡ଼ିଆଙ୍କ ଦୁର୍ଦ୍ଦଶା ଅସମ୍ଭାଳ ହୋଇପଡ଼ିଛି। ହାତରେ କାମ ନାହିଁ କି ପେଟରେ ଦାନା ନାହିଁ। ଠିକାରେ କାମ କରୁଥିବା ଶ୍ରମିକମାନେ ଏଠାରେ ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି। ଘରୁ ବାହାରିବା ଲାଗି ଅନୁମତି ନାହିଁ। ଯିଏ ଯେଉଁଠାରେ ଅଛନ୍ତି, ସେହିଠାରେ ରହିବେ ବୋଲି ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ବାହାର ରାଜ୍ୟରେ ପ୍ରବାସୀ ଓଡ଼ିଆଙ୍କ ସ୍ଥିତି କ'ଣ, ତାହା ଏହିଠାରୁ ସହଜେ ଅନୁମେୟ। ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆବାସିକ କମିଶନର ଏବଂ ପ୍ରବାସୀ ଓଡ଼ିଆଙ୍କ ସମସ୍ୟା ବୁଝିବାକୁ ଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀ ରବିକାନ୍ତ ସମସ୍ତ ସହଯୋଗ ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦେଇଥିଲେ। ପ୍ରାୟ ୧୫ ହଜାର ପ୍ରବାସୀ ଓଡ଼ିଆଙ୍କ ସହ କଥାହୋଇଥିବା ଓ ସ୍ଥିତି ଏଠାରେ ଅପେକ୍ଷାକୃତ ଭଲ ଥିବା କୁହାଯାଇଛି। ସେପଟେ ବିଭିନ୍ନ ଅଞ୍ଚଳରେ ଥିବା ଲୋକମାନେ ଓଡିଶା ସରକାରଙ୍କ ପକ୍ଷରୁ କିଛି ସହଯୋଗ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଖାଦ୍ୟ ବିତରଣ ପାଇଁ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ ଲାଗି ଆଗେଇ ଆସିଛନ୍ତି। ଓଡ଼ିଆ ସମାଜ, ରାଷ୍ଟ୍ରୀୟ ବୈଦ୍ଧିକ ମଞ୍ଚ, ଓଡ଼ିଶା ଡେଭେଲପ୍‌ମେଣ୍ଟ ଫୋରମ୍, ଓଡ଼ିଶା ମହାମଞ୍ଚ, ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାର, ସାର୍ବଜନୀନ କଳିଙ୍ଗ ଆସୋସିଏସନ ଓ ବଦାନ୍ୟ ବ୍ୟକ୍ତିବିଶେଷ ଦିଲ୍ଲୀରେ ଥିବା ଗରିବ ଓଡ଼ିଆଙ୍କୁ ଖାଦ୍ୟ ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଦିଲ୍ଲୀସ୍ଥିତ ବସାଇଧରାପୁର, ରମେଶନଗର, କୋଟଲା ମୁବାରକପୁର, ଛତରପୁର, ଆୟାନଗର, ମହିପାଲପୁର, ଗୋବିନ୍ଦପୁରୀ, ଶାସ୍ତ୍ରୀପାର୍କ, ଖାନ୍‌ପୁର, ଦେଓ୍ୱଲି ଭିଲେଜ୍ ଆଦି ସ୍ଥାନରେ ଓଡ଼ିଆଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି।

ଅମୃତସରରେ ଲକ୍‌ଡାଉନ୍ ବେଳେ ମହାରାଜା ରଞ୍ଜିତ ସିଂଙ୍କ ପ୍ରତିମୂର୍ତ୍ତି ଆଗରେ ଜଣେ ମହିଳା ପୋଲିସ କର୍ମଚାରୀ ମାସ୍କ ପିନ୍ଧି ଡ୍ୟୁଟି କରୁଛନ୍ତି।

୨ ସାଧୁଙ୍କ ସମେତ ୩ ଜଣଙ୍କୁ ପିଟି ହତ୍ୟା

- ପାଲ୍‌ଘର ଭିଡ଼ହିଂସା ଘଟଣାରେ ଶତାଧିକ ଗିରଫ
- ଦୁଇ ପୋଲିସ ସସ୍‌ପେଣ୍ଡ
- ସାମ୍ପ୍ରଦାୟିକ ନୁହେଁ କହିଲେ ଉଦ୍ଧବ

ମୁମ୍ବାଇ,୨୦।୪: ମହାରାଷ୍ଟ୍ରର ପାଲ୍‌ଘର ଅଞ୍ଚଳରେ ଦୁଇଜଣ ସାଧୁ ଓ ସେମାନଙ୍କ ଡ୍ରାଇଭରକୁ କେତେକ ଲୋକ ପିଟି ମାରିଦେବା ଘଟଣାକୁ ନେଇ ସାରା ଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାରେ ୫ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଶତାଧିକଙ୍କୁ ଗିରଫ କରାଯାଇଥିବାବେଳେ କର୍ତ୍ତବ୍ୟରେ ଅବହେଳା ପାଇଁ ଦୁଇଜଣ ପୋଲିସ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସିଆଇଡି କ୍ରାଇମ୍‌ର ଏଡିଜି ଅତୁଲଚନ୍ଦ୍ର କୁଲ୍‌କର୍ଣ୍ଣିଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଏହି ଭିଡ଼ହିଂସା ସହ ସାମ୍ପ୍ରଦାୟିକତାର ସମ୍ପର୍କ ନ ଥିବା ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି। ଏହାକୁ ଯେଉଁମାନେ ସାମ୍ପ୍ରଦାୟିକତାର ରଙ୍ଗ ଦେଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉଦ୍ଧବ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଅନୁରୋଧ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଉଦ୍ଧବଙ୍କ ସହ କଥା ହୋଇ ଭିଡ଼ହିଂସାର ତଦନ୍ତ କରିବାକୁ କହିଥିଲେ।

ସ୍ୱାମୀ କଳ୍ପବୃକ୍ଷ ଗିରି, ସ୍ୱାମୀ ସୁଶୀଲ ଗିରି ଓ ସେମାନଙ୍କ ଡ୍ରାଇଭର ନିଲେଶ ତେଲଗାଡେ ମୁମ୍ବାଇର କାଣ୍ଡିଭାଲିରୁ ଗୁଜରାଟ ଯାଉଥିବାବେଳେ ପାଲ୍‌ଘର ଜିଲାର ଗଡଚିଞ୍ଚଲେ୍‌ଠାରେ ସ୍ଥାନୀୟ ଲୋକେ ସେମାନଙ୍କୁ ଚୋର ସନ୍ଦେହ କରି ପିଟି ମାରିଦେଇଥିଲେ। ୧୭ ତାରିଖ ଭୋର ସମୟରେ ସେମାନଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସାଧୁମାନେ ଆଭ୍ୟନ୍ତରୀଣ ରାସ୍ତା ଦେଇ ଗୁଜରାଟ ଯାଉଥିବାବେଳେ ଦାଦ୍ରା ଓ ନଗର ହାବେଲି ସୀମାରେ ପହଞ୍ଚିଯିବାରୁ କେନ୍ଦ୍ରୀୟ ସୁରକ୍ଷା ବଳ ସେମାନଙ୍କୁ ଫେରାଇ ଦେଇଥିଲେ। ଫେରୁଥିବାବେଳେ ସେମାନେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ ବୋଲି ଉଦ୍ଧବ କହିଛନ୍ତି। ୧୬ ତାରିଖର ଏହି ଘଟଣାକୁ ସେ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଅପରାଧୀଙ

ସଂକ୍ଷେପରେ

କରୋନା ଭୟରେ ଛୁଇଁଲେନି ମୃତଦେହ ପ୍ରଶାସନ ସହାୟତାରେ ବ୍ୟବଚ୍ଛେଦ ପାଇଁ ପଠାଗଲା

ଚମ୍ପୁଆ, ୨୦।୪(ଡି.ଏନ.ଏ.): କରୋନା ଭୟରେ ବାଙ୍ଗାଲୋର ଫେରନ୍ତା ଜଣେ ଯୁବକଙ୍କ ମୃତଦେହକୁ ଗ୍ରାମବାସୀ ନ ଛୁଇଁବା ଘଟଣା କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଖବରପାଇ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ତାଙ୍କ ପରିବାର ଲୋକଙ୍କ ସହାୟତାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ବାଙ୍ଗାଲୋରରେ କାମ କରୁଥିବା ବଳଭଦ୍ରପୁର ଗ୍ରାମର ରଞ୍ଜନ ପ୍ରଧାନ ଗତ ମାର୍ଚ୍ଚ ୯ତାରିଖରେ ଘରକୁ ଫେରିଥିଲେ। ଲକ୍‌ଡାଉନ୍ ସମୟରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ହୋମ୍ କ୍ୱାରାଣ୍ଟାଇନରେ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ରବିବାର ଅପରାହ୍ନ ୫ଟାରେ ସେ ବସିଥିବା ବେଳେ ତାଙ୍କ ମୁଣ୍ଡ ବୁଲାଇବା ସହିତ ବାନ୍ତି ହୋଇଥିଲା। ପରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଡାକ୍ତରଖାନା ଆଣିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ କରୋନା ଭୟରେ ଗ୍ରାମବାସୀ ଶବ ସତ୍କାର ପାଇଁ ଅମଙ୍ଗ ହେବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଅଡି ବସିଥିଲେ। ରାତିସାରା ମୃତଦେହ ଘରେ ପଡିରହିଥିଲା। ସୋମବାର ସକାଳେ ଖବର ପାଇ ଚମ୍ପୁଆ ଥାନା ଆଇଆଇସି ମନୋରଞ୍ଜନ ପ୍ରଧାନ, ଝୁମ୍ପୁରା ତହସିଲଦାର ପ୍ରତିଭା ପୃଷ୍ଟି, ଝୁମ୍ପୁରା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଶୋକ ବେହେରା, କ୍ଷୀରୋଦ ମହାନ୍ତ, ବେଦପ୍ରକାଶ ନାଏକଙ୍କ ସମେତ ନୋଡାଲ ଅଫିସର ଜୀବନ କୁମାର ବେହେରା, ସୁଶୀଲ କୁମାର ନାଏକ ଏବଂ ସ୍ୱାସ୍ଥ୍ୟକର୍ମୀ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଅଧିକାରୀମାନେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପିକ୍‌ଅପ୍ ଓଲଟି ୩ ମୃତ

ଗଞ୍ଜାମ,୨୦।୪(ଡି.ଏନ୍.ଏ.): ରମ୍ପା ଥାନା ଖଣ୍ଡଦେଉଳି ରାଜଘାଇଠାରେ ସୋମବାର ଭୋରରୁ ପିକ୍‌ଅପ୍ ଭ୍ୟାନ୍ ଓଲଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଶରତ ଚନ୍ଦ୍ର ନାହାକ(୪୫), ସୁପରାନ ନାହାକ(୪୦), କବି ନାହାକ(୩୨)। ଅନ୍ୟ ୧୧ ଜଣ ଆହତ ହୋଇଥିବାବେଳେ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପ୍ରକାଶ ଯେ, ଗଞ୍ଜାମ ଜିଲାରେ ଲକ୍‌ଡାଉନ କଟକଣା ସାମାନ୍ୟ କୋହଳ ପରେ ବ୍ରହ୍ମପୁର ନିକଟସ୍ଥ ଭାବନ୍ଧଠାରେ ଥିବା ଏକ ପଥରକ୍ୱାରିରେ ଶ୍ରମିକ ଭାବେ କାମ କରିବାକୁ ପିକ୍‌ଅପ ଗାଡି (ନଂ.ଓଡିଠ୭ଜେ-୪୮୪୧)ରେ ରମ୍ପାଥାନା ଡିଆଁଡେଇଁ ଗ୍ରାମର ୧୪ଜଣ ସୋମବାର ଭୋରରୁ ବାହାରିଥିଲେ। ଖଣ୍ଡଦେଉଳି ଗ୍ରାମ ନିକଟସ୍ଥ ନୂଆଘାଇଠାରେ ପିକ୍‌ଅପ୍ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ହୁମ୍ପା ଫାଣ୍ଡି ଅଧିକାରୀ ରାମଚନ୍ଦ୍ର ବେହେରା ଓ ରମ୍ପା ଥାନା ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଗଞ୍ଜାମ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ଶରତ, ସୁପରାନ ଓ କବିଙ୍କୁ ମୃତ ଘୋଷଣା କରିବା ସହ ଆହତଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ। ମାମଲା (ନଂ.୧୧୨/୨୦)ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ଡାକ୍ତରଙ୍କ ପ୍ରତି ହିଂସା ଅଗ୍ରହଣୀୟ

- ଡାକ୍ତରଖାନା ସମ୍ପତ୍ତି ନଷ୍ଟ କଲେ କ୍ଷତି ଭରଣା କରିବେ ଅଭିଯୁକ୍ତ
- ସମଗ୍ର ଦେଶରେ ଓଡିଶା ଆଇନ ଭଳି ଲାଗୁ କରୁ କେନ୍ଦ୍ର
- ଡାକ୍ତର,ସ୍ୱାସ୍ଥ୍ୟକର୍ମୀ, ମେଡିକାଲ ସୁରକ୍ଷାରେ ଓଡ଼ିଶା ଉଦାହରଣ

ଭୁବନେଶ୍ୱର,୨୦।୪(ବ୍ୟୁରୋ)

କରୋନା ସଂକ୍ରମଣରେ ବିଶ୍ୱ ଛଟପଟ। ସମଗ୍ର ଦେଶ ମଧ୍ୟ ଏହି ମହାମାରୀ ସହିତ ଲଢୁଛି। ଏହାକୁ ମୁକାବିଲା କରିବାରେ ଡାକ୍ତର, ନର୍ସ ଓ ପାରାମେଡିକାଲ କର୍ମଚାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେମାନେ ଜୀବନକୁ ବିପନ୍ନ କରି କରୋନା ରୋଗୀଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ସେମାନଙ୍କୁ ଅନେକ ସମୟରେ ମରଣାନ୍ତକ ଆକ୍ରମଣର ଶିକାର ହେବାକୁ ପଡୁଛି। ଦେଶର ବିଭିନ୍ନ ଭାଗରେ ନମୁନା ସଂଗ୍ରହ କରିବାକୁ ଗଲାବେଳେ ଲୋକାମାନେ ଆକ୍ରମଣ କରୁଛନ୍ତି। ରୋଗୀଙ୍କ ପାଇଁ ଜୀବନକୁ ବାଜି ଲଗାଇ ଦେଇଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ସେପରି କୌଣସି କଠୋର ଆଇନ କାର୍ଯ୍ୟକାରୀ କରି ନାହାନ୍ତି। ଅନ୍ୟ ରାଜ୍ୟରେ କାର୍ଯ୍ୟରତ ଡାକ୍ତରମାନଙ୍କର ଜୀବନ ବିପନ୍ନ ହୋଇଛି। ହିଂସାକାରୀଙ୍କୁ ଦମନ କରିବାକୁ କେନ୍ଦ୍ର ସରକାର ଓଡିଶା ଭଳି କଠୋର ଆଇନ ଆଣିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

କରୋନା ମୁକାବିଲା କରିବା ପାଇଁ ଲକ୍‌ଡାଉନଠାରୁ ଆରମ୍ଭ କରି କୋଭିଡ ୧୯ ମୁକାବିଲା ଲାଗି ହସ୍ପିଟାଲ ନିର୍ମାଣ କରିବା କ୍ଷେତ୍ରରେ ଓଡିଶା ଅନ୍ୟ ରାଜ୍ୟଠାରୁ ଆଗରେ ଥିବା ବେଳେ ଡାକ୍ତରଙ୍କ ସୁରକ୍ଷାକୁ ନେଇ ଉଦାହରଣ ପାଲଟିଛି। ରାଜ୍ୟରେ ଡାକ୍ତରଙ୍କ ଉପରେ ବିଭିନ୍ନ ସମୟରେ ରୋଗୀ ସମ୍ପର୍କୀୟ ଆକ୍ରମଣ କରିବା ଯୋଗୁ ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢିଯାଇଥିଲା। ଏପରିକି ସୁରକ୍ଷା ନ ଯୋଗାଇଲେ କାର୍ଯ୍ୟ କରିବେ ନାହିଁ ବୋଲି ସରକାରଙ୍କ ପାଖରେ ଦାବି କରିଥିଲେ। ସରକାର ଡାକ୍ତର, ନର୍ସ ଓ ପାରାମେଡିକାଲ କର୍ମଚାରୀଙ୍କୁ ସୁରକ୍ଷା ଦେବା ସହ ଡାକ୍ତରଖାନା ସମ୍ପତ୍ତି ନଷ୍ଟ କରୁଥିବା ଲୋକଙ୍କୁ ସାବାଡ କରିବାକୁ ଓଡିଶା ସ୍ୱାସ୍ଥ୍ୟସେବା କର୍ମଚାରୀ ଓ ଡାକ୍ତରଖାନା ଆଇନ(ଓଡିଶା ମେଡିକେୟାର ସର୍ଭିସ ପର୍ସନ ଆଣ୍ଡ ମେଡିକେୟାର ଇନ୍‌ଷ୍ଟିଚ୍ୟୁଶନ(ପ୍ରିଭେନଶନ ଅଫ୍ ଭାଓଲେନ୍ସ ଆଣ୍ଡ ଡ୍ୟାମେଜ ଅଫ୍ ପ୍ରପର୍ଟି ଆକ୍ଟ)୨୦୦୮ ଆଣିଛନ୍ତି। ଏହା ବିଧାନସଭାରେ ପାରିତ ହେବା ସହ ରାଜ୍ୟପାଳଙ୍କ ଅନୁମୋଦନ ପରେ ୨୦୦୯ ଫେବୃୟାରୀ ୧୩ ରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଏଥିରେ ଗଣ୍ଡଗୋଳକାରୀଙ୍କୁ କଠୋର ଦଣ୍ଡ ଦେବାର ବ୍ୟବସ୍ଥା କରାଯାଇଛି। ଯଦି ସ୍ୱାସ୍ଥ୍ୟସେବାରେ ନିୟୋଜିତ ଥିବା କୌଣସି ବ୍ୟକ୍ତିଙ୍କୁ ଆକ୍ରମଣ କରି କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରର କ୍ଷତି କରିବେ ଉକ୍ତ ଆଇନର ସେକ୍ସନ-୩ ଅନୁଯାୟୀ ଏହାକୁ ଏକ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯିବା। ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମାନା ସହ ଜାମିନ ମିଳିବ ନାହିଁ। ଏଥିସହିତ ଡାକ୍ତରଖାନାର କ୍ଷତି ହୋଇଥିବା ସମ୍ପତ୍ତିର ମଧ୍ୟ କ୍ଷତିପୂରଣ ଦେବାକୁ ପଡିବ। ଡାକ୍ତରଖାନା ଉପକରଣ ଭାଙ୍ଗିଥିଲେ ସମୁଦାୟ କ୍ରୟ ମୂଲ୍ୟ ଦେବାକୁ ଆଇନରେ ବ୍ୟବସ୍ଥାରେ କରାଯାଇଛି। ଓଡିଶା ଆଇନକୁ ପାଥେୟ କରି କେନ୍ଦ୍ର ସରକାର ସମଗ୍ର ଦେଶ ପାଇଁ ଡାକ୍ତର ଓ ମେଡିକାଲଗୁଡିକର ସୁରକ୍ଷା ପାଇଁ ଆଇନ୍ ଲାଗୁ କରିବା ନେଇ ବିଭିନ୍ନ ମହଲରୁ ଦାବି ହେଉଛି।

ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ଫାଟକରେ ସୋମବାର ସୁରକ୍ଷାକର୍ମୀ କର୍ମଚାରୀଙ୍କୁ ଯାଞ୍ଚ କରି ଛାଡୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ଲକ୍ଷ ଦେଲା ଆଇନ ବିଭାଗ

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ରାଜ୍ୟରେ କରୋନା ସ୍ଥିତିର ମୁକାବିଲା ପାଇଁ ସୋମବାର ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ୨ ଲକ୍ଷ ଟଙ୍କା ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଓସିଏମ୍‌ଆର୍‌ଏଫ୍‌କୁ ପ୍ରଦାନ କରାଯାଇଛି। ଅପରାହ୍ନରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଶଶିକାନ୍ତ ମିଶ୍ର ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କୁ ଏହି ଅର୍ଥ ରାଶି ଚେକ୍ ଆକାରରେ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

ନ୍ୟୁୟର୍କରେ ବୈଧ ହେଲା 'ଜୁମ୍' ମାଧ୍ୟମରେ ବିବାହ

ଲକ୍‌ଡାଉନ୍ ଯୋଗୁ ଚିନ୍ତିତ ଦମ୍ପତି ଆଶ୍ୱସ୍ତ

ନ୍ୟୁୟର୍କ,୨୦।୪

କରୋନା ଭାଇରସ୍‌ର ପ୍ରକୋପ ଯୋଗୁ ସାମାଜିକ ଦୂରତ୍ୱ ବଜାୟ ରଖିବା ବର୍ତ୍ତମାନର ସବୁଠୁ ବଡ଼ ଆବଶ୍ୟକତା। ଏଥିଯୋଗୁ ବିବାହ ଓ ଅନ୍ୟାନ୍ୟ ଉତ୍ସବ ଆଦି ସାମାଜିକ କାର୍ଯ୍ୟକ୍ରମ ହୋଇପାରୁନାହିଁ। ବିଶେଷକରି କରୋନା ହଟ୍‌ସ୍ପଟ୍ ଅଞ୍ଚଳରେ ଜନଜୀବନ ଠପ୍ ହୋଇଯାଇଛି। ଏହି ମହାମାରୀରେ ବିଶ୍ୱର ସବୁଠୁ ପ୍ରଭାବିତ ଅଞ୍ଚଳ ଆମେରିକାର ନ୍ୟୁୟର୍କ ପ୍ରଦେଶରେ ଅଦ୍ୟାବଧି ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାବେଳେ ୧୮ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ଏଭଳି ଘୋର ସଙ୍କଟ ଭିତରେ ମଧ୍ୟ ନ୍ୟୁୟର୍କରେ କିଭଳି ସାମାଜିକ ଚଳଣିକୁ ସ୍ୱାଭାବିକ କରିହେବ ଏବଂ ଆବଶ୍ୟକତା ପୂରଣ ହେବ ସେ ନେଇ ଯଥାସମ୍ଭବ ଉଦ୍ୟମ କରାଯାଇଛି। ଏହିକ୍ରମରେ ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ବିବାହ ଉତ୍ସବ ସମ୍ପନ୍ନ କରାଯିବା ପାଇଁ ଟେକ୍ନୋଲୋଜିର ସହାୟତା ନିଆଯାଇଛି। ନ୍ୟୁୟର୍କ ସରକାର ଅନ୍‌ଲାଇନ୍ ତଥା ଭିଡିଓ କଲ୍ ମାଧ୍ୟମରେ ବିବାହକୁ ବୈଧ ଘୋଷଣା କରିଛନ୍ତି। ଏଥିରେ ବେଶ୍ ସହାୟକ ହୋଇପାରିଛି ବର୍ତ୍ତମାନ ସମୟର ସବୁଠୁ ଲୋକପ୍ରିୟ ଭିଡିଓ କନ୍‌ଫରେନ୍ସିଂ ଆପ୍ 'ଜୁମ୍'। କରୋନା ମହାମାରୀ ଯୋଗୁ ବିଶ୍ୱର ଅଧିକାଂଶ ଲୋକ ଘରେ ରହିବାକୁ ବାଧ୍ୟ ହେଉଥିବାବେଳେ ସେମାନଙ୍କ ମିଟିଂ, କନ୍‌ଫରେନ୍ସିଂ, ଅନ୍‌ଲାଇନ୍ ପାଠପଢ଼ା ପାଇଁ 'ଜୁମ୍' ଆପ୍ ବଡ଼ ପ୍ଲାଟ୍‌ଫର୍ମ ଭାବେ ଉଭା ହୋଇଛି। ଏଥିରେ ଏକାଥରକେ ୧୦୦ ଜଣ ୪୦ ମିନିଟ୍ ପର୍ଯ୍ୟନ୍ତ ଭିଡିଓ ବାର୍ତ୍ତାଳାପ କରିପାରୁଛନ୍ତି। ଏବେ ଏହି ଆପ୍ ଦୁଇଜଣଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଯେଉଁ ନ୍ୟୁୟର୍କ ବାସିନ୍ଦାଙ୍କ ବିବାହ ଯୋଜନାରେ ଲକ୍‌ଡାଉନ୍ ବାଧକ ସାଜିଥିଲା ସେମାନେ ସ୍ଥାନୀୟ ସରକାରଙ୍କ ନୂଆ ପଦକ୍ଷେପ ଯୋଗୁ ଆଶ୍ୱସ୍ତ ହୋଇଛନ୍ତି। ନ୍ୟୁୟର୍କ ଗର୍ଭନର ଆଣ୍ଡ୍ରୁ କୁଓମୋ କହିଛନ୍ତି ଯେ, ବର୍ତ୍ତମାନ ବିବାହ ପାଇଁ ଅନୁମତି ଲୋଡ଼ାଗଲେ ଆଉ କୌଣସି ବାହାନା ଖୋଜାଯିବ ନାହିଁ। 'ଜୁମ୍' ମାଧ୍ୟମରେ ତାହା କରାଯାଇପାରିବ ବୋଲି କୁଓମୋ କହିଛନ୍ତି। ହେଲେ ଏଥିପାଇଁ କେତେକ ନିୟମ କରାଯାଇଛି। ଉଦାହରଣ ସ୍ୱରୂପ, ଦମ୍ପତି, ସାକ୍ଷୀ, ବିଧିବଦ୍ଧ ଭାବେ ବିବାହ କର୍ମ ସମ୍ପାଦନ କରୁଥିବା ବ୍ୟକ୍ତି, ସହରର କିରାଣିଙ୍କ ମଧ୍ୟରେ ସିଧା ଆଲୋଚନାର ଭିଡିଓ କନ୍‌ଫରେନ୍ସକୁ ଗ୍ରହଣ କରାଯିବ। ପୂର୍ବରୁ ରେକର୍ଡିଂ ହୋଇଥିବା କୌଣସି ଭିଡିଓକୁ ଗ୍ରହଣ କରାଯିବ ନାହିଁ।

କଟକଣା ସହ ଖୋଲିବ ବିଶ୍ୱବିଦ୍ୟାଳୟ

କୁଳପତିଙ୍କୁ ଉଚ୍ଚଶିକ୍ଷା ସଚିବଙ୍କ ଚିଠି

- ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଆସିବେନି ଛାତ୍ରୀଛାତ୍ର
- ଅନ୍‌ଲାଇନ୍‌ରେ ହେବ ପାଠପଢ଼ା, ସେମିନାର, ୱାର୍କଶପ୍
- ପରୀକ୍ଷା ହେବନି, କିନ୍ତୁ ପ୍ରସ୍ତୁତ ରହିବେ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ଲକ୍‌ଡାଉନ୍ ଯୋଗୁ ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ବନ୍ଦ ରହିଛି। ଏଥିଯୋଗୁ ଉଚ୍ଚଶିକ୍ଷା କ୍ଷେତ୍ର ଓ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଗୁରୁତର ପ୍ରଭାବିତ ହୋଇଛି। ତେଣୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ କେତେକ କଟକଣା ସହିତ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଏନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖି ଜଣାଇଛନ୍ତି।

ନିର୍ଦ୍ଦେଶ ମୁତାବକ, ଗ୍ରୁପ୍-'ଏ'ର ସମସ୍ତ ଟିଚିଂ, ନନ୍ ଟିଚିଂ ଷ୍ଟାଫ୍ ଦୈନିକ ଅଫିସ ଆସିବେ। ଗ୍ରୁପ୍ 'ବି', 'ସି' ଓ 'ଡି' କର୍ମଚାରୀଙ୍କ ମଧ୍ୟରୁ ୩ ଭାଗରୁ ୧ ଭାଗ ଅଫିସ ଆସିବାକୁ ଚିଠିରେ ଉଲ୍ଲେଖ ରହିଛି। କାର୍ଯ୍ୟାଳୟରେ ସାମାଜିକ ଦୂରତା ଓ ସ୍ୱଚ୍ଛତା ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ତେବେ ବିଶ୍ୱବିଦ୍ୟାଳୟ ଖୋଲିଲେ ମଧ୍ୟ କୌଣସି ଛାତ୍ରୀଛାତ୍ର ଆସିବେ ନାହିଁ। ପ୍ରତ୍ୟକ୍ଷ ଭାବେ କୌଣସି ଶିକ୍ଷାଦାନ ନ କରିବାକୁ ପରାମର୍ଶ ଦିଆଯିବା ସହ ଆବଶ୍ୟକ ପଡ଼ିଲେ ଅନ୍‌ଲାଇନରେ କ୍ଲାସ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଥିଓରି, ପ୍ରାକ୍ଟିକାଲ କ୍ଲାସ, ସେମିନାର, ୱାର୍କଶପ୍ ଆଦିକୁ ଅନ୍‌ଲାଇନରେ କରାଯିବ। ଏଥିସହ ଏବେ କୌଣସି ପରୀକ୍ଷା କରାଯିବ ନାହିଁ। ଯେକୌଣସି ସଟ୍ ନୋଟିସ୍ ପିରିୟଡ୍‌ରେ ପରୀକ୍ଷା ହୋଇପାରେ। ତେଣୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପରୀକ୍ଷା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି କୌଣସି ପିଲା ହଷ୍ଟେଲରେ ରହିପାରିବେ ନାହିଁ ଓ ବିନା ଅନୁମତିରେ ବିଶ୍ୱବିଦ୍ୟାଳୟକୁ ଆସିପାରିବେ ନାହିଁ। ଅନ୍ୟପକ୍ଷରେ ଯେଉଁ ସବୁ ପରୀକ୍ଷା ସରିଛି ତାହାର ମୂଲ୍ୟାଙ୍କନ ହେବ। ତେବେ ଜୋନ୍ ସ୍ତରୀୟ ମୂଲ୍ୟାଙ୍କନକୁ ଅନୁମତି ନାହିଁ। ହେଲେ ଅନ୍‌ଲାଇନରେ ପିଏଚ୍‌ଡି ମୌଖିକ ସାକ୍ଷାତ୍ କରାଯିବ ବୋଲି ଉକ୍ତ ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି।

ବଡ଼ଚଣା ଥାନାଧିକାରୀ ନିଲମ୍ବିତ

- ସପରିବାର ଶ୍ରୀମନ୍ଦିର ଦର୍ଶନ କରିଥିଲେ
- ଥାନାରେ ଜିମା ଥିବା ଗାଡ଼ି ଚଢ଼ି ଧରାପଡ଼ିଲେ
- ତଦନ୍ତ କଲେ ଏସଡିପିଓ
- ଗାଡି ଚାଳକଙ୍କୁ ନେଇ ଚର୍ଚ୍ଚା

ଚଣ୍ଡିଖୋଲ,୨୦।୪(ଡି.ଏନ.ଏ)

ଲକ୍‌ଡାଉନ କଟକଣା ସମୟରେ ପୁରୀ ଶ୍ରୀମନ୍ଦିରରେ ପରିବାରବର୍ଗଙ୍କ ସହ ଦାରୁଦିଅଁଙ୍କ ଦର୍ଶନ କରିଥିବା ଯାଜପୁର ଜିଲାର ବଡ଼ଚଣା ଥାନାଧିକାରୀ ଦୀପକ ଜେନାଙ୍କୁ ସୋମବାର ଡିଜିପି ଅଭୟ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏହା ସହିତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦୀପକଙ୍କ ସ୍ଥାନରେ ଯାଜପୁର ହେଡକ୍ୱାର୍ଟର୍ସରେ ଥିବା ପ୍ରିୟବ୍ରତ ରାଉତଙ୍କୁ ଥାନାଧିକାରୀଭାବେ ଦାୟିତ୍ୱ ଦିଆଯାଇଛି।

ଯାଜପୁର ଏସଡିପିଓ ଚିନ୍ମୟ ନାୟକ ସୋମବାର ବଡ଼ଚଣା ଥାନାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଦୀପକ ପୁରୀକୁ ନେଇ ଯାଇଥିବା ସ୍କର୍ପିଓ (ଓଆର୦୫ଏଏଫ୍୦୫୦୦) ପୋଲିସ ବିଭାଗର ନୁହେଁ, ବରଂ ଥାନାରେ ଜିମା ଥିବା କଟକ ଗତିରାଉତ ପାଟଣାର ସୁକାନ୍ତ କୁମାର ଦଳେଇ ନାମକ ଜଣେ ଠିକାଦାରଙ୍କ ଗାଡ଼ି ବୋଲି ଜଣାଯାଇଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଏକ ରାସ୍ତା ନିର୍ମାଣ ସମୟରେ ଠିକାଦାର ଦଳେଇ ଓ ଚଣ୍ଡିଖୋଲ ଅଞ୍ଚଳର ୩ଜଣଙ୍କ ମଧ୍ୟରେ ଟଙ୍କା ପଇସାକୁ ନେଇ ବିବାଦ ହୋଇଥିଲା। ଏଥିରେ ଉଭୟପକ୍ଷର ଅଭିଯୋଗକ୍ରମେ ଗାଡ଼ିଟି ଥାନାରେ ଜିମା ରହିଥିଲା। ଥାନାଧିକାରୀ ଦୀପକ ମାର୍ଚ୍ଚ ୨୦ରୁ ଉକ୍ତ ଗାଡ଼ିରେ ହଳଦିଆ ବତୀ ଲଗାଇ ବ୍ୟବହାର କରି ଆସୁଥିଲେ। ରବିବାର ନିଜ ଝିଅ ଜନ୍ମଦିନ ପାଳିବାକୁ ଦୀପକ ଉକ୍ତ ଗାଡ଼ିରେ ପ୍ରଥମେ ଏକ ଆଶ୍ରମକୁ ଯାଇଥିବାବେଳେ ପରେ ପୁରୀ ଅଭିମୁଖେ ଯାଇଥିଲେ। ତେବେ ଉକ୍ତ ଗାଡ଼ିର ଚାଳକଙ୍କୁ ନେଇ ଭିନ୍ନ ଆଲୋଚନା ହେଉଛି। ଚାଳକଜଣକ କୁଆଡ଼େ ଚୋରା ଖଣି କାରବାରରେ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି। ଏଥିସହିତ ତାଙ୍କୁ ବିଭିନ୍ନ ସମୟରେ ଦୀପକଙ୍କ ସହିତ ଦେଖିବାକୁ ମିଳିଥିବା କୁହାଯାଉଛି। ତେବେ ପୁରୀରେ ଦୀପକଙ୍କ ମନ୍ଦିର ପ୍ରବେଶ ସମୟରେ ହୋଇଥିବା ବିବାଦବେଳେ ଚାଳକ ଜଣକ ସେଠାରୁ ଖସି ପଳାଇଥିବା କୁହାଯାଉଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ତଦନ୍ତ ପରିସରକୁ ଅଣାଗଲେ ଅନେକ ତଥ୍ୟ ପଦାକୁ ଆସିବ ବୋଲି ଆଲୋଚନା ହେଉଛି। ଏସ୍‌ଡିପିଓ ନାୟକ କହିଛନ୍ତି ଯେ, ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବଡ଼ଚଣା ଥାନାକୁ ଯାଇ ସମ୍ପୃକ୍ତ ଗାଡ଼ି ବିଷୟରେ ଯାଞ୍ଚ କରିଥିଲି। ଗାଡ଼ି ସମ୍ପର୍କରେ କୌଣସି ମାମଲା ଥାନାରେ ରୁଜୁ ହୋଇନାହିଁ। ତେବେ ଗାଡିର ଚାଳକ କିଏ ଥିଲେ ସେ ସମ୍ପର୍କରେ ଜଣାପଡ଼ି ନାହିଁ।

ଗାଁ ଲୋକେ ବୁଝିଛନ୍ତି ସାମାଜିକ ଦୂରତ୍ୱର ମର୍ମ: ସୁବ୍ରତୋ ବାଗ୍‌ଚୀ

ଭୁବନେଶ୍ୱର, ୨୦।୪(ବ୍ୟୁରୋ)



ସୁବ୍ରତୋ ବାଗ୍‌ଚୀ

କରୋନାର ପ୍ରତିଷେଧକ ନାହିଁ। କେବଳ ପ୍ରତିରୋଧ ଦ୍ୱାରା ହିଁ ଏହାକୁ ରୋକାଯାଇପାରିବ। ଏହି ପ୍ରତିରୋଧର ସବୁଠାରୁ ବଡ଼ ଅସ୍ତ୍ର ହେଉଛି ସାମାଜିକ ଦୂରତ୍ୱ। ଏହି ସାମାଜିକ ଦୂରତ୍ୱର ମର୍ମକୁ ଗାଁ ଲୋକ

ଆଜିର ମନ୍ତବ୍ୟ

କୋଭିଡ୍-୧୯ ବିରୋଧୀ ଲଢ଼େଇକୁ କେତେଜଣ ଉଦ୍ଦେଶ୍ୟମୂଳକ ଭାବେ ଧର୍ମନିରପେକ୍ଷତା-ସାମ୍ପ୍ରଦାୟିକତାର ରଙ୍ଗ ଦେଉଛନ୍ତି।
-ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଅଇଲେ ଅହିଅ ରାଣୀ,
ତାଙ୍କୁ ଦିଅ ପିଢ଼ା ପାଣି;
ଅଇଲେ ରାଣ୍ଡୀ ଖଣ୍ଡି
ତାଙ୍କୁ ଦିଅ ଅରଟ ଖଣ୍ଡି।

ନାରୀ ସଧବା ରହିବା ଅତି ପୁଣ୍ୟର ଲକ୍ଷଣ ହୋଇଥାଏ। ଏପରି ନାରୀଙ୍କୁ ସଭିଏଁ ମୁଣ୍ଡରେ ବସାନ୍ତି, ଘରକୁ ଆସିଲେ ତାଙ୍କୁ ମାନ୍ୟ କରି ପିଢ଼ାପାଣି ଦେଇ ଚର୍ଚ୍ଚା କରନ୍ତି। ପରନ୍ତୁ ବିଧବା ନାରୀକୁ ସମସ୍ତେ ହୀନ ଆଖିରେ ଦେଖନ୍ତି। ତାଙ୍କୁ ଦେଖିଲେ କାମ ବଢ଼େଇ ଦେବାରେ ହେଳା କରି ନ ଥାନ୍ତି। ସତେ ଯେମିତି ଖଟିବା ହିଁ ତା'ର କର୍ମ ଓ ପ୍ରାପ୍ୟ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

ଅଇରି ଖପରା
ବଇରି ବାଆ।

ସମୟ ଓ ପରିସ୍ଥିତି କେତେବେଳେ କାହାକୁ ନେଇ କୋଉଠି ପହଞ୍ଚାଇଦିଏ ତାହା ଅନୁମାନ କରିବା କଷ୍ଟକର ହୋଇଯାଇଥାଏ। ମଣିଷ ବେଳେବେଳେ ସର୍ବସ୍ୱାନ୍ତ ହୋଇଯାଏ। ଅତୀତର ଠାଣିମାଣି ଚାଲିଯାଇ ଅର୍ଥାଭାବରୁ ବାସନ କିଣି ନ ପାରି ଖପରାରେ ଖାଇବା ଭଳି ଅଭାବରେ ଘାଣ୍ଟି ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ବୃଦ୍ଧି ପ୍ରୟୋଗ
-ଏ.କେ.ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ସଂକ୍ରମଣ ବାଣ୍ଟୁଛି ମୁମ୍ବାଇ ହସ୍ପିଟାଲ

ପିପିଇ ସୁବିଧା ସତ୍ତ୍ୱେ ୨୦୦ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ ସଂକ୍ରମିତ

ନୂଆଦିଲ୍ଲୀ,୨୦।୪(ପିଟି)

ଦେଶର ଅର୍ଥନୈତିକ ରାଜଧାନୀ କୁହାଯାଉଥିବା ମୁମ୍ବାଇ ଏବେ କରୋନା ହଟସ୍ପଟ୍ ପାଲଟିଛି। ମହାରାଷ୍ଟ୍ରରେ ସର୍ବାଧିକ ୪୪୮୩ଜଣ ସଂକ୍ରମିତ ହୋଇଥିବାବେଳେ ୨୨୩ଜଣଙ୍କ ମୃତ୍ୟୁ ଘଟିଲାଣି। ସେଥିରୁ ମୁମ୍ବାଇ ସହରରେ କେବଳ ୨୨୬୮ଜଣ ସଂକ୍ରମିତ ହୋଇଛନ୍ତି। ବିଶେଷକରି ମୁମ୍ବାଇର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରୁଥିବା ୨୦୦ରୁ ଊର୍ଦ୍ଧ୍ୱ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ କରୋନା ସଂକ୍ରମିତ ହେଲେଣି। ମହାରାଷ୍ଟ୍ର ସରକାର ରାଜ୍ୟରେ ଯଥେଷ୍ଟ ପରିମାଣର ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ) ଗଚ୍ଛିତ ଥିବା କହୁଥିବାବେଳେ ଏତେସଂଖ୍ୟକ ସ୍ୱାସ୍ଥ୍ୟକର୍ମୀ କରୋନା ସଂକ୍ରମିତ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୁମ୍ବାଇର ୟଶଲୋକ ହସ୍ପିଟାଲରେ କାମକରୁଥିବା ୩୬ଜଣ ସ୍ୱାସ୍ଥ୍ୟକର୍ମୀଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ସ୍ୱାସ୍ଥ୍ୟକର୍ମୀ ପିପିଇ କିଟ୍ ଧାରଣ କରୁ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି, ଯାହାକି ଏକ ବଡ଼ ବିଶୃଙ୍ଖଳା ବୋଲି କ୍ଲିନିକାଲ୍ ନର୍ସିଂ ରିସର୍ଚ୍ଚ ସୋସାଇଟି(ସିଏନ୍‌ଆର୍‌ଏସ୍) ଉପାଧ୍ୟକ୍ଷ ସ୍ୱାତୀ ରାଣେ କହିଛନ୍ତି। ବର୍ତ୍ତମାନ ସ୍ଥିତିରେ କୋଭିଡ୍-୧୯ ୱାର୍ଡରୁ ସଂକ୍ରମଣ ହେଉ ନାହିଁ ବରଂ ହସ୍ପିଟାଲର ଅନ୍ୟ ସବୁ ୱାର୍ଡ ଯଥା ଅପରେଶନ ଥିଏଟର, ଏମରଜେନ୍ସି(ଆପାତ୍‌କାଳୀନ) ବିଭାଗରୁ ଅଧିକ ସଂକ୍ରମଣ ହେଉଥିବା ଜଣାପଡ଼ିଛି। ଏପରି କି କରୋନା ସଂକ୍ରମିତଙ୍କୁ ଚିକିତ୍ସା କରିବା ସମୟରେ ଏନ୍-୯୫ ମାସ୍କ ପରିଧାନ ଜରୁରୀ ହୋଇଥିବାବେଳେ କେତେଜଣ

ସ୍ୱାସ୍ଥ୍ୟକର୍ମୀ ମାସ୍କ ନ ପିନ୍ଧି ଚିକିତ୍ସା କରୁଥିବା ଦେଖିବାକୁ ମିଳୁଛି। ଫଳରେ ସେମାନଙ୍କ ଠାରେ ସଂକ୍ରମଣର ଆଶଙ୍କା ଅଧିକ ରହିଛି। ତେଣୁ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଯଦି ବ୍ୟକ୍ତିଗତ ସୁରକ୍ଷା ଉପକରଣ ଉପଲବ୍ଧ ହେଉନାହିଁ, ତେବେ ସେମାନଙ୍କୁ ସର୍ବନିମ୍ନ ମାସ୍କ, ଗ୍ଲୋବ୍‌ସ ଏବଂ ଗାଉନ୍ସ ଯୋଗାଇଦେବା ଆବଶ୍ୟକ ବୋଲି ସ୍ୱାତୀ କହିଛନ୍ତି।

ଅନ୍ୟପକ୍ଷରେ ଯେଉଁ କରୋନା ସଂକ୍ରମିତମାନେ ନିଜର ପରିଚୟ ଲୁଚାଇ ହସ୍ପିଟାଲ୍‌ର ବିଭିନ୍ନ ୱାର୍ଡରେ ବୁଲାବୁଲି କରୁଛନ୍ତି, ସେଠାରେ ମଧ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଆକ୍ରାନ୍ତ ହେବାର ଅଧିକ ଆଶଙ୍କା ରହିଛି। ବିଶେଷକରି ଯେଉଁ ସଂକ୍ରମିତଙ୍କ ଆତ୍ମା ରହିଛି ସେମାନଙ୍କ ଠାରୁ ସଂକ୍ରମଣ ବ୍ୟାପିବାର ଅଧିକ ସମ୍ଭାବନା ରହିଛି। ଅନେକ ସ୍ୱାସ୍ଥ୍ୟକର୍ମୀ ବା ନର୍ସମାନେ ବିଭିନ୍ନ ହଷ୍ଟେଲରେ ରହୁଛନ୍ତି। ସେଠାରେ ଥିବା ଶୌଚାଳୟ ସୁବିଧା ଏବଂ ମେସକୁ ସମସ୍ତେ ମିଳିମିଶି ବ୍ୟବହାର କରିଥାନ୍ତି। ଏପରି କି ସେମାନେ ଏକାଠି ବସି ଟିଭି ଦେଖିଥାନ୍ତି। ଯଦି ସେମାନଙ୍କ ମଧ୍ୟରୁ ଜଣେ କେହି କରୋନା ସଂକ୍ରମିତ ହୋଇଥିବେ, ତେବେ ଅନ୍ୟମାନଙ୍କୁ ସଂକ୍ରମଣ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି। ମୁମ୍ବାଇର ଏକ ହସ୍ପିଟାଲ୍‌ର କାମ କରୁଥିବା ଜଣେ ଡାକ୍ତରଙ୍କ କହିବା ହେଲା ସେମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ପିପିଇ ମିଳୁ ନାହିଁ, ଯାହାକି ଚିକିତ୍ସା କରିବା ସମୟରେ ପରିଧାନ କରିବା ଅତ୍ୟନ୍ତ ଜରୁରୀ। ଏନେଇ ମୁମ୍ବାଇ ମହାନଗର ନିଗମକୁ ଜଣାଯାଇଥିଲେ ସୁଦ୍ଧା ପିପିଇ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସ୍ୱାସ୍ଥ୍ୟକର୍ମୀମାନେ ଚିକିତ୍ସା ସେବା ନ ଯୋଗାଇବାକୁ ଚେତାବନୀ ଦେଇଛନ୍ତି। କୋଭିଡ୍-୧୯ ୱାର୍ଡ ଛାଡ଼ି ହସ୍ପିଟାଲର ଅନ୍ୟ ବିଭାଗରେ କାର୍ଯ୍ୟ କରୁଥିବା ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ କହିବା ହେଲା ଯେଉଁମାନେ କୋଭିଡ୍-୧୯ ୱାର୍ଡରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ପ୍ରାଥମିକତା ଭିତ୍ତିରେ ପ୍ରଦାନ କରାଯାଉଛି। ମାତ୍ର ଅନ୍ୟ ୱାର୍ଡରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଦିଆଯାଉ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ହସ୍ପିଟାଲର ସମସ୍ତ ୱାର୍ଡରେ କାର୍ଯ୍ୟ କରୁଥିବା ସବୁ ସ୍ୱାସ୍ଥ୍ୟକର୍ମୀଙ୍କୁ ପିପିଇ କିଟ୍ ଯୋଗାଇଦେବାକୁ ଦାବି ହୋଇଛି।

୩ ବ୍ଲକ୍‌ର ୫ ଗ୍ରାମ ସିଲ୍

ଯାଜପୁର ଅଫିସ,୨୦।୪

ଯାଜପୁର ଜିଲା
- ୭ ସଂକ୍ରମିତଙ୍କ ମଧ୍ୟରୁ ୬ କୋଲକୋତା ଫେରନ୍ତା
- ଆନ୍ତଃରାଜ୍ୟ ସୀମା ସିଲ୍ ପ୍ରକ୍ରିୟାରେ ଅବହେଳା

ରାଜ୍ୟରେ ସୋମବାର ଚିହ୍ନଟ ହୋଇଥିବା ୧୩ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୫ଜଣ ଯାଜପୁର ଜିଲାର ବୋଲି ଜଣାପଡ଼ିଛି। ଆକ୍ରାନ୍ତଙ୍କ ଘର ଦଶରଥପୁର ବ୍ଲକ ବିରଜାପୁର ଗ୍ରାମ ପଞ୍ଚାୟତର ରାମବାଗ-କୋଦେଇବାଟି, ଯାଜପୁର ବ୍ଲକର ବାସୁଦେବପୁର ପଞ୍ଚାୟତ ବାସୁଦେବପୁର, ମାର୍କଣ୍ଡପୁର ପଞ୍ଚାୟତର ମାର୍କଣ୍ଡପୁର ଓ ପଣସା ପଞ୍ଚାୟତର ବେହେରାପାଟଣା ଓ କୋରେଇ ବ୍ଲକ ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର ଗ୍ରାମରେ ବୋଲି ସୂଚନା ମିଳିଛି। ଏହିସବୁ ଅଞ୍ଚଳରେ ଜିଲା ପ୍ରଶାସନ ପକ୍ଷରୁ କଟକଣା କଡ଼ାକଡ଼ି କରାଯିବା ସହ ବିଶୋଧନ କରି ୭ଦିନ ପାଇଁ ଆବଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ଏହାସହ ସମ୍ପୃକ୍ତ ଗ୍ରାମଗୁଡ଼ିକର ପ୍ରବେଶ ପଥଗୁଡ଼ିକୁ ସିଲ କରାଯାଇଛି। ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇଛି। ଆନ୍ତଃରାଜ୍ୟ ସିଲ ପ୍ରକ୍ରିୟାରେ କୋଲକୋତା-ଓଡ଼ିଶା ସୀମାନ୍ତକୁ ଅବହେଳା କରାଯାଉଥିବା କାରଣରୁ ଜିଲାରେ କ୍ରମଶଃ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ବୋଲି କୁହାଯାଉଛି।

ଜିଲାରେ ଏଯାବତ୍ ୭ ଆକ୍ରାନ୍ତଙ୍କ ମଧ୍ୟରୁ ୬ କୋଲକୋତା ଫେରନ୍ତା ବୋଲି ସୂଚନା ମିଳିଛି। ଜିଲାର ପ୍ରଥମ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଫେରି ସାରିଛନ୍ତି। ଗତ ୧୪ ତାରିଖରେ ଯାଜପୁର ବ୍ଲକ ତ୍ରିଲୋଚନପୁର ଗ୍ରାମକୁ କୋଲକାତାରୁ ଫେରିଥିବା ଜଣେ ବ୍ୟକ୍ତିଙ୍କ ନମୁନା ପଜିଟିଭ ବାହାରିଥିଲା। ସୋମବାର ପୁଣି ୫ଜଣ ଆକ୍ରାନ୍ତ ହେବା ଘଟଣା ଜିଲା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଗତ ୧୪ ତାରିଖରେ ସୂଚନା ଦେଇଥିଲେ ଯେ, ୨ୟ ସଂକ୍ରମିତ ବ୍ୟକ୍ତି ଜଣକ କୋଲକତାରୁ ମାର୍ଚ୍ଚ ୨୮ ରାତିରେ ବାହାରି ମାର୍ଚ୍ଚ ୨୯ ଭୋରରୁ ପାଣିକୋଇଲିରେ ପହଞ୍ଚିଥିଲେ। ସେହି ଗାଡିରେ ଅନ୍ୟ ୧୮ଜଣ ଆସିଥିବା ସେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ୨ୟ ସଂକ୍ରମିତ ଚିହ୍ନଟ ହେବାର ବହୁ ପୂର୍ବରୁ ମୁକୁନ୍ଦପୁର ଅଞ୍ଚଳକୁ କୋଲକତାରୁ ଫେରିଥିବା ପ୍ରାୟ ୬ଜଣ ବ୍ୟକ୍ତି କ୍ୱାରାଣ୍ଟାଇନରେ ରହିବାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ନିର୍ବାହୀ ଅଧିକାରୀ ତାଙ୍କ କଥା ନ ଶୁଣି କିଛି ହେବ ନାହିଁ ବୋଲି କହି ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦେଇଥିଲେ। ହେଲେ ୨ୟ ସଂକ୍ରମିତ ଚିହ୍ନଟ ହେବା ପରେ ଯାଇ ମୁକୁନ୍ଦପୁର ଅଞ୍ଚଳର ସେହି ବ୍ୟକ୍ତିମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ଏହି ୧୫ଦିନ ମଧ୍ୟରେ କୋଲକାତା ଫେରନ୍ତା ବ୍ୟକ୍ତିମାନେ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି। ତେଣୁ ପ୍ରଥମରୁ ସେମାନଙ୍କୁ ସ୍ୱତନ୍ତ୍ରଭାବେ କ୍ୱାରାଣ୍ଟାଇନରେ ରଖାଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସେତେବେଳେ ଗ୍ରାମବାସୀଙ୍କ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଏନେଇ ଅବଗତ କରାଯାଇଥିଲା ବୋଲି ଗ୍ରାମବାସୀ କହିଛନ୍ତି।

ଭଦ୍ରକ ଜିଲାର ଜଣେ କରୋନା ଆକ୍ରାନ୍ତଙ୍କ ସହ ଯାଜପୁର ଜିଲାର ୬ଜଣଙ୍କ ଲିଙ୍କ ରହିଥିବା ଯାଜପୁର ଜିଲାପାଳ ସୋମବାର ସୂଚନା ଦେଇଛନ୍ତି। ସେମାନଙ୍କୁ ପ୍ରଶାସନ ଠାବ କରିବା ସହିତ କ୍ୱାରାଣ୍ଟାଇନରେ ରଖି ସ୍ୱାବ ନମୁନା ସଂଗ୍ରହ କରାଯାଇଛି। ଏହାବାଦ ସେହି ବ୍ୟକ୍ତିଙ୍କ ଜଣେ ପରିବାରବର୍ଗ କଳିଙ୍ଗନଗରସ୍ଥିତ ଏକ କମ୍ପାନୀରେ ଠିକା ଶ୍ରମିକଭାବେ କାମ କରନ୍ତି ବୋଲି ସୂଚନା ମିଳିଛି। ତେଣୁ ଦାନଗଦି ବିଡିଓ ମଣିପ୍ରସାଦ ମିଶ୍ର ଓ ମେଡିକାଲ ଅଫିସର ଦେବାଶିଷ ସାହୁ ସେହି କମ୍ପାନୀକୁ ପରିଦର୍ଶନରେ ଯାଇ ତାଙ୍କ ସଂସ୍ପର୍ଶରେ ଆସିଥିବା ପ୍ରାୟ ୪୫ ଜଣଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦେଇଛନ୍ତି। ତେବେ ଜିଲାର ଉପରୋକ୍ତ ୩ଟି ବ୍ଲକର ୫ଟି ଗ୍ରାମକୁ ବିଶୋଧନ କରାଯାଇ ସିଲ କରି ଦିଆଯାଇଛି। ଜିଲା ପୋଲିସ ଟିମ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ କରୋନା ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଠାବ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଏହାସହ ସେମାନଙ୍କଠାରୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯିବ ବୋଲି ଜିଲାପାଳ ଦାସ କହିଛନ୍ତି। ଯେହେତୁ ସରପଞ୍ଚମାନଙ୍କୁ ସରକାର ଜିଲାପାଳଙ୍କ କ୍ଷମତା ପ୍ରଦାନ କରିଛନ୍ତି ତେଣୁ ସେମାନେ ସେମାନଙ୍କ ଅଞ୍ଚଳକୁ ଦୃଢ଼ଭାବେ ସୁରକ୍ଷିତ କରିବାକୁ ଦାସ ପରାମର୍ଶ ଦେଇଛନ୍ତି।

କୋଭିଡ୍-୧୯ ମୁକାବିଲା: ଓଡ଼ିଶା ଆଗରେ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର କୋଇଲା, ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ୫ କୋଭିଡ୍ ହସ୍ପିଟାଲକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୨୦।୪(ବ୍ୟୁରୋ)

- ପ୍ରସ୍ତୁତ ହେଲା ଆଉ ୫ ହସ୍ପିଟାଲ
- ୨୬ ଜିଲାରେ ୫ ହଜାର ଶଯ୍ୟା କୋଭିଡ ହସ୍ପିଟାଲ
- ଏ ଯୁଦ୍ଧରେ ଆମକୁ ବିଜୟୀ ହେବାକୁ ପଡ଼ିବ: ମୁଖ୍ୟମନ୍ତ୍ରୀ
- ଓଡ଼ିଶାର ଉଦ୍ୟମକୁ କେନ୍ଦ୍ର ମନ୍ତ୍ରୀ ଜୋଷୀଙ୍କ ପ୍ରଶଂସା
- ନାଲ୍‌କୋ, ଏମ୍‌ସିଏଲ୍ କର୍ମଚାରୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦେଲେ ୨.୫ କୋଟି

ରାଜ୍ୟ ସରକାର କରୋନା ମୁକାବିଲା ନେଇ ଦୁଇପାଦ ଆଗକୁ ଯାଇଛନ୍ତି। କୋଭିଡ୍-୧୯ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ରାଜ୍ୟରେ ଆଉ ୫ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର କୋଇଲା, ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହି ହସ୍ପିଟାଲଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ମଧ୍ୟ ଉପସ୍ଥିତ ଥିଲେ। ଅନୁଗୋଳରେ ନିର୍ମାଣ ହୋଇଥିବା ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲକୁ ସମ୍ ହସ୍ପିଟାଲ ଓ ଏମ୍‌ସିଏଲ ସହାୟତାରେ ପରିଚାଳନା କରାଯିବ। ସେହିପରି ବରଗଡରେ ନିର୍ମିତ ୨୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍‌କୁ ଆଇଓସିଏଲ୍ ସହାୟତାରେ ବିକାଶ ମଲ୍‌ଟିସ୍ପେଶିଆଲ ହସ୍ପିଟାଲ ପରିଚାଳନା କରିବ। ସୁନ୍ଦରଗଡରେ ୨୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲକୁ ସୁନ୍ଦରଗଡ ଜିଲା ପ୍ରଶାସନ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ) ଏବଂ ଏନ୍‌ଟପସ ସହାୟତାରେ ପରିଚାଳନା କରାଯିବ। ସେହିପରି ପାରାଦୀପରେ ନିର୍ମାଣ କରାଯାଇଥିବା ୭୫ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲକୁ ଜିଲା ପ୍ରଶାସନ ପାରାଦୀପ ପୋର୍ଟ ଟ୍ରଷ୍ଟ ସହାୟତାରେ ପରିଚାଳନା କରିବ। ନବରଙ୍ଗପୁରରେ ପ୍ରସ୍ତୁତ କରାଯାଇଥିବା ୨୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲକୁ ଜିଲା ପ୍ରଶାସନ ନାଲ୍‌କୋ ଓ ଖ୍ରୀଷ୍ଟିୟାନ ହସ୍ପିଟାଲ ସହାୟତାରେ ପରିଚାଳନା କରିବ। ହସ୍ପିଟାଲ ଉଦ୍‌ଘାଟନ କରିବା ସହ ମୁଖ୍ୟମନ୍ତ୍ରୀ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଉପରୋକ୍ତ ୫ ହସ୍ପିଟାଲରେ ୮୨୫ ଶଯ୍ୟା ପ୍ରସ୍ତୁତ କରାଯାଇଥିବାବେଳେ ରାଜ୍ୟର ୨୬ ଜିଲାରେ କୋଭିଡ୍ ହସ୍ପିଟାଲର ବେଡ୍ ସଂଖ୍ୟା ୫ ହଜାରରେ ପହଞ୍ଚିଛି। କୋଭିଡ୍-୧୯ର ମୁକାବିଲା କରିବାକୁ ଉକ୍ତ ହସ୍ପିଟାଲଗୁଡ଼ିକ ରାଜ୍ୟର ପ୍ରସ୍ତୁତିକୁ ଆହୁରି ସୁଦୃଢ କରିଛି। ସବୁ ଜିଲାରେ କୋଭିଡ୍ ହସ୍ପିଟାଲ ନିର୍ମାଣ କରିବାକୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ହେଉଛି ଏକ ଯୁଦ୍ଧ। ଏଥିରେ ଆମକୁ ବିଜୟୀ ହେବାକୁ ପଡିବ। ରେକର୍ଡ ସମୟରେ ଅର୍ଥାତ ୩୦ ଦିନରେ ଓଡିଶା ୫ ହଜାର ଶଯ୍ୟାର କୋଭିଡ୍ ହସ୍ପିଟାଲ ନିର୍ମାଣ କରିବାରେ ସଫଳ ହୋଇପାରିଛି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଜିଲା ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଓ ସେମାନଙ୍କର ପରିବାର ସମେତ କେନ୍ଦ୍ରୀୟ ଉଦ୍ୟୋଗ ନାଲକୋ, ଏନ୍‌ଟପସ, ଆଇଓସିଏଲ୍ ଏବଂ ପିପିଟିକୁ ସହାୟତା ପାଇଁ ଧନ୍ୟବାଦ ଦେଇଛନ୍ତି। କୋଭିଡ୍ ମୁକାବିଲା କରିବାରେ ଓଡିଶା ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଛି। ଏହି ମହାମାରୀକୁ ରୋକିବାରେ ଓଡିଶା ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। କୋଭିଡ-୧୯ ମୁକାବିଲା ପାଇଁ ଓଡିଶା ଦ୍ୱାରା ନିଆଯାଉଥିବା ପଦକ୍ଷେପକୁ କେନ୍ଦ୍ର ମନ୍ତ୍ରୀ ଜୋଷୀ ମଧ୍ୟ ପ୍ରଶଂସା କରିଛନ୍ତି। ଓଡିଶା ଏବଂ ସମଗ୍ର ଦେଶ ଏହି ମହାମାରୀ କବଳରୁ ଶୀଘ୍ର ମୁକ୍ତି ଲାଭ କରିବ ବୋଲି ସେ କହିଛନ୍ତି। କରୋନା ମୁକାବିଲା ପାଇଁ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଏମ୍‌ସିଏଲ ଏବଂ ନାଲ୍‌କୋ କର୍ମଚାରୀମାନେ ୨.୫ କୋଟି ଟଙ୍କା ଦାନ କରିଛନ୍ତି। ଏହି ଉଦ୍‌ଘାଟନରେ ମୁଖ୍ୟ ଶାସନ ସଚିବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉନ୍ନୟନ କମିଶନର ଧନ୍ୟବାଦ ଦେଇଥିଲେ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

ଦିନକରେ ୧୩ କରୋନା ...

ସେହିପରି ବାଲେଶ୍ୱରରେ ଯେଉଁ ଦୁଇଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଜଣେ ୩୨ବର୍ଷୀୟ ବ୍ୟକ୍ତି ଥିବାବେଳେ ଆଉଜଣେ ୨ବର୍ଷର ଶିଶୁକନ୍ୟା ରହିଛନ୍ତି। ଏମାନଙ୍କୁ ମିଶାଇଲେ ବାଲେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ସେପଟେ ସୁନ୍ଦରଗଡ଼ରୁ ଚିହ୍ନଟ ଆକ୍ରାନ୍ତ ଜଣକ ବିଶ୍ରା ଅଞ୍ଚଳର ୪୦ବର୍ଷୀୟ ପୁରୁଷ ବୋଲି ଜଣାପଡ଼ିଛି।

ସଂକ୍ଷେପରେ

ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରା ବନ୍ଦ

ପୁରୁଣା ଭୁବନେଶ୍ୱର, ୨୦। ୪(ଡି.ଏନ.ଏ.): ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଏକାମ୍ର କ୍ଷେତ୍ରର ଆରାଧ ଦେବତା ଶ୍ରୀଲିଙ୍ଗରାଜଙ୍କ ପ୍ରସିଦ୍ଧ ରୁକୁଣାରଥ ଯାତ୍ରା ପରେ ଏବେ ଚନ୍ଦନ ଯାତ୍ରା ମଧ୍ୟ ବନ୍ଦ ହେବ। ଆସନ୍ତା ୨୬ ତାରିଖଠାରୁ ଠାକୁରଙ୍କ ଚନ୍ଦନଯାତ୍ରା ଆରମ୍ଭ ହୋଇଥାନ୍ତା। କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଗାଇଡଲାଇନ୍ ଅନୁସାରେ ଚନ୍ଦନଯାତ୍ରା ଅନୁଷ୍ଠିତ ହେବା ଅସମ୍ଭବ। ସାମାଜିକ ଦୂରତା ଅନୁଯାୟୀ ମାତ୍ର ୫ ଜଣ ଯାତ୍ରାରେ ଯିବାକୁ ଗାଇଡ ଲାଇନ୍ ରହିଛି। ହେଲେ ଚନ୍ଦନ ଯାତ୍ରା ପାଇଁ ଅତିକମ୍‌ରେ ୧୨ ଘରିଆ ନାଉରିଆ ସେବାୟତ, ପାଲିଆ ସେବାୟତ, ଛତ୍ରୀ ଛତା, ମସାଲଧାରୀ ଓ ଅନ୍ୟ ସେବାୟତ ଉପସ୍ଥିତ ଜରୁରୀ। ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ଗାଇଡ ଲାଇନକୁ ସମସ୍ତ ନିଯୋଗକୁ ପଠାଇ ସହମତି ମାଗିଥିଲେ। ମାତ୍ର ଏହି ସହମତିରେ କୌଣସି ସବୁଜ ସଙ୍କେତ ମିଳି ନ ଥିଲା। ଫଳରେ ନିର୍ଦ୍ଦେଶନାମା ଜାରି କରାଯାଇ ଚନ୍ଦନଯାତ୍ରାକୁ ବନ୍ଦ କରି ଦିଆଯାଇଥିବା ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ଦାଶ କହିଛନ୍ତି।

ରେନ୍‌ବୋ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ସହାୟତା

ଭୁବନେଶ୍ୱର,୧୯।୪: ରେନ୍‌ବୋ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ କରୋନା ବିରୋଧୀ ଲଢ଼େଇରେ ଯୋଗଦାନ ରଖାଯାଇଛି। ସ୍କୁଲ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ବର୍ତ୍ତମାନର ଦୁର୍ଦ୍ଦଶା ସମୟରେ ଅସହାୟଙ୍କ ସହାୟତା କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସ୍କୁଲ ପକ୍ଷରୁ ସୂଚନା ରହିଛି।

ସ୍ୱାଭାବିକ ହେବ ଭୁବନେଶ୍ୱରରେ ନିର୍ମାଣ କାର୍ଯ୍ୟ

ଭୁବନେଶ୍ୱର, ୨୦।୪(ବ୍ୟୁରୋ): ସାରା ଦେଶରେ ୨ୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଥିବା ବେଳେ ଭୁବନେଶ୍ୱରରେ ଏବେ ଅତି ଜରୁରୀ ଥିବା ନିର୍ମାଣ କାର୍ଯ୍ୟ ପୁନଃ ଆରମ୍ଭ ହୋଇପାରିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସୂଚନା ଦେଇଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ନିର୍ଦ୍ଦେଶକ୍ରମେ ବିଏମ୍‌ସି ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରୁ ପ୍ରକାଶ ଯେ, ବିଏମ୍‌ସି ଅଞ୍ଚଳରେ ଅଟକି ରହିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ଚାଲୁ ରହିବ। ସ୍ଥାନୀୟ ଶ୍ରମିକଙ୍କୁ ନେଇ ଏହି କାର୍ଯ୍ୟ କରାଯିବ। ବାହାରୁ କୌଣସି ଶ୍ରମିକଙ୍କୁ ସେଠାରେ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ। ନିର୍ମାଣ ସାମଗ୍ରୀ ଦୋକାନଗୁଡ଼ିକ ଖୋଲା ରହିବ। କେବଳ ରାତି ୧୦ଟାରୁ ସକାଳ ୫ଟା ମଧ୍ୟରେ ନିର୍ମାଣ ସାମଗ୍ରୀ ପରିବହନ ହୋଇପାରିବ ବୋଲି ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟ କରୁଥିବା ଏଜେନ୍ସି, ଡେଭଲପର ଏବଂ କଣ୍ଟ୍ରାକ୍ଟର ମାନେ ଉକ୍ତ ନିର୍ମାଣ ସାମଗ୍ରୀ ବିକ୍ରି କରୁଥିବା ଦୋକାନୀଙ୍କ ସହ ଯୋଗାଯୋଗ କରି ଏହାର ସୁପରିଚାଳନା ପାଇଁ ଧ୍ୟାନ ଦେବେ ବୋଲି କୁହାଯାଇଛି।

ରାଷ୍ଟ୍ରୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ମାଣବସା ଗୁରୁବାର

ଛଉ ଓ ରାବଣ ଛାୟା ନୃତ୍ୟ ମଧ୍ୟ ସ୍ଥାନ ପାଇଲା

ଭୁବନେଶ୍ୱର, ୨୦।୪(ବ୍ୟୁରୋ)



ବିଶ୍ୱ ଐତିହ୍ୟ ଦିବସ ଅବସରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଇନଟାଞ୍ଜିବଲ୍ କଲଚରାଲ୍ ହେରିଟେଜ ତାଲିକା ବା ରାଷ୍ଟ୍ରୀୟ ସାଂସ୍କୃତିକ ଐତିହ୍ୟ ତାଲିକା ଘୋଷଣା କରାଯାଇଛି। ଏହି ତାଲିକାରେ ଓଡ଼ିଶାର ୩ଟି ଲୋକପ୍ରିୟ ପର୍ବ ଓ ଲୋକନୃତ୍ୟ ସାମିଲ ହୋଇଛି। ଓଡ଼ିଶାର ଘରେ ଘରେ ପରିଚିତ ମାର୍ଗଶିର ମାସର ମାଣବସା ଗୁରୁବାର ତଥା ଲକ୍ଷ୍ମୀପୂଜା ସହ ବିଶ୍ୱ ପ୍ରସିଦ୍ଧ ଓଡ଼ିଶାର ଛଉ ନୃତ୍ୟ ଏବଂ ରାବଣଛାୟା ନୃତ୍ୟ ଏହି ତାଲିକାରେ ସ୍ଥାନ ପାଇଛି।

ଭାରତରେ ବିବିଧ ସଂସ୍କୃତି ଓ ପରମ୍ପରା କିଭଳି ପରସ୍ପର ସହ ଛନ୍ଦି ହୋଇ ରହିଛି ଓ ଏହାର ଇତିହାସ କିଭଳି ମହାନ ତାହାକୁ ଏହି ଇନ୍‌ଟାଞ୍ଜିବଲ୍ କଲଚରାଲ୍ ହେରିଟେଜ ତାଲିକାରେ ଦର୍ଶାଯାଇଛି। ଏହା ମାଧ୍ୟମରେ ବିଭିନ୍ନ ରାଜ୍ୟର ସାଂସ୍କୃତିକ ଐତିହ୍ୟ ବାବଦରେ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ପ୍ରଚାର କରାଯାଇପାରିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଏହି ତାଲିକାରେ ମାଣବସା ଗୁରୁବାର ପ୍ରଥା, ଛଉ ନୃତ୍ୟ ଏବଂ ରାବଣଛାୟାକୁ କେବଳ ସାମିଲ କରାଯାଇନି, ବରଂ ଏହା ବାବଦରେ ବିସ୍ତୃତ ବର୍ଣ୍ଣନା କରାଯାଇଛି। ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ଛଉ ଏବଂ ରାବଣଛାୟାର ଭିଡିଓ ଲିଙ୍କ୍ ମଧ୍ୟ ଏଠାରେ ରହିଛି। ଏହାକୁ ଦେଖି ଲୋକେ ଏହି ପାରମ୍ପରିକ ଲୋକକଳା ସମ୍ପର୍କରେ ଅଧିକ ଜାଣିପାରିବେ।

ଲକ୍‌ଡାଉନ କଟକଣା ହଟାଇବା ସମାଧାନର ବାଟ ନୁହେଁ: ଡବ୍ଲ୍ୟୁଏଚ୍‌ଓ

ଜେନେଭା, ୨୦।୪

ବର୍ତ୍ତମାନର ପରିସ୍ଥିତିରେ ଲକ୍‌ଡାଉନ କଟକଣାକୁ ହଟାଇଦେଲେ କରୋନା ମହାମାରୀକୁ ଅଟକାଯାଇପାରିବ ନାହିଁ, ବରଂ ଏହା ଆଉ ଏକ ନୂଆ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ମହାନିର୍ଦ୍ଦେଶକ ଟେଡ୍ରସ୍ ଆଧାନମ୍ ଘେବ୍ରେୟସ୍ ପ୍ରକାଶ କରିଛନ୍ତି। ଜେନେଭାରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଜି-୨୦ ରାଷ୍ଟ୍ରଗୁଡ଼ିକର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଟେଡ୍ରସ କହିଛନ୍ତି ଯେ, ସାରା ବିଶ୍ୱରେ ଏବେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାର ସଫଳ ମୁକାବିଲାର ମାଧ୍ୟମ ହେଉଛି ଲକ୍‌ଡାଉନ। ସାମାଜିକ ଦୂରତ୍ୱ ରକ୍ଷା କରିବା ସମସ୍ତଙ୍କ ପାଇଁ ଜରୁରୀ ହୋଇପଡ଼ିଛି। ପରିସ୍ଥିତି ସ୍ୱାଭାବିକ ହେବା ପରେ ପ୍ରତ୍ୟେକ ରାଷ୍ଟ୍ର ଏହାର ଲୋକଙ୍କୁ ଉପଯୁକ୍ତ ଶିକ୍ଷା, ନିଯୁକ୍ତି ଯୋଗାଇଦେବା ସହ କୌଣସି ପ୍ରକାର ବିପଦକୁ ମୁକାବିଲା କରିବାକୁ ସଶକ୍ତ ହେବାର କ୍ଷମତା ରଖିବା ଆବଶ୍ୟକ ବୋଲି କହିଛନ୍ତି। କରୋନା ମୁକାବିଲାରେ ଜି-୨୦ ରାଷ୍ଟ୍ରଗୁଡ଼ିକ ସାମାଜିକ ଦୂରତ୍ୱ ବୃଦ୍ଧି କରିବା ଦିଗରେ ନେଇଥିବା ପଦକ୍ଷେପକୁ ଡବ୍ଲ୍ୟୁଏଚ୍‌ଓ ପ୍ରଶଂସା କରିଛି। ଯେଉଁ ଜି-୨୦ ରାଷ୍ଟ୍ରଗୁଡ଼ିକରେ କରୋନା ଭୂତାଣୁ ରୋକିବାକୁ ସଫଳ ବ୍ୟବସ୍ଥା ଗ୍ରହଣ କରାଯାଇପାରି ନାହିଁ, ତାକୁ ନେଇ ଡବ୍ଲ୍ୟୁଏଚଓ ଚିନ୍ତିତ ବୋଲି ଟେଡ୍ରସ କହିଛନ୍ତି। ଜି-୨୦ ରାଷ୍ଟ୍ରଗୁଡ଼ିକରେ କୋଭିଡ-୧୯କୁ କେବଳ ପ୍ରତିହତ କରିବାରେ ନୁହେଁ ବରଂ ଅନ୍ୟ ସମସ୍ତ ପ୍ରକାର ଜରୁରିକାଳୀନ ସ୍ୱାସ୍ଥ୍ୟ ସହାୟତା ଯୋଗାଇଦେବାକୁ ସବୁପ୍ରକାର ସହଯୋଗ କରାଯିବ ବୋଲି ଟେଡ୍ରସ କହିଛନ୍ତି। ଏହି ଅବସରରେ ସେ ସାଉଦି ଆରବକୁ ଧନ୍ୟବାଦ ଦେବାକୁ ପଛାଇ ନାହାନ୍ତି। କରୋନା ଭାଇରସ ବିରୋଧରେ ବିଶ୍ୱବ୍ୟାପୀ ଚାଲିଥିବା ଯୁଦ୍ଧରେ ସାମିଲ ହୋଇ ସାଉଦି ଆରବ ଗତ ଗୁରୁବାର ୫୦କୋଟି ଡଲାରର ସହାୟତା ରାଶି ଘୋଷଣା କରିଛି। କୋଭିଡ୍-୧୯ ମହାମାରୀ ଆମମାନଙ୍କୁ ସତ୍ୟ (ତ୍ରୁଥ) ସମ୍ପର୍କରେ ମନେ ପକାଇଦେଇଛି। ଆମେ ସମସ୍ତେ ଗୋଟିଏ ମାନବଜାତିର, ଏପରି କି ଗୋଟିଏ ଗ୍ରହର ମଧ୍ୟ। ତେଣୁ ଆମେ ସମସ୍ତେ ସମାନ ଚିନ୍ତା ଏବଂ ସ୍ୱପ୍ନ ବାଣ୍ଟିବାର ଏବେ ସମୟ ଆସିଛି ବୋଲି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରସ୍ କହିଛନ୍ତି।

ସକାଳୁଆ ଅଫିସ ନେଇ ସବୁ ଜିଲାପାଳଙ୍କୁ ଚିଠି

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

- ୬ ସ୍ଥାନରେ ଲାଗୁ ହେବନି ନିୟମ
- ସକାଳ ୭ରୁ୧ଟା ପର୍ଯ୍ୟନ୍ତ ବିନା ବିରତିରେ ଚାଲିବ କାର୍ଯ୍ୟ

ପ୍ରତିବର୍ଷ ଭଳି ଖରା ଯୋଗୁ ସବୁ ଜିଲାର ସରକାରୀ ଅଫିସ ଏବଂ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ କୋର୍ଟଗୁଡିକ ପ୍ରତିଦିନ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଚାଲିବ। ବିନା ମଧ୍ୟାହ୍ନଭୋଜନ ବିରତିରେ ଏହି କାର୍ଯ୍ୟାଳୟ ଏବଂ କୋର୍ଟଗୁଡିକ ଚାଲିବ। ୧୦ଏପ୍ରିଲରୁ ଜୁନ୍‌୧୫ ପର୍ଯ୍ୟନ୍ତ ଏହି ନିୟମ କାର୍ଯ୍ୟକାରୀ ହେବ। କଟକ, ପୁରୀ, ଛତ୍ରପୁର, ବ୍ରହ୍ମପୁର, କୋରାପୁଟ ଏବଂ ଭୁବନେଶ୍ୱର ବ୍ୟତୀତ ଅନ୍ୟସବୁ ସ୍ଥାନରେ ଏହି ନିୟମ ଲାଗୁ କରାଯିବ। କେତେକ ଜିଲାରେ କରୋନା ସଂକ୍ରମଣ ଯୋଗୁ ସକାଳୁ ଅଫିସ ହୋଇପାରିବ କି ନାହିଁ ଆଶଙ୍କା ସୃଷ୍ଟି ହେବାପରେ ସରକାର ସ୍ପଷ୍ଟ କରିଛନ୍ତି ଯେ, ୨୦୦୬ରେ ରାଜ୍ୟ ଗୃହ ବିଭାଗର ନିୟମ ଅନୁଯାୟୀ ସବୁ ସରକାରୀ କାର୍ଯ୍ୟାଳୟ, ରାଜସ୍ୱ ଏବଂ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ କୋର୍ଟ ଜୁନ୍ ୧୫ ପର୍ଯ୍ୟନ୍ତ ସକାଳୁ କାର୍ଯ୍ୟ ଜୁନ୍ ୧୫ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏନେଇ ସୋମବାର ରାଜସ୍ୱ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସବୁ ଜିଲାପାଳଙ୍କୁ ଚିଠି ଜରିଆରେ ସୂଚନା ଦେଇଛନ୍ତି।

୪୦ ଡିଗ୍ରୀ ଉପରେ ୫ ସହର

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରବଳ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଲକ୍‌ଡାଉନ ଯୋଗୁ ଲୋକମାନେ ଘରୁ ପଦାକୁ ବାହାରୁ ନାହାନ୍ତି। ଏଥିଯୋଗୁ ଗ୍ରୀଷ୍ମ କଷ୍ଟରୁ ଆଶ୍ୱସ୍ତି ମିଳିଛି। ତେବେ କୃଷି ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ଥିବା ଲୋକମାନଙ୍କୁ ଖରା ଦାଉ ସାଧିଛି। ସୋମବାର ରାଜ୍ୟର ୫ ସହରରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀରରେ ସର୍ବାଧିକ ୪୧.୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ୪୦.୮, ଟିଟିଲାଗଡ ୪୦.୫, ମାଲକାନଗିରି ୪୦.୨ ଏବଂ ତାଳଚେରରେ ସର୍ବାଧିକ ତାପମାତ୍ରା ୪୦.୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଏଥିସହିତ ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୩୯.୮ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ଭବାନୀପାଟଣା ୩୯.୮, ସୋନପୁର ୩୯.୮, ସମ୍ବଲପୁର ୩୯.୪, ଅନୁଗୋଳ ୩୯.୧, ନୟାଗଡ ୩୯ ଏବଂ ସୁନ୍ଦରଗଡରେ ସର୍ବୋଚ୍ଚ ତାପମାତ୍ରା ୩୮.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡତୋଫାନ ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ନିଂ ଜାରି କରାଯାଇଛି। ଆସନ୍ତା ୨୯ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡବର୍ଷା ହେବା ସମ୍ଭାବନା ରହିଛି। ତେବେ ଏହି ସମୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୧ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବ। ଉପକୂଳ ଓଡିଶାରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି।

ସ୍ୱଳ୍ପ ମୂଲ୍ୟର ଭେଣ୍ଟିଲେଟର ତିଆରି କଲା ସିଟିଟିସି

ଭୁବନେଶ୍ୱର(ବ୍ୟୁରୋ), ୨୦।୪

ଖୁବ୍‌ଶୀଘ୍ର ଉପଲବ୍ଧ ହେବ

କୋଭିଡ୍-୧୯ର ମୁକାବିଲା ଲାଗି ସହଯୋଗର ହାତ ବଢ଼ାଇଛି ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ୍ ଟ୍ରେନିଂ ସେଣ୍ଟର (ସିଟିଟିସି)। କରୋନା ସଂକ୍ରମିତଙ୍କ ଚିକିତ୍ସାରେ ଭେଣ୍ଟିଲେଟରର ଆବଶ୍ୟକତା ସର୍ବାଧିକ ରହିଥିବାବେଳେ ଦେଶ ଓ ରାଜ୍ୟରେ ଏହାର ଅଭାବ ଦେଖାଦେଇଛି। ଏହି ସମସ୍ୟା ଦୂର ପାଇଁ ସିଟିଟିସି ଭୁବନେଶ୍ୱର ପକ୍ଷରୁ ଏକ ଭିନ୍ନ ଧରଣର ଆମ୍ବୁବ୍ୟାଗ୍ ଭେଣ୍ଟିଲେଟର ବିକଶିତ କରାଯାଇଛି। ଏହି ଭେଣ୍ଟିଲେଟର ୧/୧ – ୧/୪ ଆଇ/ଇ ରେସିଓ ଏବଂ ୨୦୦ରୁ ୮୦୦ ମିଲିଲିଟର ଟାଇଡାଲ ଭଲ୍ୟୁମରେ ୮ରୁ ୪୦ ରେସ୍ପିରେଟୋରି ରେଟ୍ କ୍ଷମତାସମ୍ପନ୍ନ ବୋଲି କୁହାଯାଇଛି। ଏମ୍‌ଆଇଟି ଇ- ଭେଣ୍ଟ୍ ଓପନସୋର୍ସଠାରୁ ପ୍ରେରିତ ହୋଇ ଏହି ଭେଣ୍ଟିଲେଟର ନିର୍ମାଣ କରାଯାଇଥିଲେ ମଧ୍ୟ ଏହାକୁ ସ୍ୱଳ୍ପ ମୂଲ୍ୟଯୁକ୍ତ କରିବାକୁ ଏଥିରେ ପାରମ୍ପରିକ ଉପକରଣ ଖଞ୍ଜାଯାଇଛି। ସିଟିଟିସିର ଏକ ସ୍ୱତନ୍ତ୍ର ଟିମ୍ ସହ ଉଡିଏଟ୍ ଟେକ୍ନୋଲୋଜି ଷ୍ଟାର୍ଟଅପ୍ ମିଳିତଭାବେ ଏହି ଭେଣ୍ଟିଲେଟର ପ୍ରସ୍ତୁତ କରିଛନ୍ତି। ଏହି ଭେଣ୍ଟିଲେଟର ଖୁବ୍‌ଶୀଘ୍ର ଉପଲବ୍ଧ ହେବା ସହ ବଜାର ଦାମ୍ ମାତ୍ର ୩୦ ହଜାର ଟଙ୍କା ରହିବ, ଯାହାକି ଅନ୍ୟ ଭେଣ୍ଟିଲେଟର ଦାମ୍ ତୁଳନାରେ ଅପେକ୍ଷାକୃତ କମ୍। ଏହାସହ ନିର୍ମାତା ଏହାର ମେଣ୍ଟେନାନ୍ସ ଗ୍ୟାରେଣ୍ଟି ମଧ୍ୟ ପ୍ରଦାନ କରିବେ। ଆଗାମୀ ଦିନରେ ଏହି ଭେଣ୍ଟିଲେଟରକୁ କିଭଳି ଅଧିକ ଉନ୍ନତ କରିହେବ ତାହା ଉପରେ ଟିମ୍ ଏବେ ଗୁରୁତ୍ୱ ଦେଉଥିବାବେଳେ ଏଥିରେ ମଲ୍ଟିଫୁଲ୍ ବ୍ୟାଗ୍ ବ୍ୟବସ୍ଥା ରଖିବା ଉପରେ ଗବେଷଣା ଜାରି ରହିଛି। ଫଳରେ ଏକାସଙ୍ଗେ ଅଧିକ ରୋଗୀଙ୍କୁ ଏହି ଭେଣ୍ଟିଲେଟର ସେବା ଯୋଗାଇ ପାରିବ ବୋଲି ସିଟିଟିସି ପକ୍ଷରୁ କୁହାଯାଇଛି।

ଓଡ଼ିଶାକୁ ଜାତୀୟ, ଅନ୍ତର୍ଜାତୀୟସ୍ତରରେ ପ୍ରଶଂସା

କୋଭିଡ୍ -୧୯ ମୁକାବିଲା

ଭୁବନେଶ୍ୱର,୨୦।୪(ବ୍ୟୁରୋ)

କରୋନା(କୋଭିଡ୍-୧୯)ସଂକ୍ରମଣ ମୁକାବିଲା ନେଇ ରାଜ୍ୟ ସରକାର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି। ଏହି ମହାମାରୀକୁ ପ୍ରତିହତ କରିବା ନିମନ୍ତେ ଆଗୁଆ ପଦକ୍ଷେପ ଓ ପ୍ରସ୍ତୁତି, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ସାମାଜିକ ଦୂରତ୍ୱ କଡାକଡି ଭାବେ ପାଳନ, ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ନିର୍ମାଣ , ଜନସାଧାରଣଙ୍କ ଜୀବନଜୀବିକା ଏବଂ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମଗୁଡିକୁ ପାଇଁ ୱାଲ୍ଡ ଇକୋନୋମିକ୍ ଫୋରମ୍ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛି। ସୋମବାର ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ କୁମାର ସିଂ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ରାଜ୍ୟ ସରକାରଙ୍କ କୋଭିଡ୍-୧୯ ସଂକ୍ରମଣ ମୁକାବିଲା ଓ ଏହାର ସଫଳତାକୁ ନେଇ କେନ୍ଦ୍ର ସରକାର ମଧ୍ୟ ଓଡିଶାକୁ ପ୍ରଶଂସା କରିଛନ୍ତି। ଗତ ୩୦ ଦିନ ମଧ୍ୟରେ କରୋନା ସଂକ୍ରମଣର ଦ୍ୱିଗୁଣିତ ହାର ଜାତୀୟ ହାରଠାରୁ ଓଡ଼ିଶାର କମ୍ ରହିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିଯୋଗୁ ରାଜ୍ୟରେ କରୋନା ସଂକ୍ରମଣ ହାର ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିଛି।

ବିନା ମାସ୍କରେ ଧରାପଡ଼ିଲେ ୨୬୯

ଭୁବନେଶ୍ୱର,୨୦।୪ (ବ୍ୟୁରୋ)

ସୋମବାରଠାରୁ କେନ୍ଦ୍ର ଓ ରାଜ୍ୟ ସରକାର କର୍ମଚାରୀଙ୍କ ପାଇଁ ଲକ୍‌ଡାଉନ୍ ନିୟମରେ କୋହଳ କରାଯାଇଛି। ସେମାନେ ଆଇକାର୍ଡ ଦେଖାଇ ଅଫିସ୍ ଯାଉଛନ୍ତି। ପୂର୍ବଦିନ ଭଳି ପୋଲିସ ଏତେଟା କଡ଼ାକଡ଼ି ଚେକିଂ କରିନଥିଲା। ଏହାର ସୁଯୋଗ ନେଇ କେତେକ ଅମାନିଆ ସହର ଭିତରେ ବୁଲୁଥିଲେ। ଅନେକ ସ୍ଥାନରେ ପୋଲିସ ଚେକିଂ ସମୟରେ ଏହି ଅମାନିଆମାନେ ପୋଲିସ ହାତରେ ଧରାପଡ଼ି ଫାଇନ୍ ଦେଇଛନ୍ତି। ଟ୍ୱିନ୍‌ସିଟିରେ ସୋମବାର ୮୯୯ ଜଣ ଅମାନିଆଙ୍କ ବାଇକ ଜବତ କରାଯାଇ ୫ଶହ ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯାଇଛି। ମାସ୍କ ନ ପିନ୍ଧି ବାଇକରେ ଯାଉଥିବା ୨୬୯ ଜଣ ପୋଲିସ ହାତରେ ଧରାପଡି ଫାଇନ୍ ଦେଇଛନ୍ତି।

୬ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ଅନୁମୋଦନ

ଭୁବନେଶ୍ୱର,୨୦।୪(ବ୍ୟୁରୋ)

- ସୃଷ୍ଟି ହେବ ୬ ହଜାର ନିଯୁକ୍ତି
- ଶିଳ୍ପ, ଏମ୍‌ଏସ୍‌ଏମଇ ପୁଞ୍ଜିନିବେଶ ଦେଖିବ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି
- ଗଠନ ହେଲା ୪ ଜଣିଆ ମନ୍ତ୍ରୀସ୍ତରୀୟ କମିଟି
- ରୁଙ୍ଗଟା ମାଇନ୍ସ, ଧୁନ୍‌ସେରୀ ଭେଞ୍ଚର୍ସ ୮୮୫୦.୧୯ କୋଟିର ପୁଞ୍ଜିନିବେଶ

କରୋନା ମୁକାବିଲା କରୁଥିବା ରାଜ୍ୟ ସରକାର ସୋମବାର ୯୧୦୦.୨୯ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏଥିଯୋଗୁ ରାଜ୍ୟରେ ୬ ହଜାର ୫୨୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୨ ତମ ଉଚ୍ଚ କ୍ଷମତା ସମ୍ପନ୍ନ କର୍ତ୍ତୃପକ୍ଷ (ଏଚ୍‌ଏଲସିଏ) ୮୮୫୦.୧୯ କୋଟ

ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର । ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର । ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭବ । –ଶ୍ରୀମା

ଭୟ ଏକ

ଚାଇନାରୁ ସିଭିୟର ଆକ୍ୟୁଟ୍ ରେସ୍‌ପିରେଟୋରି ସିଣ୍ଡ୍ରୋମ (ସାର୍ସ) ଅତୀତରେ ସୃଷ୍ଟି ହୋଇଥିବା ବେଳେ ନୋଭେଲ କରୋନା ଭାଇରସ୍ ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜିରୁ ଉତ୍ପନ୍ନ ହୋଇଛି ବୋଲି ଏବେ ପୃଥିବୀବ୍ୟାପୀ ସନ୍ଦେହ କରାଯାଉଛି । ଚାଇନାର ସେହି ଗବେଷଣାଗାରରେ ଏ ସଂକ୍ରାନ୍ତ ପରୀକ୍ଷାନିରୀକ୍ଷା ବେଳେ ଭୂତାଣୁ ବାହାରକୁ ଆସିଛି ବୋଲି ଅନ୍ତର୍ଜାତୀୟ ସ୍ତରର ବୈଜ୍ଞାନିକମାନେ କହିଲେଣି । ଅବଶ୍ୟ ଚାଇନା ଜାଣିଶୁଣି ଏହି ଭୂତାଣୁ ବିଶ୍ୱକୁ ବାଣ୍ଟିଛି ବୋଲି ହେଉଥିବା ଅଭିଯୋଗକୁ ବେଜିଂ ଖଣ୍ଡନ କରିଛି । ସେତିକି ନୁହେଁ, ପାଲଟା ଦୋଷାରୋପ କରି ଚାଇନା ଏବେ କହୁଛି ଯେ ଆମେରିକା ଏହିଭଳି ଭୂତାଣୁ ଉହାନରେ ଆଣି ଛାଡ଼ିଦେଇଛି । ତେବେ ଆଜିର ସମୟରେ ଚାଇନାର କାର୍ଯ୍ୟକଳାପ ସନ୍ଦେହାତ୍ମକ ମନେ ହେଉଥିବାରୁ ଏବେ ବିଶ୍ୱବ୍ୟାପୀ ତା' ବିରୋଧରେ ପ୍ରତିକ୍ରିୟା ପ୍ରକାଶ ପାଇଲାଣି । ଜର୍ମାନୀର ଏକ ବହୁଳ ପ୍ରସାରିତ 'ବିଲ୍‌ଡ' ନାମକ ଟାବଲଏଡ୍ ତରଫରୁ ୧୬୫ ବିଲିୟନ ଡଲାରର ଏକ ଇନ୍‌ଭଏସ୍ ଚାଇନାକୁ ପଠାଯାଇଛି । ସେହି ଖବରକାଗଜ ଜର୍ମାନୀରେ ଘଟିଥିବା କରୋନା ଭାଇରସ୍ ସଂକ୍ରମଣଜନିତ କ୍ଷୟକ୍ଷତିକୁ ଆକଳନ କରି ତାହାର ଆର୍ଥିକ ଭରଣା ପାଇଁ ଏହିଭଳି ଦାବି ଚାଇନା ସରକାର ପାଖରେ କରିଛି ।

ଭାରତ ୧୮ ଏପ୍ରିଲରେ ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜିନିବେଶ(ଏଫ୍‌ଡିଆଇ) ନିୟମରେ ପରିବର୍ତ୍ତନ କରିଛି । ଏଥିରେ ବ୍ୟବସ୍ଥା କରାଯାଇଛି ଯେ, ଯେଉଁ ଦେଶଗୁଡ଼ିକର ସୀମା ଭାରତକୁ ଲାଗିଛି, ସେହି ରାଷ୍ଟ୍ରର ନିବେଶକ ଏଠାକାର ସରକାରଙ୍କ ବିନା ଅନୁମତିରେ ପୁଞ୍ଜି ଖଟାଇପାରିବେ ନାହିଁ । ଏହି ନୂଆ ନିୟମ ଦ୍ୱାରା ଚାଇନାର ନିବେଶକମାନେ ଅଧିକ ପ୍ରଭାବିତ ହେବେ । ଅନ୍ୟପକ୍ଷରେ ଭାରତର ଅର୍ଥନୀତି ବିଶାରଦମାନେ କହୁଛନ୍ତି ଯେ, ଚାଇନା କମ୍ପାନୀଗୁଡ଼ିକର ସବୁ ପ୍ରକାର ନିବେଶ ଭାରତର ନିରାପତ୍ତା ପ୍ରତି ବିପଦ ନୁହେଁ । ଏଠାକାର ଅଟୋମୋବାଇଲ ଶିଳ୍ପରେ ଚାଇନା କମ୍ପାନୀର ପୁଞ୍ଜିବିନିଯୋଗ ଭାରତର ନିରାପତ୍ତା ପ୍ରତି ସେତେ ବିପଦ ନ ଥିଲା ବେଳେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଯଥା ୫ଜି ବା ସଫ୍ଟୱେରରେ ଅଧିକ ରହିଛି । ତଥାପି ଭାରତ ଏଭଳି ସମୟରେ ଏକ ଦୃଢ଼ ନିଷ୍ପତ୍ତି ନେବା ଦେଶ ପାଇଁ ମଙ୍ଗଳଦାୟକ ବୋଲି କୁହାଯିବା ଦରକାର । ନିକଟରେ ଏଚ୍‌ଡିଏଫ୍‌ସି ପକ୍ଷରୁ କରାଯାଇଥିବା ଘୋଷଣା ଏଠାରେ ପ୍ରଣିଧାନଯୋଗ୍ୟ । ଏଚ୍‌ଡିଏଫ୍‌ସିରେ ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା (ପିବିଓସି)ର ଶେୟାର ବା ଅଂଶଧନ ୦.୮ ପ୍ରତିଶତରୁ ବୃଦ୍ଧି ପାଇ ୧.୦୧ ପ୍ରତିଶତରେ ପହଞ୍ଚିପାରିଛି । କେବଳ ୨୦୨୦ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ପିବିଓସି ୧୭,୪୯୨,୯୦୯ କୋଟି ଏଚ୍‌ଡିଏଫ୍‌ସି ଶେୟାର କିଣିଛି, ଯାହାର ମୂଲ୍ୟ ୨,୯୭୬ କୋଟି ଟଙ୍କା । ଏଥିରୁ ବୁଝିବାକୁ ହେବ, ଯଦି ଚାଇନା ଏହିଭଳି ଭାବେ ଭାରତରେ ପୁଞ୍ଜି ବିନିଯୋଗ କରେ ତାହାହେଲେ ଆମ ଦେଶର ଅର୍ଥନୀତି ଉପରେ ଘୋର ପ୍ରଭାବ ପକାଇବ । ଅର୍ଥନୀତି ଭାଷାରେ ଏହାକୁ କୁହାଯାଉଛି ଅପର୍ଚ୍ୟୁନିଷ୍ଟିକ୍ ଟେକ୍‌ଓଭର ବା ସୁବିଧାବାଦୀ ଅଧିଗ୍ରହଣ । ତେଣୁ ଭାରତ ସରକାର ଏଫ୍‌ଡିଆଇ ସଂକ୍ରାନ୍ତରେ ନେଇଥିବା ପଦକ୍ଷେପରୁ ହଟିବା ଉଚିତ ନୁହେଁ । ଉଲ୍ଲେଖଯୋଗ୍ୟ ଯେ କେବଳ ଭାରତ ନୁହେଁ, ଅନେକ ବିକଶିତ ରାଷ୍ଟ୍ର ମଧ୍ୟ ଏହି ସମୟରେ ସମାନ ପ୍ରକାର ଆଇନ ଜାରି କରିଛନ୍ତି । କାରଣ ସମସ୍ତଙ୍କ ଭୟ ଏକ ।

ଆଜିର ଏଭଳି ଅସ୍ୱାଭାବିକ ପରିସ୍ଥିତିରେ ଚାଇନାକୁ ବାଟ ଖୋଲିଦେଲେ ଭାରତର ଅନେକ କମ୍ପାନୀକୁ ଚାଇନା କିଣିନେବାରେ ସକ୍ଷମ ହୋଇଯିବ । ଯେକୌଣସି ଭାରତୀୟ ବୁଝିପାରିବେ ଯେ, କେତୋଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପରେ ପରିଚାଳନା ସକାଶେ ଆବଶ୍ୟକ ଶେୟାର ବା ଭାଗ କିଣିନେବା ପରେ ସେଗୁଡ଼ିକୁ ବନ୍ଦ କରିବା ବା ଅନ୍ୟ ସାମଗ୍ରୀ ତିଆରି କରିବାକୁ ଲଗାଇବାରେ ଚାଇନା ସକ୍ଷମ ହେବ । ଏବେ ଭାରତର ନୂଆ ଏଫ୍‌ଡିଆଇ ନିଷ୍ପତ୍ତି ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ର ମୁକ୍ତ ବାଣିଜ୍ୟ ନୀତି ବିରୋଧୀ ବୋଲି ଚାଇନା ଅଭିଯୋଗ କଲାଣି । ଏଭଳି ସ୍ଥଳେ ଭାରତ ସରକାର ମୁଣ୍ଡ ନ ନୁଆଁଇ ନେଇଥିବା ନିଷ୍ପତ୍ତିରେ ଅଟଳ ରହିବା ଦରକାର । ଭାରତର ଆର୍ଥିକ ଓ ନିରାପତ୍ତାଜନିତ ଭବିଷ୍ୟତ ପାଇଁ ଏଭଳି ଚିନ୍ତାଧାରା ନିଶ୍ଚିତ ଭାବେ ସହାୟକ ହେବ । ତେଣୁ କେନ୍ଦ୍ର ସରକାରଙ୍କ ଏହି ବାସ୍ତବବାଦୀ ପଦକ୍ଷେପକୁ ସମର୍ଥନ କରି ତାହା ଯେପରି ଫେରାଇ ନିଆ ନ ଯିବ ସେଥିପ୍ରତି ଜନମତ ସୃଷ୍ଟି ହେବା ଉଚିତ ।

ମହାମାରୀର ମହାଗାଥା ଓ ମହାମନ୍ତ୍ର

ଅରୁଣ କୁମାର ପଣ୍ଡା

କରୋନା ଭାଇରସର ମୁକାବିଲା ପାଇଁ ସମଗ୍ର ଦେଶରେ ସମ୍ପୂର୍ଣ୍ଣ ତାଲା ବନ୍ଦ (ଲକ୍‌ଡାଉନ୍) ଘୋଷଣା କରାଯାଇଛି । କୋଭିଡ୍–୧୯କୁ ବ୍ୟାପିବାରୁ ରୋକିବା ପାଇଁ ସରକାର ଏଭଳି କଡ଼ା ପଦକ୍ଷେପ ନେଉଛନ୍ତି ଏବଂ ଏହା କରୋନା ସଂକ୍ରମଣକୁ ରୋକିବା ପାଇଁ ଏକାନ୍ତ ଆବଶ୍ୟକ । ଏପର୍ଯ୍ୟନ୍ତ କରୋନାର କୌଣସି ଭାକ୍‌ସିନ୍ କିମ୍ବା ଔଷଧ ଆବିଷ୍କାର ହୋଇ ନ ଥିବାରୁ ଏକାନ୍ତ ବାସ ବା ସଙ୍ଗରୋଧ ତଥା ସାମାଜିକ ଦୂରତା ଏହାର ଏକମାତ୍ର ପ୍ରତିଷେଧକ ବୋଲି କୁହାଯାଉଛି । ଗଣମାଧ୍ୟମଗୁଡ଼ିକରେ ଲୋକେ ଘରୁ ନ ବାହାରିବା ପାଇଁ ବ୍ୟାପକ ଭାବରେ ବାରମ୍ବାର ପ୍ରଚାର କରୁଛନ୍ତି । ସ୍ୱେଚ୍ଛାକୃତ ଭାବେ ସରକାରଙ୍କ ଅନୁରୋଧକୁ ନ ମାନୁଥିବା ଲୋକଙ୍କ ପାଇଁ ଏବେ ଏସବୁ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ପୋଲିସ ଓ ପ୍ରଶାସନର ସହାୟତା ନିଆଯାଉଛି । ନିଜାମୁଦ୍ଦିନ ମରକଜ ସମାବେଶକୁ ଦେଶର ବିଭିନ୍ନ ପ୍ରଦେଶରୁ ଏବଂ ବିଦେଶରୁ ଆସିଥିବା ମୌଲବୀ ତଥା ପ୍ରତିନିଧିମାନେ ସମଗ୍ର ଦେଶରେ ବିଛାଇ ହୋଇଯାଇଥିବା କାରଣରୁ ସଂକ୍ରମଣ ବଢ଼ିବା କଥା ତଥ୍ୟଗତ ଭାବେ ପ୍ରମାଣିତ ହେଲାଣି । ଆକ୍ରାନ୍ତ ଅଞ୍ଚଳରୁ ଏବଂ ବିଦେଶରୁ ଆସିଥିବା ବ୍ୟକ୍ତି ଓ ଶ୍ରମିକମାନଙ୍କୁ ପଞ୍ଜୀକୃତ କରାଯାଇ ସେମାନଙ୍କୁ ବାଧ୍ୟତାମୂଳକ ଭାବେ କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡ଼ିକୁ ପଠାଯାଉଛି । ଯେଉଁ କରୋନା ମହାମାରୀର ମୁକାବିଲା କ୍ଷେତ୍ରରେ ଶକ୍ତିଶାଳୀ ଆମେରିକା ଏବଂ ୟୁରୋପର ଅନେକ ରାଷ୍ଟ୍ର ବିଫଳ ହୋଇଥିବା ବେଳେ ଆନୁପାତିକତା ଦୃଷ୍ଟିରୁ ଏହାର ସଂକ୍ରମଣ ଭାରତରେ ଅପେକ୍ଷାକୃତ କମ୍, କାରଣ ହେଲା ଆମ ସରକାରମାନଙ୍କ କଠୋର ପଦକ୍ଷେପ । ଏଥିପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ କରୋନା ଯୋଧାମାନେ ଧନ୍ୟବାଦର ପାତ୍ର ।

ବିଶ୍ୱ ଇତିହାସରେ କରୋନାଠାରୁ ଅଧିକ ଭୟଙ୍କର ମହାମାରୀ ସମ୍ପର୍କରେ ଉଲ୍ଲେଖ ରହିଛି । ଚତୁର୍ଦ୍ଦଶ ଶତାବ୍ଦୀରେ ପ୍ଲେଗ୍ ମହାମାରୀରେ ୟୁରୋପର ସତୁରି ପ୍ରତିଶତ ଲୋକ ପ୍ରାଣ ହରାଇଥିଲେ । ସେହିଭଳି ୧୮୧୫ ମସିହାରେ ଭାରତର ବଙ୍ଗ ଓ ବମ୍ବେ ପ୍ରଦେଶର ହଜାର ହଜାର ନାଗରିକ ପ୍ଲେଗ୍‌ରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ । ଏହାର ଅନେକ ବର୍ଷ ପରେ ଅର୍ଥାତ୍ ୧୯୯୪ ସେପ୍ଟେମ୍ବରରେ ଗୁଜରାଟର ସୁରଟ୍ ନଗରୀରେ ପ୍ଲେଗ୍ ମହାମାରୀରେ ହଜାର ହଜାର ଲୋକ ପୋକମାଛି ପରି ମଲେ । ସେଠାରେ ସୂତାକଳରେ ଶ୍ରମିକ ଭାବରେ କାମ କରୁଥିବା ଓଡ଼ିଆ, ବଙ୍ଗାଳୀ, ବିହାରୀ ଶ୍ରମଜୀବୀମାନେ ଭୟରେ ନିଜ ନିଜ ରାଜ୍ୟକୁ ପଳାୟନ କରିବା ପରେ ସେଠାରେ ମଧ୍ୟ ପ୍ଲେଗ୍ ବ୍ୟାପିଲା । ସେତେବେଳେ ଭାରତରୁ ୟୁରୋପକୁ ଯାଉଥିବା ଯାତ୍ରୀବାହୀ ବିମାନଗୁଡ଼ିକୁ ପ୍ଲେଗ୍ ପ୍ଲେନ୍ କୁହାଯାଉଥିଲା ।

୧୮୭୬ ଏବଂ ୧୮୯୮ରେ ପ୍ଲେଗ୍ ପୁଣି ଦେଶରେ ତା'ର କାୟା ବିସ୍ତାର କଲା । ଏହା ୨୦ ବର୍ଷ ପର୍ଯ୍ୟନ୍ତ ଲୋକଙ୍କ ଜୀବନ ନାଶ କରୁଥିଲା । ପ୍ରଥମେ ଗୁଜରାଟ ଏବଂ ପରେ ବଙ୍ଗ ଓ ମହାରାଷ୍ଟ୍ର ଏହି ସଂକ୍ରମଣର ଶିକାର ହେଲା । ଅବଶ୍ୟ ଶୀଘ୍ର ପ୍ଲେଗ୍ ନିୟନ୍ତ୍ରଣ ପାଇଁ ଟିକା ଓ ଆଣ୍ଟିବାୟୋଟିକ୍‌ର ଆବିଷ୍କାର ହେଲା । ୧୯୪୦ରେ ଯେତେବେଳେ ଦେଶରେ ସ୍ୱାଧୀନତା ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା, କଲେରାର ପ୍ରାଦୁର୍ଭାବ ମଧ୍ୟ ବଢ଼ିବାକୁ ଲାଗିଲା । ସେତେବେଳେ ଦୁଇ ଦୁଇଟି ସଂଗ୍ରାମ ଚାଲିଲା, ଗୋଟିଏ ଇଂରେଜ ଶାସନ ବିରୋଧରେ ଏବଂ ଅନ୍ୟଟି ହଇଜା ବିରୋଧରେ । ଅସ୍ୱଚ୍ଛ ବା ଅପରିଷ୍କାର ଜଳ ପିଇବା କାରଣରୁ ଏହି ରୋଗ ବ୍ୟାପିଥିଲା । ତେଣୁ ହଇଜା ପୀଡ଼ିତ ଅଞ୍ଚଳରେ ପୁଷ୍କରିଣୀ ପାଣିରେ କ୍ଲୋରିନ୍ ପକାଇ ଏହାର ସଂକ୍ରମଣକୁ ରୋକିବା ପାଇଁ ଉଦ୍ୟମ କରାଗଲା । ହଇଜା ଆକ୍ରାନ୍ତ ପ୍ରାୟତଃ କ୍ରମାଗତ ଝାଡ଼ା ବାନ୍ତିର ଶିକାର ହୁଅନ୍ତି । ବାରମ୍ବାର ଝାଡ଼ାବାନ୍ତି କାରଣରୁ ଶରୀରରେ ଥିବା ପାଣି ବାହାରି ଆସେ । ଏହାର ସିଧା ପ୍ରଭାବ ବ୍ଲଡ୍‌ପ୍ରେସର ଉପରେ ପଡ଼େ । ବ୍ଲଡ୍ ପ୍ରେସର ଲୋ' ହୋଇଯାଏ ଏବଂ ସମୟାନୁସାରେ ଚିକିତ୍ସା ନ ହେଲେ ରୋଗୀର ମୃତ୍ୟୁ ହୁଏ । କୁହାଯାଏ ୧୯୭୫ରେ ବଙ୍ଗୋପସାଗରର ତଟବର୍ତ୍ତୀ ଅଞ୍ଚଳରେ ପୁଣି ଥରେ ହଇଜା ତା'ର ପ୍ରକୋପ ଦେଖାଇବା ଆରମ୍ଭ କରିଥିଲା । ୧୯୯୦ରେ ହଇଜା ପ୍ରତିଷେଧକ ଟିକା ଆବିଷ୍କାର ହେବା ପରେ ସମଗ୍ର ବିଶ୍ୱରେ ଏବେ ହଇଜାର ପ୍ରଭାବ ନାହିଁ କହିଲେ ଚଳେ । ଗତ ଚାରି ଦଶକ ଧରି କ୍ଷୁଦ୍ର ଏବଂ ବିକାଶଶୀଳ ଦେଶମାନଙ୍କରେ ଏହାର ବ୍ୟାପକତା ଦେଖିବାକୁ ମିଳୁଥିଲା ।

ହଇଜା ବ୍ୟତୀତ ବସନ୍ତ ଓ ମିଳିମିଳା ପରି ସଂକ୍ରାମକ ରୋଗ ଉପରେ ମଧ୍ୟ ଏବେ ନିୟନ୍ତ୍ରଣ ହାସଲ କରାଯାଇପାରିଛି । ଅଷ୍ଟାଦଶ ଶତାବ୍ଦୀରେ ୟୁରୋପରେ ବସନ୍ତ ମହାମାରୀରେ ପାଖାପାଖି ପ୍ରତିବର୍ଷ ୪ ଲକ୍ଷ ଲୋକ ପ୍ରାଣ ହରାଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟରୁ ଜଣାପଡ଼େ । ସ୍କାଲ୍ ପକ୍ସ ଓ ଚିକନ୍ ପକ୍ସ ନାମରେ ପରିଚିତ ଏହି ରୋଗ ୧୯୬୦ ଦଶକରେ ଭାରତରେ ମହାମାରୀର ରୂପ ନେଇଥିଲା । ଏଥିରେ ଅନେକଙ୍କର ପ୍ରାଣହାନି ହୋଇଥିଲା ।

ଶତାଧିକ ବର୍ଷ ପୂର୍ବରୁ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ପୃଥିବୀର ପ୍ରାୟ ଦୁଇ କୋଟି ଲୋକ ମୃତ୍ୟୁବରଣ କରିଥିଲେ । ଏହି ଯୁଦ୍ଧ ଆତଙ୍କକୁ ଦୁନିଆ ଭୁଲି ନ ଥିବା ବେଳେ ଆଉ ଏକ ଭୟାନକ ସଙ୍କଟ ଫ୍ଲୁ ପ୍ରକୋପରେ ବିଶ୍ୱ ଥରିଲା । ସ୍ପେନିଶ୍ ଫ୍ଲୁ ନାମରେ ପରିଚିତ ଏହି ମହାମାରୀ ସୈନ୍ୟ ପ୍ରଶିକ୍ଷଣ ଶିବିରରୁ ତା'ର ଯାତ୍ରା ଆରମ୍ଭ କରିଥିଲା । ଅପରିଷ୍କାର ପରିବେଶ ହିଁ ଥିଲା ଏହାର ଅନିୟନ୍ତ୍ରିତ ବୃଦ୍ଧିର କାରଣ । ୧ ନଭେମ୍ବର ୧୯୧୮ରେ ଯୁଦ୍ଧ ସମାପ୍ତ ହେଲା । ସେଠାରୁ ନିଜ ନିଜ ଦେଶକୁ ଫେରୁଥିବା ସୈନିକମାନଙ୍କ ଦ୍ୱାରା ଏହି ରୋଗ ବ୍ୟାପିଲା । କୁହାଯାଏ ଫ୍ଲୁ ମହାମାରୀ ବିଶ୍ୱର ୫ କୋଟି ଲୋକଙ୍କ ଜୀବନ ନେଲା । କେବଳ ସାମାଜିକ ଦୂରତା ଏବଂ ସଚେତନତା ଦ୍ୱାରା ହିଁ ଏହି ମହାମାରୀକୁ ନିୟନ୍ତ୍ରିତ କରାଯାଇ ପାରିଥିଲା । ବିଶ୍ୱଯୁଦ୍ଧ ବିଜୟ ଉଲ୍ଲସିତ ଫିଲାଡେଲଫିଆ ଓ ପେନ୍‌ସିଲ୍‌ଭାନିୟାରେ ଏହି ରୋଗରେ ଦଶ ହଜାର ଲୋକ ମରିଥିବା ବେଳେ ସେଣ୍ଟଲୁଇ ଓ ଆମେରିକାରେ ମାତ୍ର ୭ ଶହ ବ୍ୟକ୍ତି ପ୍ରାଣ ହରାଇଥିଲେ । ଏହାର ମୂଳ କାରଣ ସେଣ୍ଟଲୁଇ ଓ ଆମେରିକା ଲିବର୍ଟି ଗ୍ରାଣ୍ଡ୍ ପରେଡ୍ ସମାରୋହକୁ ବାତିଲ କରିଥିଲା ବେଳେ ଅନ୍ୟ ଦୁଇଟି ଦେଶ ଲକ୍ଷାଧିକ ଲୋକଙ୍କ ସମାବେଶରେ ଏହାକୁ ମହାସମାରୋହରେ ପାଳନ କରିଥିଲା ।

ଏବେ ଭାରତ ଏବଂ ଓଡ଼ିଶା ପରି ଅନ୍ୟ ପ୍ରଦେଶମାନେ ସାମାଜିକ ଦୂରତା କଠୋର ଭାବେ ପାଳନ କରୁଥିବା ବେଳେ ତବଲିଗୀ ଜମାତର ଏକଚ୍ଛତ୍ରବାଦୀ ମୁଖ୍ୟ ମୌଲାନା ମହମ୍ମଦ ସାଦ୍ କାନ୍ଧଲାନୀ ଏବଂ ତାଙ୍କର ସୁନ୍ନି ସମ୍ପ୍ରଦାୟ ଅନୁଗାମୀମାନେ କେଉଁ କାରଣରୁ ଜାଣିଶୁଣି କରୋନା–ବାହକ ସାଜିଛନ୍ତି ତାହା ଜଣାପଡୁ ନାହିଁ । ଜଣାପଡ଼ିଲେ ବି ସାମ୍ପ୍ରଦାୟିକ ସଦ୍‌ଭାବ ନାଁରେ ମୁହଁ ବନ୍ଦ କରିବାକୁ ପଡୁଛି । ପରନ୍ତୁ ଜ୍ଞାତସାରରେ କରୋନା ମହାମାରୀ ପ୍ରସାରଣରେ ଯେଉଁମାନେ ଭାଗୀ ହେବେ ସେମାନଙ୍କୁ ଏକ ପ୍ରକାର ଦେଶଦ୍ରୋହୀ କହିବାରେ ସଂକୋଚ କରିବା ଉଚିତ ନୁହେଁ । କରୋନା ଯୋଦ୍ଧା ଡାକ୍ତର, ନର୍ସ, ପୋଲିସଙ୍କ ଉପରେ ବାରମ୍ବାର ଆକ୍ରମଣ, ଅଶୋଭନୀୟ ଏବଂ ଅଶ୍ଳୀଳ ଆଚରଣ, ଜାଣିଶୁଣି ଥୁକିବା ଭଳି ଘଟଣା ପ୍ରତିଦିନ ସାମ୍ନାକୁ ଆସୁଛି । ଏସବୁ ଆତ୍ମଘାତୀ ବୋମା ବିସ୍ଫୋରଣଠାରୁ କୌଣସି ଗୁଣରେ କମ୍ ନୁହେଁ । ସରକାର ଏବଂ ଜନସାଧାରଣ ଏ ଦିଗ ପ୍ରତି କଠୋରତମ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ ।

କରୋନା ମହାମାରୀ କାରଣରୁ ଆଗାମୀ ଦିନରେ ବିଶ୍ୱର ୫୦ କୋଟି ଲୋକ ଅତି ଗରିବ ହୋଇଯିବେ ବୋଲି ମିଳିତ ଜାତିସଂଘ ଆଗୁଆ ସତର୍କବାଣୀ ଶୁଣାଇଲାଣି । କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ସମଗ୍ର ବିଶ୍ୱର ଅର୍ଥନୀତି ବିପର୍ଯ୍ୟସ୍ତ ହେବା ଅବସ୍ଥାକୁ ଆସିଗଲାଣି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନତା ବିଶେଷକରି ଦିନମଜୁରିଆ, କ୍ଷୁଦ୍ର ବ୍ୟବସାୟୀ, କ୍ଷୁଦ୍ର ଚାଷୀ, ସ୍ୱଳ୍ପ ଆୟକାରୀ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଭବିଷ୍ୟତ କେବଳ ଅନ୍ଧାର ହିଁ ଅନ୍ଧାର । ବଡ଼ ବଡ଼ ବିପର୍ଯ୍ୟୟ ପରେ ମଧ୍ୟ ଦେଶ ଛିଡ଼ା ହୋଇଛି । ନଅଙ୍କ ଦୁର୍ଭିକ୍ଷ ପରି ପ୍ରକୃତିର କରାଳ ଗ୍ରାସରେ ବିନଷ୍ଟ ହୋଇଯାଇଥିବା ଓଡ଼ିଶା ପୁଣିଥରେ ଛିଡ଼ା ହୋଇ ଆଗକୁ ବଢ଼ିଛି । ପ୍ରଖର ଆତ୍ମବିଶ୍ୱାସ, ଦୃଢ଼ ସଂକଳ୍ପ ଓ ଗଭୀର ରାଷ୍ଟ୍ରଭକ୍ତିର ଭାବୋଚ୍ଛ୍ୱାସରେ ସମଗ୍ର ଜାତିକୁ ଜାଗ୍ରତ୍ ହେବାର ବେଳ ଉପନୀତ । ତେଣୁ ନୈରାଶ୍ୟ ତ୍ୟାଗ କରି ଉଠ, ଜାଗ, ଗତିଶୀଳ ହୁଅ ।

ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର,
୧୩୪୮/୪ସି, ସେକ୍ଟର–୬
ମର୍କତନଗର (ସିଡିଏ), କଟକ
ମୋ: ୯୪୩୭୨୭୦୬୦୫

ଜଳ ସଂରକ୍ଷଣ ଅନିବାର୍ଯ୍ୟ

ଇଂ. ବିଦ୍ୟାଧର ପଣ୍ଡା

ସନ୍ଧ୍ୟା ଭାଉଜଙ୍କ ବାପଘର ବାଲିସାହି, ସାପୁଆ ନଦୀକୂଳରେ । ପ୍ରଭାତଭାଇ ଘର ମେଘା, ମୁଣ୍ଡିଆ ଉପରେ । ବାପଘରେ ଥିଲାବେଳେ ସନ୍ଧ୍ୟା ଭାଉଜ ଦିନକୁ ତିନି ଚାରିଥର ଗାଧାଏ । ମନହେଲେ ବନ୍ଧତଳକୁ ଗତିଗଲେ ଅକାତକାତ ପାଣି । ବାରମାସି ନଦୀରେ ସୁଅ ଚାଲେ । ଘରଠାରୁ ମାତ୍ର ଶହେଫୁଟ ଦୂରତାରେ ନଦୀ । କିନ୍ତୁ ବାହାହୋଇ ଶାଶୁଘରକୁ ଗଲାପରେ ଶ୍ୱଶୁର ଏତେ ଏତେ ପାଣି ନଷ୍ଟ କରିବାରୁ ବୋହୂର ଏ ଅଭ୍ୟାସଟିକୁ ଭଲ ପାଇଲେନି । ମେଘା ଗାଁରେ କୂଅଗୁଡା ବହୁତ ଗଭୀର । ଶହେ ଦେଢଶହ ଫୁଟ । ଖରାଦିନେ ପ୍ରାୟ ଶୁଖିଯାଏ । ନିଜ କୂଅ ନ ଶୁଖିଲା ଯାଏ ପାଣିର ମହତ୍ତ୍ୱ କାହାକୁ ଭଲଭାବରେ ଜଣାପଡେନି । ଯେତେବେଳେ ଦାସପୁର ତଳମାଳ ବୁଲାବାବୁଙ୍କ କୂଅରୁ ପାଣିକାଢି ଗରାରେ କାଖେଇ କି ମୁଣ୍ଡରେ ମାଠିଆ ମୁଣ୍ଡେଇ ପାହାଡ ଉଠି ପାଣି ବୋହିବାକୁ ହୁଏ, ସେତେବେଳେ ଯାଇ ପ୍ରତିଟି ପାଣିବିନ୍ଦୁର ମହତ୍ତ୍ୱ ସମସ୍ତେ ବୁଝନ୍ତି । ସନ୍ଧ୍ୟା ଭାଉଜ ତ ମେଘାରେ ନୂଆବୋହୂ । କୂଅ ଶୁଖିଗଲେ ଦୁଇମାଇଲିରୁ ପାଣି ବୋହିବାକୁ ଶାଶୁ ଓ ନଣନ୍ଦ ଯିବେ । ତାଙ୍କର କ'ଣ ଚିନ୍ତା । ହେଲେ ଶ୍ୱଶୁର ଏମିତି ପାଣି ନଷ୍ଟ ଦେଖି ପୁଅକୁ କହିଲେ, ବୋହୂକୁ ସହରକୁ ନେଇ ଭଡାଘର ଦେଖି ରୁହ । ଶାଶୁର ବି ଏକାକଥା । ପ୍ରଭାତଭାଇ ବି ଶେଷରେ ସେଇଆ କଲା ।

ଆଠଗଡ ସହରରେ ପ୍ରଥମେ ଆସି ମୁଣ୍ଡିଆ ଉପର ହାଉସିଂ ବୋର୍ଡ କଲୋନିରେ ଭଡାଘରଟିଏ ନେଲେ । ଗୋଟିଏ ବିଲ୍ଡିଂ, ତଳେ ଦୁଇଜଣ ଭଡାଟିଆ ଉପରେ ଦୁଇଜଣ, ଏମିତି ଚାରିଜଣ ଭଡାଟିଆଙ୍କ ପାଇଁ ବିଜୁଳି ମିଟର ଗୋଟିଏ । ଯାହା ବିଲ୍ ଆସୁଥିଲା ଚାରିଭାଗ କରି ମିଳିମିଶି ଆଗରୁ ପୈଠ କରୁଥିଲେ । ଗତମାସରେ ସମୁଦାୟ ବିଲ୍ ଆସିଥିଲା ଷୋଳଶହ, ଜଣକା ଚାରିଶହ ଟଙ୍କା ଲେଖାଏ ଭାଗ ପଡିଥିଲା । ପ୍ରଭାତଭାଇ ପରିବାର ଆସି ରହିବାର ମାସକପରେ ପ୍ରଥମଥର ପାଇଁ ବିଜୁଳି ବିଲ୍ ଆସିଲା ଚାରି ହଜାର । ପଡ଼ିଶାଘର ଲୋକେ ଆଶ୍ଚର୍ଯ୍ୟ । ସମସ୍ତେ ଭାବିଲେ ମିଟର ଖରାପ ହେଲା ନା କ'ଣ! କୁଣ୍ଡୁକୁଣ୍ଡୁ ହୋଇ ଭରିଲେ ସିନା କିନ୍ତୁ ମନ ଅଶାନ୍ତି ରହିଲା । ସମସ୍ତେ ସମସ୍ତଙ୍କୁ ଜଗିଲେ । ଛାତ ଉପରେ ସନ୍ଧ୍ୟା ଭାଉଜଙ୍କର ପ୍ରତିଦିନ ଆଠ ନଅହଳ ପୋଷାକ ସଫାହୋଇ ଶୁଖିବାର ସମସ୍ତଙ୍କ ନଜରକୁ ଆସିଲା । ସମସ୍ତେ ଅଭିଯୋଗ କରିବାରୁ ଘରମାଲିକ ଜୟୀବାବୁ ଆସି ଦିନେ ପ୍ରଭାତବାବୁଙ୍କୁ ପଚାରିଲେ, '' କ'ଣ ଲଣ୍ଡ୍ରି ବ୍ୟବସାୟ ଆରମ୍ଭ

ଅଭିନେତ୍ରୀ କିଆରା ଆଡଭାନିଙ୍କର ଏମିତି ଏକ ଭିଡିଓ ସାମ୍ନାକୁ ଆସିଛି ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଲକ୍‌ଡାଉନ ସହ ଏହାର କୌଣସି ସମ୍ପର୍କ ନ ଥିଲେ ବି ଦର୍ଶକେ ଏହାକୁ ପସନ୍ଦ କରିଛନ୍ତି। ଭିଡିଓଟି ପୁରୁଣା ହୋଇଥିବା ବେଳେ କିଆରା ତାଙ୍କ ବାପାଙ୍କ ସହ ଖୁବ୍ ଡ୍ୟାନ୍ସ କରିଥିବା ନଜର ଆସିଛି। ଏହା ଏକ ବିବାହ ସମୟର ଭିଡିଓ। ଯେଉଁଥିରେ କିଆରାଙ୍କ ବାପା ମଧ୍ୟ ଜଣେ ପ୍ରଫେସନାଲ ଡ୍ୟାନ୍ସରଙ୍କ ଭଳି ନାଚୁଥିବା ଦେଖାଯାଇଛି। ସୋସିଆଲ ମିଡିଆରେ ଏବେ ଏହି ଭିଡିଓଟି ଖୁବ୍ ଭାଇରାଲ ହେଉଛି।

ମଡୁଆଲା କଲା ନୋରାଙ୍କ ଡ୍ୟାନ୍ସ

ନୋରା ଫତେହି

ମୁମ୍ବାଇ: ନିଜର ଧମାକେଦାର ଡ୍ୟାନ୍ସ ପାଇଁ ବଲିଉଡ୍‌ରେ ବେଶ୍ ଲୋକପ୍ରିୟ ହୋଇଛନ୍ତି ନୋରା ଫତେହି। ଏବେ ଫ୍ୟାନ୍‌ମାନଙ୍କୁ ମଡୁଆଲା କରିବା ପାଇଁ ନୋରା ପୁଣିଥରେ ଏକ ଡ୍ୟାନ୍ସ ଭିଡିଓ ସୋସିଆଲ ସାଇଡ୍‌ରେ ଶେୟାର କରିଛନ୍ତି। ଯାହା ଫ୍ୟାନ୍‌ମାନଙ୍କୁ ବେଶ୍ ଭଲ ଲାଗିଛି। ଏହି ଭିଡିଓଟିକୁ ଇନ୍‌ଷ୍ଟାଗ୍ରାମରେ ୩ କୋଟିରୁ ଊର୍ଦ୍ଧ୍ୱ ଲୋକ ଦେଖିସାରିଲେଣି। ସେ ଏହାକୁ ଶେୟାର କରି ନ୍ୟୁଜିଲାଣ୍ଡର ଜଣାଶୁଣା କୋରିଓଗ୍ରାଫର ପ୍ୟାରିସ୍ ଗୋଇବେଲଙ୍କୁ ଟ୍ୟାଗ୍ କରିଛନ୍ତି। ସେ ତାଙ୍କ ଷ୍ଟାଇଲ୍‌ରେ ଡ୍ୟାନ୍ସ କରିବାକୁ ସବୁବେଳେ ଚାହୁଁଥିଲେ ବୋଲି କ୍ୟାପ୍‌ସନ୍‌ରେ ଲେଖିଛନ୍ତି। ତେବେ ଇଣ୍ଟରନେଟ୍‌ରେ ତାଙ୍କ ଯାଦୁ ଛାଇ ରହିଛି। ତାଙ୍କ ବୋଲ୍ଡ ଅନ୍ଦାଜ୍‌ର ସମସ୍ତେ ଫ୍ୟାନ୍। ନିକଟରେ ରେମୋ ଡିସୁଜାଙ୍କ ଷ୍ଟ୍ରିଟ୍ ଡ୍ୟାନ୍ସର୍ ମୁଭିରେ ନୋରା ନଜର୍ ଆସିଥିଲେ।

ସନ୍ତୁଳିତ ଆହାରରୁ ପ୍ରତିଷେଧକ ଶକ୍ତି

ୱାଶିଂଟନ: କରୋନା ସଂକ୍ରମଣ ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। କରୋନ ସଂକ୍ରମଣରୁ ଦୂରେଇ ରହିବା ନେଇ ଭିନ୍ନ ଭିନ୍ନ ଗୁଜବ ମଧ୍ୟ ଉଠୁଛି। କେହି କେହି ଭିଟାମିନ୍-ସି, ଭିଟାମିନ୍-ଇ' ଖାଇବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଶରୀରରେ କୌଣସି ଭିଟାମିନ୍‌ର ଅଭାବ ଦେଖାଦେଲେ ହିଁ ଏହାର ସପ୍ଲିମେଣ୍ଟ୍ ଗ୍ରହଣ କରିବା ଆବଶ୍ୟକ ବୋଲି ଆମେରିକା ୟେଲ୍ ବିଶ୍ୱବିଦ୍ୟାଳୟର ଇମ୍ୟୁନୋଲୋଜିଷ୍ଟ୍ ଅକିକୋ ଇବାସାକି କହିଛନ୍ତି। ଅନ୍ୟଥା ବିଭିନ୍ନ ଭିଟାମିନ୍ ଗ୍ରହଣ ଦ୍ୱାରା ଶରୀର ଉପରେ ଏହାର ଖରାପ ପ୍ରଭାବ ପଡ଼ିଥାଏ। ସାଧାରଣତଃ ଭିଟାମିନ୍-ଡି'ର ସପ୍ଲିମେଣ୍ଟ୍ ଗ୍ରହଣ ସବୁବେଳେ କରାଯାଇଥାଏ। ପୃଥିବୀର ଗରିବ ରାଷ୍ଟ୍ରଠାରୁ ଆରମ୍ଭ କରି ବିକଶିତ ରାଷ୍ଟ୍ରରେ ବି ଭିଟାମିନ୍-ଡି' ଅଭାବ ଦେଖାଦେଇଥାଏ। ଭିଟାମିନ୍-ଡି'

ଦ୍ୱାରା ଶରୀରର ବହୁବିଧ କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ତେଣୁ ଏହାର ସପ୍ଲିମେଣ୍ଟ ଗ୍ରହଣ କଲେ ପ୍ରାୟତଃ କ୍ଷତି ହୋଇ ନ ଥାଏ। କେହି କେହି ଗ୍ରୀନ୍-ଟି ପିଇବା, ସବୁଜ ପନିପରିବା ଖାଇବା, ଲାଲ୍ ଲଙ୍କା ଖାଇବା ଦ୍ୱାରା ଶରୀର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିପାଇ କରୋନା ଭୂତାଣୁ ସଂକ୍ରମଣ ହେଉ ନ ଥିବା କହୁଛନ୍ତି। ତେବେ ପ୍ରକୃତପକ୍ଷେ ଦୈନନ୍ଦିନ ଭୋଜନରେ ସାଧାରଣ ପନିପରିବା ସହ ସନ୍ତୁଳିତ ଆହାରକୁ ପ୍ରାଥମିକତା ଦେବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ବୋଲି ଇବାସାକି କୁହନ୍ତି। ଯେତେବେଳେ ପୃଥିବୀରେ ଏଭଳି ମହାମାରୀ ଦେଖାଦେଇଛି ସେତେବେଳେ ଏଭଳି ବହୁ ଗୁଜବ ଉଠିଥାଏ। ତେବେ ଏହା କେତେ ଦୂର ବିଜ୍ଞାନ ଦ୍ୱାରା ପ୍ରମାଣିତ ତାହା ଦେଖିବାର ଆବଶ୍ୟକ ମଧ୍ୟ ରହିଛି। ଶରୀରର ରୋଗ ପ୍ରତିରୋଧକ କ୍ଷମତା ୩ଟି ଅଂଶରେ ଥାଏ। ପ୍ରଥମଟି ତ୍ୱଚା ହୋଇଥିବାବେଳେ ଦ୍ୱିତୀୟଟି ନାଶାପଥ ଏବଂ ତୃତୀୟଟି ମ୍ୟୁକସ ଝିଲ୍ଲି(ଲସିକା)। ଏଗୁଡ଼ିକ ମଧ୍ୟଦେଇ ଭୂତାଣୁ ଶରୀରରେ ପ୍ରବେଶ କରିଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି ପାଇଁ ଦାୟୀ ଥିବା ଆଣ୍ଟିବଡ଼ି ଜିନ୍ ଯଦି ଆଣ୍ଟିଜେନ୍‌ଠାରୁ ଶକ୍ତିଶାଳୀ ହେଲା, ତେବେ ଶରୀରରେ ସଂକ୍ରମଣ ହେବା ସମ୍ଭବ ନ ଥାଏ। ଆଣ୍ଟିବଡ଼ିକୁ ଶକ୍ତିଶାଳୀ କରିବା ଲାଗି ସନ୍ତୁଳିତ ଆହାର ହିଁ ଜରୁରୀ। ଏପରିସ୍ଥଳେ ଗୁଜବର ବଶବର୍ତ୍ତୀ ହୋଇ ବିଭିନ୍ନ ଭିଟାମିନ୍ ଏବଂ ମନଇଚ୍ଛା ଖାଦ୍ୟ ଗ୍ରହଣ କେବେ ମଧ୍ୟ ଉପଯୋଗୀ ନୁହେ ବୋଲି ଇବାସାକି କୁହନ୍ତି।

ମମତା ଆଗରେ ହାର୍ ମାନିଛି ଲକ୍‌ଡାଉନ

ଜୟପୁର: ମମତାର ଡାକରେ ରହିଛି ଅଦ୍ଭୁତ ଶକ୍ତି। ସେଥିପାଇଁ ତ କୁହାଯାଏ, ମାଆର ପଣତକାନି ତଳେ ପିଲାମାନେ ସବୁବେଳେ ସୁରକ୍ଷିତ ରହିଥାନ୍ତି। ଠିକ୍ ଏମିତି କିଛି ଭାବପ୍ରବଣ ଦୃଶ୍ୟ ଦେଖିବାକୁ ମିଳିଛି ରାଜସ୍ଥାନର ଯୋଧପୁରରେ। ପୁଅର ଅସୁସ୍ଥତା ଖବର ପାଇବା ମାତ୍ରେ ଛଅଟି ରାଜ୍ୟର ସୀମା ଡେଇଁ ପୁଅ ପାଖରେ ପହଞ୍ଚିଥିଲେ ଜଣେ ମାଆ। ଏହି ମହିଳା ଜଣକ ହେଉଛନ୍ତି କେରଳର କୋଟ୍ଟାୟାମ୍ ଜିଲା ପନାକାଚିର ଗାଁର ସିଲମ୍ମା। ପୁଅକୁ ଦେଖିବା ପାଇଁ ସେ ପ୍ରାୟ ଅଢ଼େଇ ହଜାର କିଲୋମିଟର ଯାତ୍ରା କରିଛନ୍ତି। ସିଲମ୍ମାଙ୍କ ପୁଅ ଅରୁଣ ରାଜସ୍ଥାନର ଜୈସାଲମେର ଠାରେ ବିଏସ୍‌ଏଫ୍ ଯବାନ ଭାବେ କାମ କରନ୍ତି। ଗତ ସପ୍ତାହରେ ଅରୁଣଙ୍କ ଦେହ ଖରାପ ହୋଇଥିବା ସଲମ୍ମା ଖବର ପାଇଥିଲେ। ବିଏସ୍‌ଏଫ୍ ଅଧିକାରୀମାନେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ଏହି ଖବର ପାଇବା ପରେ ସିଲମ୍ମା ନିଜକୁ ଅଟକାଇ ପାରି ନ ଥିଲେ। ପୁଅ ପାଖକୁ ଯିବା ପାଇଁ ସେ ମନସ୍ଥ କରିଥିଲେ। କିନ୍ତୁ ଲକ୍‌ଡାଉନ୍ ହୋଇଥିବାରୁ ତାଙ୍କୁ କେଉଁଠିକୁ ବି ଯିବାର ଅନୁମତି ନ ଥିଲା। ମାଆର ବିକଳ ମନକୁ କିନ୍ତୁ କେହି ବି ଅଟକାଇ ପାରି ନ ଥିଲେ। ତେଣୁ ସେ ଜିଲା କଲେକ୍ଟରଙ୍କ ସହିତ କେରଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପୁଅ ପାଖକୁ ଯିବାର ଅନୁମତି ଆଣିଥିଲେ। ଏହାପରେ ସେ ଏକ କାର୍‌ରେ ତାଙ୍କ ବୋହୂ ସହିତ ତିନ ଦିନ ଲଗାତର ଯାତ୍ରା କରିବା ପରେ ପୁଅ ପାଖରେ ପହଞ୍ଚିଥିଲେ। ଆଶ୍ଚର୍ଯ୍ୟର କଥା

ସିଲମ୍ମା ପୁଅ ପାଖରେ ପହଞ୍ଚିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଥିଲା ଓ ସେ ଆଇସିୟୁରୁ ବାହାରି ଏବେ ୱାଡକୁ ଆସିଛନ୍ତି। ତେବେ ପୁଅ ପୂରା ଭଲ ହେଲେ ସାଙ୍ଗରେ ଘରକୁ ନେଇ ଆସିବା ପାଇଁ ଅପେକ୍ଷା କରିଛନ୍ତି ସିଲମ୍ମା।

ସାହାଯ୍ୟ କରୁଛି ସ୍ପାଇଡରମ୍ୟାନ୍

ନୂଆଦିଲ୍ଲୀ: ଲକ୍‌ଡାଉନ୍ ସମୟରେ ଲୋକଙ୍କୁ ଜରୁରୀ ସାମଗ୍ରୀ କିମ୍ବା ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ରାଜ୍ୟରେ ସରକାର ହେଲ୍ପଲାଇନ୍ ବ୍ୟବସ୍ଥା କରିଛନ୍ତି। କେତେକ ସ୍ଥାନରେ ପୋଲିସ୍ ଓ ବିଭିନ୍ନ ଅନୁଷ୍ଠାନ ମଧ୍ୟ ଲୋକଙ୍କ ପାଖରେ ଜରୁରିସାମଗ୍ରୀ ପହଞ୍ଚାଉଛନ୍ତି। ତେବେ ଏମାନଙ୍କ ଭଳି ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛି ସ୍ପାଇଡରମ୍ୟାନ୍। ବିଭିନ୍ନ ସହର ବୁଲି ଏବେ ସ୍ପାଇଡରମ୍ୟାନ୍ ହିଁ ଲୋକଙ୍କୁ ସବୁ ପ୍ରକାର ସହାୟତା ପ୍ରଦାନ କରୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ତୁର୍କୀରେ। ତୁର୍କୀର ବିଭିନ୍ନ ସହରରେ ବୁରାକ୍ ସୋୟିଲୁ ନାମକ ଜଣେ ବ୍ୟକ୍ତି ସ୍ପାଇଡରମ୍ୟାନ୍ ଭଳ ପୋଷାକ ପନ୍ଧି ଲୋକଙ୍କ ସେବା କରିବାକୁ ବାହାରିଛନ୍ତି।

ବୁରାକ୍ ସୁପର ହିରୋ ସ୍ପାଇଡରମ୍ୟାନ୍ ଭଳି ପୋଷାକ ପିନ୍ଧି ବିଭିନ୍ନ ସହରର ଲୋକଙ୍କୁ ଗ୍ରସେରି ତଥା ଅନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଉଛନ୍ତି। ସ୍ପାଇଡରମ୍ୟାନ୍ ପନିପରିବା, କ୍ଷୀର ତଥା ଅନ୍ୟ ସାମଗ୍ରୀ ଆଣୁଥିବାର ବିଭିନ୍ନ ଫଟୋକୁ ସୋସିଆଲ୍ ମିଡିଆରେ ଶେୟାର କରିବା ପରେ ଏହା ଏବେ ଭାଇରାଲ୍ ହେବାରେ ଲାଗିଛି। ଏହି ଫଟୋକୁ ସୋସିଆଲ ମିଡିଆରେ ଏବେ ସୁଦ୍ଧା ପ୍ରାୟ ୯ ହଜାର ଲୋକ ପସନ୍ଦ କରିଛନ୍ତି ଏବଂ ଲୋକେ ଏନେଇ ସୁନ୍ଦର ସୁନ୍ଦର କମେଣ୍ଟ ବି ଦେଉଛନ୍ତି।

ପୋଲିସ୍ ପାଳୁଛି 'ବାର୍ଥ ଡେ'

ଅମୃତସର: ଲକ୍‌ଡାଉନ୍ ସମୟରେ ପୋଲିସ୍‌ର କାମକୁ ବିଭିନ୍ନ ସ୍ଥାନରେ ପ୍ରଶଂସା ମିଳୁଛି। ଲୋକଙ୍କ ମନ ଜିଣି ସେମାନଙ୍କୁ ଲକ୍‌ଡାଉନ୍ ନିୟମ ମାନିବାକୁ ପୋଲିସ୍ ବିଭିନ୍ନ ପ୍ରକାର ଉଦ୍ୟମ କରୁଛି। ଠିକ୍ ଏମିତି ଏକ ଭିନ୍ନ ଉଦ୍ୟମ କରି ଏବେ ସମସ୍ତଙ୍କ ପ୍ରିୟ ହୋଇପାରିଛି ପଞ୍ଜାବ ପୋଲିସ୍। ପଞ୍ଜାବର ମନ୍‌ସା ଅଞ୍ଚଳରେ ପୋଲିସ୍ ଏବେ ସେହି ଅଞ୍ଚଳର ସମସ୍ତ ପିଲାଙ୍କର ପ୍ରଥମ ଜନ୍ମବାର୍ଷିକୀ ପାଳନ କରିବା ପାଇଁ ଆଶ୍ଚର୍ଯ୍ୟଜନକ ଉପହାର ଦେବା ଆରମ୍ଭ କରିଛି। ପୋଲିସର ଏଭଳି ଉଦ୍ୟମ ଲୋକଙ୍କ ମୁହଁରେ ହସ ଫୁଟାଇପାରିଛି ଓ ଲକ୍‌ଡାଉନ୍ ମାନିବା ପାଇଁ ଉତ୍ସାହିତ କରିଛି। ଏବେ ସବୁଆଡ଼େ ଲକ୍‌ଡାଉନ୍ ଚାଲିଥିବାରୁ କୌଣସି ସ୍ଥାନରେ କିଛି ଉତ୍ସବ ଆୟୋଜନ କରାଯାଇ ପାରୁନି। ତେଣୁ ପୋଲିସ୍ ଏ ସମୟରେ ସ୍ଥାନୀୟ ଅଞ୍ଚଳରେ ଥିବା ଛୋଟପିଲାଙ୍କୁ ନିଜ ନିଜର ପ୍ରଥମ ଜନ୍ମଉତ୍ସବ ପାଳନ କରିବା ପାଇଁ ସାହାଯ୍ୟ କରୁଛି। ଏଥିପାଇଁ ଏଭଳି ପିଲା ଥିବା ଘରକୁ ହଠାତ୍ ଏକ ଜନ୍ମଦିନ କେକ୍ ଧରି ପହଞ୍ଚି ଯାଉଛି। ଜଣେ ପୋଲିସ୍ କେକ୍ ବଢ଼ାଇ ଦେବାବେଳେ ଅନ୍ୟ ପୋଲିସମାନେ 'ହାପି ବାର୍ଥ ଡେ' ଗୀତ ଗାଇ ଅଭିନନ୍ଦନ ଜଣାଉଛନ୍ତି। ପୋଲିସର ଏଭଳି କାମକୁ ପଢ଼ିଶା ଘର ଲୋକେ ନିଜ ନିଜ ବାଲ୍‌କୋନିରେ ଛିଡ଼ାହୋଇ ଉପଭୋଗ କରୁଛନ୍ତି। ଏଭଳି କରିବା ଫଳରେ ଲୋକଙ୍କ ମନରେ ହଠାତ୍ ଏକ ଭିନ୍ନ ଖୁସି ଦେଖିବାକୁ ମିଳୁଛି।

ରାଜ୍‌ଙ୍କ ସହ ୱାର୍କଆଉଟ୍ କଲେ ଶିଲ୍ପା

ମୁମ୍ବାଇ: ଶିଲ୍ପା ସେଟ୍ଟୀ ନିଜ ଇନ୍‌ଷ୍ଟା ଆକାଉଣ୍ଟରେ ସୋମବାର ଏକ ମୋଟିଭେଶନାଲ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ସେ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ସହ ୱାର୍କଆଉଟ୍ କରୁଛନ୍ତି। ତାଙ୍କ ପୁଅ ମଧ୍ୟ ଏହି ଭିଡିଓରେ ଉଭୟ ମା'- ବାପାଙ୍କ ସହ ମସ୍ତି କରୁଥିବା ନଜର ଆସିଛନ୍ତି। ଏହାସହିତ ତାଙ୍କ ପୁଅ ଟ୍ରେଡ୍ ମିଲରେ ବିଭିନ୍ନ ପ୍ରକାର ଡ୍ୟାନ୍ସ ମୁଭ୍‌ମେଣ୍ଟ ମଧ୍ୟ କରିଛନ୍ତି। ଶିଲ୍ପା ଏହି ଭିଡିଓ ଶେୟାର କରି କ୍ୟାପ୍‌ସନ୍‌ରେ ଲେଖିଛନ୍ତି ଯେ, କିଛିଦିନ ତଳେ ମୋ ପୁଅ ସହ ଏକ ୱାର୍କଆଉଟ୍ କରିଥିଲି। କିନ୍ତୁ ସେଇଟା କମ୍ ସମୟର ଥିଲା। ଏହାକୁ ଦର୍ଶକ ବହୁତ ପସନ୍ଦ କରିଥିଲେ। ଏପରି ଫ୍ୟାମିଲି ସହ ଆଉ ଏକ ଭିଡିଓ କରିବାକୁ ନିବେଦନ କରିଥିଲେ। ଦର୍ଶକଙ୍କ କହିବା ଅନୁଯାୟୀ ମୁଁ ଏହି ଭିଡିଓ ଶେୟାର କରିଛି ବୋଲି ଶିଲ୍ପା କହିଛନ୍ତି। ସେ ଆଉ ମଧ୍ୟ ଲେଖିଛନ୍ତି ଯେ, ଯେପରି ପରିବାରର ସମସ୍ତେ ଏକାଠି ମିଶି ଖାଇଥାନ୍ତି, ପ୍ରାର୍ଥନା କରିଥାନ୍ତି, ସେହିପରି ଏକ୍ସରସାଇଜ୍ ମଧ୍ୟ କଲେ ପରିବାରର ବଣ୍ଡିଂ ଷ୍ଟ୍ରଙ୍ଗ୍ ହୋଇଥାଏ। ଏହି ଲକ୍‌ଡାଉନ୍ ବେଳେ ସମସ୍ତେ ଘରେ ରହି କିଛି ନା କିଛି ଯୋଗ ଏବଂ ଏକ୍ସରସାଇଜ୍ ନିହାତି କରିବା ଦରକାର। ଏହାଦ୍ୱାରା ଶରୀର ନିରୋଗ ରହିବା ସହିତ ମନ ରିଫ୍ରେଶ୍ ରହିବ।

ଭୋକରେ ଅସହାୟ ପ୍ରାଣୀ

ଲକ୍ଷ୍ନୌ: ସାରା ଦେଶରେ ଲକ୍‌ଡାଉନ ଜାରି ଥିବା ଯୋଗୁ ଲୋକେ ଘର ଭିତରେ ନିଜକୁ ବନ୍ଦ କରି ରଖିଛନ୍ତି। ଫଳରେ ବାହାରେ ବୁଲୁଥିବା ପ୍ରାଣୀ ଖାଦ୍ୟ ପାଇପାରୁ ନାହାନ୍ତି। ଏପରି ସ୍ଥିତିରେ ଉତ୍ତରପ୍ରଦେଶରେ ସୋମବାର ଏକ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। କରୋନା ମୁକାବିଲାରେ ନ୍ୟସ୍ତ କେତେଜଣ ପୋଲିସ କର୍ମଚାରୀ ଖାଉଥିବାବେଳେ ସେଠାରେ ଏକ ମାଙ୍କଡ଼ ପହଞ୍ଚି ସେମାନଙ୍କୁ ଖାଇବା ମାଗିବାକୁ ହାତ ବଢ଼ାଇଥିଲା। ପୋଲିସ କର୍ମୀମାନେ ମାନବିକତା ଦେଖାଇ ମାଙ୍କଡକୁ ଫଳ ଦେବାରୁ ସାଧାରଣରେ ପ୍ରଂଶସା କରାଯାଇଛି। ଜାଲୋନ ଜିଲା ଉରଇ ଅଞ୍ଚଳରେ ଡ୍ୟୁଟି କରୁଥିବା ସମୟରେ ଖାଇବା ପାଇଁ ପାଖରେ ରଖିଥିବା କିଛି ଫଳ ବାହାର କରିଥିଲେ। ଏହା ଦେଖି ସେଠାରେ ଥିବା ଏକ ଭୋକିଲା ମାଙ୍କଡ଼ ଫଳ ନେବାକୁ ହାତ ବଢ଼ାଇଥିଲା। ପୋଲିସ କର୍ମୀମାନେ ମାଙ୍କଡ଼କୁ ଫଳ ଦେବା ପରେ ସେ ଏହାକୁ ଖାଇବାରେ ଲାଗିଥିଲା। ହେଲେ ପେଟ ନ ପୂରିବାରୁ ମାଙ୍କଡ଼ଟି ସେଠାରୁ ଯାଇ ନ ଥିଲା। ଫଳରେ ପୋଲିସ କର୍ମୀ ଅଧିକ ଫଳ ଖାଇବାକୁ ଦେଇଥିଲେ। ପେଟ ପୂରିବା ପରେ ମାଙ୍କଡ଼ଟି ସେଠାରୁ ଚାଲିଯାଇଥିଲା। ସେଠାରେ ଦାୟିତ୍ୱରେ ଥିବା ଜଣେ ଏଏସ୍‌ଆଇଙ୍କ କହିବା ମୁତାବକ, ସେମାନେ ସେଠାରେ କିଛି ଫଳ ଖାଉଥିବା ବେଳେ ମାଙ୍କଡଟି ସେଠାରେ ପହଞ୍ଚି ସେମାନଙ୍କୁ ଅନାଇ ରହିଥିଲା। ପରେ ଆହୁରି ନିକଟକୁ ଆସି ସେମାନଙ୍କ ଆଡ଼କୁ ହାତ ବଢ଼ାଇଥିଲା। ପେଟପୂରା ଖାଇସାରିବା ପରେ ସେଠାରୁ ସେ ଚାଲିଯାଇଥିଲା। ସତରେ ଏଭଳି ସ୍ଥିତିରେ କେତେ ଅସୁବିଧାର ସମ୍ମୁଖୀନ ହେଉ ନ ଥିବେ ଏହି ପ୍ରାଣୀମାନେ।

ପୋଲିସର ଉଦାରତା

କୋହଲିଙ୍କ ଟ୍ରିମ୍ ଆଟ୍ ହୋମ୍

ନୂଆଦିଲ୍ଲୀ: ସୋସିଆଲ୍ ମିଡିଆରେ ଅନେକ ସମୟରେ ଭିନ୍ନ ଭିନ୍ନ ଚ୍ୟାଲେଞ୍ଜ ନେଇ ଆସନ୍ତି ସେଲିବ୍ରିଟି। ଆଉ ଲୋକେ ବି ଏହାକୁ ଖୁବ୍ ଆପଣେଇବାର ଦେଖିବାକୁ ମିଳିଥାଏ। ଏବେ ଏମିତି ଏକ ଚ୍ୟାଲେଞ୍ଜ ନେଇ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି ଭାରତୀୟ କ୍ରିକେଟ ଦଳର କ୍ୟାପଟେନ୍ ବିରାଟ କୋହଲି। ସେ ଏବେ ସୋସିଆଲ ମିଡିଆରେ 'ଟ୍ରିମ୍ ଆଟ୍ ହୋମ୍' ଚ୍ୟାଲେଞ୍ଜ ଆରମ୍ଭ କରିଛନ୍ତି।

କୋହଲି ଏଭଳି ଏକ ଚ୍ୟାଲେଞ୍ଜ ନେଇ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ କୋହଲି ତାଙ୍କ ଦାଢ଼ି ଟ୍ରିମ୍ କରୁଥିବା ଦେଖିବାକୁ ମିଳୁଛି। ଭିଡିଓ ସହିତ ସେ କ୍ୟାପ୍‌ସନ୍ ଦେଇ କହିଛନ୍ତି ଯେ, ଏବେ ଲକ୍‌ଡାଉନ୍ ସମୟରେ ସମସ୍ତେ ଘରେ ରହୁଛନ୍ତି। ତେଣୁ ନିଜ ଲୁକ୍‌କୁ ସୁନ୍ଦର କରି ରଖିବା ପାଇଁ ସବୁ ପ୍ରୟାସ କରିବା ଉଚିତ୍। ସେଥିପାଇଁ ସେ ନିଜେ ତାଙ୍କର ଦାଢ଼ି ଟ୍ରିମ୍ କରି ନିଜକୁ ଏକ ନୂଆ ଲୁକ୍ ଦେଉଛନ୍ତି। ତେଣୁ ତାଙ୍କ ଭଳି ସମସ୍ତେ ନିଜକୁ ନୂଆ ଲୁକ୍ ଦେବାକୁ ସେ 'ଟ୍ରିମ୍ ଆଟ୍ ହୋମ୍' ଚ୍ୟାଲେଞ୍ଜ ଦେଇଛନ୍ତି। କୋହଲିଙ୍କର ଏହି ଚ୍ୟାଲେଞ୍ଜ ନେଇ ଏବେ ବହୁ ମଜାଦାର ଜବାବ ବି ମିଳୁଛି।



ଲକ୍‌ଡାଉନ ଯୋଗୁ ଚିନ୍ତାରେ ସଞ୍ଜୟ

ମୁମ୍ବାଇ: ସଞ୍ଜୟ ଦତ୍ତ ବର୍ତ୍ତମାନ ତାଙ୍କ ପତ୍ନୀ ମାନ୍ୟତା ଏବଂ ତାଙ୍କର ୨ ଶିଶୁ ଶାହାରାନ ଓ ଇକ୍ରାଙ୍କଠାରୁ ଦୂରରେ ଅଛନ୍ତି। ଭାରତରେ ଲକ୍‌ଡାଉନ୍ ହେବା ପୂର୍ବରୁ ସେମାନେ ଦୁବାଇ ଯାଇଥିଲେ। କିନ୍ତୁ ସେଠାରୁ ଆଉ ଫେରି ପାରି ନ ଥିଲେ। ଏବେ ସଞ୍ଜୟ ତାଙ୍କ ପିଲାଙ୍କ ସହ ପ୍ରତିଦିନ ଭିଡିଓ କଲ୍‌ରେ କଥା ହେଉଛନ୍ତି। ତଥାପି ସେମାନଙ୍କ ସୁରକ୍ଷା ଚିନ୍ତା ତାଙ୍କୁ ଲାଗିରହିଛି।



ଏନେଇ ସଞ୍ଜୟ ସବୁବେଳେ ଚିନ୍ତିତ ରହୁଛନ୍ତି। ସେ ଆହୁରି କହିଛନ୍ତି ଯେ, ଅତୀତରେ ମୁଁ ଏଭଳି ଲକ୍‌ଡାଉନ୍‌ରେ ସମୟ ବିତାଇଥିଲି। ସେତେବେଳେ ବି ମୁଁ ମୋ ପରିବାରକୁ ବହୁତ ମିସ୍ କରୁଥିଲି। ବର୍ତ୍ତମାନ ବି ସେମାନଙ୍କୁ ଛାଡ଼ି ରହିବା ମୋ ପକ୍ଷେ କଷ୍ଟକର ହୋଇପଡ଼ିଛି। କିନ୍ତୁ ମୁଁ ଏହାର ସମାଧାନ ମଧ୍ୟ କରିପାରିବିନି। ଭଗବାନଙ୍କୁ ପ୍ରାର୍ଥନା କରୁଛି, ଶୀଘ୍ର ଏହି କଷ୍ଟକର ସମୟ ଟଳିଯାଉ। ପ୍ରତି ମୁହୂର୍ତ୍ତରେ ମୋ ପରିବାର କଥା ମନେପଡୁଛି ବୋଲି ସଞ୍ଜୟ କହିଛନ୍ତି।

ସଂକ୍ଷେପରେ

ପୁରୀରେ ଗଡ଼ିବନି ଘରୋଇ ଗାଡ଼ି
କଡ଼ାକଡ଼ି ହେବ ଯାଞ୍ଚ

ପୁରୀ ଅଫିସ,୨୦।୪: କରୋନା ମୁକାବିଲା ନେଇ ଦେଶବ୍ୟାପୀ ଚାଲିଛି ଲକ୍‌ଡାଉନ। ଆସନ୍ତା ମେ ୩ ତାରିଖ ପର୍ଯ୍ୟନ୍ତ ଏହାର ଅବଧି ରହିଥିବାବେଳେ ସରକାର କେତେକ କ୍ଷେତ୍ରରେ ଏଥିରେ ସାମାନ୍ୟ କୋହଳ କରିଛନ୍ତି। କିନ୍ତୁ ଲକ୍‌ଡାଉନ ଶେଷ ନ ହେବା ପର୍ଯ୍ୟନ୍ତ ପୁରୀରେ କୌଣସି ଘରୋଇ ଗାଡ଼ି ଗଡ଼ିବ ନାହିଁ ବୋଲି କହିଛନ୍ତି ଏସ୍‌ପି ଉମାଶଙ୍କର ଦାଶ। ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି କହିଛନ୍ତି, ଲକ୍‌ଡାଉନକୁ ନେଇ ସୋମବାରଠାରୁ ସରକାର ଏବଂ ଜିଲା ପ୍ରଶାସନ ପକ୍ଷରୁ ନୂଆ ନିୟମ କରାଯାଇଛି। କିନ୍ତୁ କୌଣସି ବ୍ୟକ୍ତିଗତ କାମ ହେଉ ଅବା ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ କେହି ଘରୋଇ ଗାଡ଼ି ବ୍ୟବହାର କରିପାରିବେ ନାହିଁ। ଗତ ୨୫ଦିନ ଧରି ସହରବାସୀ ଯେଉଁଭଳି ଭାବେ ଲକ୍‌ଡାଉନକୁ ମାନିଛନ୍ତି ସେହିଭଳି ୩ ତାରିଖ ପର୍ଯ୍ୟନ୍ତ କଟକଣା ମାନିବାକୁ ଅନୁରୋଧ କରୁଛୁ। ପୋଲିସ ପକ୍ଷରୁ ଯାଞ୍ଚକୁ ଆହୁରି କଡ଼ାକଡ଼ି କରାଯିବ। କୌଣସି ବ୍ୟକ୍ତି ଯଦି ଘରୋଇ ଗାଡ଼ି ବାହାର କରନ୍ତି ତାଙ୍କ ଗାଡ଼ି ଜବତ କରାଯିବ। ପୁରୀ ସହରରେ ଘରୋଇ ଗାଡ଼ି ଚଳାଚଳ ଉପରେ ପୂର୍ବପରି କଟକଣା ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ପେଟ୍ରୋଲ ପମ୍ପ ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା ଅଫିସ,୨୦।୪: ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥରେ ଏକ ପେଟ୍ରୋଲ ପମ୍ପ ନିକଟରୁ ପୋଲିସ ସୋମବାର ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତଦେହକୁ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଥାନାରେ (୬/୨୦) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ମୁତାବକ, ସୋମବାର ସକାଳେ ଯୁବକ ଜଣକ ସାଇକେଲରେ ଖୋର୍ଦ୍ଧା ଆଡକୁ ଆସୁଥିବାବେଳେ ପେଟ୍ରୋଲ ପମ୍ପ ନିକଟରେ ଶୋଷ ଲାଗିବାରୁ କର୍ମଚାରୀଙ୍କୁ ପାଣି ମାଗି ପିଇଥିଲେ। ପାଣି ପିଉଥିବା ଅବସ୍ଥାରେ ସେଠାରେ ଢଳି ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ତାଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା। ତେବେ ଯୁବକ ଜଣକ ଅନାହାର ଅଥବା ଅଂଶୁଘାତରେ ମୃତ୍ୟୁ ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଥାନା ଅଧିକାରୀ ଅନୁତା ସାହୁ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଗ୍ରାମବାସୀଙ୍କ ଦାନ

ନରାଜ,୨୦।୪(ଡି.ଏନ.ଏ.): କରୋନା ମୁକାବିଲା ପାଇଁ ବାରଙ୍ଗ ବ୍ଲକ ଅଧୀନ ନରଣପୁର ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩୦ ହଜାର ଟଙ୍କା ଦାନ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ମୁରବି ବୀରେନ ରାଉତ, ପ୍ରଭାକର ରାଉତ, ଆଶାକର୍ମୀ ଆଶାଲତା ସାହୁ, ଅଙ୍ଗନୱାଡ଼ି ସହାୟିକା ସୁକାନ୍ତି ବିଶ୍ୱାଳ, ମନୋଜ ସାହୁ ଓ ଅଭିମନ୍ୟୁ ଭୁୟାଁ ପ୍ରମୁଖ ସୋମବାର ବାରଙ୍ଗ ବିଡିଓ ପ୍ରଭାକର ପଣ୍ଡାଙ୍କୁ ଭେଟି ଅନଲାଇନରେ ପେମେଣ୍ଟ ହୋଇଥିବା ୩୦ ହଜାର ଟଙ୍କାର ରସିଦ ପ୍ରଦାନ କରିଥିଲେ। ଗ୍ରାମର ଅଙ୍ଗନୱାଡି ସହାୟିକା ତିଆରି କରିଥିବା ୫୦ଟି ମାସ୍କକୁ ବ୍ଲକ କର୍ମଚାରୀଙ୍କ ବ୍ୟବହାର ପାଇଁ ବିଡିଓଙ୍କୁ ପ୍ରଦାନ କରିଥିଲେ।

ସଙ୍କଟରେ ଚାନ୍ଦୁଆ ଶିଳ୍ପ



ପ୍ରଭାତ ମହାପାତ୍ର
ପିପିଲି, ୨୦।୪

- କରୋନା ବିଗାଡ଼ିଛି ବେପାର
- ସରକାରୀ ସହାୟତା ଦାବି

କରୋନା ଯୋଗୁ ମଣିଷର ଜୀବନ ଜୀବିକା ପ୍ରଭାବିତ ହୋଇଛି। ଏଥିରୁ ବାଦ୍ ପଡ଼ିନାହିଁ ପିପିଲିର ପ୍ରସିଦ୍ଧ ଚାନ୍ଦୁଆ ଶିଳ୍ପ। ଫନୀ ବାତ୍ୟା ପରେ କଷ୍ଟେମଷ୍ଟେ ଅଣ୍ଟା ସଳଖି ଆସୁଥିବା ଚାନ୍ଦୁଆ କାରିଗରଙ୍କ ସମେତ ବ୍ୟବସାୟୀମାନେ ଏବେ କରୋନା ମାଡ଼ରେ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ଫନୀରେ ହଜାର ହଜାର ଚାନ୍ଦୁଆ କାରିଗର କ୍ଷତିଗ୍ରସ୍ତ ହୋଇଥିଲେ। ଏପର୍ଯ୍ୟନ୍ତ ସମସ୍ତେ ସରକାରୀ ସହାୟତା ପାଇପାରିନାହାନ୍ତି। ଏପରି ସ୍ଥଳେ ବେଡ଼ି ଉପରେ କରଡ଼ା ସଦୃଶ ସେମାନଙ୍କ ଦୁଃଖଦୁର୍ଦ୍ଦଶା ବଢାଇ ଦେଇଛି କରୋନା।

ପିପିଲି ଅଞ୍ଚଳର ଶତାଧିକ କାରିଗର ଓ ବ୍ୟବସାୟୀ ଚାନ୍ଦୁଆ ତିଆରି ସହ ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ପିପିଲି ସମେତ ଆଖପାଖ ଅଞ୍ଚଳରୁ ଶତାଧିକ କାରିଗର ଚାନ୍ଦୁଆ କାମ ପାଇଁ ପ୍ରତିଦିନ ଏଠାକୁ ଆସିଥାନ୍ତି। ସେମାନଙ୍କ ହାତ ତିଆରି ସୁଦୃଶ୍ୟ ଚାନ୍ଦୁଆକୁ କିଣି ନିଅନ୍ତି ପୁରୀ, ପିପିଲି, କୋଣାର୍କ ଆଦି ଅଞ୍ଚଳକୁ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକ। ସେହିପରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ମଧ୍ୟ ଲୋକେ ଚାନ୍ଦୁଆ କିଣିବାକୁ ଆସିଥାନ୍ତି। ମାତ୍ର ଗତ ମାର୍ଚ୍ଚ ୧୫ତାରିଖଠାରୁ କରୋନା ପାଇଁ ଲକ୍‌ଡାଉନ ଯୋଗୁ ଦୋକାନ ବଜାର ଓ ଚାନ୍ଦୁଆ କାମ ବନ୍ଦ ରହିଛି। ଫଳରେ ହାତବାନ୍ଧି ଘରେ ବସିଛନ୍ତି କାରଗର ଓ ବ୍ୟବସାୟୀ। ସଞ୍ଚିତ ଅର୍ଥ ଧିରେ ଧିରେ ସରିଆସୁଥିବାରୁ ପେଟପାଟଣା ନେଇ ଚିନ୍ତା ବଢିଗଲାଣି। ବୃତ୍ତିକୁ ଜାବୋଡ଼ି ଧରିବେ ନା ଅନ୍ୟ କିଛି ପନ୍ଥା ଆପଣେଇବେ ସେଇ କଥା ସେମାନେ ଭାଳି ହେଉଛନ୍ତି।

ସେମାନେ କହନ୍ତି....

କରୋନା ପ୍ରଭାବିତ ୫ହଜାର ଚାନ୍ଦୁଆ କାରିଗରଙ୍କୁ ସରକାରୀ ସହାୟତା ପାଇଁ ଦାବି କରୁଛି। ପ୍ରଶାସନ ପକ୍ଷରୁ ଚାନ୍ଦୁଆ କାରିଗରଙ୍କୁ ମାସ୍କ ତିଆରି କରିବାର ସୁଯୋଗ ଦିଆଯାଇ ନ ଥିଲା। ଯାହାଦ୍ୱାରା କାରିଗରମାନେ ରୋଜଗାରରୁ ବଞ୍ଚିତ ହୋଇଛନ୍ତି। ଲକ୍‌ଡାଉନ ହଟିଲେ ଚାନ୍ଦୁଆ ଦୋକାନଗୁଡ଼ିକ ଖୋଲିବ। କିନ୍ତୁ ପର୍ଯ୍ୟଟକ ନ ଆସିଲେ ବେପାର ଆଶା କ୍ଷୀଣ। ତେଣୁ ସରକାର ଚାନ୍ଦୁଆ କାରିଗର ଓ ବ୍ୟବସାୟୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ଦରକାର।

– ରମେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ, ପିପିଲି ଚାନ୍ଦୁଆ କ୍ଲଷ୍ଟର ମହାସଂଘ

ଚାନ୍ଦୁଆ କାରିଗରୀ କରୁଥିବା କ୍ଷୁଦ୍ର କାରିଗରମାନେ ମୋ'ଠାରୁ କାମ ନେଇ ଗୁଜରାଣ ମେଣ୍ଟାଉଥିଲେ। ଏବେ କରୋନା ଯୋଗୁ ଚାନ୍ଦୁଆ ବ୍ୟବସାୟ ବନ୍ଦ ଥିବାରୁ କାରିଗରମାନେ ଅଭାବ ଅନଟନରେ ଧାରକରଜ କରି ଚଳୁଛନ୍ତି। ଏଥିପ୍ରତି ସରକାରଙ୍କ ଦୃଷ୍ଟି ପଡୁ।

– ଶ୍ରୀବତ୍ସ ମହାପାତ୍ର, ଚାନ୍ଦୁଆ କାରିଗର

ପ୍ରତିଦିନ ମୁଁ ଓ ମୋ ପରିବାର ଚାନ୍ଦୁଆ କାମ କରୁ। କରୋନା ଯୋଗୁ ତାଙ୍କ କାମ ବନ୍ଦ ଥିବାରୁ ସଞ୍ଚିତ ଅର୍ଥ ସରିଗଲାଣି। ଅଭାବ ଯୋଗୁ ହଇରାଣ ହେଉଛି। ସରକାରଙ୍କ ସହାୟତାକୁ ଅନାଇ ବସିଛି।

– ସତ୍ୟପୀର ମହାପାତ୍ର, ଚାନ୍ଦୁଆ କାରିଗର

ମୋ ପାଖରେ ଶତାଧିକ ଚାନ୍ଦୁଆ କାରିଗର କାମ କରି ସେମାନଙ୍କ ପରିବାର ଚଳାଇଥାନ୍ତି। କିନ୍ତୁ କରୋନା ପାଇଁ ନିଜ ବ୍ୟବସାୟରେ କ୍ଷତି କାରଣରୁ କାରିଗରମାନଙ୍କୁ ଆଉ ସହାୟତା କରିପାରୁନାହିଁ। ଏହି ସମୟରେ ସରକାର ଆମମାନଙ୍କ ଗୁହାରି ଶୁଣିଲେ ଦୁଃଖ ଘୁଞ୍ଚନ୍ତା।

– ରସା ମହାରଣା, ଚାନ୍ଦୁଆ ନିର୍ମାତା

ଚାନ୍ଦୁଆ କାମ କରି ପରିବାର ପ୍ରତିପୋଷଣ କରେ। ଏହାଛଡ଼ା ଆଉ କିଛି ପନ୍ଥା ନାହିଁ। ଆଗକୁ ଚାନ୍ଦୁଆ ବ୍ୟବସାୟ ଚାଲିବାର ସମ୍ଭାବନା କମ। ତେଣୁ ଆଣିଥିବା ରଣରୁ କିପରି ମୁକୁଳିବି ଏବଂ ତାଙ୍କ ପରିବାର କେମିତି ଚଳାଇବି ସେଇ ଚିନ୍ତା ଘାରିଛି।

– ଭରତ ମହାପାତ୍ର, ଚାନ୍ଦୁଆ କାରିଗର

ଭୁବନେଶ୍ୱରରେ ବୁଲିବ ମାସ୍କ ମୋବାଇଲ ଭ୍ୟାନ୍

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

- ଓର୍‌ମାସ୍ ଖୋଲିଲା ମାସ୍କ କାଉଣ୍ଟର
- ୧୫ ଟଙ୍କାରେ କିଣିପାରିବେ ଲୋକେ

କରୋନା ଭୂତାଣୁ ସଂକ୍ରମଣ ରୋକିବା ଦିଗରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଛନ୍ତି। ସାଧାରଣ ଲୋକଙ୍କ ଲାଗି ରାଜ୍ୟର ବିଭିନ୍ନ ଜିଲାରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଉତ୍ପାଦକ ଗୋଷ୍ଠୀର ସଦସ୍ୟାମାନେ କପଡ଼ାରେ ମାସ୍କ ତିଆରି କରୁଛନ୍ତି। ଏହି କପଡ଼ା ମାସ୍କ ଲୋକଙ୍କ ନିକଟରେ ସୁବିଧାରେ ଉପଲବ୍ଧ କରାଇବା ପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓର୍‌ମାସ୍ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି।

ଅନ୍ୟପକ୍ଷରେ ଏହି ମାସ୍କର ବିକ୍ରି ପାଇଁ ଭୁବନେଶ୍ୱର ୟୁନିଟ-୮ସ୍ଥିତ ଏସ୍‌ଆଇଆର୍‌ଡି କ୍ୟାମ୍ପସ ସମ୍ମୁଖରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି। ରବିବାର ପୂର୍ବାହ୍ନରେ ଏହି କାଉଣ୍ଟରର ଶୁଭାରମ୍ଭ କରାଯାଇଛି। ଏଠାରେ ମିଳୁଥିବା ପ୍ରତ୍ୟେକ ମାସ୍କର ଦାମ୍ ୧୫ ଟଙ୍କା ରହିଛି। ଏହି ମାସ୍କକୁ ଥରେ ବ୍ୟବହାର କରିବା ପରେ ଡିଟରଜେଣ୍ଟ କିମ୍ବା ଗରମ ପାଣିରେ ଭଲ ଭାବେ ସଫା କରି ପୁଣିଥରେ ବ୍ୟବହାର କରିହେବ। କାଉଣ୍ଟରରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କରୋନା ସତର୍କତାମୂଳକ ନିୟମ ଅବଲମ୍ବନ କରି ମାସ୍କ ବିକ୍ରି କରୁଛନ୍ତି। ପ୍ରତିଦିନ ସକାଳ ୮ଟାରୁ ଦିନ ୧୨ଟା ଏବଂ ଅପରାହ୍ନ ୪ଟାରୁ ରାତି ୮ଟା ଯାଏ ଏହି କାଉଣ୍ଟର ଖୋଲା ରହିବ। ଏଥିସହ ଏକ ମୋବାଇଲ ଭ୍ୟାନ ମଧ୍ୟ ସୋମବାରଠାରୁ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ। ଏଥିରେ କରୋନା ମୁକାବିଲା ସଚେତନତା ବାର୍ତ୍ତା ସହ ମାସ୍କ ସମ୍ପର୍କିତ ସୂଚନା ରହିବ। ଉକ୍ତ ଭ୍ୟାନ୍‌ରେ ମାସ୍କ ବିକ୍ରି କରିବାକୁ ଯୋଜନା ରହିଛି। ସେହିଭଳି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ତିଆରି ମାସ୍କ ରାଜ୍ୟର ବିଭିନ୍ନ ଜିଲା ସଦର ମହକୁମା ଏବଂ ବ୍ଲକ୍ ସ୍ତରରେ ମଧ୍ୟ ବିକ୍ରି କରିବାରେ ଓର୍‌ମାସ୍ ସହଯୋଗ କରୁଛି। ସାଧାରଣ କପଡ଼ାରେ ତିଆରି ଏବଂ କମ୍ ଦର ଯୋଗୁ ଲୋକଙ୍କ ମଧ୍ୟରେ ଏହି ମାସ୍କର ଚାହିଦା ରହିଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ କରୋନା ଲକ୍‌ଡାଉନ୍ ପରଠାରୁ ଏବେସୁଦ୍ଧା ରାଜ୍ୟର ୨୧ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀ ପ୍ରାୟ ୧୨ ଲକ୍ଷ ମାସ୍କ ତିଆରି କରି ବଜାରକୁ ଛାଡ଼ିଛନ୍ତି।

ପିପିଲି ଟୋଲ୍ ପ୍ଲାଜାରୁ ଟିକସ ଆଦାୟ ଆରମ୍ଭ

ପିପିଲି, ୨୦।୪ (ସ୍ୱ.ପ୍ର)

ରାଜ୍ୟ ସରକାର ଲକ୍‌ଡାଉନକୁ କିଛିମାତ୍ରାରେ କୋହଳ କରିଛନ୍ତି। ପୁରୀ ଜିଲା ପିପିଲି ଟୋଲ ପ୍ଲାଜା ସିଲକୁ ସୋମବାରଠାରୁ ଖୋଲା ଯାଇଛି। ଏଥିସହ କର୍ମଚାରୀମାନେ ପୂର୍ବଭଳି ଟୋଲ ପ୍ଲାଜାରେ ଟିକସ୍ ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଟୋଲ ପ୍ଲାଜା ସିଲ ଖୋଲାଯିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି। ସାମାଜିକ ଦୂରତ୍ୱ ବଜାୟ ରଖି ଟୋଲ ପ୍ଲାଜାର ସମସ୍ତ କର୍ମଚାରୀ ହାତରେ ଗ୍ଲୋବ୍ସ, ମୁହଁରେ ମାସ୍କ ପିନ୍ଧି ଟିକସ୍ ଆଦାୟ କରିଥିଲେ। ସେପଟେ ଟୋଲ ପ୍ଲାଜାଠାରୁ ପ୍ରାୟ ୫୦ଫୁଟ ଦୂରରେ ଭୁବନେଶ୍ୱର ପ୍ରବେଶ ପଥକୁ ବାରିକେଡ କରାଯାଇ ଯିବା ଆସିବା କରୁଥିବା ସମସ୍ତ ଗାଡିକୁ ପୂର୍ବଭଳି ପିପିଲି ଥାନା ପୋଲିସ କଡାକଡି ଯାଞ୍ଚ କରୁଥିବା ଆଇଆଇସି ଶରତ କୁମାର ସାହୁ କହିଛନ୍ତି।

କାର୍ ସହ ୬ ଅଟୋକୁ ଧକ୍କାଦେଲା ଟ୍ୟାଙ୍କର: ୪ ଆହତ

ବାଲୁଗାଁ,୨୦।୪(ଡ଼ି.ଏନ.ଏ.)

୧୬ ନଂ. ଜାତୀୟ ରାଜପଥର ନାଭାଲଛକଠାରେ ସୋମବାର ଏକ ପିଚୁ ଟ୍ୟାଙ୍କର କାର ସହ ରାସ୍ତାପାର୍ଶ୍ୱରେ ଥିବା ୬ ଅଟୋକୁ ଧକ୍କା ଦେଇଥିଲା। ପରେ ଟ୍ୟାଙ୍କରଟି ରାଜପଥ ପାର୍ଶ୍ୱକୁ ଖସି ପଡିଥିଲା। କାର ଓ ଅଟୋରେ ଅପେକ୍ଷାରତ ୪ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ନିମନ୍ତେ ଦମକଳ ବାହିନୀ କର୍ମଚାରୀମାନେ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ନାଭାଲ ଛକସ୍ଥିତ ଆଭା ହସ୍ପିଟାଲକୁ ଚିକିତ୍ସା ନିମନ୍ତେ କେତେଜଣ ରୋଗୀ ଯାଇଥିଲେ। ଲକ୍‌ଡାଉନ ଯୋଗୁ ଅଟୋ ରିକ୍ସା ଭୁବନେଶ୍ୱରରୁ ବ୍ରହ୍ମପୁର ଯିବା ରାସ୍ତାପାର୍ଶ୍ୱରେ ରହିଥିଲା। ଭୁବନେଶ୍ୱର ଆଡୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ପିଚୁ ଟ୍ୟାଙ୍କର (ନଂ. ଏନଏଲ ୦୧କେ ୮୭୭୧) ଚିଲିକା ଆଇଏନ୍‌ଏସ୍ ନିକଟରେ ବିପରୀତ ଦିଗରୁ ଆସୁଥିବା କାର (ନଂ. ଓଡି ୦୨ଏକ୍ସ ୩୦୦୪)କୁ ଧକ୍କା ଦେଇଥିଲା। ପରେ ଟ୍ୟାଙ୍କରଟି ରାସ୍ତାକଡରେ ଥିବା ୬ ଅଟୋକୁ ଧକ୍କା ଦେଇଥିଲା। କାରରେ ଥିବା ବାସୁଦେବ ସାହୁ ଓ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅଟୋଗୁଡିକୁ ଟ୍ୟାଙ୍କର ଧକ୍କା ଦେବାରେ ୨ଜଣ ଗୁରୁତର ଭାବେ ଆହତ ହୋଇ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଆହତମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ଅନ୍ୟତ୍ର ପଠାଯାଇଥିବା ଜଣାପଡିଛି।

ନିରତାର ପରିସରରେ ଗୁଟଖା, ପାନଛେପ ନିଷିଦ୍ଧ

କଣ୍ଟାପଡା, ୨୦।୪(ଡି.ଏନ୍.ଏ.)

କରୋନା ସଂକ୍ରମଣକୁ ରୋକିବା ପାଇଁ ବିଭିନ୍ନ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏହି କ୍ରମରେ କଟକ ଜିଲା ଓଲଟପୁରଠାରେ ଥିବା ଦିବ୍ୟାଙ୍ଗ ଚିକିତ୍ସା ଓ ଗବେଷଣା କେନ୍ଦ୍ରରେ ଗୁଟ୍‌ଖା, ତମାଖୁ ଖାଇବା ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ସେହିପରି ନିରତାର ପରିସରରେ ଏଣେତେଣେ ପାନଛେପ ପକାଇବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏଥିସହ କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଲକ୍‌ଡାଉନ ମେ ୩ ପର୍ଯ୍ୟନ୍ତ ନିରତାରରେ ଏକ ୮ ସୂତ୍ରୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ରବିବାର ନିରତାର ସମ୍ମିଳନୀ କକ୍ଷରେ ଏହାର ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏଠାରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଅନଲାଇନରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଲକ୍‌ଡାଉନ ପର୍ଯ୍ୟନ୍ତ ଶତକଡା ୩୩ ଭାଗ କର୍ମଚାରୀଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା, ଜରୁରୀ ଚିକିତ୍ସା ସେବା, ସମସ୍ତ ପଦସ୍ଥ ଅଧିକାରୀଙ୍କୁ ଅଫିସ ଆସିବା ବାଧ୍ୟତାମୂଳକ କରାଯାଇଛି। ଛୁଟିରେ ଥିବା କର୍ମଚାରୀମାନେ ଆବଶ୍ୟକ ସ୍ଥଳେ ଦୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଜାରି ହୋଇଛି।

୨ ହଜାରରୁ ଊର୍ଦ୍ଧ୍ୱ ନମୁନାର ରାପିଡ୍ ଟେଷ୍ଟ

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ରାଜଧାନୀକୁ ସଂକ୍ରମଣ ମୁକ୍ତ ଲକ୍ଷ୍ୟ ନେଇ ବିଏମ୍‌ସି ପକ୍ଷରୁ ରାପିଡ୍ ଟେଷ୍ଟ ଚାଲିଛି। ଏହି ଅଭିଯାନର ୩ୟ ଦିନ ସୋମବାରରେ ଭୁବନେଶ୍ୱରରୁ ୨ହଜାରରୁ ଊର୍ଦ୍ଧ୍ୱ ନମୁନା ସଂଗ୍ରହ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଦକ୍ଷିଣ ପଶ୍ଚିମ ମଣ୍ଡଳରୁ ୭ଶହରୁ ଊର୍ଦ୍ଧ୍ୱ, ଉତ୍ତର ମଣ୍ଡଳରୁ ୭୮୭, ଦକ୍ଷିଣ ପୂର୍ବ ମଣ୍ଡଳର ବିଭିନ୍ନ ଶିବିରରୁ ପାଖାପାଖି ୭ଶହ ନମୁନା ସଂଗ୍ରହ ହୋଇଥିବା ବିଏମ୍‌ସି ସୂତ୍ରରୁ ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ସୋମବାର ବିଏମ୍‌ସି ପକ୍ଷରୁ ୧ ନଂ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଭୁବନେଶ୍ୱରରେ କାର୍ଯ୍ୟରତ ୩ଶହ ଗଣମାଧ୍ୟମ ପ୍ରତିନିଧିଙ୍କ ରାପିଡ୍ ଟେଷ୍ଟ କରାଯାଇଥିଲା। ପର୍ଯ୍ୟାପ୍ତ ଟେଷ୍ଟିଂ କିଟ୍‌ର ଅଭାବ ଏବଂ ସାମାଜିକ ଦୂରତା ଉଲ୍ଲଂଘନ କାରଣରୁ ଅନେକ ଗଣମାଧ୍ୟମ ପ୍ରତିନିଧି ଉକ୍ତ ଶିବିରରେ ଟେଷ୍ଟ କରିବାର ସୁଯୋଗ ପାଇନଥିଲେ। ଅଧିକାଂଶ ଗଣମାଧ୍ୟମ ପ୍ରତିନିଧି ବିଏମ୍‌ସିର ଏହି କାର୍ଯ୍ୟ ବ୍ୟବସ୍ଥା ଉପରେ କ୍ଷୋଭ ପ୍ରକାଶ କରିଥିଲେ।

୧୬ ପରିବାରଙ୍କୁ ଘରଭଡ଼ା ଛାଡ଼ କଲେ ରଘୁନାଥ

କଟକ ଅଫିସ,୨୦।୪

ସହରରେ ଅଧାରୁ ଅଧିକ ଭଡ଼ାଟିଆ ବାସିନ୍ଦା। ଭଡ଼ା ରହୁଥିବା ଲୋକେ ବି ଅଧିକାଂଶରେ ବ୍ୟବସାୟ, ଛୋଟ ଦୋକାନ କିମ୍ବା କୌଣସି ଘରୋଇ କମ୍ପାନୀରେ ଚାକିରି କରି ପରିବାର ପ୍ରତିପୋଷଣ କରନ୍ତି। କରୋନା ପ୍ରଭାବରୁ ହୋଇଥିବା ଲକଡାଉନ ଏବେ ବଳବତ୍ତର ଥିବାରୁ ରୋଜଗାରର ସମସ୍ତ ବାଟ ବନ୍ଦ। ଏଭଳି ପରିସ୍ଥିତିରେ ଭଡ଼ାଟିଆମାନଙ୍କୁ ଘରଭଡ଼ା ଛାଡ଼ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ରୋଭରଷ୍ଟ୍ରିଟ ଅଞ୍ଚଳର ରଘୁନାଥ ଦତ୍ତ। ଗୋଟିଏ କି ଦୁଇ

ସଂକ୍ଷେପରେ

କେନ୍ଦ୍ରୀୟ ଟିକସରୁ ଓଡ଼ିଶାକୁ ୨,୧୩୧ କୋଟି

ନୂଆଦିଲ୍ଲୀ,୨୦।୪: କେନ୍ଦ୍ରୀୟ ଟିକସ ଏବଂ ଶୁଳ୍କରେ ରାଜ୍ୟ ଗୁଡିକର ଅଂଶ ବାବଦକୁ ଏପ୍ରିଲର କିସ୍ତି ପ୍ରଦାନ ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୪୬,୦୩୮ କୋଟି ଟଙ୍କାର ରାଶିକୁ ମଞ୍ଜୁରୀ ଦିଆଯାଇଛି। ଏହି ରାଶି ମଧ୍ୟରୁ ୨,୧୩୧.୧୩ କୋଟି ଟଙ୍କା ପାଇବ ବୋଲି ଜଣାପଡିଛି। ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଟୁଇଟ ଯୋଗେ ସୂଚନା ଦିଆଯାଇଛି। ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିଶ ମୁତାବକ ରାଜ୍ୟଗୁଡିକୁ ବର୍ତ୍ତମାନ ଚ୍ୟାଲେଞ୍ଜିଂ ସମୟରେ ସହାୟତା କରିବା ଲାଗି କେନ୍ଦ୍ର ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୨୦-୨୧ ବଜେଟରେ କେନ୍ଦ୍ରୀୟ ଟିକସରେ ରାଜ୍ୟ ଗୁଡିକର ଅଂଶ ପ୍ରାୟ ୭.୮୪ ଲକ୍ଷ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଇଛି।

ବିହାରରୁ ସାଇକେଲରେ ଓଡଗାଁ ବାହାରିଲେ ମିସ୍ତ୍ରି

ଓଡ଼ଗାଁ,୨୦।୪(ସ୍ୱ.ପ୍ର.): ମନ୍ଦିର କାମରେ ଓଡଗାଁରୁ ବିହାର ଯାଇଥିବା ଜଣେ ମନ୍ଦିର ମିସ୍ତ୍ରି ସ୍ଥାନୀୟ ଛାମୁସାହିର ବୁଲୁ ସେନାପତି (୩୭) ଲକ୍‌ଡାଉନ ଯୋଗୁ ସେଠାରେ ଫସିରହିଥିଲେ। ସୋମବାର ଭୋର ୩ଟାରେ ସେ ବିହାର ରାଜ୍ୟରୁ ସାଇକେଲରେ ଗାଁକୁ ଫେରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ବୁଲୁଙ୍କ ସହ ନିକଟସ୍ଥ ରବିଗାଡିଆର ଜଣେ ସମ୍ପର୍କୀୟ ଯୁବକ ଦୀର୍ଘ ୧୨୦୦ କିମି ସାଇକେଲରେ ବାହାରିଛନ୍ତି। ସେମାନେ ବିହାରରୁ ପଶ୍ଚିମବଙ୍ଗର ବିଭିନ୍ନ ସହର, ଟାଟା ନଗର, ବାଲେଶ୍ୱର ଦେଇ ଗାଁକୁ ଆସୁଥିବା ବୁଲୁଙ୍କର ଜଣେ ବନ୍ଧୁ ସୂଚନା ଦେଇଛନ୍ତି।

କରୋନା ସ୍ଥିତି ପରଖିଲେ ଡିଜିପି

ନୟାଗଡ଼ ଅଫିସ,୨୦।୪: ପୋଲିସ ମହାନିର୍ଦ୍ଦେଶକ (ଡିଜି) ଅଭୟ ସୋମବାର ନୟାଗଡ଼ ଜିଲା ଗସ୍ତରେ ଆସି କରୋନା ସ୍ଥିତି ପରଖିଛନ୍ତି। ପୋଲିସ ଡିଜି ପ୍ରଥମେ ଇଟାମାଟି ଥାନା ପୋଲିସ ସହ କରୋନା ମୁକାବିଲା ନେଇ ଆଲୋଚନା କରିଥିଲେ। ପରେ ନୟାଗଡ ଟ୍ରାଫିକ ଛକରେ ପହଞ୍ଚି କରୋନା କଟକଣା କାର୍ଯ୍ୟକାରିତା ଅନୁଧ୍ୟାନ କରିଥିଲେ। ସେଠାରେ ସେ ନୟାଗଡ କଲେଜର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କ୍ୟାଡେଟ୍‌ଙ୍କ ସହ ଆଲୋଚନା କରିଥିଲେ। ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଥିବା ଏହି କ୍ୟାଡେଟ୍‌ମାନଙ୍କୁ କରୋନା ସମୟର ଅଭିଜ୍ଞତା ପଚାରି ବୁଝିଥିଲେ। ପରେ ବାରାକର ସୁରକ୍ଷା କର୍ମୀଙ୍କଠାରୁ ବିଭିନ୍ନ ସୁବିଧାଅସୁବିଧା ପଚାରି ବୁଝିଥିଲେ। ଶେଷରେ କରୋନା ଓ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରି ଫେରି ଯାଇଥିଲେ। ପୋଲିସ ଡିଜିଙ୍କ ସହ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ଏହି ଗସ୍ତରେ ଆସିଥିଲେ।

ଗରମ ପେଯ ମାଡ଼ରେ ଆଶାକର୍ମୀ ଗୁରୁତର

ନୟାଗଡ଼ ଅଫିସ/ ଦଶପଲ୍ଲା,୨୦।୪(ଡି.ଏନ୍.ଏ.): ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ଅଞ୍ଚଳରେ ସୋମବାର ଜଣେ ଆଶାକର୍ମୀଙ୍କ ମୁହଁକୁ ଗରମ ପେଯ ଫିଙ୍ଗାଯାଇଛି। ଏଥିରେ ନୂଆଗାଁର ଆଶାକର୍ମୀ ମାଧୁରୀ ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଆଶାକର୍ମୀଙ୍କ ପକ୍ଷରୁ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଛି। କରୋନାକୁ ନେଇ ବାଣିଗୋଛା ଥାନାର ଏକ ଗାଁରେ ସାମାଜିକ ଦୂରତ୍ୱ ରକ୍ଷା କରିବା ପାଇଁ ଆଶାକର୍ମୀ ଲୋକଙ୍କୁ ବୁଝାଉଥିଲେ। ଏଥିରେ ଜଣେ ବ୍ୟକ୍ତି ଉତ୍ତେଜିତ ହୋଇ ତାଙ୍କ ମୁହଁକୁ ଗରମ ପେଯ ଫୋପାଡିଥିଲେ।

ଆର୍ଥିକ, ସାମାଜିକ ସୁରକ୍ଷା ଚିନ୍ତାରେ ଦେଶାନ୍ତର ଶ୍ରମଜୀବୀ

ନୂଆଦିଲ୍ଲୀ, ୨୦।୪

ଲକ୍‌ଡାଉନ ଆଣିଛି ଦୁଃଖ

ସହରାଞ୍ଚଳ ବିକାଶରେ ଦେଶାନ୍ତର ଶ୍ରମଜୀବୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରୋଜଗାର ଅନ୍ୱେଷଣରେ ଲକ୍ଷଲକ୍ଷ ଲୋକ ନିଜର ଭିଟାମାଟି ଛାଡ଼ି ଦେଶର ବିଭିନ୍ନ ରାଜ୍ୟରେ କାମ କରୁଛନ୍ତି। ବିଶେଷକରି ସହରାଞ୍ଚଳଗୁଡ଼ିକରେ ରୋଜଗାରର ଅଧିକ ସୁଯୋଗ ରହିଥିବାରୁ ସେଠାରେ ଲୋକମାନେ ଭିନ୍ନ ଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି। ଏପରି କି ଶ୍ରମିଜୀବୀଙ୍କ ଅନୁପସ୍ଥିତି ସହରାଞ୍ଚଳର ସ୍ୱାଭାବିକ ଜୀବନଯାତ୍ରାରେ ମଧ୍ୟ ବିଶେଷ ପ୍ରଭାବ ପକାଇଥାଏ। ମାତ୍ର ଏବେ ଏଭଳି ଏକ ପରିସ୍ଥିତି ସୃଷ୍ଟି ହୋଇଛି, ଯେଉଁଠି ଦେଶାନ୍ତର ଶ୍ରମଜୀବୀ ସହରବାସୀଙ୍କ ପାଇଁ ଏବେ ଅଲୋଡ଼ା ହୋଇଯାଇଛନ୍ତି। କରୋନା ଭୂତାଣୁ ସଂକ୍ରମଣର ଭୟାବହତାରୁ ରକ୍ଷା ପାଇବା ପାଇଁ ସାରା ଦେଶରେ ଲକ୍‌ଡାଉନ ଜାରି ରହିଛି। ସାମାଜିକ ଦୂରତ୍ୱ ବଜାୟ ରଖିବା ଉଦ୍ଦେଶ୍ୟରେ ଅଣସଂଗଠିତ କ୍ଷେତ୍ରଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କଳକାରଖାନା ଆଦି ବନ୍ଦ ରହିଛି। ତେଣୁ ଏହି ସବୁ ସ୍ଥାନରେ କାର୍ଯ୍ୟକରୁଥିବା ଲକ୍ଷଲକ୍ଷ ଲୋକ ଏବେ କାମଧନ୍ଦା ନ ପାଇଁ ବେରୋଜଗାର ହୋଇଯାଇଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତି ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ଘରଠାରୁ ଶହ ଶହ କିଲୋମିଟର ଦୂରରେ ରହି ବିଭିନ୍ନ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ କାମ କରି ଚଳୁଥିବା ଲୋକଟିଏ ଏବେ ପେଟକୁ ଦୁଇ ମୁଠା ଖାଦ୍ୟ ସଂଗ୍ରହ କେମିତି କରିବ ତା' ପାଇଁ ଏବେ ବଡ଼ ପ୍ରଶ୍ନ ପାଲଟିଛି। ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନେ ଏବେ ବିଶେଷମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଅନ୍ୟପକ୍ଷରେ ରେଳ, ଗାଡ଼ିମୋଟର ଚଳାଚଳ ବନ୍ଦ ଥିବାରୁ ରାଜ୍ୟ ବାହାରେ ରହି କାମ କରୁଥିବା ଲୋକମାନେ ଏବେ ନିଜ ଗାଁକୁ ମଧ୍ୟ ଫେରିପାରୁ ନାହାନ୍ତି।

ଦେଶରେ ଲକ୍‌ଡାଉନ୍ ମେ' ୩ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଲକ୍‌ଡାଉନ ସମୟରେ ସବୁକିଛି ବନ୍ଦ ଥିବାରୁ ଲୋକମାନେ କାମଧନ୍ଦା ପାଉ ନାହାନ୍ତି। ଏପରି କି ଘରକୁ ଫେରିବାକୁ ଚାହିଁଲେ ସୁଦ୍ଧା ଫେରିପାରୁ ନାହାନ୍ତି। ଫଳରେ ସେମାନଙ୍କ ମଧ୍ୟରେ ବିରୋଧ ମନୋଭାବ ସୃଷ୍ଟି ହେଉଛି, ଯାହାର ପ୍ରତିଫଳନ ଚଳିତ ମାସ ଦ୍ୱିତୀୟ ସପ୍ତାହରେ ସୁରଟରେ ରହୁଥିବା ଶ୍ରମିକଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥିଲା। ଥରେ ନୁହେଁ ଦୁଇଦୁଇ ଥର ସେମାନେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁମ୍ବାଇ, ଦିଲ୍ଲୀ ଏବଂ ଅନ୍ୟ ସହରରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଅପରପକ୍ଷରେ କାହାକୁ ଭୋକିଲା ନ ରଖିବାକୁ ସରକାର ସମସ୍ତ ପ୍ରକାର ଚେଷ୍ଟା ଚଳାଇଛନ୍ତି। ବିଭିନ୍ନ ସ୍ଥାନରେ ଫସିରହିଥିବା ଲୋକମାନଙ୍କୁ ଖାଦ୍ୟ ସାମଗ୍ରୀ, ରନ୍ଧା ଖାଦ୍ୟ ଦିଆଯାଉଛି। ଏପରି କି ବାହାର ରାଜ୍ୟରେ ରହି କାମ କରୁଥିବା ଲୋକମାନେ ଏବେ ଅନ୍ୟକୁଆଡ଼େ ଯିବାର ଆବଶ୍ୟକ ନାହିଁ। ସେମାନଙ୍କୁ ସେହିଠାରେ ଯୋଗ୍ୟତା ଭିତ୍ତିରେ କାମ ଯୋଗାଇ ଦିଆଯିବ ବୋଲି ରବିବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏହାସତ୍ତ୍ୱେ ଭିଟାମାଟିକୁ ଫେରିପାରୁ ନ ଥିବାରୁ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ସାଧାରଣଭାବେ ସହରାଞ୍ଚଳରେ ବିଭିନ୍ନ କ୍ଷେତ୍ରରେ କାମ ମିଳିବାର ସୁଯୋଗ ରହିଥିବାରୁ ଅଧିକାଂଶ ଲୋକ କାମଧନ୍ଦା ଆଶାରେ ବାହାର ରାଜ୍ୟକୁ ଯାଇଥାନ୍ତି। ବିଶେଷକରି ଦିଲ୍ଲୀ ଓ ମୁମ୍ବାଇ, ସୁରଟରେ ବିଭିନ୍ନ ରାଜ୍ୟର ଲୋକ କାମ କରି ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁରକ୍ଷା ଦେଉଛନ୍ତି। ଆର୍ଥିକ ସୁରକ୍ଷା ନିଶ୍ଚିତ ହେବା ପରେ ସେମାନଙ୍କ ସାମାଜିକ ସୁରକ୍ଷା ମଧ୍ୟ ଆପେ ଆପେ ସୁଦୃଢ଼ ହୋଇଥାଏ। ମାତ୍ର ଲକ୍‌ଡାଉନ ହେବା ପରଠାରୁ ସେମାନଙ୍କ ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସେମାନଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟ ଦେଇ ଗତି କରୁଛି। ତେଣୁ ବର୍ତ୍ତମାନର ପରିସ୍ଥିତିରେ ସରକାର କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ସହ ସେଠାରେ କାର୍ଯ୍ୟକରୁଥିବା ଲୋକଙ୍କ ଆର୍ଥିକ ସୁରକ୍ଷାକୁ ନିଶ୍ଚିତ କରିପାରିଲେ ସାମାଜିକ ସନ୍ତୁଳନ ଠିକ୍ ରହିପାରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ପିଡିଏସ୍ ସାମଗ୍ରୀ ବଣ୍ଟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୪(ବ୍ୟୁରୋ): ଲକ୍‌ଡାଉନ୍ ଜାରି ଥିବାବେଳେ ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷା ଲାଗି ସାମାଜିକ ଦୂରତା ସରକାରଙ୍କ ଦ୍ୱାରା ଜାରି ରଖାଯାଇଛି। ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ କରି ହିତାଧିକାରୀଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଏପ୍ରିଲ, ମେ ଏବଂ ଜୁନ୍ ତିନିମାସର ଆଗୁଆ ପିଡିଏସ୍ ସାମଗ୍ରୀ ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟକୁ ଆବଣ୍ଟିତ ଚାଉଳ ଓ ଗହମ ମଧ୍ୟରୁ ଏପର୍ଯ୍ୟନ୍ତ ୯୯ପ୍ରତିଶତ ଉଠାଣ କରାଯାଇ ସୁଲଭ ମୂଲ୍ୟ ଦୋକାନଗୁଡ଼ିକ ଜରିଆରେ ଯୋଗାଇ ଦିଆଯାଇଛି। ରାଜ୍ୟର ୩.୩ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହି ତିନି ମାସର ରାଶନ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ୭୭ ଲକ୍ଷ ୬୬ ହଜାର ୩୨୩ ଜଣ ରାଶନକାର୍ଡଧାରୀ ପରିବାରଙ୍କୁ ଆଗୁଆ ଖାଦ୍ୟ ସାମଗ୍ରୀ ଦିଆଯାଇଛି ।

କାଜୁ ଜଙ୍ଗଲ ଲିଜ୍‌କୁ ନେଇ ବୋମାମାଡ଼, ଜଣେ ମୃତ

ବେଗୁନିଆପଡା,୨୦।୪(ଡି.ଏନ.ଏ.)

କାଜୁ ଜଙ୍ଗଲ ଲିଜ୍‌କୁ ନେଇ ବେଗୁନିଆପଡା ବ୍ଲକ ଖିଡିଙ୍ଗିଠାରେ ସୋମବାର ୨ଗୋଷ୍ଠୀ ମୁହାଁମୁହିଁ ହେବା ସହ ବୋମାମାଡରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆପଡା ଫାଣ୍ଡି ଅନ୍ତର୍ଗତ ବଡଖଇରିଖମା ପଞ୍ଚାୟତ ଗୁଞ୍ଜଗଳ ଗ୍ରାମର ପ୍ରଭାକର ବିଶ୍ୱାଳ(୩୮)।

ଅନ୍ୟ ୨ଜଣ ଆହତ ହୋଇ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଗଞ୍ଜାମ ଜିଲା ଏସ୍‌ପି ବ୍ରିଜେଶ କୁମାର ରାଏ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ବେଗୁନିଆପଡା ବ୍ଲକ କୁମାରିପାରି ସ୍ଥିତ ନଂ.୧ ଜଙ୍ଗଲ ଓଡ଼ିଶା କାଜୁ ନିଗମର ଅଧୀନରେ ରହିଛି। ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଏଠାରେ ବସବାସ କରୁଥିବା ଆଦିବାସୀ କାଜୁ ଜଙ୍ଗଲର ରକ୍ଷଣାବେକ୍ଷଣ କରିବା ସହ ଏହା ଉପରେ ଜୀବିକା ନିର୍ବାହ ପାଇଁ ନିର୍ଭର କରିଥାନ୍ତି। ତେବେ ସୁମଣ୍ଡଳ ଅଞ୍ଚଳର ଅଣ ଆଦିବାସୀ ଏହି ଜଙ୍ଗଲକୁ ଲିଜ୍ ସୂତ୍ରରେ ନେଇଥିଲେ। ଏହାକୁ ନେଇ ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧ୍ୟରେ ଛକପଞ୍ଜା ଲାଗିରହିଥିଲା। ସୋମବାର ପ୍ରଭାକର, ତାଳସର ଗ୍ରାମର ଅଶୋକ ରାଉତ ଓ ସନିଆ ଜେନା ଉକ୍ତ ଜଙ୍ଗଲକୁ ଭାଲିଆ ସଂଗ୍ରହ ପାଇଁ ଯାଇଥିବାବେଳେ ଆଦିବାସୀମାନେ ବିରୋଧ କରିବାରୁ ଉଭୟ ଗୋଷ୍ଠୀ ମୁହାଁମୁହିଁ ଓ ପରେ ବୋମାମାଡ ହୋଇଥିଲା। ଘଟଣାସ୍ଥଳରେ ପ୍ରଭାକର ମୃତ୍ୟୁବରଣ କରିଥିବା ବେଳେ ଅଶୋକ ଓ ସନିଆ ଆହତ ହୋଇଥିଲେ। ସେମାନଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖଲ୍ଲିକୋଟ ପୋଲିସ ମେଡିକାଲରେ ପହଞ୍ଚିବା ସହ ଉକ୍ତ ମାମଲାକୁ ବେଗୁନିଆପଡା ପୋଲିସକୁ ହସ୍ତାନ୍ତର କରିଛି। ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁ, କୋଦଳା ତହସିଲଦାର ପ୍ରଭାତ କୁମାର ପରିଡ଼ା, ଥାନା ଅଧିକାରୀ ଦେବାଶିଷ ମହାନ୍ତି, ବେଗୁନିଆପଡା ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ପ୍ରକାଶ ଥାଉକି, ଗତ ୭ଦିନ ତଳେ ଖୀଡିଙ୍ଗି ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନ ଆହତ ହୋଇ ଚକସହତ ହେଉଛନ୍ତି।

ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ ଅନୁରୋଧ

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ପ୍ରତାପ

ଭୁବନେଶ୍ୱର, ୨୦।୪(ବ୍ୟୁରୋ): କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ସୋମବାର ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦୃଷ୍ଟିଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ସାମ୍ପ୍ରତିକ ସ୍ଥିତିରେ କରୋନା ବ୍ୟତୀତ ଅନ୍ୟ କିଛି ଗୁରୁତର ରୋଗରେ ପୀଡ଼ିତଙ୍କୁ ଅଧିକାଂଶ ସରକାରୀ ଏବଂ ଘରୋଇ ଡାକ୍ତରଖାନା ଉପଯୁକ୍ତ ଚିକିତ୍ସା ଦେଉନାହାନ୍ତି, ଯେଉଁଥିଲାଗି ସେମାନେ ବହୁତ ହଇରାଣ ହେଉଛନ୍ତି। ଏନେଇ ଦୃଷ୍ଟିଦେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେହିପରି ବାହାରେ ରହୁଥିବା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନେଇ ମଧ୍ୟ କେନ୍ଦ୍ରମନ୍ତ୍ରୀ ଚିନ୍ତା ପ୍ରକଟ କରି କହିଛନ୍ତି ଯେ, ଦାଦନ ଯାଇଥିବା ଶ୍ରମିକମାନଙ୍କ ସୁରକ୍ଷା ଲାଗି ସେମାନଙ୍କୁ ବିଶେଷ ସହାୟତା, ଖାଦ୍ୟ ସୁରକ୍ଷା ଲାଗି ସରକାର ବହୁ ପଦକ୍ଷେପ ନେଇଛନ୍ତି। ସେମାନଙ୍କୁ ଖାଦ୍ୟ, ମେଡିସିନ ଏବଂ ଚିକିତ୍ସା ସୁବିଧା ଦେବା ଲାଗି ଚେଷ୍ଟା କରାଯିବା ଆବଶ୍ୟକ। ବାହାର ରାଜ୍ୟରେ କରୋନା ଯୋଗୁ ଫସି ରହିଥିବା ଶ୍ରମିକମାନଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ। ବର୍ତ୍ତମାନ ସମୟରେ ସେହ ଶ୍ରମିକମାନଙ୍କ ଚକସା ଲାଗି ରାଜ୍ୟ ସରକାର ଆୟୁଷ୍ମାନ ଯୋଜନା ଲାଗୁ କରନ୍ତୁ। ଏହି ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ୨୫ଟି ରାଜ୍ୟ ଏବଂ ୭ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଆୟୁଷ୍ମାନ ଯୋଜନା ଲାଗୁ ହୋଇଛି। ଅନ୍ୟପଟେ ଶ୍ରୀମନ୍ଦିର ସେବାୟତମାନଙ୍କୁ ୫ ହଜାର ଟଙ୍କା ଲେଖାଏ ସହାୟତା ମିଳିବା ନେଇ ସରକାର ଘୋଷଣା କରିବାପରେ କେନ୍ଦ୍ରମନ୍ତ୍ରୀ ଅନ୍ୟ ମନ୍ଦିରଗୁଡିକ ଲାଗି ସମାନ ବ୍ୟବସ୍ଥା ଲାଗୁ କରିବାକୁ ଅନୁରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜଗନ୍ନାଥ ମନ୍ଦିରର ସେବାୟତମାନଙ୍କୁ ମନ୍ଦିର ପ୍ରଶାସନ ୫ ହଜାର ଟଙ୍କା ଦେବା ଲାଗି ଯେଉଁ ଘୋଷଣା କରିଛି ତାହା ସ୍ୱାଗତଯୋଗ୍ୟ। ସେହିପରି ସାକ୍ଷୀଗୋପାଳର ଗୋପାଳଜୀ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ଯାଜପୁରର ବିରଜା ମନ୍ଦିର, ଘଟଗାଁ ତାରିଣୀ ମନ୍ଦିର, ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିର ଏବଂ ଅନ୍ୟ ମନ୍ଦିରଗୁଡିକର ସେବାୟତମାନଙ୍କ ଲାଗି ମଧ୍ୟ ସମାନ ବ୍ୟବସ୍ଥା ଲାଗୁ କରିବାକୁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି।

ଏକ୍ସପାଏରି ବିସ୍କୁଟ ଖାଇ ଶିଶୁ ଗୁରୁତର ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୨୦।୪: ଏକ୍ସପାଏରି ବିସ୍କୁଟ ଖାଇ କେନ୍ଦ୍ରାପଡା ଜିଲା ପାଟକୁରା ଥାନା କଳାବୁଦା ଗ୍ରାମର ମନୋଜ ସେଠୀଙ୍କ ସାଢ଼େ ଚାରିବର୍ଷର ପୁଅ ଗୁରୁତର ହୋଇଛନ୍ତି। ତାଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଏ ନେଇ ମନୋଜ ଥାନାରେ ଅଭିଯୋଗ କରିଛନ୍ତି। ମନୋଜଙ୍କ ଅଭଯୋଗ ଅନୁସାରେ, ତାଲାବନ୍ଦ ଯୋଗୁ ଗତ ୧୮ ତାରିଖରେ ଗ୍ରାମର ଏସ୍‌ଏଚ୍‌ଜି ସଦସ୍ୟା ଗ୍ରାମରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହି ରିଲିଫ ସାମଗ୍ରୀ ବଣ୍ଟନ ସମୟରେ ମନୋଜଙ୍କ ଘରେ ବିସ୍କୁଟ ପ୍ୟାକେଟ ଦେଇଥିଲେ। ସେହି ବିସ୍କୁଟ ଖାଇବା ପରେ ତାଙ୍କ ପୁଅର ବାନ୍ତି, ଝାଡ଼ା ଓ ଶରୀରର ବିଭିନ୍ନ ସ୍ଥାନରେ ଆଲର୍ଜି ହୋଇଯାଇଥିଲା। ତେବେ ବିସ୍କୁଟ ପ୍ୟାକେଟ ଦେଖିବା ପରେ ଏହାର ଏକ୍ସପାଏରି ଡେଟ୍ ନ ଥିବା ଜଣାପଡ଼ିଥିଲା। ଏକ୍ସପାଏରି ଡେଟ୍ ନ ଥିବା ବିସ୍କୁଟ ବାଣ୍ଟିଥିବା ଏସ୍‌ଏଚ୍‌ଜି ସଦସ୍ୟାଙ୍କ ନାମରେ ମନୋଜ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ସୁଜିତ କୁମାର ପ୍ରଧାନଙ୍କୁ ପଚାରିବାରେ, ଅଭିଯୋଗ ମିଳିବା ପରେ ପ୍ରାଥମିକ ତଦନ୍ତ ଚାଲିଛି ବୋଲି କହିଛନ୍ତି।

ପିଆରଏମ୍ ମେଡିକାଲ୍‌ରେ ନିଆଁ

ବାରିପଦା ଅଫିସ, ୨୦।୪

ନିଆଁ ଲା

ସଂକ୍ଷେପରେ

ଦଣ୍ଡାଧରରେ ବୁଡ଼ିଗଲେ ସହକାରୀ ମତ୍ସ୍ୟ ଅଧିକାରୀ

କାମାକ୍ଷାନଗର, ୨୦।୪(ଡି.ଏନ.ଏ.): ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଧନଞ୍ଜୟ ହେମ୍ବ୍ରମ୍ (୫୯)ଙ୍କ ମୃତଦେହ ଦଣ୍ଡାଧର ଡ୍ୟାମରୁ ସୋମବାର ପୂର୍ବାହ୍ନରେ ପୋଲିସ ଉଦ୍ଧାର କରିଛି। ରବିବାର ସନ୍ଧ୍ୟାରେ ଧନଞ୍ଜୟ ଡ୍ୟାମ୍ ଭିତରେ ଥିବା ଭାସମାନ ଘରେ ମାଛ ଚାଷ ଅନୁଧ୍ୟାନ କରିବାକୁ ଯାଇଥିଲେ। ଏହି ସମୟରେ ସେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି। ସହକର୍ମୀମାନେ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ସକାଳୁ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ମୃତ ଅଧିକାରୀଙ୍କ ଘର ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ଠାକରପାଲ ଗ୍ରାମରେ। ଏ ନେଇ ନଂ. ୫/୨୦ରେ ଏକ ଅପମୃତ୍ୟୁ ମାମଲା କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ସୋସିଆଲ ମିଡିଆରେ ଅପପ୍ରଚାର, ୩ ଗିରଫ

ରାଉରକେଲା ଅଫିସ,୨୦।୪ : ସୋସିଆଲ ମିଡିଆରେ ଅଡିଓ କ୍ଲିପ ଅପ୍‌ଲୋଡ କରି ଅନ୍ୟ ସମ୍ପ୍ରଦାୟକୁ ପ୍ରଭାବିତ କରିବା ଅଭିଯୋଗରେ ରାଉରକେଲା ପୋଲିସ ସୋମବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏମାନଙ୍କ ମଧ୍ୟରେ ୨ଜଣ ବ୍ରାହ୍ମଣୀତରଙ୍ଗ ଥାନା ଓ ଅନ୍ୟ ଜଣେ ଝିରପାଣି ଥାନା ଅଞ୍ଚଳର ବାସିନ୍ଦା ବୋଲି ରାଉରକେଲା ଏସ୍‌ପି କେ. ଶିବା. ସୁବ୍ରମଣି ସୂଚନା ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଏଭଳି ଘଟଣାରେ ୨ଜଣଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ଝିରପାଣି ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁବ୍ରମଣି କହିଥିଲେ ଯେ, ଏଭଳି ଏକ ଘଟିସନ୍ଧି ମୁହୂର୍ତ୍ତରେ ସାମାଜିକ ଶୃଙ୍ଖଳାକୁ ବ୍ୟାହତ କରୁଥିବା ସମାଜ ବିରୋଧୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଶେଷକରି ସୋସିଆଲ ମିଡିଆକୁ ବ୍ୟବହାର କରି ଆଞ୍ଚଳିକ ବିଦ୍ୱେଷର ମଞ୍ଜି ବୁଣି ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କଲେ ଏହାକୁ ବରଦାସ୍ତ କରାଯିବନି ବୋଲି ସେ ପ୍ରକାଶ କରିଛନ୍ତି। ଏଭଳି ଅପପ୍ରଚାରରୁ ଦୂରେଇ ରହିବାକୁ ଜିଲା ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବିନିକା, ୨୦।୪(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଥାନା କୌଡିଆମୁଣ୍ଡା ମୁଖ୍ୟ କେନାଲରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ କୌଡିଆମୁଣ୍ଡା ବାଘବାହାଲି ପଡାର ଶେଷ ରାଉତ୍(୪୬)। ସକାଳେ କେନାଲରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସ୍ଥାନୀୟ ପୋଲିସ ସହ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେଶ ପାଣିଗ୍ରାହୀ, ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲେ। ମୃତକଙ୍କ ବଡଭାଇ କୁମର ରାଉତ୍ ତାଙ୍କ ଭାଇକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି।

କୋହଳ ହେଲା କିଛି କଟକଣା

ମାଲକାନଗିରି,୨୦।୪(ଡି.ଏନ୍.ଏ.)

କୋରେନା ଭୂତାଣୁର ମୁକାବିଲା ପାଇଁ କେନ୍ଦ୍ର ସରକାର ଲକ୍‌ଡାଉନ ଘୋଷଣା କରିଥିବା ବେଳେ ମାଲକାନଗିରି ଜିଲାରେ ସୋମବାରଠାରୁ କିଛି ମାତ୍ରାରେ କଟକଣା କୋହଳ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୩୪୮ ଜଣଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ୨୦୫ଟିର ରିପୋର୍ଟ ଆସିଛି। ସମସ୍ତ ନମୁନା ପରୀକ୍ଷା ରିପୋର୍ଟ ନେଗେଟିଭ ଆସିଛି। ଜିଲାରେ କୌଣସି କରୋନା ସଂକ୍ରମିତ ଚିହ୍ନଟ ହୋଇ ନ ଥିବାରୁ ଏହି କଟକଣାକୁ କୋହଳ କରାଯାଇଛି ବୋଲି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ଡିଆର୍‌ଡିଏ ସଭାଗୃହରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଏହି ସୂଚନା ଦେଇଛନ୍ତି। ଅଣସଂକ୍ରମଣ ଜିଲାରୁ କାମ କରିବାକୁ ଶ୍ରମିକ ଆସିଲେ ସେମାନଙ୍କୁ ଅନୁମତି ମିଳିବ। ଗ୍ରାମାଞ୍ଚଳର ବହି ଦୋକାନକୁ ଖୋଲିବା ପାଇଁ ସମୟ ନିର୍ଦ୍ଧାରଣ କରି ଅନୁମତି ପ୍ରଦାନ କରାଯିବ। ଚିନାବାଦାମ ଓ ମୁଗ ପାଇଁ ମଣ୍ଡି ବ୍ୟବସ୍ଥା କରାଯିବ। ମୋଟର ସାଇକେଲରେ ଜଣେ, କାର୍‌ରେ ବସିବା କ୍ଷମତାଠାରୁ ୩୦/୪୦ ପ୍ରତିଶତ ବସିଯାଇପାରିବେ। ସ୍ୱାସ୍ଥ୍ୟକେନ୍ଦ୍ର ଯିବା ସମୟରେ ଅଳ୍ପ ଅଟୋ ରିକ୍ସାକୁ ଅନୁମତି ମିଳିବ। ତେବେ କରୋନା ସମ୍ପୂର୍ଣ୍ଣ ଭାବେ ଶେଷ ନ ହେବା ପର୍ଯ୍ୟନ୍ତ ଲକ୍‌ଡାଉନ କଟକଣା ଜାରିରହିବ। ସାମାଜିକ ଦୂରତା, ହାତ ଧୋଇବା, ମାସ୍କ ବ୍ୟବହାର ଜାରି କଟକଣା ବଳବତ୍ତର ରହିବ। କୃଷିକ୍ଷେତ୍ର ସହ ନିର୍ମାଣ କାର୍ଯ୍ୟ, ସାଇକେଲ ମରାମତି ଦୋକାନ, ସିମେଣ୍ଟ, କ୍ରଶର, ଗ୍ୟାରେଜ, କମ୍ପ୍ୟୁଟର ଦୋକାନ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ଜଳଖିଆ, ଠେଲା ଦୋକାନ ଓ ଅନ୍ୟାନ୍ୟ ଦୋକାନ ପାଇଁ ପୂର୍ବଭଳି ନିୟମ ବଳବତ୍ତର ରହିଛି ବୋଲି ଜିଲାପାଳ ଅଗ୍ରୱାଲ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ର, ଉପ ଜିଲାପାଳ ରାମେଶ୍ୱର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଅରୁଣ ପାଢ଼ୀ, ଲୋକ ସମ୍ପର୍କ ଅଧିକାରୀ ଦିଲୀପ ସାମନ୍ତରାୟ, ତହସିଲଦାର ଡା.ଗୁଣନିଧି ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଜିଲାପାଳ କଟକଣା କୋହଳ ସମ୍ପର୍କରେ ସୂଚନା ଦେଉଛନ୍ତି।

- ଲକ୍‌ଡାଉନ ନିୟମ ପୂର୍ବ ଭଳି ବଳବତ୍ତର ରହିବ: ଜିଲାପାଳ
- ଚିନାବାଦାମ,ମୁଗ ପାଇଁ ହେବ ମଣ୍ଡି ବ୍ୟବସ୍ଥା
- ଗ୍ରାମାଞ୍ଚଳରେ ବହି ଦୋକାନ ଖୋଲିବାକୁ ମିଳିବ ଅନୁମତି
- ଖୋଲିବ ସାଇକେଲ, ସିମେଣ୍ଟ, କ୍ରଶର, ଗ୍ୟାରେଜ, କମ୍ପ୍ୟୁଟର ଦୋକାନ

ସହାୟତା ଆଶାରେ ସେବାୟତ

ଜୟପୁର,୨୦।୪(ଡି.ଏନ୍.ଏ.)

ଦେବୋତ୍ତର ବିଭାଗ ଅଧୀନ ମନ୍ଦିର ପୂଜକଙ୍କୁ ମିଳିଲି ଦରମା

ପୁରୀ ଶ୍ରୀମନ୍ଦିର ସେବାୟତଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା ପରେ କୋରାପୁଟ ଜିଲା ଜୟପୁର ଦେବୋତ୍ତର ବିଭାଗ ଅଧୀନସ୍ଥ ମନ୍ଦିରଗୁଡ଼ିକର ସେବାୟତ ସହାୟତା ଦାବି କରିଛନ୍ତି। ଜିଲାର ବିଭିନ୍ନ ମନ୍ଦିରରେ ପୂଜାରୀ, ପତ୍ରି, ପରିଚ୍ଛା, ରୋଷେୟା, ପାଇକ, ଗୌ ଚଉକା ଭାବେ ସେବାୟତ ରହିଛନ୍ତି। ଗତ ୨୫ଦିନ ଲକଡାଉନ ଯୋଗୁ କେବଳ ଦୈନନ୍ଦିନ ପୂଜାନୀତି ପରେ ମନ୍ଦିର ବନ୍ଦ କରାଯାଉଛି। ଭକ୍ତଙ୍କ ପ୍ରବେଶ ମନା। ଏଇ ବିଷୁବ ସଂକ୍ରାନ୍ତିରେ ଭକ୍ତମାନେ ମନ୍ଦିରକୁ ଆସିବା ଯୋଗୁ ସହରର ଦେବୋତ୍ତର ଓ ଘରୋଇ ମନ୍ଦିରର ୮ ଜଣ ପୂଜକଙ୍କୁ ଥାନାକୁ ଆଣିଥିଲା ପୋଲିସ। ବର୍ତ୍ତମାନ ମନ୍ଦିରରୁ ଦାନ, ଦକ୍ଷିଣା ଆୟ ନ ଥିବାବେଳେ ବାହାରେ ଅନ୍ୟ ଧାର୍ମିକ ଓ ମାଙ୍ଗଳିକ କାର୍ଯ୍ୟ ବନ୍ଦ ରହିଛି। ତେଣୁ ମନ୍ଦିର ପୂଜକ ଓ ପୁରୋହିତଙ୍କୁ ପରିବାର ଗୁଜୁରାଣ ଚିନ୍ତା ଘାରିଛି। ଜୟପୁର ଦେବୋତ୍ତର ବିଭାଗ ଅଧୀନରେ ଥିବା ୩୩ଟି ମନ୍ଦିରରୁ ଜୟପୁର ସହରରେ ୧୯, ଗୁପ୍ତେଶ୍ୱର, ବୋରିଗୁମ୍ମା, ବାଟ ଜଗନ୍ନାଥପୁର ଓ ଗ୍ରାମାଞ୍ଚଳରେ ୧୪ ମନ୍ଦିର ରହିଛି। ଏହି ମନ୍ଦିରରେ କାର୍ଯ୍ୟରତ ୩୫ ଜଣ ପୂଜକ ଓ ପତ୍ରିଙ୍କ ମାସିକ ଦରମା ୪୪୦ ଟଙ୍କା, ୧୧ ଜଣ ସୁଆରଙ୍କୁ ୪୦୦, ୭ ଜଣ ଗୌଡ଼ଙ୍କୁ ୨୬୦, ୨୨ ଜଣ ପାଇକଙ୍କୁ ୨୨୦, ୮ ଚଉକା ସେବାୟତଙ୍କୁ ୧୭୦ ଟଙ୍କା ଦରମା ଦିଆଯାଉଛି। କିନ୍ତୁ ସେବାୟତଙ୍କୁ ଗତ ମାସର ଦରମା ଦିଆଯାଇ ନ ଥିବାରୁ ପ୍ରଶାସନ ତୁରନ୍ତ ତାହା ଦେବା ପାଇଁ ଦାବି କରିଛନ୍ତି ସେବାୟତ।

୧୬୦୫ ବୋତଲ କଫ୍ ସିରପ ଜବତ, ୩ ଗିରଫ

ଜବତ କଫ୍ ସିରପ ସହ ଗିରଫ ୩ ଅଭିଯୁକ୍ତ।

ବଲାଙ୍ଗୀର ଅଫିସ, ୨୦।୪

ବଲାଙ୍ଗୀର-ପାଟଣାଗଡ ୪୨ ନମ୍ବର ରାଜ୍ୟ ରାଜପଥର ଖୁଣ୍ଟପାଲି ଛକ ନିକଟରେ ବଲାଙ୍ଗୀର ସଦର ଥାନା ପୋଲିସ ଏକ କଫ୍ ସିରପ ବୋଝେଇ ୪୦୭ ଗାଡିକୁ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଲରମ୍ବା ଥାନା ଅଇଁଲାଡୁଙ୍ଗା ଗ୍ରାମର ପୀତବାସ ସାହୁ (୨୮), ଲୁହାସିଂହା ଗ୍ରାମର ବିଶିକେଶନ ପୁଟେଲ (୨୧) ଓ ସଦର ଥାନା ଅନ୍ତର୍ଗତ ସିନ୍ଦୁରବାହାଲ ଗ୍ରାମର ବିମଳ ପୋଢ଼ (୨୩) । ନୟାଗଡରୁ କଫ୍ ସିରପ ବୋଝେଇ ୪୦୭ ଆସୁଥିବା ସୂଚନା ପାଇବା ପରେ ଏସ୍‌ପି ସନ୍ଦୀପ ମାଡକରଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ପୋଲିସ ଟିମ୍ ଖୁଣ୍ଟପାଲି ଛକଠାରେ ଛପି ରହିଥିଲା । ୪୦୭ ପିକ୍‌ଅପ (ସିଜି୦୪ଜେଡି ୪୪୯୮) ସେଠାରେ ପହଞ୍ଚିବା ପରେ ଅଟକାଇ ପୋଲିସ ଯାଞ୍ଚ କରିଥିଲା । ଗାଡିରେ ୫ଟି ଜରି ବସ୍ତା ରହିଥିଲା । ଏହାକୁ ତଲାସି କରିବା ପରେ ସେଥିରେ ୧୬୦୫ ବୋତଲ କଫ୍ ସିରପ ଥିବା ଜଣାପଡିଥିଲା । ପୋଲିସ ଘଟଣାସ୍ଥଳରୁ ତିନି ଜଣଙ୍କୁ ଗିରଫ କରିବା ସହ ଗାଡି ଓ କଫ୍ ସିରପ ଜବତ କରିଥିଲା । ଅଭିଯୁକ୍ତମାନଙ୍କ ବିରୋଧରେ ଏକ ମାମଲା (ନଂ.୧୩୬/୨୦) ରୁଜୁ କରି କୋର୍ଟଚାଲାଣ କରାଯାଇଛି । ଜବତ କଫ୍ ସିରପରେ ବେଆଇନ ଘୋଷିତ କୋଡିନ୍ ମାତ୍ରା ଥିବା ଏସ୍‌କଫ୍ ବ୍ରାଣ୍ଡର ସିରପ ଜବତ ହୋଇଛି । ଲକ୍‌ଡାଉନ୍ ସମୟରେ କପ୍ ସିରପ ମାଫିଆମାନେ ପୁଣି ଥରେ ସକ୍ରିୟ ହୋଇଥିବା ଜଣାପଡିଛି ।

ପୋଲିସ ସାଜିଲା ଚକୁଳିଆପଣ୍ଡା

ଢେଙ୍କାନାଳ ଅଫିସ, ୨୦।୪

- ସଚେତନ କରିବାକୁ ନିଆରା ପ୍ରୟାସ
- ଅଭିନୟ କଲେ, ଗୀତ ଗାଇଲେ

ଖାକି ପୋଷାକର ସ୍ଥାନ ନେଇଥିଲା ଜାମାଯୋଡ଼ । ହାତରେ ବାଡ଼ି ବଦଳରେ ଛତା । ମଥାରେ ଚିତା, ବାହୁରେ ତିଳକ । ପୋଲିସର ଏପରି ବଳିଯାଇଥିବା ରୂପକୁ ସୋମବାର ଦେଖିଥିଲେ ଢେଙ୍କାନାଳ ସହରବାସୀ । ହେଲେ ଏହା କୌଣସି ନାଟକ କି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ନ ଥିଲା ବରଂ ଜନସାଧାରଣଙ୍କୁ କରୋନା ସଂକ୍ରମଣ ବିଷୟରେ ସଚେତନ କରିବାକୁ ପୋଲିସକର୍ମୀ ସାଜିଥିଲେ ଚକୁଳିଆପଣ୍ଡା ।

ଢେଙ୍କାନାଳ ସହରରେ ଜଣେ କୋଭିଡ୍-୧୯ ପଜିଟିଭ୍ ରୋଗୀ ଚିହ୍ନଟ ହେବାପରେ ପୋଲିସ ପକ୍ଷରୁ ଯଥେଷ୍ଟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲା ପ୍ରଶାସନ ମଧ୍ୟ ଲୋକଙ୍କୁ ସଂକ୍ରମଣଠାରୁ ଦୂରେଇ ରଖିବା ଯଥାସାଧ୍ୟ ଉଦ୍ୟମ କରୁଛି । ତଥାପି କେତେଜଣ ଅମାନିଆଙ୍କ ପାଇଁ ସଂକ୍ରମଣ ଆଶଙ୍କା ଲାଗି ରହିଛି । ଲୋକଙ୍କୁ କରୋନାର ଭୟାବହତା ଏବଂ ଏଥିରୁ ସୁରକ୍ଷିତ ରହିବା ଉପାୟ ଜଣାଇବାକୁ ସୋମବାର ପୂର୍ବାହ୍ନ ୧୦ଟାରେ ଏପରି ନିଆରା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଚକୁଳିଆପଣ୍ଡା ବେଶଧାରୀ ପୋଲିସ କର୍ମଚାରୀ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା, ଭଲ ଭାବେ ହାତ ଧୋଇବା, ନିଜର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ସମସ୍ତଙ୍କ ସୁରକ୍ଷା ପାଇଁ ଲକ୍‌ଡାଉନ୍ ନିୟମକୁ ପାଳନ କରିବା ସମ୍ପର୍କରେ ସଚେତନ କରାଇଥିଲେ । ରଥଗଡ଼ାଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବାଜିଚୌକରେ ଶେଷ ହୋଇଥିଲା । ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ, ରିଜର୍ଭ ଇନ୍ସପେକ୍ଟର କବିରଞ୍ଜନ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏପିଆର ହାବିଲଦାର ସୁରେଶ ଚନ୍ଦ୍ର ପଣ୍ଡା, ହାବିଲଦାର ମାୟାଧର ପ୍ରଧାନ ଚକୁଳିଆପଣ୍ଡା ବେଶରେ ଅଭିନୟ କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ । କନଷ୍ଟେବଳ ମହେଶ୍ୱର ନାୟକ ଗୀତ ରଚନା କରିଥିବାବେଳେ ବୀରେନ ପ୍ରଧାନ ଗୀତ ଗାଇଥିଲେ । ଜିତେନ୍ଦ୍ର ରାଉଳ, ବଟକୃଷ୍ଣ ମଲ୍ଲିକ, ସଞ୍ଜୟ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

ଚକୁଳିଆପଣ୍ଡା ବେଶରେ ପୋଲିସ କର୍ମଚାରୀମାନେ ଜନସଚେତନତା ସୃଷ୍ଟି କରୁଛନ୍ତି ।

ଗୋଟିଏ ଦିନରେ ୧୦ ଗିରଫ

ରାୟଗଡ଼ା ଅଫିସ,୨୦।୪

ଲକ୍‌ଡାଉନ ବେଳେ ଅବକାରୀ ଧରପଗଡ଼

ଲକ୍‌ଡାଉନ ବେଳେ ରାୟଗଡ଼ା ଜିଲାରେ ମଦ କାରବାର ଚାଲିଥିବାରୁ ଏହା ଉପରେ ଧରପଗଡ଼ ଚଳାଇଛି ଅବକାରୀ ବିଭାଗ । ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ତତ୍ତ୍ୱାବଧାନରେ ସୋମବାର ଚଢ଼ାଉ କରାଯାଇ ଗୋଟିଏ ଦିନରେ ୧୦ ଜଣଙ୍କୁ ଗିରଫ କରାଯାଇଛି । ଟିକିରି ପୋଲିସ ଷ୍ଟେସନ ଅଧୀନ ଗୋକୁଳାମୁଣ୍ଡା ଗ୍ରାମରେ ୨୨୫୦ ଲିଟର ପୋଚ, ୨୧୦ ଲିଟର ଦେଶୀ ରନ୍ଧାମଦ, ୩୫ ଲିଟର ସଲପ ନଷ୍ଟ କରାଯାଇଛି । ସେଠାରୁ ୪ ଜଣ ଅଭିଯୁକ୍ତ ଅର୍ଜୁନ ସାହୁ, ଲୋକନାଥ ସାହୁ, ରାମକୃଷ୍ଣ ହିଆଲ ଓ ସଦନା ଖୋସଲା ଗିରଫ ହୋଇଛନ୍ତି । ସେହିପରି ରାୟଗଡ଼ା ଥାନା ଅଧୀନ ସିରିଗୁଡ଼ା ଛକରେ ୮୦ ଲିଟର ସଲପ ଓ ୨ଟି ମଟର ସାଇକେଲ ଜବତ କରାଯାଇଛି । ୪ ଜଣ ଅଭିଯୁକ୍ତ ଧରାପଡ଼ିଛନ୍ତି । ଗୁଣପୁର ଥାନା ଅଧୀନ ପୁରୁଣା ଗୁଣପୁର ଛକରୁ ୧୨ ଲିଟର ଦେଶୀ ରନ୍ଧାମଦ ଓ ଗୋଟିଏ ମଟର ସାଇକେଲ ଜବତ କରାଯିବା ସହ ଅଭିଯୁକ୍ତ ଦୀନବନ୍ଧୁ ବେହେରାଙ୍କୁ ଗିରଫ କରାଯାଇଛି । ଗୁଡ଼ାରୀ ଥାନା ସୁନାରପାଲି ଗ୍ରାମରେ ୧୫୦୦ ଲିଟର ପୋଚ, ୪୦ ଲିଟର ଦେଶୀ ରନ୍ଧାମଦ, ଓସଡ଼ା ଗ୍ରାମରୁ ୩.୫ ଲିଟର ଆଇଏମ୍‌ଏଫ୍‌ଏଲ ଜବତ ସହ ଅଭିଯୁକ୍ତ ମୁରଲିଧର ନିମାଲପୁରୀଙ୍କୁ ଗିରଫ କରାଯାଇଛି ।

ନାବାଳିକା ବଳାତ୍କାର ଅଭିଯୋଗରେ ଜଣେ ଗିରଫ

ରାଉରକେଲା ଅଫିସ,୨୦।୪

ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ମଧୁସୂଦନପାଲି ଅଞ୍ଚଳର ଜଣେ ୧୦ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ରମେଶ ଦାସ(୪୫) । ଏ ନେଇ ପୋଲିସ ଦଫା ୩୭୬ଏବି ଏବଂ ପୋକ୍‌ସୋ ୬ ଆକ୍ଟରେ ଏକ ମାମଲା (ନଂ.୧୩୦/୨୦)ରୁଜୁ କରିଛି । ସୂଚନାନୁସାରେ ପରିବାର ସଦସ୍ୟ ଗାଁକୁ ଚାଲିଯାଇଥିବା ବେଳେ ଘରେ ଅଭିଯୁକ୍ତ ରମେଶ ଏକୁଟିଆ ରହୁଥିଲେ । ରବିବାର ପାଖ ଘରେ ରହୁଥିବା ନାବାଳିକାଙ୍କୁ ସେ ଚକୋଲେଟ ପ୍ରଲୋଭନ ଦେଇ ଘରକୁ ଡାକି ବଳାତ୍କାର କରିଥିଲେ । ଏନେଇ ନାବାଳିକା ଜଣଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ କହିବା ପରେ ମାମଲା ଥାନାକୁ ଯାଇଥିଲା । ପୀଡ଼ିତା ଓ ଅଭିଯୁକ୍ତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଛି ।

ତଳମୁଣ୍ଡରେ ପହଞ୍ଚିଲାନି କେନାଲ ପାଣି

ଜୁନାଗଡ,୨୦।୪(ଡି.ଏନ୍.ଏ.)

- ମରିବାକୁ ବସିଲାଣି ଥୋଡ଼ ଧାନ
- ୨୫ ବଦଳରେ ମିଳିଲା ୧୫ କ୍ୟୁବିକ ପାଣି

କଳାହାଣ୍ଡି ଜିଲାରେ କେନାଲ ବିଭାଗ ପାଣି ଦେବାକୁ କହି ଶେଷ ମୁହୂର୍ତ୍ତରେ ନ ଦେବା ଫଳରେ ଚାଷୀମାନେ ଅଡୁଆରେ ପଡିଛନ୍ତି। ବର୍ତ୍ତମାନ ରବିଧାନ ଥୋଡ ଅବସ୍ଥାରେ ଥିବାବେଳେ କେନାଲରେ ପାଣି ନ ଆସିବା ଯୋଗୁଁ ଫସଲ ନଷ୍ଟ ହେବାକୁ ବସିଲାଣି। କରୋନା ମାଡ଼ ପରେ ଏବେ ରବିଧାନ ନଷ୍ଟ ହେବା ଚାଷୀଙ୍କୁ ହତାଶା ମଧ୍ୟକୁ ଟାଣି ନେଇଛି।

ଜୁନାଗଡ ବ୍ଲକ ତଳଜାରିଙ୍ଗ ପଞ୍ଚାୟତର ଚାଷୀ ଇନ୍ଦ୍ରାବତୀ ଦକ୍ଷିଣ କେନାଲ ପାଣିରେ ରବିଧାନ ଚାଷ କରିଥିଲେ। ଚାଷ କରିବା ପୂର୍ବରୁ କେନାଲ ବିଭାଗ ଚାଷୀଙ୍କୁ ୨୫ କ୍ୟୁବିକ ପାଣି ଦେବା ପାଇଁ ସର୍ତ୍ତ ରଖିଥିଲେ। ହେଲେ କେନାଲ ବିଭାଗ ବିଜୁଳି ଉତ୍ପାଦନ ହେଉ ନ ଥିବା କାରଣ ଦର୍ଶାଇ ୧୫କ୍ୟୁବିକ ପାଣି ଦେଇଥିଲା। ଫଳରେ ଏହି ପାଣି ଶେଷମୁଣ୍ଡରେ ପହଞ୍ଚି ପାରି ନ ଥିଲା। ଏଥିଯୋଗୁ ଧାନ ଥୋଡ ଅବସ୍ଥାରେ ମରିବାକୁ ବସିଲାଣି। ପଞ୍ଚାୟତ ଅନ୍ତର୍ଗତ ଲବଣିପୁର ଗ୍ରାମର ସୁରୁ ସୁନାନୀଙ୍କ ୫ଏକର, ଭୀଷ୍ମ ବାଗଙ୍କ ୫ଏକର, କମ୍ଭୁ ସୁନାନୀଙ୍କ ୩ଏକର, ବିରଞ୍ଚି ଦୁର୍ଗାଙ୍କ ୧ଏକର, କିମନ୍ତ ମାଝିଙ୍କ ୩ ଏକର, ପଦ୍ମନ ମାଝିଙ୍କ ୧ଏକର ଓ ଭାଗ୍ୟବାନ ମାଝିଙ୍କ ୨ଏକର ଏହିପରି ୨୦ଏକର ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ଘଣ୍ଟବାହାଲି ଓ ଗୁଞ୍ଜୁଗୁଡା ଗ୍ରାମର ଅନେକ ଚାଷୀଙ୍କ ଧାନ ମଧ୍ୟ ନଷ୍ଟ ହୋଇଛି। ବିଭାଗୀୟ ଯନ୍ତ୍ରୀ ବୀରେନ ପଟ୍ଟନାୟକଙ୍କୁ ପଚାରିବାରୁ ଗୁଞ୍ଜୁଗୁଡା ଓ ଲବଣୀପୁରର ଚାଷୀମାନେ ତାଙ୍କ ଭିତରେ କଥା ହୋଇ ପାଣି ନେଉଛନ୍ତି। ତେବେ ସେମାନେ କାହିଁକି ଭାଗବଣ୍ଟା କରି ପାଣି ମଡାଉ ନାହାନ୍ତି ବୋଲି ସେ କହିଥିଲେ।

କ୍ଷତିଗ୍ରସ୍ତ ଜମିରେ ଚାଷୀମାନେ ।

ଜିଲାରେ ଖୋଲିନି କେନ୍ଦୁପତ୍ର ଫଡ଼ି

**ମାଲକାନଗିରି,

ସୌନ୍ଦର୍ଯ୍ୟ

ଶୋଇବା ପୂର୍ବରୁ ତ୍ୱଚାର ଯତ୍ନ

ତ୍ୱଚା ପ୍ରତି ଆମେ ଯେତେ ସଚେତନ ରହିବା ତାହା ସେତେ ଭଲ। କାମ ସମୟ ହେଉ ଅବା ଶୋଇବା ପୂର୍ବରୁ ଏ ନେଇ ସଚେତନ ହେବା ଦରକାର। ବିଶେଷଭାବରେ ଦିନତମାମ ବାହାରେ ବୁଲିବା କିମ୍ବା କାମ ସହ ଜଡିତ ରହିବା ଦ୍ୱାରା ତ୍ୱଚା ପ୍ରଭାବିତ ହୋଇଥାଏ। ତେଣୁ ବିଛଣାକୁ ଯିବା ପୂର୍ବରୁ ଏ ନେଇ କ'ଣ ଆପଣେଇବାକୁ ପଡିଥାଏ ଜାଣନ୍ତୁ ସେ ସମ୍ପର୍କରେ ଟିପ୍ସ...

➔ଶୋଇବା ପୂର୍ବରୁ ମୁହଁକୁ ଫେଶୱାଶ ଓ ମଶ୍ଚରାଇଜର ଦ୍ୱାରା ଭଲଭାବେ ସଫା କରି ଦିଅନ୍ତୁ। ଏହାଦ୍ୱାରା ଦିନ ତମାମ ତ୍ୱଚାରେ ଥିବା ଅପରିଷ୍କାର ଦୂର ହୋଇଯିବ। ଏହା ବ୍ୟତୀତ ଶୋଇବା ପୂର୍ବରୁ ନାଇଟ୍ କ୍ରିମ୍ କିମ୍ବା ରେଗୁଲାର ମଶ୍ଚରାଇଜରବି ଲଗାଇ ପାରିବେ। ଏହା ଫଳରେ ସକାଳୁ ସକାଳୁ ସଫ୍ଟ ସ୍କିନ୍ ସହିତ ଉଠିବେ ଏବଂ ଡ୍ରାଏନେସଠୁ ଦୂରେଇ ରହିବେ।

➔ରାତିରେ ଶୋଇବା ପୂର୍ବରୁ ପାଦକୁ ଭଲଭାବେ ଧୋଇ ପୋଛି ଦିଅନ୍ତୁ। ଏହାପରେ ଭ୍ୟାସ୍‌ଲିନ୍ ମୋଟା ଲେୟାର ଲଗାଇ ମୋଜା ପିନ୍ଧି ଶୋଇ ପଡନ୍ତୁ।

➔ପ୍ରଥମେ ଶୋଇବା ସମୟରେ କେଶକୁ ଖୋଲା ଛାଡନ୍ତୁ ନାହିଁ। ଏପରି କରିବା ଦ୍ୱାରା କେଶ ଝଡିବା ଏବଂ କମ୍‌ଜୋର୍ ହେବା ଆଶଙ୍କା ରହିଛି। ସବୁବେଳେ କେଶକୁ ଲୁଜ୍ ପୋନିଟେଲ କରି ଶୁଅନ୍ତୁ। ଏହା ବ୍ୟତୀତ ଶୋଇବା ପୂର୍ବରୁ କେଶକୁ ଆଲୋଭେରା ଜେଲ ଲଗାଇ ମସାଜ୍ କରନ୍ତୁ। ଏହାଦ୍ୱାରା ଆପଣଙ୍କର କୁଣ୍ଡେଇ ହେବା ସମସ୍ୟା ଏବଂ ଡ୍ରାଏନେସ ଠାରୁ ମୁକ୍ତି ମିଳିଥାଏ।

➔ସପ୍ତାହରେ ଦୁଇଦିନ ହଟ୍ ଅଏଲ୍ ମସାଜ୍ ନିହାତି କରନ୍ତୁ। ଏହାଦ୍ୱାରା କେଶ ମଜଭୁତ୍ ହୋଇଥାଏ। ଏପରି କରିବା ଦ୍ୱାରା କେଶ ବଢ଼ିବା ସହ ଲମ୍ବା ହୋଇଥାଏ।

ଲକ୍‌ଡାଉନ୍‌ରେ କର୍ମଜୀବୀ

ସ୍ୱପ୍ନ ଥିଲା, ଇଚ୍ଛା ବି ଥିଲା କିନ୍ତୁ ସମୟ ନ ଥିଲା। ହେଲେ କର୍ମଜୀବୀ ମହିଳାମାନଙ୍କୁ ସେ ସମୟ ଆଉ ସୁଯୋଗ ଦେଇଛି ଲକ୍‌ଡାଉନ୍....

କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ଏବେ ସବୁଆଡ଼େ ଲକ୍‌ଡାଉନ୍। ସେଥିପାଇଁ ପ୍ରାୟତଃ ସବୁ ଅଫିସ୍ ବନ୍ଦ ରହିଥିବାରୁ କର୍ମଜୀବୀ ମହିଳାମାନେ ଏବେ ବହୁତ ସମୟ ଘରେ ରହିବାର ସୁଯୋଗ ପାଉଛନ୍ତି। ଏ ସମୟରେ ବାହାରକୁ ବୁଲିଯିବା କିମ୍ବା ଅନ୍ୟ କାହା ଘରକୁ ଯିବାର ଅନୁମତି ବି ନାହିଁ। ପର୍ଯ୍ୟାପ୍ତ ସମୟ ମିଳୁଥିବାରୁ କର୍ମଜୀବୀଙ୍କୁ ନିଜ ରୁଚି ଅନୁଯାୟୀ କାମ କରିବାର ସୁଯୋଗ ଦେଇଛି ଲକ୍‌ଡାଉନ୍। ଲକ୍‌ଡାଉନ୍ ସମୟରେ ଏବେ କର୍ମଜୀବୀ ମହିଳାମାନେ କିଏ କିଭଳି ସମୟ କାଟୁଛନ୍ତି ସେମାନଙ୍କ ଅନୁଭୂତିକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

ଧରିତ୍ରୀ ପରିଜା, (ଅଧ୍ୟାପିକା, ଗୋପବନ୍ଧୁ ମହାବିଦ୍ୟାଳୟ, ଖମାର ଅନୁଗୋଳ) : ଏବେ ଲକ୍‌ଡାଉନ୍ ପାଇଁ ବହୁତ ସମୟ ଘରେ ରହିବାର ସୁଯୋଗ ମିଳୁଛି। ସେଥିପାଇଁ ମୁଁ ମୋ ଛୋଟ ଝିଅ ସାଙ୍ଗେ ଏବେ ଅଧିକ ସମୟ ରହିପାରୁଛି। ଏହା ବ୍ୟତୀତ ମତେ ଘରସଜ୍ଜା କାମ ସହିତ ବିଭିନ୍ନ ପ୍ରକାରର ବ୍ୟୁଟି ଟ୍ରିଟ୍‌ମେଣ୍ଟ ପ୍ରତି ବିଶେଷ ଆଗ୍ରହ ରହିଛି। ସେଥିପାଇଁ ମୁଁ ଏବେ ଘରେ ସମୟ ପାଇଲେ ମୋ ନିଜର ତଥା ଭଉଣୀମାନଙ୍କର ଆଇବ୍ରୋ ଶେପ୍ ଆଉ ଫେସିଆଲ୍ କରିପାରୁଛି। ବିଭିନ୍ନ ପ୍ରକାରର ଘରୋଇ ଫେସପ୍ୟାକ୍ ଯେପରି କି ଆଳୁ, କାକୁଡ଼ି, ଅମୃତଭଣ୍ଡା, କଦଳୀ ଆଦିକୁ ନେଇ ଘରେ ଫେସ୍‌ପ୍ୟାକ୍ ପ୍ରସ୍ତୁତ କରି ସମସ୍ତଙ୍କର ଫେସିଆଲ୍ କରୁଛି। ଯଦିଓ ଏହି କାମରେ ମୁଁ ପ୍ରଫେଶନାଲ୍ ନୁହେଁ କିନ୍ତୁ ଅନଲାଇନ୍‌ରୁ ଦେଖି ଏସବୁ କାମ ସହଜରେ କରିପାରୁଛି। କଲେଜରେ ପିଲାଙ୍କୁ ପାଠ ପଢାଇବା ଓ ଛୁଟିରେ ଗାଁକୁ ଯିବାକୁ ପଡ଼ିଥାଏ। ସେଥିପାଇଁ ଏସବୁ କାମ ମୁଁ କେବେ କରିପାରୁ ନ ଥିଲି। ଲକ୍‌ଡାଉନ୍ ଯୋଗୁଁ ଘରେ ସବୁବେଳେ ରହୁଥିବାରୁ ଏସବୁ କାମ ମୁଁ କରିପାରୁଛି ଭାବି ଖୁସି ବି ଲାଗୁଛି।

ଆର୍ଯ୍ୟସ୍ମିତା କର (ଅଧ୍ୟାପିକା, ବାଣିଜ୍ୟ ବିଭାଗ, କେନ୍ଦ୍ରାପଡା ସ୍ୱୟଂସାଶିତ କଲେଜ, କେନ୍ଦ୍ରାପଡା) : କର୍ମଜୀବୀ ଜୀବନରେ ସମୟ ବଡ ମୂଲ୍ୟବାନ। ତେଣୁ ପ୍ରତ୍ୟେକ ମୁହୂର୍ତ୍ତକୁ ସଠିକ ଭାବରେ ଉପଯୋଗ କରିବାର ଆବଶ୍ୟକତା ରହିଥାଏ। ଜୀବନ ଓ ସମୟର ତାଳମେଳ ବହୁ ବର୍ଷର, ତାହା ଛାତ୍ର ଜୀବନ ହେଉ ଅବା ଅଧ୍ୟାପନା। ଆଜି ସାରା ବିଶ୍ୱରେ ଉପୁଜିଥିବା ବିଷମ ପରିସ୍ଥିତିରେ ଘରେ ରହିବା ହିଁ ନିରାପଦ ଦାୟିତ୍ୱବୋଧ। ଯେହେତୁ ଲକ୍‌ଡାଉନ୍ ଚାଲିଛି ତେଣୁ ଗତ ମାସେ ଧରି ମୁଁ ଘରେ ଅଛି। ତେଣୁ ଏହି ସମୟରେ ମଧ୍ୟ ସମୟକୁ ସଦୁପଯୋଗ କରିବାର ସୁଯୋଗକୁ ହାତଛଡା କରିନାହିଁ। ସକାଳ ସମୟ ଗାର୍ଡେନିଂରେ କଟିଯାଏ। ମୋର ଏକ ଦୈନନ୍ଦିନ ଅଭ୍ୟାସ ରହିଛି। ମୁଁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ମା'ଙ୍କୁ ଘର କାମରେ ସାହାଯ୍ୟ କରେ। ତାହା ମଧ୍ୟ ଚାଲିଛି। ଗପ, କବିତା ଲେଖାଲେଖି ବହି ପଢ଼ିବା ମୋର ଆଉ ଏକ ଅଭ୍ୟାସ। ଓଡିଆ, ଇଂରାଜୀ ଏବଂ ହିନ୍ଦୀରେ ଗପ, କବିତା ଲେଖୁଛି। ସବୁକେଳେ କିଛି ନୂଆ ଜିନିଷ ଶିଖିବାକୁ ଚେଷ୍ଟା କରିଥାଏ, ତାହା ମଧ୍ୟ ଜାରି ରହିଛି।

ସୁନିତା ଜେନା (ଶିକ୍ଷୟିତ୍ରୀ, ସରସ୍ୱତୀ ଶିଶୁମନ୍ଦିର, ନହରକଣ୍ଟା, ଭୁବନେଶ୍ୱର) : ସ୍କୁଲରେ ଜଣେ ଶିକ୍ଷୟିତ୍ରୀଭାବେ କାମ କରୁଥିବାରୁ ମତେ ଆଗରୁ କେବେ ବି ସମୟ ମିଳୁ ନ ଥିଲା। ସ୍କୁଲ ସମୟ ପରେ ଘରେ ପିଲାଙ୍କୁ ଟିଉଶନ୍, ତା'ପରେ ଶାଶୁଘରେ ସବୁ କାମ କରି ସମୟ କଟି ଯାଉଥିଲା। ଏମିତି କି ଖରାଦିନ ଛୁଟିରେ ବି ପିଲାଙ୍କର ଟିଉଶନ୍ ଆଉ ବାହାରକୁ ବୁଲିବାକୁ ଯିବାରେ ସମୟ ଚାଲି ଯାଉଥିଲା। ବୋଧହୁଏ ଜୀବନରେ ପ୍ରଥମ ଥର ପାଇଁ ସେସବୁ କାମ କରିବାକୁ ପଡୁନାହିଁ। ଲକ୍‌ଡାଉନ୍ ଯୋଗୁଁ ପିଲାମାନେ ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି। ତେଣୁ ବାକି ସମୟରେ ମୁଁ ମୋ ହବି କାମ ପାଇଁ ସମୟ ଦେଇପାରୁଛି। ମତେ ପେଣ୍ଟିଂ କରିବାକୁ ବହୁତ ଭଲ ଲାଗେ, କିନ୍ତୁ ସମୟ ନ ଥିବାରୁ ଖୁବ୍ କମ୍ ସମୟ ପେଣ୍ଟିଂ କରୁଥିଲି। କିନ୍ତୁ ଏବେ ଘରେ ବହୁତ ସମୟ ମିଳୁଛି। ଘରେ ଏବେ ଶାଶୁଙ୍କ ସହ ଭାଇ, ଦିଦି ସମସ୍ତେ ଅଛନ୍ତି। ସମସ୍ତେ ମିଳି ମିଶି କାମ କରି ଦେଉଥିବାରୁ ଖୁବ୍‌ଶୀଘ୍ର କାମ ସରିଯାଉଛି। ତେଣୁ ମତେ ବି ମୋ କାମ କରିବା ପାଇଁ ବହୁତ ସମୟ ମିଳୁଛି। ଲକ୍‌ଡାଉନ୍ ପାଇଁ ମୁଁ ବହୁତଗୁଡ଼ିଏ ପେଣ୍ଟିଂ କରିପାରିଛି, ଯାହାକୁ ଦେଖି ମତେ ବହୁତ ଖୁସି ଲାଗୁଛି। ଏହାଛଡ଼ା ଏବେ ମତେ ଆମ ବଗିଚାରେ ବିଭିନ୍ନ ପ୍ରକାରର ଗଛ ଲଗାଇ ତା'ର ଯତ୍ନ ନେବା ପାଇଁ ବି ବହୁତ ସମୟ ମିଳୁଛି।

ଧରିତ୍ରୀ

ସୁନୀତା

ଆର୍ଯ୍ୟସ୍ମିତା

ରାଜଶ୍ରୀ

ପୁଣ୍ୟତୋୟା

ରଞ୍ଜିତା

ପୁଣ୍ୟତୋୟା ବଡୁ (କନିଷ୍ଠ ଯନ୍ତ୍ରୀ, ଭୁବନେଶ୍ୱର ମହାନଗର ନିଗମ) ମୋର ତ ବର୍ଷ ସାରା କାମ। କେବେ ଛୁଟି ନ ଥାଏ। ଅଫିସ୍ କାମ ଓ ଘରକାମ ଛଡ଼ା ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ଅନେକ ସମୟରେ କାମ କରିଥାଏ। କାହାକୁ କେଉଁ ଡାକ୍ତରଙ୍କୁ ଦେଖାଇବାକୁ ହେବ, ସେ କାମ କରିବାକୁ ଭଲ ଲାଗେ। ଭୁବନେଶ୍ୱରର ଭୋଟପଡ଼ାଠାରେ ମୁଁ ରହେ। ମୋ ଆଖପାଖରେ ଥିବା ଗରିବ ତଥା କମ୍ ଶିକ୍ଷିତ ଲୋକଙ୍କୁ ଠିକ୍ ସମୟରେ ସଚେତନ କରି ଚିକିତ୍ସା ସୁବିଧା ଦେବା ପାଇଁ ମୁଁ ସବୁ ପ୍ରକାରର ସାହାଯ୍ୟ କରିଥାଏ। ଏବେ ଲକ୍‌ଡାଉନ୍ ପାଇଁ ମୋର ଅଫିସ୍ କାମ ବହୁତ କମିଯାଇଛି। ତେଣୁ ଏବେ ମୁଁ ପିଲାମାନଙ୍କ ସାଙ୍ଗରେ ଅଧିକ ସମୟ କଟାଇ ପାରୁଛି। ଏହା ଛଡ଼ା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବି ବେଶି ସମୟ ପାଉଛି। କେଉଁଠି ବୟସ୍କ ଲୋକେ ଔଷଧ ପାଇପାରୁନାହାନ୍ତି କିମ୍ବା ସେମାନଙ୍କୁ ଜରୁରୀ ସାମଗ୍ରୀ ମିଳୁ ନ ଥିବାର ଖବର ପାଇଲେ ମୁଁ ତୁରନ୍ତ ସେମାନଙ୍କୁ ସାହାଯ୍ୟ କରିଥାଏ।

ରାଜଶ୍ରୀ ସାମନ୍ତ (ଅଧ୍ୟାପିକା, ଏସ୍‌ଏସ୍‌ଜେ ମହାବିଦ୍ୟାଳୟ, ରାଜନଗର, କେନ୍ଦ୍ରାପଡା) : ଲକ୍‌ଡାଉନ୍, ସଟ୍‌ଡାଉନ୍, କଣ୍ଟେନମେଣ୍ଟ ଏରିୟା–ଏମିତି ଅନେକ ନୂଆ ନୂଆ ଶବ୍ଦ। ରାଜ୍ୟବାସୀ,ଦେଶବାସୀ ଏବଂ ବିଶ୍ୱବାସୀ ସମସ୍ତେ ଏକାକାର। ସତେଯେମିତି ଆମେ ସମସ୍ତେ ମିଲିଟାରି ଶାସନରେ ଅଛନ୍ତି। କି ନିଆରା ଦୁଃଖଦ ଅନୁଭୂତି ! କୋଭିଡ୍–୧୯କୁ ନେଇ ନାନା ଆଶା ଓ ଆଶଙ୍କା ମଧ୍ୟରେ ବେଳେବେଳେ ଅଭୂତପୂର୍ବ ଲାଗୁଛି। ବର୍ତ୍ତମାନ ପୁନର୍ବାର ପ୍ରସାରଣ ହେଉଥିବା ପୌରାଣିକ ଧାରାବାହିକ 'ରାମାୟଣ' ଏବଂ 'ମହାଭାରତ' ଦେଖିବା ପରେ ମନରେ ସ୍ପିରିଚୁଆଲ୍ ଫିଲିଙ୍ଗ ଆସୁଛି। ଯେହେତୁ ମୋ ଝିଅ ଯୁକ୍ତ ୨ ବିଜ୍ଞାନ ପଢୁଛି ଏବଂ ପେସାରେ ମୁଁ ଜଣେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ତେଣୁ ଝିଅର ପାଠପଢ଼ା ଦେଖିବାକୁ ପଡୁଛି। ଆଗକୁ ସାଇତି ରଖିଥିବା ଏବଂ ସମୟ ଅଭାବରୁ ପଢ଼ି ପାରି ନ ଥିବା ବହି (ଯୋଗୀର ଆତ୍ମଚରିତ, ମୌନ ମହୋତ୍ସବ ଏବଂ ଶ୍ରୀମୟୀ ମା') ଏବଂ ପଢୁଛି। ଯେହେତୁ କର୍ମଜୀବୀ ତେଣୁ ଘରର ଯତ୍ନ ମୁଁ ଠିକ୍ ଭାବରେ ନେଇପାରି ନ ଥାଏ। ଏବେ ସେଥିପାଇଁ ସମୟ ମିଳିଛି। ଘରଦ୍ୱାର ସଫା କରୁଛି। ଏହାଦ୍ୱାରା ଟାଇମ୍ ପାସ୍ ହୋଇଯାଉଛି। ମୋ ମତରେ ଅବସର ସମୟର ଯିଏ ଠିକ୍ ଉପଯୋଗ କରିଥାଏ ସେ ହିଁ ପ୍ରକୃତରେ ବୁଦ୍ଧିମାନ। କାଉ, ବୁଲାକୁକୁରଙ୍କୁ ଖାଇବାକୁ ଖାଦ୍ୟ ଦେଉଛି। ଫୋନ୍‌ରେ କାହାକୁ ଆଶ୍ୱାସନା ତ କାହାକୁ ପରାମର୍ଶ ଦେଉଛି। ଏହି ସମୟରେ ମନରେ ଭାବାନ୍ତର ସୃଷ୍ଟି ହେଉଛି। ଭବିଷ୍ୟତରେ ଅସହାୟମାନଙ୍କୁ ସାହାଯ୍ୟ କରିବାକୁ ଏବେଠାରୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଛି।

ରଞ୍ଜିତା ଗଡସରା (କର୍ମଜୀବୀ, ମୟୁରଭଞ୍ଜ) : ଏବେ ତ ଲକ୍ ଡାଉନ୍ ସମୟ। କରୋନା ମହାମାରୀ କବଳରେ ପ୍ରାୟ ସମଗ୍ର ବିଶ୍ୱ। ଯେହେତୁ ଆମ ରାଜ୍ୟରେ ଲକ୍ ଡାଉନ୍ ଘୋଷଣା କରାଯାଇଛି ତେଣୁ ଘରେ ରହିବାକୁ ପଡୁଛି। ଏବେ ଘରେ ରହି ଖାତା ଦେଖୁଛି। ବହି ପଢୁଛି। ଟିଭିରେ ଭଲ ଭଲ କାର୍ଯ୍ୟକ୍ରମ ଦେଖୁଛି। ମନ ପସନ୍ଦର ଖାଦ୍ୟ ରାନ୍ଧି ଖାଉଛି। ଏହି ଅବସର ସମୟରେ ବିଭିନ୍ନ ବିଷୟରେ ଜାଣିବାର ସୁଯୋଗ ମଧ୍ୟ ମିଳିଛି।

ଫ୍ୟାଶନ

ଖରାଦିନେ ଫ୍ୟାଶନ ଟ୍ରେଣ୍ଡ

ଖରାଦିନେ ଆପଣ ଫ୍ୟାଶନେବଲ ହେବାକୁ ଚାହୁଁଛନ୍ତି କି? କାରଣ ଏହି ଋତୁରେ ଫ୍ୟାଶନ ପ୍ରତି ଅଧିକ ଧ୍ୟାନ ଦେବାକୁ ପଡିଥାଏ। ଗ୍ରୀଷ୍ମଋତୁରେ ଏଭଳି ଷ୍ଟାଇଲିଶ୍ ଡ୍ରେସ୍ ପିନ୍ଧନ୍ତୁ, ଯାହା ଆପଣଙ୍କ ଲୁକ୍‌କୁ ଆହୁରି ଆକର୍ଷଣ କରିବ। ଜାଣନ୍ତୁ ସେ ସମ୍ପର୍କରେ..

କ୍ରପ୍ ଟପ୍

ଗ୍ଲାମର୍ସ ଲୁକ୍ ପାଇଁ କ୍ରପ୍ ଟପ୍ ଝିଅମାନଙ୍କର ପ୍ରଥମ ପସନ୍ଦ। କାଜୁଆଲ୍‌ଠୁ ଆରମ୍ଭ କରି ପାର୍ଟି ଅକେଜନ ସବୁ ସ୍ଥାନରେ ଏହାକୁ କ୍ୟାରି କରାଯାଇପାରେ। ଅଫ୍ ସୋଲ୍‌ଡର, ୱାନ ସୋଲ୍‌ଡର ଓ ବେଲ୍ ସ୍ଲିଟସ୍ ପ୍ୟାଟର୍ନ ଏବେ ବହୁତ ଡିମାଣ୍ଡ ରହିଛି। ଡେନିମ୍ ଶର୍ଟସ, ସ୍କର୍ଟ, ଜିନ୍ସ ଏବଂ ପ୍ଲାଜୋକୁ ମିକ୍ସ ଆଣ୍ଡ ମ୍ୟାଚ୍ କରି ପିନ୍ଧିପାରିବେ।

ହାଇ ୱେଷ୍ଟ ପ୍ୟାଣ୍ଟ

ଲୋ ୱେଷ୍ଟ ବଦଳରେ ଏବେ ହାଇ ୱେଷ୍ଟ ପ୍ୟାଣ୍ଟର ଚାହିଦା ବଢ଼ିଛି। ଡେନିମ୍ ସହିତ ଅଲଗା ଫାବ୍ରିକ୍‌ର ଡ୍ରେସ୍ ସହ ଏହି ପ୍ୟାଣ୍ଟ ପିନ୍ଧିପାରିବେ, ଯାହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ବିଶେଷ ଭାବରେ ସ୍ଲିମ୍ ଝିଅଙ୍କୁ ଏହା ଭଲ ମାନିଥାଏ। ଏଥିରେ ଆପଣ ଶାର୍ଟକୁ ଇନ୍ କରି ପିନ୍ଧିପାରିବେ। ଆଜିକାଲି କଲେଜ୍ ଯାଉଥିବା ଝିଅମାନେ ଏପରି ଟ୍ରେଣ୍ଡକୁ ଅଧିକ ଆପଣାଉଥିବାର ଦେଖିବାକୁ ମିଳୁଛି।



ସମର ଜ୍ୟାକେଟ୍

ଖରାଦିନେ ସମର ଜ୍ୟାକେଟ୍ ପିନ୍ଧିବା ଦ୍ୱାରା ଖରା ଦାଉରୁ ରକ୍ଷା ପାଇପାରିବେ। ଏହି ଜ୍ୟାକେଟ୍ ପିନ୍ଧିବା ଦ୍ୱାରା ଏହା ଆପଣଙ୍କୁ କ୍ଲାସି ଲୁକ୍ ଦେଇଥାଏ। ଏହି ଦିନେ ଅରେଞ୍ଜ, ଗ୍ରୀନ୍, ପିଚ୍ ଏବଂ ହ୍ୱାଇଟ୍ କଲର ଜ୍ୟାକେଟ୍ ଟ୍ରେଣ୍ଡରେ ଅଛି। ଏହା କଲରଫୁଲ୍ ପ୍ୟାଣ୍ଟ,ସ୍କର୍ଟ ସହିତ ଖୁବ୍ ଭଲ ମାନିଥାଏ।

ଟେକ୍‌ଟପ୍

ଏହି ଟପ୍‌କୁ ସାଧାରଣତଃ ଟ୍ରାନ୍ସପରେଣ୍ଟ ଟପ୍ ସହିତ ଭିତରେ ପିନ୍ଧା ଯାଇଥାଏ। ଆଟ୍ରାକ୍ଟିଭ୍ ଲୁକ୍ ପାଇଁ ଏହା ସହ ସମର ସ୍କାର୍ଫ କ୍ୟାରି କରିପାରିବେ। ଯେଉଁମାନେ ଟାଇଟ୍ ଫିଟ୍ ଡ୍ରେସ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି, ଟେକ୍‌ଟପ୍‌କୁ ସ୍କିନ୍ ଟାଇଟ୍ ଜିନ୍ସ ସହ ପିନ୍ଧିପାରିବେ।

କିପରି ଦୂର କରିବେ ଅଫିସ୍ ଟେନସନ୍

କେତେକ କର୍ମଜୀବୀ ଅଫିସ ଟେନସନ ବିଷୟରେ ଅଧିକ ଚିନ୍ତା କରିବା ଦ୍ୱାରା ସେମାନଙ୍କର ପରିବାର ଏଥିଯୋଗୁ ପ୍ରଭାବିତ ହୋଇଥାଏ। ଅଫିସରେ ଯଦି କିଛି ସମସ୍ୟା ସୃଷ୍ଟି ହୋଇଛି ତେବେ ତାହାର ତୁରନ୍ତ ସମାଧାନ କରନ୍ତୁ। ଘରକୁ ଆସିବା ପରେ ତାହାକୁ ଅଧିକ ଆଲୋଚନା କରିବା ଦ୍ୱାରା ଏହାର ସମାଧାନ ପାଇବାରେ ହୁଏତ ବିଳମ୍ବ ହୋଇପାରେ। ଏଥିରୁ କିପରି ନିଜକୁ ଦୂରେଇ ରଖିବେ ଜାଣନ୍ତୁ ସେ ସମ୍ପର୍କରେ...

–ସବୁବେଳେ ନିଜର ସୀମା ଭିତରେ ରହନ୍ତୁ। ଅଫିସ୍‌ରେ କାମ ଅଫିସ୍‌ରେ ସାରିବାକୁ ଚେଷ୍ଟା କରନ୍ତୁ। ଯଦି ଅଫିସ୍ କାମ ଘରକୁ ନେଇ ଆସିବେ ତେବେ ଆପଣଙ୍କ ଅନ୍ୟ କାମ ଏଥିଯୋଗୁ ବିଳମ୍ବ ହେବ।

–ଅଫିସ୍ ବାହାରିବା ପୂର୍ବରୁ ନିଜ କାମର ଆକଳନ କରନ୍ତୁ। ଆଜି କେଉଁ କାମ କରିବେ କ'ଣ କରିବେ ତା'ର ଯୋଜନା ପ୍ରସ୍ତୁତ କରନ୍ତୁ। ଏପରି କରିବା ଦ୍ୱାରା ଘରେ ଆପଣଙ୍କୁ କାମର ଟେନସନ୍ ରହିବ ନାହିଁ।

–ଅଫିସ୍‌ରେ ଠିକ୍ ସମୟରେ ପହଞ୍ଚନ୍ତୁ। କେଉଁ ସମୟରେ କେଉଁ କାମ କରିବେ ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ। ଏପରି କରିବା ଦ୍ୱାରା ଆପଣ ନିଜ କାମକୁ ସମୟଥାଇ କରିଦେଲେ ତେବେ ଏଥିପାଇଁ ଆପଣଙ୍କୁ ଏତେଟା ଟେନସନ୍ ରହିବନି।

–ଅଫିସ୍‌ରେ କାମ କରିବା ସମୟରେ ନିଜ କାମ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। ବିଶେଷଭାବରେ ସୋସିଆଲ୍ ମିଡିଆରୁ ସେ ସମୟରେ ସମ୍ପୂର୍ଣ୍ଣ ନଜର ହଟାଇ ନେବା ଭଲ।



ବିଶୁଦ୍ଧୀକରଣ ହେଲା ଗଡ଼ଭିଙ୍ଗୁରା

ଗୋପ, ୨୦।୪(ଡି.ଏନ.ଏ.): କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସୋମବାର ଗୋପ ବ୍ଲକ ଅଧିନ ଗଡ଼ଭିଙ୍ଗୁରା ପଞ୍ଚାୟତର ସମସ୍ତ ୱାର୍ଡକୁ ସାନିଟାଇଜ କରାଯିବା ସହ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଛି। ପ୍ରଶାସନ ପକ୍ଷରୁ ବିଡିଓ ଦିପ୍ତିରାଣୀ ଦାସ ସମସ୍ତ କାର୍ଯ୍ୟ ତଦାରଖ କରୁଚନ୍ତି। ଗଡ଼ଭିଙ୍ଗୁରା ସରପଞ୍ଚ ଶୁଭଶ୍ରୀ ନାୟକ, ପୁରୀ ଜିଲା ବିଜେଡି ଉପସଭାପତି ଅରୁଣ କୁମାର ମିଶ୍ର, ଏମ୍‌ପିଙ୍କ ଗୋପ ବ୍ଲକ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ, ସମିତି ସଭ୍ୟ ମନୋଜ କୁମାର ଜାଲି ପ୍ରମୁଖ ୫୦୦ ରୁ ଅଧିକ ଲୋକଙ୍କୁ ମାସ୍କ ବଣ୍ଟନ କରିଥିଲେ ।

ସଂକ୍ଷେପରେ

ଚନ୍ଦନଯାତ୍ରା ପ୍ରସ୍ତୁତି

ସାକ୍ଷୀଗୋପାଳ,୨୦।୪(ଡି.ଏନ.ଏ.): ସାକ୍ଷୀଗୋପାଳ ଠାକୁରଙ୍କ ୨୧ଦିନ ବ୍ୟାପୀ ଚନ୍ଦନଯାତ୍ରା ଆସନ୍ତା ୨୬ ତାରିଖ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେବ। ଏହି ଅବସରରେ ଠାକୁରଙ୍କ ବିଜେ ପ୍ରତିମା ମଦନମୋହନ ଦିନକୁ ଦୁଇଥର ଚନ୍ଦନ ପୁଷ୍କରିଣୀରେ ଦିନ ଚାପ ଖେଳିବେ। ଚଳିତବର୍ଷ ଲକ୍‌ଡାଉନ ଯୋଗୁ ମନ୍ଦିର ପ୍ରଶାସନ ଏହାକୁ କାଟଛାଣ୍ଟ କରି କେବଳ ଠାକୁରଙ୍କ ନୀତି କରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ସିଂହଦ୍ୱାରଠାରୁ ଚନ୍ଦନ ମଣ୍ଡପ ପର୍ଯ୍ୟନ୍ତ ପଟୁଆଳ ଛାମୁଣ୍ଡିଆଗୁଡିକ ଛୋଟ ଆକାରରେ କରାଯାଉଛି। ଅଳ୍ପ ସଂଖ୍ୟକ ଭୋଇ ସେବକ ଏହି କାମରେ ଲାଗିଛନ୍ତି। ଚନ୍ଦନ ମଣ୍ଡପ ସଫେଇ, ପୋଖରୀ ଘାଟ ପରିଷ୍କାର ସହ ଡଙ୍ଗା ମରାମତି ସରିଛି। ଖୁବ୍‌ଶୀଘ୍ର ଚାପ ନିର୍ମାଣ କାମ ହେବ ବୋଲି ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର କହିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଶ୍ରଦ୍ଧାଳୁଙ୍କ ସମାବେଶ ଉପରେ କଟକଣା ଜାରି ହେବ।

ବସ୍ତିରେ ରନ୍ଧାଖାଦ୍ୟ ବଣ୍ଟନ

ଚୌଦ୍ୱାର,୨୦।୪(ଡି.ଏନ୍.ଏ.): ଲକ୍‌ଡାଉନ୍ ଯୋଗୁ ଅନେକ ଗରିବ ଓ ଦିନ ମଜୁରିଆ ଶ୍ରେଣୀର ଲୋକ କାମଧନ୍ଦା ନ ପାଇ ଘରେ ବସି ରହିଛନ୍ତି। ପୌରପାଳିକାର ହାଉସିଂବୋର୍ଡ ନିକଟସ୍ଥ ଶୁଖୁଆଖିଆ ବସ୍ତିରେ ୨୫ଟି ପରିବାରର ୧୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ହଇରାଣ ହେଉଛନ୍ତି। ଏମାନେ ପାଣି ପାଇଁ ପାଖ ହାଉସିଂବୋର୍ଡ କଲୋନୀ ଉପରେ ନିର୍ଭର କରିଥାନ୍ତି । ବସ୍ତିରେ ନଳକୂପ ନାହିଁ। ଅନେକ ପରିବାର ରାଶନ କାର୍ଡ ପାଇନାହାନ୍ତି। ଲକ୍‌ଡାଉନ୍ ସମୟରେ ଚୌଦ୍ୱାର ପୋଲିସ ତରଫରୁ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ତା' ପରଠାରୁ କାହାରି ନଜର ପଡ଼ି ନ ଥିଲା। ଶୁକ୍ରବାର ହିନ୍ଦ୍ ସେବକ ସଂଘ ଶିଶୁ ସଦନ ତରଫରୁ ବସ୍ତିବାସିନ୍ଦାଙ୍କୁ ରନ୍ଧାଖାଦ୍ୟ ବଣ୍ଟାଯାଇଛି।

୩୬ ହଜାର ରାଶନକାର୍ଡଧାରୀ ପାଇବେ ଚାଉଳ

ଗୋପ,୨୦।୪(ଡି.ଏନ୍.ଏ): କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଗରିବ ଖାଦ୍ୟ ଅନ୍ନ ଯୋଜନାରେ ଗୋପ ବ୍ଲକ୍‌ର ୩୬ହଜାର ରାଶନକାର୍ଡ଼ ହିତାଧିକାରୀ ପରିବାରକୁ ୩ ମାସର ଚାଉଳ ମିଳିବ। ଏହି ସମୟରେ ସାମାଜିକ ଦୂରତା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ବ୍ଲକ୍ ଯୋଗାଣ ନିରୀକ୍ଷକ ସସ୍ମିତା ସାହୁ କହିଛନ୍ତି। ଗୋପ ବ୍ଲକ୍‌ର ୩୧ଟି ଗ୍ରାମପଞ୍ଚାୟତ ଓ କୋଣାର୍କ ଏନ୍‌ଏସି ଲାଗି ୯୦ଟି ଡିଲର କେନ୍ଦ୍ରରେ ୩୬ ହଜାର ରାଶନକାର୍ଡ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୫କିଲୋ ଚାଉଳ ଦିଆଯିବ। କରୋନା ସଂକ୍ରମଣ ନ ବ୍ୟାପିବାକୁ ସମସ୍ତ ରିଟେଲର କେନ୍ଦ୍ରରେ ଗୋଲାକାର ବୃତ୍ତ, ପିଇବା ପାଣି, ହାତ ଧୋଇବା ଲାଗି ସାବୁନ୍ ଓ ଖରାକୁ ଆଖି ଆଗରେ ରଖି ଅସ୍ଥାୟୀ ଟେଣ୍ଟ କରିବେ। ନଚେତ ସମ୍ପୃକ୍ତ ଡିଲଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ପ୍ରତି କାର୍ଡ଼ ପିଛା ୩ ମାସର କୋଟା ବାବଦ ୩ କେଜି ଡାଲି ଦିଆଯିବ ବୋଲି ସୂଚନା ମିଳିଛି।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

କଟକ ଅଫିସ/ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୦।୪(ଡି.ଏନ.ଏ): କଟକ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ୫୩ ହଜାର ୪୧୫ ଟଙ୍କା ଦାନ କରିଛନ୍ତି। ଏହି ଅର୍ଥରାଶି ସେମାନେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଦେଇଛନ୍ତି। ସେହିପରି ଓଡ଼ିଶା ଅବସରପ୍ରାପ୍ତ ବୈଷୟିକ ମତ୍ସ୍ୟ ଅଧିକାରୀ ସଂଘ ପକ୍ଷରୁ ୭୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କର୍ମଚାରୀଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ଟଙ୍କାର ଚେକ୍ ଜିଲାପାଳ ଶୀତାଂଶୁ ରାଉତଙ୍କୁ ଦିଆଯାଇଛି। ଈଗଲ କ୍ଲବ ପକ୍ଷରୁ ବିଧାୟକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଅଭିଷେକ ସିଂହ ସାମନ୍ତ ଜିଲାପାଳଙ୍କୁ ଏକ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଓଡ଼ିଶା ଜୀବିକା ମିଶନ ବେଗୁନିଆ ବ୍ଲକ ୨୧ ପଞ୍ଚାୟତ ସ୍ତରୀୟ ସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୦ ହଜାର ୪୦୦ଟଙ୍କା ପ୍ରଦାନ କରାଯାଇଛି। ବିଡିଓ ରଶ୍ମିରେଖା ଦାସଙ୍କ ଜରିଆରେ ଏହି ସହାୟତା ରାଶିର ଚେକ୍ ଦିଆଯାଇଛି। ବ୍ଲକ୍ ପ୍ରକଳ୍ପ ଅଧିକାରୀ ଶ୍ରୀନିବାସ ଦାସଙ୍କ ନେତୃତ୍ୱରେ ମହାସଂଘର ସଭାନେତ୍ରୀ ବିନୋଦିନୀ ରାୟ, ସମ୍ପାଦିକା ଗୀତାଞ୍ଜଳି ସୁବୁଦ୍ଧି ଓ ରଶ୍ମିତା ସାହୁ ଉପସ୍ଥିତ ଥିଲେ।

ତଦନ୍ତ ଖୋଲିବ ଅନେକ ଗୁମର

ପୁରୀ ଅଫିସ,୨୦।୪:

କରୋନା ପାଇଁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। ଗତ ମାସ ୨୦ ତାରିଖରୁ କୌଣସି ଶ୍ରଦ୍ଧାଳୁ ସିଂହଦ୍ୱାର ଡେଇଁ ପାରୁନାହାନ୍ତି। କେବଳ ସେବାୟତଙ୍କୁ ହିଁ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ସେବାପୂଜା କରିବାର ଅନୁମତି ଦିଆଯାଇଛି। ହେଲେ ଏହି କଟକଣାକୁ ବେଖାତିର କରି ରବିବାର ଯାଜପୁର ଜିଲା ବଡ଼ଚଣା ଥାନା ଆଇଆଇସି ଦୀପକ କୁମାର ଜେନା ସପରିବାର ମନ୍ଦିରକୁ ପ୍ରବେଶ କରିଛନ୍ତି। ଏହି ଘଟଣାରେ ପୋଲିସ ଡିଜି ସୋମବାର ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି। କିନ୍ତୁ ଏହା ଯଥେଷ୍ଟ ନୁହେଁ, ଘଟଣାର ଠିକ୍ ଭାବେ ତଦନ୍ତ କରାଯାଇ ଏହା ପଛରେ ଯେଉଁମାନଙ୍କର ହାତ ରହିଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ତଦନ୍ତ ହେଲେ ଅନେକ ଗୁମର ଖୋଲିବ ବୋଲି ଚର୍ଚ୍ଚା ହେଉଛି।

ଲକ୍‌ଡାଉନକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଡିଜି ମଧ୍ୟ ସବୁ ଥାନାଧିକାରୀଙ୍କୁ ଏ ଦିଗରେ ସୂଚିତ କରାଇଥିଲେ। ଏହାସତ୍ତ୍ୱେ ଜଣେ ଥାନା ଅଧିକାରୀ ନିୟମକୁ ଭାଙ୍ଗିବା ଲାଗି ସାହସ କଲେ କିପରି। ସବୁଠୁ ବଡ଼ କଥା ହେଉଛି ଯେଉଁ ସ୍କର୍ପିଓ ଗାଡ଼ିରେ ପୋଲିସ ବାବୁ ଜଣଙ୍କ ସପରିବାର ତିନୋଟି ଜିଲା ଡେଇଁ ପୁରୀ ଆସିଥିଲେ ସେ ଗାଡ଼ିକୁ ନେଇ ବି ଉଠିଛି ପ୍ରଶ୍ନ। ତାହା ଏକ ଚୋରା ଗାଡ଼ି ବୋଲି କୁହାଯାଉଛି। ପୁଣି ଏହି ଗାଡ଼ିରେ କମଳା ରଙ୍ଗର ବତି ଲଗାଇ ଅପବ୍ୟବହାର କରାଯାଇଛି। ସମ୍ପୃକ୍ତ ଥାନା ଅଧିକାରୀଙ୍କ ଗାଡ଼ି ଯାଜପୁର ସୀମା ଡେଇଁକମିଶନରେଟ୍‌ପୋଲିସର ୨ ସହର କଟକ ଏବଂ ଭୁବନେଶ୍ୱର ପାର୍ ହେଲା କିପରି। ବର୍ତ୍ତମାନ ଲକ୍‌ଡାଉନ ଯୋଗୁ ସବୁ ଜିଲାର ସୀମାକୁ ସିଲ୍ କରାଯାଇଛି । ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ପୋଲିସ ବାବୁ ଜଣଙ୍କୁ କେହି ଅଟକାଇଲେନି କେମିତି ବୋଲି ପ୍ରଶ୍ନ ଉଠିଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଯାଜପୁର ଜିଲାରୁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ପୁରୀ ଜିଲାରୁ ବି ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସ୍ଥିତିରେ ଆକ୍ରାନ୍ତ ଚିହ୍ନଟ ଜିଲାରୁ ବାହାରକୁ ଯିବା ସହଜ ନୁହେଁ। ତଥାପି ସବୁ ଆଇନକାନୁନକୁ ମୋଡ଼ିମକଚି ଦେଇଛନ୍ତି ସମ୍ପୃକ୍ତ ଥାନାଧିକାରୀ।

ଆଇଆଇସିଙ୍କ କରୋନା କଟକଣାକୁ ଫୁ ପ୍ରସଙ୍ଗ

- ଭିଭିଆଇପିଙ୍କ ଗାଡ଼ି ଡେଉଁନି ଶ୍ରୀମନ୍ଦିର କାର୍ଯ୍ୟାଳୟ
- ପୋଲିସ ବାବୁଙ୍କ ଗାଡ଼ି ଛୁଇଁଲା ଦକ୍ଷିଣ ଦ୍ୱାର

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଶ୍ରୀମନ୍ଦିର ନିକଟକୁ କୌଣସି ଭିଆଇପିଙ୍କ ଗାଡ଼ି ଯିବା ଉପରେ କଟକଣା ରହିଛି। ଏମିତି କି ଯଦି ବି କୌଣସି ଭିଆଇପି କିମ୍ବା ଭିଭିଆଇପିଙ୍କ ଗାଡ଼ିକୁ ପ୍ରଶାସନିକ ଅନୁମତି ଥାଏ ସେହି ଗାଡ଼ି କେବଳ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥାଏ। ପୁରୀ ଜିଲାପାଳ, ଏସ୍‌ପିଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀଙ୍କ ଗାଡ଼ି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଆଗକୁ ଡେଇଁ ନ ଥାଏ। ସମସ୍ତେ ସେହିଠାରେ ଓହ୍ଲାଇ ବ୍ୟାରିକେଡ୍ ଦେଇ ସିଂହଦ୍ୱାରକୁ ଯାଇଥାନ୍ତି। ବର୍ତ୍ତମାନ ପୁଣି ଲକ୍‌ଡାଉନ, ତା' ସାଙ୍ଗକୁ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରହିଛି। ଏହି ସମୟରେ କଟକଣା ଆହୁରି କଡ଼ାକଡ଼ି କରାଯାଇଛି। ହେଲେ ସମ୍ପୃକ୍ତ ଥାନା ଅଧିକାରୀଙ୍କ ମୁଣ୍ଡ ଉପରେ କାହାର ହାତ ରହିଛି କେଜାଣି ତାଙ୍କ ଗାଡ଼ିଟି ଶ୍ରୀମନ୍ଦିର କାର୍ଯ୍ୟାଳୟ ଡେଇଁ ସିଧାସଳଖ ଦକ୍ଷିଣ ଦ୍ୱାରରେ ପହଞ୍ଚି ଯାଇଥିଲା, ଯାହାକୁ ସହଜରେ ହଜମ କରିପାରୁନାହାନ୍ତି ପୁରୀବାସୀ। ପ୍ରଥମେ ମାର୍କେଟ ଛକ ପାଖରୁ ତାଙ୍କ ଗାଡ଼ିକୁ କିପରି ଆଗକୁ ଯିବାକୁ ଅନୁମତି ଦିଆଗଲା ଏବଂ ଯଦି ବି ଗଲା ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ସମ୍ମୁଖ ପର୍ଯ୍ୟନ୍ତ କିପରି ଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଶୁଣିବାକୁ ମିଳୁଛି, ସମ୍ପୃକ୍ତ ପୋଲିସ ବାବୁ ଜଣେ ପୂଜାପଣ୍ଡା ସେବାୟତଙ୍କ ସହଯୋଗରେ ମନ୍ଦିରକୁ ପ୍ରବେଶ କରିଥିଲେ। ଦକ୍ଷିଣ ଦ୍ୱାରରେ କାର୍ଯ୍ୟରତ ପୋଲିସ ଏବଂ ଜେଟିପିଙ୍କ ବାରଣକୁ ନ ମାନି ଭିତରକୁ ଯାଇଥିଲେ। ତେବେ ସମ୍ପୃକ୍ତ ସେବାୟତ କେବଳ ଏହି ପୋଲିସ ବାବୁଙ୍କୁ କଟକଣା ସମୟରେ ଭିତରକୁ ନେଉଥିଲେ ନା ଆଗରୁ ଅନ୍ୟ କାହାକୁ ନେଇ ହାତ ଚିହ୍ନଣ କରିଛନ୍ତି ତାହାର ତଦନ୍ତ ହେବା ଦରକାର ବୋଲି ଭକ୍ତମହଲରେ ମତ ପ୍ରକାଶ ପାଇଛି। ସମ୍ପୃକ୍ତ ସେବାୟତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ତେବେ ଏହି ସମସ୍ତ ଘଟଣାକୁ ଦେଖିଲେ ସମ୍ପୃକ୍ତ ଆଇଆଇସି ନିଶ୍ଚିତ କାହାର ଛତ୍ରଛାୟା ତଳେ ରହିଥିବା ବୁଝାପଡୁଛି। ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି, ବଡ଼ଚଣା ଆଇଆଇସି ଦୀପକ କୁମାର ଜେନା ଅନଧିକୃତ ଭାବେ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। କାର୍ଯ୍ୟରତ ହାବିଲଦାର ମନା କରିବା ସତ୍ତ୍ୱେ ସେ କିଛି ନ ଶୁଣି ପରିବାର ସଦସ୍ୟଙ୍କ ସହ ଯାଇଥିଲେ। ଏ ନେଇ ଆଇଆଇସି, ତାଙ୍କ ସହଧର୍ମିଣୀ ଏବଂ ତାଙ୍କୁ ସହଯୋଗ କରିଥିବା ଜଣେ ପୂଜାପଣ୍ଡା ସେବାୟତଙ୍କ ବିରୋଧରେ ଏପିଡେମିକ ଡିଜିଜ୍ ଆକ୍ଟ, ଡିଜାଷ୍ଟର ମ୍ୟାନେଜମେଣ୍ଟ ଆକ୍ଟ ଅନୁସାରେ ମାମଲା ରୁଜୁ ହୋଇଛି। ତେବେ ସେମାନେ କିଭଳି ଦକ୍ଷିଣ ଦ୍ୱାର ପର୍ଯ୍ୟନ୍ତ ପହଞ୍ଚିଲେ ଏବଂ ଆସିଥିବା ଗାଡ଼ି ସଂକ୍ରାନ୍ତରେ ତଦନ୍ତ ଚାଲିଛି। ଆଡିଶନାଲ ଏସ୍‌ପିସ୍ତରୀୟ ଅଧିକାରୀ ଏହାର ତଦନ୍ତ କରୁଛନ୍ତି। ୨ ଦିନ ଭିତରେ ସେ ରିପୋର୍ଟ ଦେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ମୋଚିସାହି ବାସିନ୍ଦା ଭୋକରେ ରହିବା ଘଟଣା

ଓଏଚ୍‌ଆରସିରେ ପିଟିଶନ

ଭୁବନେଶ୍ୱର,୨୦।୪ (ବ୍ୟୁରୋ)

ଲକ୍‌ଡାଉନ ଯୋଗୁ ଷ୍ଟେଶନ ବଜାର ମୋଚିସାହି ବାସିନ୍ଦାଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ସେମାନେ ଖାଇବାକୁ ପାଉ ନ ଥିବା 'ଧରିତ୍ରୀ'ରେ ସୋମବାର ଖବର ପ୍ରକାଶିତ ହୋଇଥିଲା। ଏନେଇ ରାଜ୍ୟ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ, ବିଜୟ ପଣ୍ଡା, ଗୋଲେଖ ପ୍ରସାଦ ନାୟକ ସୁବାଶିଷ ପଣ୍ଡା ରାଜ୍ୟ ମାନବାଧିକାର କମିଶନଙ୍କ(ଓଏଚ୍‌ଆର୍‌ସି) ନିକଟରେ ଏକ ପିଟିଶନ ଦାଏର କରିଛନ୍ତି। ବସ୍ତିବାସିନ୍ଦାଙ୍କୁ ଖାଦ୍ୟ ଦ୍ରବ୍ୟ ଓ ଆର୍ଥିକ ସହାୟତା ପ୍ରଦାନ ପାଇଁ କମିଶନଙ୍କୁ ସେମାନେ ନିବେଦନ କରିଛନ୍ତି। ଏହି ସାହିରେ ପ୍ରାୟ ୩ଶହ ପରିବାର ରହୁଛନ୍ତି। ୨୫୦ ପରିବାର ମୋଚି କାମ କରି ଗୁଜୁରାଣ ମେଣ୍ଟାନ୍ତି। ୧ଶହ ପରିବାରଙ୍କ ପାଖରେ ରାଶନ କାର୍ଡ଼ ନ ଥିବାରୁ ଖାଦ୍ୟସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅଧିକାଂଶ ରାସ୍ତାକଡ଼ କ୍ଷୁଦ୍ରବ୍ୟବସାୟୀ ଭାବେ ପଞ୍ଜୀକୃତ ହୋଇ ନ ଥିବାରୁ ଆର୍ଥିକ ସହାୟତା ପାଉନାହାନ୍ତି। ପ୍ରାୟ ପରିବାର ଅନାହାରରେ ଅତି ଦୟନୀୟ ଜୀବନ କଟାଉଛନ୍ତି। ତେଣୁ ମୋଚିସାହି ବାସିନ୍ଦାଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ନଗର ଉନ୍ନୟନ ବିଭାଗ ଓ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସେମାନେ କମିଶନରଙ୍କୁ ନିବେଦନ କରିଛନ୍ତି।

ସୋମବାର ପୁରୀ ବେଳାଭୂମି ଆକାଶରେ ଉଡୁଥିବା ବିହଙ୍ଗ।

ସାମାଜିକ ଦୂରତା ଭୁଲିଗଲେ

ପୁରୀ ଅଫିସ,୨୦।୪:

କରୋନା ସଂକ୍ରମଣକୁ ରୋକିବା ପାଇଁ ଲକ୍‌ଡାଉନ ଘୋଷଣା ହୋଇଛି। ରାଜ୍ୟ ସରକାର ସୋମବାରଠାରୁ ଲକ୍‌ଡାଉନ କଟକଣାରେ କିଛିଟା କୋହଳ କରିଛନ୍ତି। ତେବେ ପୁରୀ ସହରରେ ପୂର୍ବବତ୍ ଲକ୍‌ଡାଉନ ନିୟମ ରହିବ ଏବଂ ମେ ୩ ତାରିଖ ପର୍ଯ୍ୟନ୍ତ କୌଣସି ଘରୋଇ ଗାଡ଼ି ଚଳାଚଳ କରିପାରିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସାମାଜିକ ଦୂରତା, ମାସ୍କ ବାଧ୍ୟତାମୂଳକ କରାଯାଇଥିବା ବେଳେ ବାହାରେ କେହି ଛେପ ନ ପକାଇବା ଉପରେ କଡ଼ା କଟକଣା ରହିଛି। କିନ୍ତୁ ସୋମବାର ପୁରୀ ସହରର ଚିତ୍ର ଭିନ୍ନ ଥିଲା। ବଡ଼ଦାଣ୍ଡ ସହ ସହରର ବିଭିନ୍ନ ସ୍ଥାନରେ ଭିଡ଼ ଦେଖିବାକୁ ମିଳିଥିଲା। ବଡ଼ଦାଣ୍ଡରେ ଲୋକେ ଗାଡ଼ି, ସାଇକେଲ ଧରି ବୁଲୁଥିଲେ।

ବଡ଼ଶଙ୍ଖଠାରେ ପରିବା ବଜାରରେ ଲୋକଙ୍କ ଗହଳି।

କେତେଜଣ ବିନା ମାସ୍କରେ ବୁଲୁଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ବଡ଼ଶଙ୍ଖଠାରେ ପରିବା ବିକ୍ରି କରୁଥିବା ଠେଲା ଗାଡ଼ି ନିକଟରେ ଲୋକଙ୍କ ଗହଳି ଲାଗିଥିଲା। ସାମାଜିକ ଦୂରତା ରକ୍ଷା ନ ହେବାରୁ ପ୍ରଶାସନ ବଡ଼ଶଙ୍ଖ ପରିବା ମାର୍କେଟ ବନ୍ଦ କରିଛି।

କୋଣାର୍କ ଜଗନ୍ନାଥଙ୍କ ଦେବନୀତିରେ ସମସ୍ୟା

କୋଣାର୍କ,୨୦।୪(ଡି.ଏନ୍.ଏ):

କରୋନାଜନିତ ଲକ୍‌ଡାଉନ ହେତୁ କୋଣାର୍କସ୍ଥିତ ଜଗନ୍ନାଥ ମନ୍ଦିରର ଦେବନୀତିରେ ସମସ୍ୟା ସୃଷ୍ଟି ହେଉଛି। ଦର୍ଶନ ଉପରେ କଟକଣା ଯୋଗୁ ଭକ୍ତ ଆସୁ ନ ଥିବାରୁ ଆୟ ହେଉନାହିଁ। ତେଣୁ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ଚଳାଇବାରେ ବ୍ୟାଘାତ ଉପୁଜୁଛି। ପ୍ରତିଦିନ ଏଠାରେ ରୀତିନୀତି ଅନୁଯାୟୀ ମହାପ୍ରଭୁଙ୍କ ଦ୍ୱାର ଫିଟିବାଠାରୁ ପହୁଡ଼ ପର୍ଯ୍ୟନ୍ତ ନୀତି ହୁଏ। ମନ୍ଦିରର ଆୟ ନ ଥିବାରୁ ବର୍ତ୍ତମାନ କଷ୍ଟେମଷ୍ଟେ ନୀତି ସମ୍ପାଦନ କରାଯାଉଛି। ଏଠାରେ ୫ଜଣ କର୍ମଚାରୀ ସହିତ ଅଭ୍ୟାଗତଙ୍କ ନିମନ୍ତେ ବିଭିନ୍ନ ବ୍ୟବସ୍ଥା ଚାଲିଆସୁଥିଲା। ମାତ୍ର ବର୍ତ୍ତମାନ ଲକଡାଉନ କାରଣରୁ ସେସବୁ ପ୍ରଭାବିତ ହୋଇଛି ବୋଲି ନିରଞ୍ଜନ ବାରିକ କହିଛନ୍ତି । ଏ ନେଇ ତହସିଲଦାରଙ୍କୁ ସହଯୋଗ ମାଗିବାରେ ଆମ ପାଖରେ ମନ୍ଦିର ପାଇଁ କିଛି ବ୍ୟବସ୍ଥା ନାହିଁ, ତମେ ଏଣ୍ଡାମେଣ୍ଟକୁ ଜଣାଅ ବୋଲି କହିଥିଲେ। ଅଦ୍ୟାବଧି ଏହି ମନ୍ଦିରକୁ ସରକାରୀ କି ବେସରକାରୀ ସ୍ତରରେ ସହଯୋଗ ମିଳିନାହିଁ। ତେଣୁ ଏହି ମନ୍ଦିରର ନୀତିକାନ୍ତି ପାଇଁ ଜିଲାପାଳ ଦୃଷ୍ଟି ଦେବାକୁ ମନ୍ଦିର ପରିଚାଳକ ନିବେଦନ କରିଛନ୍ତି।

ଗଡ଼ଖାଇରେ ଫସି ମଲା ହରିଣ

କଟକ ଅଫିସ,୨୦।୪:

- ଡିଅର ପାର୍କରୁ ଖସିଯାଇଥିଲା
- ସିଏମ୍‌ସି କର୍ମଚାରୀ ନିଲମ୍ବିତ

ଗଡ଼ଖାଇରେ ପଡ଼ି ମରିଛି ଏକ ଅଣ୍ଡିରା ହରିଣ। ରବିବାର ରାତିରେ ହରିଣଟି ତୁଳସୀପୁରରେ ଥିବା ଡିଅର ପାର୍କରୁ ଖସି ଆସି ଗଡ଼ଖାଇରେ ଫସିଯାଇଥିବା ପ୍ରାଥମିକ ତଦନ୍ତରୁ କୁହାଯାଉଛି। ତେବେ ଏଭଳି ଘଟଣାକୁ ନେଇ ସୋମବାର କଟକ ମହାନଗର ନିଗମ (ସିଏମ୍‌ସି) ଜଣେ କର୍ମଚାରୀଙ୍କୁ ନିଲମ୍ବନ କରିଛି ବୋଲି ଡେପୁଟି କମିଶନର ଅବିନାଶ ରାଉତ ସୂଚନା ଦେଇଛନ୍ତି । ପାର୍କରେ ଦୁଇଟି ବ୍ୟବସ୍ଥାରେ ପାଚେରି ନିର୍ମାଣ କରାଯାଇଛି। ପାଚେରି ଡେଇଁ ହରିଣ ରାସ୍ତାକୁ ଆସିବା ସହଜ କଥା ନୁହେଁ। ଅବିନାଶଙ୍କ କହିବା ଅନୁଯାୟୀ, ହରିଣମାନଙ୍କ ପାଇଁ ଖାଦ୍ୟ ଯୋଗାଇବାର

ସଂକ୍ଷେପରେ

ଗ୍ରାମାଞ୍ଚଳରେ ଲକ୍‌ଡାଉନ କଟକଣାରୁ ସାମାନ୍ୟ ଆଶ୍ୱସ୍ତି

କେନ୍ଦ୍ରାପଡା ଅଫିସ୍, ୨୦।୪: କେନ୍ଦ୍ରାପଡ଼ା ଜିଲାରେ ୨ କରୋନା ପଜିଟିଭ ଚିହ୍ନଟ ହେବା ପରେ ଲକ୍‌ଡାଉନକୁ ଗୁରୁତ୍ୱ ଦିଆଯାଇଛି। ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା, ଜିଲା ବାହାରୁ ଆସୁଥିବା ଲୋକଙ୍କୁ ସଙ୍ଗରୋଧ ନିୟମ ପାଳନ ଆଦି କ୍ଷେତ୍ରରେ ଜିଲା ପ୍ରଶାସନ ପକ୍ଷରୁ କଡ଼ା କଟକଣା ଲଗାଯାଇଛି। ହେଲେ ଲକ୍‌ଡାଉନ୍ ନିୟମ ସାମାନ୍ୟ କୋହଳ ପରେ ଜିଲାର ଗ୍ରାମାଞ୍ଚଳବାସୀଙ୍କୁ ସାମାନ୍ୟ ଆଶସ୍ତି ମିଳିଛି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି ଯେ, ଲକ୍‌ଡାଉନ ନିୟମ କାର୍ଯ୍ୟକାରୀ ହେଉଛି। ତେବେ ୨୦ତାରିଖ ପରେ ସହରାଞ୍ଚଳ ବ୍ୟତୀତ ଗ୍ରାମାଞ୍ଚଳରେ କୃଷି, ଗୃହ ନିର୍ମାଣ ଆଦି କାର୍ଯ୍ୟ ଚାଲିବ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଖୋଲାଯିବ। କୃଷି, ବିଦ୍ୟୁତ, ପାନୀୟ ଜଳ ସମ୍ବନ୍ଧିତ ବ୍ୟବସାୟ ଅତିରିକ୍ତ ଭାବେ ଖୋଲା ଯାଇଛି। ଗ୍ରାମାଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପାଇଁ ଅନୁମତି ଥିବାରୁ ସିମେଣ୍ଟ ଗୋଦାମ ଖୋଲିବ। ଶ୍ରମଜୀବୀ ଓ କୃଷିଜୀବୀ ସାମାଜିକ ଦୂରତ୍ୱ, ନିୟମିତ ହସ୍ତ ପ୍ରକ୍ଷାଳନ ଆଦି ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବାଇକ ଆରୋହୀ ଗିରଫ

ଧର୍ମଶାଳା,୨୦।୪(ଡିଏନଏ): ଧର୍ମଶାଳା ବ୍ଲକ ଜେନାପୁର ଥାନା ବରହମପୁର ଛକ ନିକଟରେ ରବିବାର କରୋନା ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗରେ ଜଣେ ବାଇକ ଆରୋହୀଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ସୁବାସ ମଲିକ (୩୧) ବୋଲି ଜଣାପଡିଛି। ସେ ବାଇକ୍ ନେଇ ଅନାବଶ୍ୟକ ଭାବେ ବିଭିନ୍ନ ସ୍ଥାନରେ ବୁଲୁଥିବା ପୋଲିସ ନଜରକୁ ଆସିଥିଲା। ରବିବାର ସେ ବାଇକ ନେଇ ବୁଲୁଥିବା ସମୟରେ ପୋଲିସ ତାଙ୍କୁ ଗିରଫ କରି ମାମଲା (ନଂ.୧୧୨/୨୦) ରୁଜୁ କରିଥିଲା।

୨୭ ୟୁନିଟ୍ ରକ୍ତ ସଂଗୃହୀତ

ରଘୁନାଥପୁର, ୨୦।୪ (ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ରେଡ଼ୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ରକ୍ତଦାନ ଶିବିରରେ ୨୭ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ତିର୍ତ୍ତୋଲ ବିଧାୟକଙ୍କ ଆହ୍ୱାନ କ୍ରମେ ଆୟୋଜିତ ଶିବିରରେ ଜିଲା ସଂଯୋଜକ ମଧୁସୂଦନ ସାହୁ, ଜିଲା ଯୁବ ବିଜେଡି ସଂପାଦକ ବିଜୟ ଶଙ୍କର ଦାସ, କର୍ମକର୍ତ୍ତା ସରୋଜକାନ୍ତ ସ୍ୱାଇଁ, ଯୋଶେଫ ସ୍ୱାଇଁ, ସରୋଜ ରାୟ, ସରପଞ୍ଚ ସରୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜଗତ୍‌ସିଂହପୁର ବ୍ଲଡ ବ୍ୟାଙ୍କ ଅଫିସର ପଙ୍କଜିନୀ ବେହେରାଙ୍କ ନେତୃତ୍ୱରେ ୬ଜଣିଆ ଟିମ୍ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

ମାସ୍କ ପିନ୍ଧି ନ ଥିବାରୁ ଜରିମାନା

ନୂଆଗାଁ,୨୦।୪ (ଡି.ଏନ.ଏ.): ସୋମବାର ଲକ୍‌ଡାଉନ କୋହଳ ହେବା ପରେ ନୟାଗଡ ଜିଲା ନୂଆଗାଁ ବ୍ଲକରେ ଲୋକେ ସଚେତନତାକୁ ଅଣଦେଖା କରିଥିଲେ। ଏପରିସ୍ଥଳେ ନୂଆଗାଁ ତହସିଲଦାର ଶରତ ମଲିକ ସେମାନଙ୍କ ବିରୋଧରେ କଡା ଆଭିମୁଖ୍ୟ ଗ୍ରହଣ କରିଥିଲେ। ଗରିବ ଲୋକଙ୍କୁ ମାଗଣାରେ ମାସ୍କ ଦେଇଥିବା ବେଳେ ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରିଥିଲେ। ନୂଆଗାଁ ଥାନା ସମ୍ମୁଖ, ମହାପୁର ଛକରେ ଯାନବାହନରେ ଯାଉଥିବା ଲୋକଙ୍କୁ ଯାଞ୍ଚ କରିଥିଲେ। ବିନା ମାସ୍କରେ ଯାଉଥିବା ଲୋକଙ୍କଠାରୁ ୨୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରିଥିଲେ। ଖବର ଲେଖାହେବା ସୁଦ୍ଧା ୧୦,୦୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ତହସିଲଦାର କହିଥିଲେ।

ଜୀବିକା ମିଶନର ୨୪ ହଜାର ଟଙ୍କା ଦାନ

ନୂଆଗାଁ,୨୦।୪(ଡି.ଏନ.ଏ.): ନୟାଗଡ ଜିଲା ନୂଆଗାଁ ବ୍ଲକ ଜୀବିକା ମିଶନ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ୨୪ ହଜାର ଟଙ୍କା ଦାନ କରାଯାଇଛି। ଏହି ଟଙ୍କାର ଏକ ଚେକ୍ ନୂଆଗାଁ ବିଡିଓ ପ୍ରମୋଦ ଦଳବେହେରାଙ୍କୁ ପ୍ରଦାନ କରାଯାଇଛି।

ପୁନରୁଦ୍ଧାର ହେଉନି ଜଳାଶୟ

ଉତ୍କଟ ହେବ ଜଳ ସଙ୍କଟ

ଜଗତ୍‌ସିଂହପୁର ଅଫିସ,୨୦।୪

ଖେରସଞ୍ଚିତ କନିଅର ପୋଖରୀ ଶୁଖିଗଲାଣି।

ଜଗତ୍‌ସିଂହପୁର ପୌର ପରିଷଦ
- ଶୀଘ୍ର ପୁନରୁଦ୍ଧାର କରିବାକୁ ଦାବି
- ଏବେଠୁ ବଢ଼ିଲାଣି ଚିନ୍ତା

ଗ୍ରୀଷ୍ମ ପ୍ରବାହ ଲୋକଙ୍କ ମନରେ ଭୟ ସୃଷ୍ଟି କଲାଣି। ଏହି ପରିସ୍ଥିତି ଜଟିଳ ରୂପ ନେବା ସମ୍ଭାବନା ରହିଛି, ଯଦ୍ୱାରା ଆଗକୁ ଜଳ ସଙ୍କଟ ଦେଖାଦେବ। ପ୍ରତିବର୍ଷ ତାପମାତ୍ରା ନିୟନ୍ତ୍ରଣ ପାଇଁ ବ୍ୟାପକ ଚାରାରୋପଣ, ଜଳାଶୟ ପୁନରୁଦ୍ଧାର ଆଦି କରାଯାଉ ବୋଲି ଦାବି ହୋଇ ଆସୁଛି। କିନ୍ତୁ ସେଭଳି କିଛି କରାଯାଉନାହିଁ, ଯାହାର ପ୍ରମାଣ ଜଗତ୍‌ସିଂହପୁର ସହରରେ ଦେଖିବାକୁ ମିଳୁଛି। ଏଥିମଧ୍ୟରେ ଏକାଧିକ ଜଳାଶୟ ପୋତି ହୋଇଯାଇଥିବା ବେଳେ ଆଉ କେତୋଟିରୁ କିଛି ଦିନ ଭିତରେ ପାଣି ଶୁଖିଯିବ। ଏ ପରିସ୍ଥିତିରେ ଜିଲା ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

ଜଗତ୍‌ସିଂହପୁର ସହର ୱାର୍ଡ ସଂଖ୍ୟା ୫ ଅନ୍ତର୍ଗତ ମାଧପୁର ଲାଲାସାହିସ୍ଥିତ ରାଧାମାଧବଜୀଉଙ୍କ ଜଳାଶୟ ପୁନରୁଦ୍ଧାର କେବଳ ଗାର୍ଡ ୱାଲ୍‌ରେ ସୀମିତ ଅଛି। ଉକ୍ତ ୱାର୍ଡର ଓହଳ ନୂଆବାଗ ଭୋଇସାହି ପାର୍ଶ୍ୱରେ ମଧ୍ୟ ରାଧାମାଧବଜୀଉଙ୍କ ନାମରେ ଆଉ ଏକ ଜଳାଶୟ ଅଛି। ତା'ର ମଧ୍ୟ ପୁନରୁଦ୍ଧାର ହେଉନାହିଁ। ଦେଉଳିଗ୍ରାମେଶ୍ୱର ରାଢିଆଣୀ ମନ୍ଦିର ନିକଟ ଜଳାଶୟ (ଘୋଷ ପୋଖରୀ) ପୋତି ହୋଇଚାଲିଛି। ଏହାର ଗାର୍ଡ ୱାଲ ପାଇଁ ୨ ବର୍ଷ ତଳୁ ଯୋଜନା ହୋଇଥିଲେ ସୁଦ୍ଧା କାର୍ଯ୍ୟକ୍ଷମ ହେଉନି। ଦେଉଳି ଗ୍ରାମେଶ୍ୱର ବାରିକସାହି ଜଳାଶୟ ପରିତ୍ୟକ୍ତ ଅବସ୍ଥାରେ ଅଛି। ୱାର୍ଡ ସଂଖ୍ୟା ୩ ଅନ୍ତର୍ଗତ ଗୋପାଳସାଗର ଗାଁ ଭିତରେ ଥିବା ଜଳାଶୟ ପୁନରୁଦ୍ଧାର ହେଉନି। ୱାର୍ଡ ୨ ଅନ୍ତର୍ଗତ ବଡ଼ବାଗ ସର୍ବାଙ୍ଗସୁନ୍ଦରୀଙ୍କ ମନ୍ଦିର ଏବଂ ମୁଚୁକୁନ୍ଦ ସୋମନାଥ ମନ୍ଦିର ନିକଟରେ ଥିବା ପୋଖରୀ ମଧ୍ୟ ପୋତି ହୋଇଗଲାଣି। କେବଳ ମାଛଗାଁ–କନ୍ଦରପୁର ରାସ୍ତାର ଗୋପାଳସାଗର ରାସ୍ତା ପାର୍ଶ୍ୱ ପାଖାପାଖି ୪୦ ଡେସିମିଲ ଜମିରେ ଥିବା ବଡ ଜଳାଶୟଟି ଭଲ ସ୍ଥିତିରେ ରହିଛି। ଏହି ଜଳାଶୟଟି ଗୋପାଳଜୀଉଙ୍କ ନାମରେ ଥିଲେ ସୁଦ୍ଧା ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଉନ୍ନତୀକରଣ ପାଇଁ ୧୩ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। କରୋନା ଯୋଗୁ କାର୍ଯ୍ୟାଦେଶରେ ବିଳମ୍ବ ହୋଇଛି। ସିପି ମକୁନ୍ଦପୁରସ୍ଥିତ ବିଧେଇପୋଖରୀ ଜବରଦଖଲ ହୋଇଥିବା ବେଳେ କେତେକାଂଶ ଉଦ୍ଧାର କରାଯାଇଛି। ପୋଖରୀର କିଛି ଅଂଶ ୬ ଲକ୍ଷ ଟଙ୍କା ବ୍ୟୟରେ ଗାର୍ଡୱାଲ୍ କରାଯାଇଛି। ଆଉ ୩ ଲକ୍ଷ ଟଙ୍କାରେ ଗାର୍ଡୱାଲ ହେବା ସମ୍ଭବ ହୋଇନି। ଖେରସଞ୍ଚିତ କନିଅର ପୋଖରୀ ଶୁଖିଯାଉଛି। ତେବେ ଏହି ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କ ନିକଟରୁ ୨ କୋଟି ଟଙ୍କାର ପ୍ରସ୍ତାବ ଯାଇଛି। ଏହା ଅନୁମୋଦନ ହେଲେ ଦଳ କଢାଯିବା ସହ ବୋଟିଂ କମ୍ପ୍ଲେକ୍ସ ଓ ପାର୍ଶ୍ୱରେ ପାର୍କ କରାଯିବ ବୋଲି ଚିନ୍ତା କରାଯାଇଛି। ୧୮ ନଂ. ୱାର୍ଡ ବେହେରା ସାହି ପାଖ ପୋଖରୀ ଜନସାଧାରଣଙ୍କ ବହୁ କାମରେ ଲାଗେ। ତେବେ ଏଥିରୁ ପାଣି ଶୁଖିଯିବା ଦ୍ୱାରା ଲୋକେ ଓ ଗୃହପାଳିତ ପ୍ରାଣୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାବାଦ କେତେକ ବେସରକାରୀ ଜଳାଶୟରେ ଅଟ୍ଟାଳିକା ତିଆରି ହୋଇଗଲାଣି। ସହରାଞ୍ଚଳର ଛାପରେ ଜଳାଶୟଗୁଡିକର ସ୍ଥିତି ହଜିଯାଉଛି। କିନ୍ତୁ ଏବେ ଯେତୋଟି ଅଛି ତା'ର ପୁନରୁଦ୍ଧାର ହେବା ଜରୁରୀ ହୋଇ ପଡ଼ିଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବିମଳ କୁମାର ଲେଙ୍କା କହିଛନ୍ତି, ସରକାରୀ ଅନୁଦାନକୁ ଚାହିଁ କାର୍ଯ୍ୟ କରାଯାଉଛି। ତଥାପି କରୋନା ମୁକାବିଲା ପରେ ଅଧିକ ଜଳାଶୟ ପୁନରୁଦ୍ଧାର ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

ଗଣ୍ଡଗୋଳରେ ୭ ଆହତ, ୪ ଗିରଫ

ଖଣ୍ଡପଡ଼ା, ୨୦।୪(ସ୍ୱ.ପ୍ର.)

ଆହତ ଦୁଇ ବ୍ୟକ୍ତି।

ଖଣ୍ଡପଡା ଥାନା ଗଡିଆସାହି ପଞ୍ଚାୟତର ନଟବରପୁର ଶାସନ ଗ୍ରାମ ହରିଜନ ସାହିରେ ସୋମବାର ମାଟି ପକାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇ ୭ଜଣ ଆହତ ହୋଇଛନ୍ତି। ଅଭିଯୋଗ ପରେ ପୋଲିସ ୧୬ଜଣଙ୍କ ନାମରେ ମାମଲା ରୁଜୁକରି ୪ଜଣଙ୍କୁ ଗିରଫ କରିଛି।

ହରିଜନ ସାହିରେ ଆମ ଗାଁ ଆମ ବିକାଶ ଯୋଜନାରେ ଏକ କୋଠଘର ନିର୍ମାଣ ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଉକ୍ତ ଅନୁଦାନ ଅର୍ଥରେ କୋଠଘର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ନିକଟସ୍ଥ ସରକାରୀ ଯାଗାରେ ଗ୍ରାମର ସାନନ୍ଦ ନାଏକଙ୍କ ପରିବାରବର୍ଗ ଏକ କୂଅଖୋଳା ଆରମ୍ଭ କରିଥିଲେ। ଉକ୍ତ କୂଅରୁ ବାହାରିଥିବା ମାଟିକୁ କୋଠଘର ପାର୍ଶ୍ୱ ସରକାରୀ ଯାଗାରେ ପକାଇବାକୁ ନେଇ ଗ୍ରାମର କେତେକ ବ୍ୟକ୍ତି ବିରୋଧ କରି ପାଟିତୁଣ୍ଡ କରିଥିଲେ। ପରେ ଏହା ଗଣ୍ଡଗୋଳ ରୂପ ନେଇଥିଲା। ମିଳିତ ଆକ୍ରମଣରେ ସାନନ୍ଦ ନାଏକ, ରାଲି ନାଏକ, ପିଙ୍କି ନାଏକ, ମମତା ନାଏକ, ଘନଶ୍ୟାମ ନାଏକ, ପ୍ରମୋଦ ନାଏକ, ଟୁନୁ ନାଏକ ପ୍ରମୁଖ ଆହତ ହୋଇଛନ୍ତି। ଆହତମାନଙ୍କୁ ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସାନନ୍ଦ ଓ ତାଙ୍କ ଭାଇ ଘନଶ୍ୟାମଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପିଙ୍କି ନାଏକଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ୧୦୮/୨୦ରେ ମାମଲା ରୁଜୁକରି ଗଙ୍ଗାଧର ନାଏକ, ଲିଙ୍ଗା ନାଏକ, ସନାତନ ନାଏକ, ରସନା ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି।

ଶିଳ୍ପସଂସ୍ଥାରେ କାର୍ଯ୍ୟ କରିବେନି ବୟସ୍କ, ଅସୁସ୍ଥ ବ୍ୟକ୍ତି

ବୈଠକରେ ଶିଳ୍ପସଂସ୍ଥା ଓ ପ୍ରଶାସନିକ ଅଧିକାରୀ।

ଯାଜପୁର ଅଫିସ,୨୦।୪

ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ ସମ୍ମିଳନୀ କକ୍ଷରେ ଶିଳ୍ପାନୁଷ୍ଠାନର ପ୍ରତିନିଧିଙ୍କ ସହ ଜିଲା ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ରଞ୍ଜନ କୁମାର ଦାସ କହିଥିଲେ ଯେ, କଳିଙ୍ଗନଗରରେ କାର୍ଯ୍ୟକ୍ଷମ ଶିଳ୍ପସଂସ୍ଥାଗୁଡ଼ିକରେ ୬୦ ବର୍ଷ ବୟସରୁ ଅଧିକ ବୟସ୍କଙ୍କୁ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯିବ ନାହିଁ। କୌଣସି ଅସୁସ୍ଥ, ଥଣ୍ଡା କାଶ, ଛିଙ୍କର ଲକ୍ଷଣ ଥିବା ବ୍ୟକ୍ତିଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବ ନାହିଁ। ଏଭଳି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବାର ବ୍ୟବସ୍ଥା କରିବେ ଓ ଏହି ବ୍ୟକ୍ତିଙ୍କର ସୂଚନା ତୁରନ୍ତ ସରକାରୀ ଅନୁଷ୍ଠାନକୁ ପ୍ରଦାନ କରାଯିବ ବୋଲି ଜିଲାପାଳ ଦାସ କହିଛନ୍ତି। ଏଥିସହ ସାମାଜିକ

କଳିଙ୍ଗନଗର ଶିଳ୍ପାଞ୍ଚଳ

ଦୂରତା ସହ ସରକାରୀ ନିୟମାବଳୀକୁ ଅନୁପାଳନ କରି ଉତ୍ପାଦନ ଚାଲୁ କରିବାକୁ ପରାମର୍ଶ ଦେଇଛନ୍ତି। ସରକାରୀ ନିର୍ଦ୍ଦେଶ ଅନୁସାରେ କରୋନା ପ୍ରତିହତ ସହ ଧାର୍ଯ୍ୟ କରାଯାଇଥିବା ମାନଦଣ୍ଡ ବା ଏସଓପିକୁ ପ୍ରତ୍ୟେକ ମାନିବା ଓ ଅଂଶୁଘାତରୁ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ଓ ବାହାରେ ବୁଲିବାବେଳେ ମାସ୍କ ଲଗାଇବା ଅପରିହାର୍ଯ୍ୟ। ଶ୍ରମିକ ବା କର୍ମଚାରୀଙ୍କୁ ନେବା ଆଣିବା କରୁଥିବା ଯାନଗୁଡିକରେ ବହନ କ୍ଷମତାର ଶତକଡ଼ା ୩୦ ବା ୪୦ ଭାଗ ଲୋକଙ୍କୁ ନେବା ଆଣିବା କରିବେ। କାର୍ଯ୍ୟକ୍ଷେତ୍ରରେ ରହଣି ପର୍ଯ୍ୟନ୍ତ ସାବୁନରେ ହାତ ଧୋଇବାର ବ୍ୟବସ୍ଥା କରାଯିବ, କର୍ମଚାରୀ ଓ ଶ୍ରମିକଙ୍କୁ କରୋନା ସଚେତନତା ପାଇଁ କଣ କରିବା ଓ ନ କରିବା ସମ୍ପର୍କରେ ହୋର୍ଡିଂ ପୋଷ୍ଟର, ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ଦିଆଯିବ। କାର୍ଯ୍ୟସ୍ଥଳରେ ଗୁଟଖା, ତମାଖୁ ଇତ୍ୟାଦି ସେବନ ଓ ଛେପ ପକାଇବା ନିଷେଧ ବୋଲି ଜିଲାପାଳ ସୂଚନା ଦେବା ସହ ଏହାକୁ ସମସ୍ତେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ବୈଠକର ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ରାଜସ୍ୱ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଏସପି ରାଜ କିଶୋର ଦୋରା ଓ ବିଭିନ୍ନ ଶିଳ୍ପ ସଂସାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଖଣ୍ଡପଡ଼ା କୋଭିଡ୍ ହସ୍ପିଟାଲରେ ଚିକିତ୍ସାସେବା ଆରମ୍ଭ

ଖଣ୍ଡପଡା,୨୦।୪(ସ୍ୱ.ପ୍ର.)

ଖଣ୍ଡପଡା କୋଭିଡ୍ ହସ୍ପିଟାଲରେ ସୋମବାରଠାରୁ ଚିକିତ୍ସା ସେବା ଆରମ୍ଭ ହୋଇଛି। ବାହାର ଅଞ୍ଚଳରୁ ଖଣ୍ଡପଡା ଓ ଏହାର ଆଖପାଖ ଗ୍ରାମକୁ ଆସିଥିବା ୨୨ଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି । ନୟାଗଡ ଜିଲାପାଳ ଡ. ପୋମା ଟୁଡୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ୱେତ କୁମାର ମହାପାତ୍ରଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏକ ଡାକ୍ତରୀ ଟିମ୍ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କୋଭିଡ୍ ହସ୍ପିଟାଲ ଦାୟିତ୍ୱରେ ଥିବା ପ୍ରଦୀପ କୁମାର ପାଇକରାୟ, ଅରୁନ୍ଧତି ପରିଡାଙ୍କ ସମେତ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

ଦିବ୍ୟାଙ୍ଗଙ୍କୁ ରନ୍ଧାଖାଦ୍ୟ ଦାବିରେ ଅନଶନ

ଫଳରସ ପିଇ ମଣ୍ଟୁ ଦାସ ପ୍ରଶାସନିକ ଅଧିକାରୀଙ୍କ ଗହଣରେ ଅନଶନ ଭାଙ୍ଗୁଛନ୍ତି।

ରସୁଲପୁର,୨୦।୪(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତର ନିରାଶ୍ରୟ ଦିବ୍ୟାଙ୍ଗ ବିଷ୍ଣୁକୁମାର ମିଶ୍ରଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ରବିବାର ବ୍ଲକ ଯୋଗାଣ ଅଧିକାରିଣୀ ତାଙ୍କୁ ଚାଉଳ ଓ ଟଙ୍କା ପ୍ରଦାନ କରି ଫେରି ଆସିଥିଲେ। ମାତ୍ର ତାଙ୍କୁ ପଞ୍ଚାୟତ ପକ୍ଷରୁ ରନ୍ଧାଖାଦ୍ୟ ପ୍ରଦାନ କରାଯିବା ପାଇଁ ଦିବ୍ୟାଙ୍ଗ ସାମାଜିକ କର୍ମୀ ମଣ୍ଟୁ ଦାସ ଦାବି କରିଛନ୍ତି। ଏହା ସହିତ ଲକ୍‌ଡାଉନ ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ଖାଇବାକୁ ପାଉ ନ ଥିବା ସମସ୍ତ ଦିବ୍ୟାଙ୍ଗଙ୍କ ନିକଟରେ ରନ୍ଧାଖାଦ୍ୟ ପହଞ୍ଚାଇବା ଓ ସାମାଜିକ ନିରାପତ୍ତା ପ୍ରଦାନ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରି ସେ ସୋମବାର ଅନସନରେ ବସିଥିଲେ। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଯାଜପୁର ସଦର ଥାନା ଅଧିକାରୀ ବଂଶୀଧର ବେହେରା ଅନଶନକାରୀ ଦିବ୍ୟାଙ୍ଗ ମଣ୍ଟୁଙ୍କ ନିକଟରେ ପହଞ୍ଚି ତୁରନ୍ତ ରନ୍ଧାଖାଦ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅଧିକାରୀମାନେ ମଣ୍ଟୁଙ୍କୁ ଫଳରସ ପିଆଇ ତାଙ୍କ ଅନଶନ ଭାଙ୍ଗିଥିଲେ।

ପାରାଦୀପରେ କୋଭିଡ୍–୧୯ ହସ୍ପିଟାଲ ଉଦ୍‌ଘାଟିତ

ପାରାଦୀପ, ୨୦।୪ (ସ୍ୱ.ପ୍ର.)

ପାରାଦୀପ ବେଳାଭୂମି ରାସ୍ତାପାର୍ଶ୍ୱରେ ଥିବା ବିଜୁ ଯାତ୍ରୀ ନିବାସକୁ କୋଭିଡ୍–୧୯ ହସ୍ପିଟାଲ କରାଯାଇଥିବା ବେଳେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ବେଳେ ମୁଖ୍ୟମନ୍ତ୍ରୀଙ୍କ ସହ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଅବସରରେ ମେଡିକାଲ ପରିସରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ, ସିଡିଏମ୍‌ଓ ଡା. ବିଜୟା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ୫୦ ଶଯ୍ୟା ଓ ୫ଟି ଆଇସିୟୁ ବେଡ୍ ଥିବା ଏହି ହସ୍ପିଟାଲରେ ସୋମବାରଠାରୁ ୮ ଡାକ୍ତର ଓ ୨୫ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତ କରାଯାଇଛି। ଏଡିଏମ୍ କାହ୍ନୁଚରଣ ଧୀର୍ ଏହାର ପରିଚାଳନା ଦାୟିତ୍ୱରେ ଥିବା ବେଳେ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍

ସଂକ୍ଷେପରେ

ଷଣ୍ଢ ଆକ୍ରମଣରେ ବୃଦ୍ଧଙ୍କ ଜୀବନ ଗଲା

କପ୍ତିପଦା,୨୦।୪(ଡି.ଏନ.ଏ)-ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶରତ ଥାନା ଅଧୀନ ଜାଉଁରା ଗ୍ରାମରେ ଷଣ୍ଢ ଆକ୍ରମଣରେ ଗିରିଧାରୀ ହେମ୍ବ୍ରମଙ୍କ ମୃତ୍ୟୁ ଘଟିଛି। ସେ ଗୋଠରୁ ଗୋରୁ ଆଣିବାକୁ ଯାଇଥିବା ବେଳେ ଷଣ୍ଢଟି ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି ।

ସାନିଟାଇଜ୍ ହେଲା ଆରଡ଼ି ପୀଠ

ଆରଡି, ୨୦।୪(ଡି.ଏନ.ଏ.)-ଭଦ୍ରକ ଜିଲାର ଶୈବପୀଠ ଆରଡି ସମେତ ଧାମନଗର ବ୍ଲକ ଅନ୍ତର୍ଗତ ବେତାଳିଗାଁ ବଜାରକୁ ସୋମବାର ପୂର୍ବାହ୍ନରେ ଧାମନଗର ବ୍ଲକ ପ୍ରଶାସନ ପକ୍ଷରୁ ସାନିଟାଇଜ କରାଯାଇଛି । ଆରଡି ଫାଣ୍ଡି ସମେତ ଉଭୟ ବଜାରରେ ଥିବା ଡାକ୍ତରଖାନା, ବ୍ୟାଙ୍କ, ଏଟିଏମ ପଏଣ୍ଟ, ରାସ୍ତାଘାଟକୁ ଏକ ଫାୟାର ଗାଡିରେ ସ୍ପ୍ରେ ମେଶିନରେ ବିଶୋଧକ ଜଳ ସିଞ୍ଚନ କରାଯାଇଛି । ଧାମନଗର ବ୍ଲକ ଅଧକ୍ଷ ଅଶୋକ ନାୟକ, ପାଳସାହି ସରପଞ୍ଚଙ୍କ ପ୍ରତିନିଧି ପଞ୍ଚାନନ ମିଶ୍ର, ସମିତି ସଭ୍ୟ ରମେଶ ବେହେରା, ବେତାଳିଗାଁ ବଜାର କମିଟି ପୂର୍ବତନ ଅଧକ୍ଷ କାଶିନାଥ ମହାନ୍ତି, ପୂର୍ବତନ ସରପଞ୍ଚ ଅନିଲ ଦାସ ପ୍ରମୁଖ ବଜାର ସାନିଟାଇଜ ବେଳେ ଉପସ୍ଥିତ ଥିଲେ।

ଚୋରା ବାଲି ଚାଲାଣ: ୨ ଟ୍ରାକ୍ଟର ଜବତ

ପାଟଣା,୨୦।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡା ତହସିଲ ଉଦୟପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ବୈତରଣୀ ନଦୀର ଜୁମେଇଁ ଘାଟରୁ ସୋମବାର ବେଆଇନ ଚୋରା ବାଲି ଚାଲାଣ ବେଳେ ୨ଟି ଟ୍ରାକ୍ଟର ଜବତ ହୋଇଛି। ସାହାରପଡା ତହସିଲଦାର ଲମ୍ବୋଦର ଖୁଣ୍ଟିଆ, ତୁରୁମୁଙ୍ଗା ଥାନାଧିକାରୀ ବରେନ୍ଦ୍ର ଶିଆଳ ଓ ମଲାରପଦା ରାଜସ୍ୱ ନିରୀକ୍ଷକ ଶୁଶାନ୍ତ ଦ୍ୱିବେଦୀ ମିଳିତଭାବେ ଚଢ଼ାଉ କରିଥିଲେ।

ନାଁକୁ ସୀମା ସିଲ୍ ପଶ୍ଚିମବଙ୍ଗରୁ ଫେରିଆସୁଛନ୍ତି ଓଡ଼ିଆ

- ପୋଲିସ୍ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ
- ସମୀକ୍ଷା ପାଇଁ ଆଜି ଡିଜିଙ୍କ ବାଲେଶ୍ୱର, ମୟୂରଭଞ୍ଜ ଗସ୍ତ

ବାଲେଶ୍ୱର ଅଫିସ/ବାରିପଦା ଅଫିସ, ୨୦।୪

ରାଜ୍ୟ ପ୍ରବେଶପଥଗୁଡ଼ିକ ସିଲ୍ ଥିବା ବେଳେ ପଶ୍ଚିମବଙ୍ଗରେ ଥିବା ଓଡ଼ିଶାର ଲୋକମାନେ ବିଭିନ୍ନ ୪ଚକିଆ ଯାନରେ ନିଜ ରାଜ୍ୟକୁ ଫେରିଆସୁଛନ୍ତି। ପଶ୍ଚିମବଙ୍ଗ ଫେରନ୍ତାଙ୍କ ଲାଗି କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଏହା ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଫଳରେ ସୀମାନ୍ତ ଅଞ୍ଚଳରେ ଜଗିଥିବା ପୋଲିସ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠୁଛି। ଏହାର ସମୀକ୍ଷା ପାଇଁ ପୋଲିସ ଡିଜି ଅଭୟ ମଙ୍ଗଳବାର ବାଲେଶ୍ୱର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଡିଜି ସ୍ୱତନ୍ତ୍ର ବିମାନ ଯୋଗେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୧୫ ମିନିଟ୍‌ରେ ପୋଲିସ ଲାଇନ୍‌ରେ ପହଞ୍ଚି ପ୍ରଥମେ ଜିଲାରେ ଲକ୍‌ଡାଉନ୍ ସ୍ଥିତିକୁ ଅନୁଧ୍ୟାନ କରିବେ। ୧୨ଟା ୪୫ ମିନିଟ୍‌ରେ ଜଳେଶ୍ୱର ପହଞ୍ଚି ସିଲ୍ ହୋଇଥିବା ସୀମାନ୍ତର ସ୍ଥିତିକୁ ସମୀକ୍ଷା କରିବେ। ଏହା ପରେ ଡିଜି ମୟୂରଭଞ୍ଜ ଜିଲା ଗସ୍ତ କରି ଅପରାହ୍ନ ୨ଟା୧୫ରେ ଚକଶୁଳିଆପଦା ଏବଂ ଜାମଶୋଳା ଆନ୍ତଃରାଜ୍ୟ ଗେଟ୍ ପରିଦର୍ଶନ କରିବେ। ସେଠାକାର ସ୍ଥିତି ସମୀକ୍ଷା ପରେ ଅପରାହ୍ନ ୪ଟା୩୦ରେ ଫେରିଯିବେ।

ସାରା ବିଶ୍ୱରେ କରୋନା ଭୂତାଣୁ ଭୟାବହ ପରିସ୍ଥିତି ସୃଷ୍ଟି କରିଥିବା ୨୪ ତାରିଖଠାରୁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱ ଦେଇ ପ୍ରତ୍ୟେକ ରାଜ୍ୟର ସୀମାନ୍ତକୁ ସିଲ୍ କରିଥିଲେ। ଓଡ଼ିଶା ଏବଂ ପଶ୍ଚିମବଙ୍ଗ ରାଜ୍ୟର ସୀମାନ୍ତ ଲକ୍ଷ୍ମଣନାଥ ଓ ଉଦୟପୁର ଗେଟ୍ ତଥା ଉକ୍ତ ଅଞ୍ଚଳରେ ବିଭିନ୍ନ ରାସ୍ତା ଦେଇ ପଶ୍ଚିମବଙ୍ଗରୁ ଟାଟା ମ୍ୟାଜିକ୍, ବୋଲେରୋ ଭଦ୍ରକ ଜିଲାର ବାସୁଦେବପୁର ଓ ଭଣ୍ଡାରିପୋଖରୀ, ଯାଜପୁର ଜିଲାର ୧୫ରୁ ଉର୍ଦ୍ଧ୍ୱ ଲୋକ ଆସିଥିଲେ। ସେମାନଙ୍କ ମଧ୍ୟରୁ ଭଦ୍ରକ ଓ ଯାଜପୁରର ୧୦ଜଣ କରୋନାରେ ଆକ୍ରାନ୍ତ ଥିବା ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ସୋମବାର ଅପରାହ୍ନରେ ରାଜ୍ୟ ସରକାରଙ୍କ କୋଭିଡ୍-୧୯ ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗ୍‌ଚୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାପରେ ବାଲେଶ୍ୱର ଜିଲାର ପୋଲିସ୍‌ଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠୁଛି। ସୀମାନ୍ତ ସିଲ୍ ହେବା ପରେ ଗତ ମାର୍ଚ୍ଚ ୨୮ ତାରିଖରୁ ଏପ୍ରିଲ ୪ତାରିଖ ଭିତରେ ବିଭିନ୍ନ ଗାଡ଼ିରେ କିପରି ଭାବେ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ପ୍ରବେଶ କଲେ ତାହା ତଦନ୍ତସାପେକ୍ଷ ହୋଇପଡ଼ିଛି।

ରିଲିଫ ଫଣ୍ଡକୁ ଦାନକଲା ମହିଳା ମଞ୍ଚ

କେନ୍ଦୁଝର, ୨୦।୪(ସ୍ୱ.ପ୍ର.)

ସହାୟତା ପ୍ରଦାନ କରିଥିବା ମହିଳା ମଞ୍ଚର ସଦସ୍ୟମାନେ ।

କେନ୍ଦୁଝର ଜିଲା ସଦର ବ୍ଲକ ମୈଦାନକେଲ ପଞ୍ଚାୟତ ସମିତି ମହାସଂଘ ପକ୍ଷରୁ ୧୩ ହଜାର ଟଙ୍କା ପ୍ରଧାନମନ୍ତ୍ରୀଙ୍କ ରିଲିଫ ଫଣ୍ଡ ଓ ୩ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ସହାୟତା ଦିଆଯାଇଛି। ଜିଲାପାଳଙ୍କ ଜରିଆରେ ଏହି ସହାୟତା ପ୍ରଦାନ କରାଯାଇଛି। କେରି ଆଞ୍ଚଳିକ ମଞ୍ଚ, ସଠିଆପଡା ଆଞ୍ଚଳିକ ମଞ୍ଚ, ବଡ଼ପଶି ଆଞ୍ଚଳିକ ମଞ୍ଚ, ନାଏକ ସାହି ମୈଦାନକେଲ ଆଞ୍ଚଳିକ ମଞ୍ଚ, ମା' କାଳିଶିକି ମୈଦାନକେଲ ଆଞ୍ଚଳିକ ମଞ୍ଚ, ଛକସାହି ମୈଦାନକେଲ ଆଞ୍ଚଳିକ ମଞ୍ଚ, ତାଳପଦା ଆଞ୍ଚଳିକ ମଞ୍ଚ, ମା' ଲକ୍ଷ୍ମୀ ଆଞ୍ଚଳିକ ମଞ୍ଚ, ଜଗନ୍ନାଥପୁର ଆଞ୍ଚଳିକ ମଞ୍ଚ, ଦେଓବନ୍ଧ ଆଞ୍ଚଳିକ ମଞ୍ଚ, ବାସୁଦେବପୁର ଆଞ୍ଚଳିକ ମଞ୍ଚ, ହରିହାରପୁର ଆଞ୍ଚଳିକ ମଞ୍ଚ, ଛେମୁଣ୍ଡିବିଲ ଆଞ୍ଚଳିକ ମଞ୍ଚର ସଦସ୍ୟାମାନେ ଏହି ଅର୍ଥ ଦେଇଛନ୍ତି। ସେହିପରି ୩୪୦୦ଟଙ୍କା ର ମାସ୍କ ମାଗଣାରେ ବଣ୍ଟନ କରାଯାଇଛି।

ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା।

କେନ୍ଦୁଝର,୨୦।୪(ଡି.ଏନ୍.ଏ):

କେନ୍ଦୁଝର ପୌରପାଳିକା ଅଧୀନରେ କୋଭିଡ-୧୯ର ମୁକାବିଲା କରୁଥିବା ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆରମ୍ଭ ହୋଇଛି। ପୌରପାଳିକାର ନିର୍ବାହୀ ଅଧିକାରୀ ଡ.ମଧୁସ୍ମିତା ସାମନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଥିବା ଏହି ଶିବିର ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପୌରପାଳିକାର ସମସ୍ତ ସରକାରୀ ଓ ଘରୋଇ ସଫେଇ କର୍ମଚାରୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ମୋଟ ୧୮୦ଜଣ ସଫେଇ କର୍ମଚାରୀଙ୍କ ମଧ୍ୟରୁ ପ୍ରଥମ ଦିନ ୬୦ କର୍ମଚାରୀ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ। ପରିମଳ ନିରୀକ୍ଷକ ବାଲ୍ୟମୁକୁନ୍ଦ ମିଶ୍ର ଶିବିରକୁ ପରିଚାଳନା କରିଥିଲେ। କରୋନା ଯୁଦ୍ଧର ଏହି ସିପାହୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ସ୍କର୍ପିଓରେ ଦେଶୀ ମଦ ଚାଲାଣ, ଜଣେ ଗିରଫ

ବାଲେଶ୍ୱର ଅଫିସ, ୨୦।୪

ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ଥାନା ଆଇଆଇସି ଉଦେଲାଲ ନାୟକ ରବିବାର ରାତି ୧୦ଟାରେ ସଦର ଥାନା ତାମୁଲିଆ ଓଭରବ୍ରିଜ୍ ନିକଟରେ ଚଢ଼ାଉ କରିଥିଲେ। ଏକ ସ୍କର୍ପିଓ ୧ହଜାର ଲିଟର ମଦ ନେଇଯାଉଥିବା ବେଳେ ତାହାକୁ ଜବତ କରାଯାଇଛି। ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଏନେଇ ଭ୍ରାମ୍ୟମାଣ ଥାନାରେ ମାମଲା (ନଂ. ୯/୨୦୨୦-୨୧) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏସ୍‌ଆଇ ଚନ୍ଦ୍ରମୋହନ

ସେଠୀ, କନଷ୍ଟେବଳ ଏସ୍‌କେ କଲିମ, ପ୍ରହ୍ଲାଦ ବିଶ୍ୱାଳ, ଅଞ୍ଜନ କୁମାର ଜେନା, ତାପସ ମଲିକ, ବିଦ୍ୟାଧର ବିନ୍ଧାଣୀ, ବାପି ରାଉତ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

ଅସହାୟ ଅବସ୍ଥାରେ ୯ ପରିବାର

ଭୋକ ଉପାସରେ ଥିବା ପରିବାର।

ଖଇରା, ୨୦।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁର ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ୯ ପରିବାର ଖାଦ୍ୟ ନ ପାଇ ଅସହାୟ ଅବସ୍ଥାରେ ରହିଛନ୍ତି। ସେମାନଙ୍କ ପାଖରେ ପ୍ରଶାସନ ପହଞ୍ଚିନାହିଁ। ସେମାନଙ୍କ ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ବିଶ୍ୱନାଥ ସାହୁ, ଭଗବାନ ପାତ୍ର, ଦୟାନିଧି ପାତ୍ର, ଜୟନ୍ତ ଦାସଙ୍କ ସମେତ ୯ ପରିବାର ଦୈନିକ ମଜୁରି ଲାଗି ଗୁଜୁରାଣ ମେଣ୍ଟାଉଥିଲେ। ଏବେ ଖାଦ୍ୟାଭାବ ଏହି ପରିବାରଗୁଡ଼ିକୁ ଚିନ୍ତାରେ ପକାଇଛି । ଏ ସମ୍ପର୍କରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଯୋଗାଯୋଗ କରିବାରେ ସମସ୍ତଙ୍କୁ ରାଶନକାର୍ଡରେ ୩ ମାସର ଖାଉଟିସାମଗ୍ରୀ ପ୍ରଦାନ କରାଯାଇଛି । ଯଦି ଆବଶ୍ୟକ ପଡେ ତେବେ ତାଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

'ସାମାଜିକ ଦୂରତା, ସ୍ୱଚ୍ଛତା ଅବଲମ୍ବନ ଜରୁରୀ'

ବାଲେଶ୍ୱର ଅଫିସ, ୨୦।୪

କଂଗ୍ରେସ ପକ୍ଷରୁ ଖାଦ୍ୟ ବଣ୍ଟନ କରାଯାଉଛି।

ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ନଗର କଂଗ୍ରେସ କମିଟି ସଭାପତି ପଦ୍ମଲୋଚନ ଲେଙ୍କାଙ୍କ ନେତୃତ୍ୱରେ ଶନିବାର ମିର୍ଜାପୋଖରୀ ନିକଟବର୍ତ୍ତୀ ସାଇ ମନ୍ଦିର, ଗୋପାଳଗାଁ ଓ ମାଣିଖମ୍ବ, ସୁଏଲପୁର ଅନ୍ୟାନ୍ୟ ବସ୍ତିରେ ଶୁଖିଲା ଖାଦ୍ୟ ଓ ରାଶନ ଆକାରରେ ଅଟା, ଆଳୁ, ପିଆଜ, ବିଲାତି ଓ ବାଇଗଣ ଆଦି ପ୍ୟାକେଟ୍ କରାଯାଇ ବଣ୍ଟନ କରାଯାଇଛି। ସହରର ଲକ୍‌ଡାଉନ ଅଞ୍ଚଳରେ ପ୍ରାୟ ୧୫ଶହ ଗରିବ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ଏଭଳି ପରିସ୍ଥିତିରେ ଆମେ ଆତଙ୍କିତ ନ ହୋଇ ସଚେତନତା ଓ ସତର୍କତା ହେବା ଅଧିକ ଜରୁରୀ ବୋଲି ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଜଣାଇଛନ୍ତି। ସେ କହିଛନ୍ତି କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଆମେ ସାମାଜିକ ଦୂରତା, ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଦରକାର। ପଟ୍ଟନାୟକଙ୍କ ପରାମର୍ଶ ମୁତାବକ ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ପୂର୍ବତନ ଉପସଭାପତି ଗୋପୀନାଥ ପାଢ଼ୀ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ସୁବ୍ରତ ଦାସ, ତୁଷାରକାନ୍ତ ତପସ୍ୱୀ, ଦେବଦତ ଦାସ, ଗୌତମ ସାହୁ, ରଞ୍ଜନ ଦାସ, ଜ୍ଞାନେନ୍ଦ୍ର ମହାନ୍ତି, ଅବଦୁଲ୍ ରୁରହାନ, ଜୀବନ ମହାପାତ୍ର, ମୁସ୍ତାଫିକ ଖାନ୍, ସେଖ୍ ଅସଗର ଅଲ୍ଲୀ, ପ୍ରମୁଖ ସହଯୋଗ କରିଥିଲେ।

ଏସ୍‌ଏଚ୍‌ଜିଙ୍କୁ ମିଳିଲା ରୋଜଗାର

ଏସ୍‌ଏଚ୍‌ଜି ମହିଳାମାନେ କାନ୍ଥରେ ପେଣ୍ଟିଂ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୨୦।୪

ଅର୍ବାନ୍ ୱେଜ ଏମ୍ପ୍ଲଏମେଣ୍ଟ ଇନିସିଏଟିଭ୍ ଯୋଜନା ଆରମ୍ଭ

କରୋନା ମୁକାବିଲା ପରିପ୍ରେକ୍ଷୀରେ ସହରାଞ୍ଚଳରେ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ରୋଜଗାର ଯୋଗାଇବା ନେଇ ମୁଖ୍ୟମନ୍ତ୍ରୀ ଅର୍ବାନ୍ ୱେଜ ଏମ୍ପ୍ଲଏମେଣ୍ଟ ଇନିସିଏଟିଭ୍ ଯୋଜନା ଘୋଷଣା କରିଛନ୍ତି । ଏହିକ୍ରମରେ ସୋମବାରରୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି) ସଭ୍ୟାଙ୍କୁ ରୋଜଗାର ଯୋଗାଇଦେବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମେ ଦୁଇଟି ଏସ୍‌ଏଚ୍‌ଜିର ୨୦ ମହିଳାଙ୍କୁ ୱାଲ ପେଣ୍ଟିଂ ଓ ୱାଟର ହାର୍ଭେଷ୍ଟିଂ ସିଷ୍ଟମ ନିର୍ମାଣରେ ନିୟୋଜିତ କରାଯାଇଛି। ସୋମବାର ମହିଳାମାନେ ଟାଉନଥାନା ସମ୍ମୁଖସ୍ଥ କାନ୍ଥରେ ପେଣ୍ଟିଂ ସହ ପୁରୁଣା ବ୍ରହ୍ମପୁର ହାଇସ୍କୁଲ ପରିସରରେ ୱାଟର ହାର୍ଭେଷ୍ଟିଂ ଆରମ୍ଭ କରିଛନ୍ତି। ମହିଳାମାନେ ସକାଳ ୬.୩୦ରୁ ମଧ୍ୟାହ୍ନ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟରେ ନିୟୋଜିତ ରହିବା ନେଇ ବିଏମ୍‌ସି ପକ୍ଷରୁ ସୂଚାଯାଇଛି । ବୁଧବାରରୁ ବିଭିନ୍ନ ୱାର୍ଡର ୱାର୍ଡ ଅଫିସରଙ୍କ ଦ୍ୱାରା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ରୋଜଗାର ଦେବା ଉପରେ ପଦକ୍ଷେପ ନିଆଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି ।

କ୍ୱାରାଣ୍ଟାଇନ୍‌ରେ ରାଜ୍ୟ ବାହାର ଫେରନ୍ତା

ବ୍ରହ୍ମପୁର ଅଫିସ/ଆସିକା (ଡି.ଏନ୍.ଏ.)୨୦।୪

ମହାରାଷ୍ଟ୍ରରୁ ଆମ୍ବୁଲାନ୍ସରେ ବ୍ରହ୍ମପୁର ପହଞ୍ଚିଥିବା ଜଣେ ମହିଳାଙ୍କୁ ଏବେ କ୍ୱାରାଣ୍ଟାଇନରେ ରଖାଯାଇଛି। ବହୁଦିନ ଧରି ମହିଳା ଜଣଙ୍କ ସେଠାରେ ଅସୁସ୍ଥ ଥିବା ବେଳେ ପୁଅ ଓ ବୋହୂଙ୍କ ସହ ସେ ଆଙ୍କୁଲିରେ ଆସି ପହଞ୍ଚିଥିଲେ। ଖବର ଜଣାପଡିବା ପରେ ଏକ ଟିମ୍ ପହଞ୍ଚି ମହିଳା ଓ ତାଙ୍କ ପରିବାରବର୍ଗଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆସିକା ବ୍ଲକ ବଡଖୋଲି ଓ ପାଣ୍ଡିଆପଥର ପଞ୍ଚାୟତର ୩ ବ୍ୟକ୍ତି ରବିବାର ସନ୍ଧ୍ୟାରେ ହାଇଦ୍ରାବାଦରୁ ନିଜ ଗ୍ରାମକୁ ଫେରିଥିଲେ। ଏହି ଖବର ମିଳିବା ପରେ ପ୍ରଶାସନ ପକ୍ଷରୁ ସୋମବାର ସଂପୃକ୍ତଙ୍କୁ ଠାବ କରି ବଡଖୋଲି ପଞ୍ଚାୟତର କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିବା ଆସିକା ବିଡିଓ ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି।

କରୋନା ମହାମାରୀ ବ୍ୟାପିବା ଦିନଠାରୁ ଏଯାବତ ଗଞ୍ଜାମ ଜିଲାରୁ ୮୧୦ ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ ୬୭୪ ନମୁନା ରିପୋର୍ଟ ନେଗେଟିଭ ରହିଛି। ଅନ୍ୟପଟେ ୧୩୬ ନମୁନା ପରୀକ୍ଷା ରିପୋର୍ଟ ଆସିପାରିନାହିଁ।

ବ୍ରହ୍ମପୁର

ମହିଳାଙ୍କ ହାର ଝାମ୍ପିନେଲେ, ୨ ଘରୁ ଲୁଟ୍ ଉଦ୍ୟମ

ଲକ୍‌ଡାଉନରେ ମାତିଛନ୍ତି ଲୁଟେରା

ପାଟପୁର,୨୦।୪

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ମହାନଳା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ୨ ଘରୁ ଚୋରି ଉଦ୍ୟମ କରି ବିଫଳ ହୋଇଥିବାବେଳେ ଜଣେ ମହିଳାଙ୍କ ବେକରୁ ସୁନାହାର ଝାମ୍ପି ନେଇଛନ୍ତି। ପୋଲିସ ଲକ୍‌ଡାଉନ୍‌ରେ ବ୍ୟସ୍ତ ଥିବାବେଳେ ପାଟପୁର ଅଞ୍ଚଳରେ କିଛିଦିନ ହେଲା ଚୋର ମାତିଛନ୍ତି। ବିଳମ୍ବିତ ରାତିରେ ମହାନଳା ବଡ଼ସାହିର ଗୋପି ସାହୁ ଓ ପାଣ୍ଡୁଲୁ ଦୋରାଙ୍କ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଥିବାବେଳେ ଟି. କୁରେଶ୍ରୁ ଦୋରାଙ୍କ ସ୍ତ୍ରୀ ଯମୁନା ଭୋର ପ୍ରାୟ ସାଢେ ୩ଟାବେଳେ ବାରିପଟେ ଅଳିଆ ପକାଇବାକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ସେ ପିନ୍ଧିଥିବା ସୁନାହାର (ପୁସ୍ତ)କୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ପାଟପୁର ପୋଲିସ ପହଞ୍ଚି ତଦନ୍ତ କରି ଫେରିଛି।

ଦାରିଙ୍ଗବାଡ଼ିରେ ଝଡ଼ବର୍ଷା, କୁଆପଥର ବୃଷ୍ଟି

ଦାରିଙ୍ଗବାଡ଼ି,୨୦।୪(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକର ଦାରିଙ୍ଗବାଡ଼ି ସମେତ ଶ୍ରୀନିକେତା, ଦଣ୍ଡିମା, ସିମନବାଡ଼ି, ତେରାବାଡ଼ି, ଡବୁଲମାହା, କିରିକୁଟି ଆଦି ଅଞ୍ଚଳରେ ସୋମବାର ଅପରାହ୍ନରେ ବର୍ଷାପବନ ସହ କୁଆପଥର ବୃଷ୍ଟି ହୋଇଛି। ଏଥିରେ ଏକାଧିକ ଲୋକଙ୍କ ଟିଣ ଛପର ଉଡ଼ିଯିବା ସହ କେତେକ ଘର ଭାଙ୍ଗିଥିବା ଜଣାପଡ଼ିଛି। ସିମନବାଡ଼ି ପଞ୍ଚାୟତ ନାଦାମାଲା ଗ୍ରାମର ଏଲିଅ ଦିଗାଳ କହିଛନ୍ତ ଯେ, ତାଙ୍କ ଘର ସମେତ ସାହିର ଏକାଧିକ ଲୋକଙ୍କ ଛପର ଉଡ଼ିଯାଇଛି। ଚଳିତ ବର୍ଷ ବାରମ୍ବାର ଅଦିନିଆ ବର୍ଷା ଓ କୁଆପଥର ମାଡ ଯୋଗୁ ଶ୍ରୀନିକେତା ପଞ୍ଚାୟତ ଏବଂ ଦାରିଙ୍ଗବାଡ଼ିରେ ଗରିବ ଲୋକଙ୍କ ଘର ନଷ୍ଟ ହେଉଛି। ଖବର ଲେଖାହେବା ବେଳକୁ ଅଞ୍ଚଳରେ ବର୍ଷା ଲାଗି ରହିଥିବାବେଳେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

ପଞ୍ଜୀକରଣ ନ କଲେ ଗଞ୍ଜାମ ଫେରିବା ମନା

ମଦ ଜବତ, ଜଣେ ଗିରଫ

ବଲଣ୍ଡା,୨୦।୪(ଡି.ଏନ.ଏ.): ଠାକୁରଗଡ଼ ପୋଲିସ ସୋମବାର ଅଠରପୁଟିଆ ନିକଟରୁ ଚୋରା ମଦ ଓ ଏକ ଲୁନା ଜବତ କରିବା ସହ ଆଠମଲ୍ଲିକ ଥାନା ଯଦପୁର ଗ୍ରାମର ଚଗଲା ନାୟକଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ନଂ. ୪୬/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଆଇଆଇସି ଗବାକ୍ଷ ନାୟକ କହିଛନ୍ତି।

ସଂକ୍ଷେପରେ

୪ ଶିକାରୀ ଗିରଫ

ଆଠମଲ୍ଲିକ,୨୦।୪(ଡି.ଏନ.ଏ.)- ବାର୍‌ହା ଶିକାର ଅଭିଯୋଗରେ ଆଠମଲ୍ଲିକ ବନ ବିଭାଗ ଟାଙ୍ଗିଆନିସା ଗ୍ରାମର କାର୍ତ୍ତିକ ବାଦୀ, ଭଗବାନ ମୁଣ୍ଡା, ସିଦ୍ଧପୁର ଗ୍ରାମର ଚନ୍ଦ୍ରମଣି ମୁଣ୍ଡା, ଦୁଧିଆନାଳି ଗ୍ରାମର ବିଶି ମୁଣ୍ଡାଙ୍କୁ ଗିରଫ କରିଛି। ସେମାନେ ହାତୀଧରା ସଂରକ୍ଷିତ ଜଙ୍ଗଲ କମ୍ପାର୍ଟମେଣ୍ଟ ୪୯ରେ ରବିବାର ବାର୍‌ହା ଶିକାର କରି ମାଂସ ଧରି ଫେରୁଥିଲେ। ପରେ ସୂଚନା ଆଧାରରେ ବନ ବିଭାଗ ଏକ ପଥର ଖୋଲରୁ ଦେଶୀ ବନ୍ଧୁକ, ଚନ୍ଦ୍ରମଣିଙ୍କ ଘରୁ ଛୁରି ଓ ଗୁଳି ଜବତ କରିଛି। ଏ ସଂକ୍ରାନ୍ତରେ ନମ୍ବର ୮/୨୦ରେ ଏକ ମାମଲା ରୁଜୁ କରାଯାଇଛି। ରେଞ୍ଜ ଅଫିସର କୌଳାସ ଚନ୍ଦ୍ର ସାହୁ, ଫରେଷ୍ଟର ଶୁଭେନ୍ଦୁ ପ୍ରଧାନ, ବନରକ୍ଷୀ ବୈଜୟନ୍ତୀ ନାୟକ, ୱାଚର ବିଦ୍ୟାଧର ପ୍ରଧାନ, ପରମେଶ୍ୱର ବେହେରା, ସୁଧାକର ବିଶ୍ୱାଳ, ଦିବାକର ପାତ୍ର, ଶୁଭେନ୍ଦୁ ସାହୁ, ସତ୍ୟଜିତ ପାତ୍ର ପ୍ରମୁଖ ସାମିଲ ଥିଲେ।

ଶାଳିଆପତନି ଆକ୍ରମଣରେ ୭ ଆହତ

ବନ୍ତଳା,୨୦।୪(ଡି.ଏନ.ଏ.): ଅନୁଗୋଳ ଜିଲା ବନ୍ତଳା ରେଞ୍ଜ ବଡ଼କନ୍ତକୁଳ ପଞ୍ଚାୟତ କଞ୍ଜା ଗ୍ରାମରେ ରବିବାର ରାତିରେ ଏକ ଶାଳିଆପତନି ଆକ୍ରମଣରେ ୬ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସୀତା ସାହୁ, ଯମୁନା ସାହୁ, ନମି ବେହେରା, ଉର୍ମିଳା ବିଶ୍ୱାଳ, ସୁକାନ୍ତି ଦେହୁରୀ, କାର୍ତ୍ତିକ ଦେହୁରୀ ପ୍ରମୁଖ। ସୋମବାର ସକାଳେ ଆହତମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହୋଇଛନ୍ତି।

ଡ୍ରାଇଭରଙ୍କୁ ମାଡ଼, ୨ ଗିରଫ

କଣିହାଁ,୨୦।୪(ଡି.ଏନ.ଏ.): କଣିହାଁ ବ୍ଲକ ସମଲ ଥାନା ପୋଲିସ ଜଣେ ଠିକାଦାରଙ୍କ ଗାଡ଼ି ଚାଳକଙ୍କୁ ଗାଳି, ଧମକ ଓ ମାଡ଼ ମାରିବା ଅଭିଯୋଗରେ ବାଗୁଆଁ ଗ୍ରାମର ପରମାନନ୍ଦ ସାମଲ ଓ ହୃଷୀକେଶ ସାମଲଙ୍କୁ ନଂ. ୭୪/୨୦ ମାମଲାରେ ଗିରଫ କରିଛି। ସେହିପରି ଠିକାସଂସ୍ଥା ବିରୋଧରେ ଜଣେ ମହିଳା ଅଭିଯୋଗ କରିବାରୁ ନଂ. ୭୫/୨୦ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

କରୋନା ଯୋଦ୍ଧା ସାଜିବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି

ଅନୁଗୋଳ ଅଫିସ, ୨୦।୪: ପଶ୍ଚିମ ଓ ଉତ୍ତର ଭାରତରେ କରୋନାର ପ୍ରକୋପ ହ୍ରାସ ପାଇଁ ସଚେତନତା ବାର୍ତ୍ତା ପ୍ରଚାର ଓ ଆକ୍ରାନ୍ତଙ୍କ ସେବା ନିମନ୍ତେ ସୁଯୋଗ ଦେବାକୁ ଅନୁରୋଧ କରିଛନ୍ତି ଅନୁଗୋଳର ଯୁବ ସାମାଜିକ କର୍ମୀ ପ୍ରତାପ କୁମାର ମହାପାତ୍ର। ଏ ନେଇ ଗତ ୩ ତାରିଖରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି। କରୋନା ବିରୋଧୀ ଯୁଦ୍ଧରେ ତାଙ୍କୁ ସୁଯୋଗ ମିଳିଲେ ମା ଓ ମାଟି ପାଇଁ ସେ କାର୍ଯ୍ୟ କରିବେ ବୋଲି ସାମାଜିକ କର୍ମୀ ମହାପାତ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

ତାଳଚେର କୋଭିଡ୍ ଡାକ୍ତରଖାନା ପ୍ରସ୍ତୁତ

ତାଳଚେର, ୨୦।୪(ନି.ପ୍ର.)

ତାଳଚେରସ୍ଥିତ ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ ହସ୍‌ପିଟାଲରେ ସୋମବାର ସ୍ୱତନ୍ତ୍ର କୋଭିଡ-୧୯ ଡାକ୍ତରଖାନା ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାଶ ଭିଡିଓ କନଫରେନ୍ସିଂରେ ଯୋଗ ଦେଇଥିଲେ। ଏହି ହସ୍‌ପିଟାଲ ଉଦ୍‌ଘାଟନ ପୂର୍ବରୁ ଏମ୍‌ସିଏଲ୍, ସମ୍ ହସ୍ପିଟାଲ ଏବଂ ଜିଲା ପ୍ରଶାସନ ମଧ୍ୟରେ କୋଭିଡ-୧୯ ଡାକ୍ତରଖାନାର ସୁପରିଚାଳନା ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏଠାରେ କରୋନା ରୋଗୀଙ୍କ ପାଇଁ ୧୫୦ଟି ବେଡ୍ ସହ ୬ଟି ଆଇସିୟୁ ଶଯ୍ୟା ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଅଶୋକ ମହାପାତ୍ର, ପ୍ରଫେସର ଡ. ଈଶ୍ୱର ଚନ୍ଦ୍ର ବେହେରା, ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ସେଣ୍ଟ୍ରାଲ ହସ୍‌ପିଟାଲ ସିଏମ୍‌ଏସ୍ ଡା. ମନୋଜ ବେହେରା, ଜଗନ୍ନାଥ କ୍ଷେତ୍ର ଜିଏମ୍ ଏମ.ଜି. ବ୍ରହ୍ମପୁରକରଙ୍କ ସମେତ ପ୍ରଶାସନିକ ଅଧିକାରୀ, ଏମସିଏଲ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଏହି କୋଭିଡ-୧୯ ଡାକ୍ତରଖାନା ଏମ୍‌ସିଏଲ୍ ଅନୁଦାନରେ ନିର୍ମିତ ହୋଇଥିବାବେଳେ ସମ୍ ହସ୍ପିଟାଲ ପକ୍ଷରୁ ପରିଚାଳନା କରାଯିବ।

ଡାକ୍ତରଖାନାକୁ ଉଦ୍‌ଘାଟନ କରାଯାଉଛି।

- ଭିଡିଓ କନ୍‌ଫରେନ୍ସିଂରେ ମୁଖ୍ୟମନ୍ତ୍ରୀ କଲେ ଉଦ୍‌ଘାଟନ
- ଏମ୍‌ସିଏଲ୍ ଅର୍ଥରେ ହୋଇଛି ନିର୍ମାଣ
- ପରିଚାଳନା କରିବ ସମ୍ ହସ୍ପିଟାଲ

କଟକଣା ମାନୁନାହାନ୍ତି ଦୋକାନୀ

ଅନୁଗୋଳ ଅଫିସ, ୨୦।୪

ଅନୁଗୋଳ ବଜାରର କେତେଜଣ ବ୍ୟବସାୟୀ ଲକ୍‌ଡାଉନ୍ କଟକଣାକୁ ପାଳନ କରୁ ନ ଥିବା ଅଭିଯୋଗ ହେଉଛି। ସେମାନେ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରଖିବା ଉପରେ ଗୁରୁତ୍ୱ ଦେଉ ନ ଥିବା ବେଳେ ଅପରାହ୍ନ ୧ଟା ପରେ ମଧ୍ୟ ଦୋକାନ ଖୋଲା ରଖୁଛନ୍ତି।

ନିୟମ ଅନୁଯାୟୀ, ଔଷଧ ଦୋକାନକୁ ବାଦ୍ ଦେଲେ ଅତ୍ୟାବଶ୍ୟକ ସାମ୍ରଗୀ ବିକ୍ରି କରୁଥିବା ବ୍ୟବସାୟୀ ସକାଳୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଦୋକାନ ଖୋଲା ରଖିପାରିବେ। ଏହାକୁ ଯେପରି କଡ଼ାକଡ଼ି ପାଳନ କରାଯିବ ସେଥିପାଇଁ କିଛିଦିନ ଅନୁଗୋଳ ପୋଲିସ ମାଜିଷ୍ଟ୍ରେଟ୍‌ଙ୍କୁ ଧରି ସହରସାରା ପଇଁତରା ମାରୁଥିଲା। ଦୋକାନ ଉପରେ ଚଢ଼ାଉ ମଧ୍ୟ କରୁଥିଲା। କିନ୍ତୁ ଦୁଇ ତିନି ଦିନ ହେଲା ଏହି ଚଢ଼ାଉ ପ୍ରାୟ ହେଉ ନ ଥିବାରୁ ସହରର ବହୁ ବ୍ୟବସାୟୀ ପୁଣି ମନମାନି ଆରମ୍ଭ କରିଛନ୍ତି। ସେମାନେ ଦୋକାନରେ ହେଉଥିବା ଭିଡ଼ ଏଡ଼ାଇବାକୁ ପଦକ୍ଷେପ ନେଉନାହାନ୍ତି କି ସାମାଜିକ ଦୂରତ୍ୱ ରକ୍ଷା ପାଇଁ ଲୋକଙ୍କୁ କହୁନାହାନ୍ତି। ବସ୍‌ଷ୍ଟାଣ୍ଡ, ସଞ୍ଜିବନୀ ମାର୍କେଟ, ଡେଲି ମାର୍କେଟ, ଲକ୍ଷ୍ମୀ ବଜାର ଆଦି ସ୍ଥାନରେ ଅନେକ ବ୍ୟବସାୟୀ ଏପରି ଆଇନ ମାନୁ ନ ଥିବା ଦେଖାଯାଉଛି।

ପୂର୍ବ ନିର୍ଦ୍ଦେଶ ବଳବତ୍ତର

ଅନୁଗୋଳ ଅଫିସ, ୨୦।୪

ଅନୁଗୋଳ ଜିଲାରେ ଲକ୍‌ଡାଉନ୍ କଟକଣାକୁ ସେପରି କୋହଳ କରାଯାଇ ନ ଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି, ପୂର୍ବଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ। ଚାଷ କାମ ପାଇଁ ବ୍ୟବହୃତ କୃଷି ସାମଗ୍ରୀ ଦୋକାନ ଖୋଲାଯିବା ସହ ଚାଷ କାମକୁ କଟକଣା ମୁକ୍ତ କରାଯାଇଛି। ଗ୍ରାମାଞ୍ଚଳରେ ରାସ୍ତା କାମ, ଏମ୍‌ଏନ୍‌ଆର୍‌ଇଜିଏସ୍ ଓ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ବଜାରରେ ସିମେଣ୍ଟ, ଲୁହାଛଡ ଆଦି ଦୋକାନ ଖୋଲାଯିବ। କିନ୍ତୁ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୬ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ହିଁ ଏସବୁ ଖୋଲା ରହିବ। ସମସ୍ତ ଦୋକାନୀ ଓ ଗ୍ରାହକ ସାମାଜିକ ଦୂରତ୍ୱ ରକ୍ଷା କରିବା ଓ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିବା ଜିଲାପାଳ ପ୍ରକାଶ କରିଛନ୍ତି।

ଲୁଟେରା ଗ୍ୟାଙ୍ଗ୍‌କୁ କାବୁକଲା ପୋଲିସ

ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କୁ ହାଜର କରାଇଛି।

ଅନୁଗୋଳ ଅଫିସ, ୨୦।୪

ଅନୁଗୋଳ ସହର ହେମସୁରପଡ଼ା ଦୁର୍ଗା ମଣ୍ଡପ ପଛରେ ଲୁଟ୍ ଯୋଜନା ଚାଲିଥିବାବେଳେ ଅନୁଗୋଳ ପୋଲିସ ଚଢ଼ାଉ କରି ଗ୍ୟାଙ୍ଗର ସର୍ଦ୍ଦାର ଛେଳିଆପଡ଼ାର ବୁବୁ ଓରଫ୍ ଭବାନୀଶଙ୍କର ଭଞ୍ଜ(୨୫) ଓ ଶୁକୁଆସାହିର ସେକ୍ ଆବିଦ(୨୦)ଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ କାର୍ (ନଂ. ଓଡି୦୨ଏଏମ୍-୬୪୮୯), ବାଇକ୍ (ନଂ. ଓଡି୧୯ଜେ-୨୬୭୦), ଦେଶୀ ବନ୍ଧୁକ, ଖଣ୍ଡା, ଭୁଜାଲି, ଲୁହା ପାଇପ ଆଦି ଜବତ କରାଯାଇଛି। ତଦନ୍ତକାରୀ ଅଧିକାରୀ ବିପ୍ଳବ ସାହୁ ଅଧିକ ଖୋଳତାଡ଼ ଚଳାଇଛନ୍ତି। ଗିରଫ ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଫେରାର ଥିବା ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଖୋଜା ଚାଲିଥିବା ଥାନା ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ଏଏସ୍‌ଆଇ ପ୍ରଶାନ୍ତ ସାହୁ, ବୁଦ୍ଧିମାନ ସେଠୀ, ଦିଲୀପ ସାହୁ, ଅଜିତ ନାଏକ, ବିଭୂତି ନାଏକ, ସରୋଜ ରୋଶନ ଲାକ୍ରା ପ୍ରମୁଖ ସାମିଲ ଥିଲେ।

ଫସଲ ନଷ୍ଟ କଲା ହାତୀ

ଛେଣ୍ଡିପଦା,୨୦।୪(ସ୍ୱ.ପ୍ର.)

ଜରପଡା ବନାଞ୍ଚଳ କିସିଣ୍ଡା ଗ୍ରାମରେ ହାତୀ ପଶି ବ୍ୟାପକ ଫସଲ ନଷ୍ଟ କରିଛି। ଗ୍ରାମର ପ୍ରକାଶ ବେହେରା, ଈଶ୍ୱର ପ୍ରଧାନ, ଯତୀନ୍ଦ୍ର ପ୍ରଧାନ ଓ ବାଲିପଟ୍ଟା ଗ୍ରାମର କୁମରମଣି ପ୍ରଧାନଙ୍କ କଦଳୀ, ପରିବା ବଗିଚା ସହ କିସିଣ୍ଡା ଗ୍ରାମର ଗୋବର୍ଦ୍ଧନ ବେହେରାଙ୍କ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ସେହିପରି କିସିଣ୍ଡା ଗ୍ରାମର ସହଦେବ ବେହେରାଙ୍କ ଘର ହାତୀ ଭାଙ୍ଗି ଦେଇଛି। କ୍ଷତିଗ୍ରସ୍ତମାନେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ବନବିଭାଗ କ୍ଷତିପୂରଣ ଦେବା ସହ ହାତୀ ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

ବିଡିଓଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ଛେଣ୍ଡିପଦା,୨୦।୪(ସ୍ୱ.ପ୍ର.)

ଛେଣ୍ଡିପଦାର ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ଯୋଗ ଶିବିରର ସଦସ୍ୟମାନେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ହଜାର ୧ଶହ ଟଙ୍କା ଦାନ କରିଛନ୍ତି। ସଂଘ ଓ ଯୋଗ ଶିବିର ସଭାପତି ବିପିନବିହାରୀ ବେହେରା, ଉପସଭାପତି ରାଜକିଶୋର ସାହୁ, ସମ୍ପାଦକ ବିଜୟ ଗଡନାୟକ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ବିଶ୍ୱାଳ, ଗୋବର୍ଦ୍ଧନ ନାୟକ, ଜଗବନ୍ଧୁ ସାହୁ ଓ ଜିଲାପରିଷଦର ପୂର୍ବତନ ସଭ୍ୟ ଦିଲୀପ ବେହେରା ପ୍ରମୁଖ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନଙ୍କ ଉପସ୍ଥିତିରେ ବିଡିଓ ସୁନୀଲ କେର୍କେଟାଙ୍କୁ ଚେକ୍ ପ୍ରଦାନ କରିଥିଲେ।

ଦୋକାନରେ ତାଲା, ଚୋରାରେ ଖୋଲାମେଲା

ଅନୁଗୋଳ ଅଫିସ, ୨୦।୪

- ୩ ଗୁଣା ଦରରେ ବିକ୍ରି ହେଉଛି ବିଦେଶୀ ମଦ
- ଦେଶୀ, ମହୁଲି ପଛରେ ପଡ଼ିଛି ଅବକାରୀ ବିଭାଗ

ଲକ୍‌ଡାଉନ୍ ଯୋଗୁ ଅନୁଗୋଳ ଜିଲାର ସମସ୍ତ ବିଦେଶୀ ମଦ ଦୋକାନରେ ତାଲା ପଡ଼ିଛି। ତଥାପି ଚୋରା ବଜାରରେ ଖୋଲାମେଲାରେ ବିକ୍ରି ହେଉଛି ମଦ। ଚାହିଦା ଏତେ ଯେ ଚୋରା ବେପାରୀମାନେ ଦର ପ୍ରାୟ ୩ ଗୁଣା କରିଦେଇଛନ୍ତି। ଦୈନିକ ଏପରି ଲକ୍ଷ ଲକ୍ଷ ଟଙ୍କାର ଚୋରା କାରବାର ହେଉଥିବାବେଳେ ଅବକାରୀ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ନ ଦେଇ କେବଳ ଦେଶୀ, ମହୁଲି ମଦ ଜବତ କରିବାକୁ ଧାଉଁଥିବା ସହରରେ ଚର୍ଚ୍ଚା ହେଉଛି।

ସହରବାସୀଙ୍କ କହିବା ଅନୁଯାୟୀ, କରୋନା କଟକଣାକୁ ଅନୁଗୋଳର ଚୋରା ବିଦେଶୀ ମଦ ବେପାରୀମାନେ ଖାତିର କରୁନାହାନ୍ତି। ପୂର୍ବରୁ ବହୁ ଢାବା, ହୋଟେଲ ଓ ପାନ ଦୋକାନରେ ଏସବୁ କାରବାର ଚାଲୁଥିଲା। କିନ୍ତୁ ଏବେ ସେସବୁ ବନ୍ଦ ରହିଥିବାରୁ ଚୋରା ବେପାରୀମାନେ ଘରେ ରଖି ବିଦେଶୀ ମଦ ବିକ୍ରି କରୁଛନ୍ତି। ଦିନକୁ ଦିନ ବଢୁଥିବା ଚାହିଦାକୁ ଦେଖି ଦର ମଧ୍ୟ ଧାର୍ଯ୍ୟ କରୁଛନ୍ତି। ଯେଉଁ ବିଦେଶୀ ମଦ ବୋତଲ ମୂଲ୍ୟ ୧୨୫୦ ଟଙ୍କା ଥିଲା ତାହା ବର୍ତ୍ତମାନ ୪ ହଜାରରେ ବିକ୍ରି କରାଯାଉଛି। ନିୟମିତ ଗ୍ରାହକ ବା ଚିହ୍ନା ମୁହଁ ହେଲେ କିଛିଟା ରିହାତି ଦିଆଯାଉଛି। ସେହିପରି ବିୟର ଗୋଟାକ ୪ଶହ ଟଙ୍କାରେ ଗ୍ରାହକଙ୍କୁ ଦିଆଯାଉଛି। ଅନୁଗୋଳ ସହର ସହ ଜିଲାର ବିଭିନ୍ନ ସ୍ଥାନରେ ଚୋରା ବେପାରୀମାନେ ସକ୍ରିୟ ରହିଥିବାରୁ ଦୈନିକ ଗାଡ଼ି ଗାଡ଼ି ଚୋରା ବିଦେଶୀ ମଦ ବିକ୍ରି ହେଉଥିବା କୁହାଯାଉଛି। ଏହି ଚୋରା କାରବାର କିପରି ରୋକାଯାଇପାରିବ ସେଥିପ୍ରତି ଅବକାରୀ ବିଭାଗ ଆଦୌ ଧ୍ୟାନ ନ ଦେଇ ଗାଁ ଓ ଜଙ୍ଗଲ ମଧ୍ୟରେ ରନ୍ଧା ଯାଉଥିବା ଦେଶୀ ମଦ, ମହୁଲି ଆଦି ଜବତ କରିବାକୁ ଗୁରୁତ୍ୱ ଦେଉଥିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏ ନେଇ ଅବକାରୀ ଏସ୍‌ପି ସୁରେଶ ଚନ୍ଦ୍ର ନାୟକଙ୍କ ସହ ଯୋଗଯୋଗ ହୋଇପାରି ନ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

କାଠ ଚୋରିର ହେବ ତଦନ୍ତ

କଣିହାଁ,୨୦।୪ (ଡି.ଏନ.ଏ.)

କଣିହାଁ ବନାଞ୍ଚଳ ହନୁମାନପୁର ସେକ୍ସନର ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ଶାଳଗଛ କାଟି କାଠ ମାଫିଆମାନେ ଚୋରି କରିବାରେ ଲାଗିଛନ୍ତି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଇ କେବଳ ଜଙ୍ଗଲରୁ ନିଆଁ ଲିଭାଇବା ଓ ଗ୍ରାମାଞ୍ଚଳରେ ପଶିଥିବା ହାତୀ ଘଉଡ଼ାଇବା କାର୍ଯ୍ୟରେ ବ୍ୟସ୍ତ ରହୁଛି। ଫଳରେ ସୋମବାର ସାପକଟା ସଂରକ୍ଷିତ ଜଙ୍ଗଲରୁ ବହୁ ଶାଳ ଗଛ କଟାଯାଇଥିବା ଜଣାପଡ଼ିଛି। ଉକ୍ତ କାଠଗୁଡ଼ିକୁ ସାଇଜ୍ କରି ଜଙ୍ଗଲ ମଧ୍ୟରେ ଚାଲାଣ ପାଇଁ ରଖାଯାଇଛି। ତେବେ ସୁରକ୍ଷା ନିମନ୍ତେ ଏକ ବିଟ୍ ହାଉସ୍ ରହିଥିଲେ ମଧ୍ୟ କେମିତି ମାଫିଆମାନେ ନିୟମିତ ଏପରି କାଠ ଚୋରି କରୁଛନ୍ତି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରେଞ୍ଜର ନୀଳମଣି ଦେହୁରୀ କହିଛନ୍ତି, ଶାଳଗଛ କଟାଯାଇଥିବା ଖବର ମିଳିଛି। ତୁରନ୍ତ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଜଙ୍ଗଲ ମଧ୍ୟରେ ଗଛଗୁଡ଼ିକ କଟାଯାଇ ଚାଲାଣ ଉଦ୍ଦେଶ୍ୟରେ ରଖାଯାଇଛି।

ଫଟୋରେ ଖବର

ଅନୁଗୋଳ ମେଡିକାଲ ଛକରେ ଥିବା ଏକ ଡଷ୍ଟବିନ୍‌ରୁ ସୋମବାର ମଧ୍ୟାହ୍ନରେ ଜଣେ ବ୍ୟକ୍ତି କିଛି ଖାଦ୍ୟ ସଂଗ୍ରହ କରି ନେଉଛନ୍ତି।

ପ୍ରବଳ ଖରା ହେଉଥିବାରୁ ଛତା ଧରି ଜଣେ ଟ୍ରାଫିକ୍ ପୋଲିସ ଅନୁଗୋଳ ଥାନା ଛକଠାରେ ଡ୍ୟୁଟି କରୁଛନ୍ତି।

ଅନୁଗୋଳ ଅଗ୍ନିଶମ ବିଭାଗ ପକ୍ଷରୁ ଇକୋ ପାର୍କକୁ ସାନିଟାଇଜ୍ କରାଯାଉଛି।

ସହର ରାସ୍ତାପାର୍ଶ୍ୱରେ ଗ୍ରାହକଙ୍କ ଅପେକ୍ଷାରେ ଜଣେ କାକୁଡ଼ି ବିକାଳି। (ଫଟୋ- ବୁବୁ)

ସଂକ୍ଷେପରେ

ମାସ୍କ ନ ପିନ୍ଧି ଜରିମାନା ଗଣିଲେ

ବିଜେପୁର, ୨୦।୪(ଡି.ଏନ୍.ଏ.): କରୋନା (କୋଭିଡ-୧୯)ରୁ ରକ୍ଷା ପାଇଁ ମାସ୍କ ପିନ୍ଧି ଘରୁ ବାହାରକୁ ବାହାରିବାକୁ ସରକାରଙ୍କ ପକ୍ଷରୁ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଉଛି। ଏହା ସତ୍ତ୍ୱେ କିଛି ଅମାନିଆ ଏହାକୁ ମାନୁ ନାହାନ୍ତି। ଏ ନେଇ ବରଗଡ଼ ଜିଲା ବିଜେପୁର ଏନ୍ଏସି ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଉଛି। ରବିବାର ସନ୍ଧ୍ୟାରୁ ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଏମ୍. ଗଣ୍ଡପାଲି, ବାଉଁଶପୋଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ମାସ୍କ ପିନ୍ଧି ନ ଥିବା ୧୪ଜଣ ଅମାନିଆଙ୍କ ନିକଟରୁ ୨୮୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ପୂର୍ବରୁ ୯ଜଣ ଅମାନିଆଙ୍କ ନିକଟରୁ ୧୮୦୦ଟଙ୍କା ଜରିମାନା ଆଦାୟ ହୋଇଥିଲା। ମାଜିଷ୍ଟ୍ରେଟ ତଥା ତହସିଲଦାର କୁଳମଣି ରଣବିଡା, ଏନ୍ଏସି କାର୍ଯ୍ୟନନିର୍ବାହୀ ଅଧିକାରୀ ରୁକ୍ମଣ ମେହେର ପୋଲିସକୁ ନେଇ ଏହି ଚଢ଼ାଉ କରିଥିଲେ ।

ଖବରଦାତାଙ୍କୁ ଦୁର୍ବ୍ୟବହାର, ହତ୍ୟା ଧମକ

ଝାରସୁଗୁଡା ଅଫିସ,୨୦।୪: ଝାରସୁଗୁଡା ଜିଲାରେ କାର୍ଯ୍ୟରତ ଜଣେ ଖବରଦାତାଙ୍କୁ ବେଆଇନ ଭାବେ ବ୍ୟବସାୟ କରୁଥିବା କିଛି ଇଟା ଭାଟି ମାଲିକ ଦୁର୍ବ୍ୟବହାର ଓ ହତ୍ୟା ଧମକ ଦେଇଥିବା ବ୍ରଜରାଜନଗର ଥାନାରେ ଅଭିଯୋଗ ହୋଇଛି। ଖବରଦାତା ଜଣକ ବ୍ରଜରାଜନଗର ଥାନା ଅଧୀନ ବୁନ୍ଦିଆ ଗ୍ରାମରେ ଥିବା କିଛି ବେଆଇନ ଇଟାଭାଟି ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିଲେ। ହେଲେ ସେଠାରେ ଥିବା ୪ ଜଣ ବ୍ୟକ୍ତି ତାଙ୍କ ମୋବାଇଲ ଛଡାଇ ନେଇଥିଲେ। ଠେଲାପେଲା କରିବା ସହ ଗାଳିଗୁଲଜ କରିଥିଲେ। ଏ ନେଇ ଖବର ପରିବେଷଣ କରିଲେ ହତ୍ୟାର ଶିକାର ହେବେ ବୋଲି ଧମକ ଦେଇଥିଲେ । ଅନ୍ୟପକ୍ଷରେ ଅନ୍ୟଜଣେ ବ୍ୟକ୍ତି ଖବରଦାତାଙ୍କ ବାପାଙ୍କୁ ଫୋନ କରି ଧମକ ମଧ୍ୟ ଦେଇଛନ୍ତି । ତେବେ ଏହାକୁ ବିରୋଧ କରି ଝାରସୁଗୁଡାର ଖବରଦାତାମାନଙ୍କ ଏକ ପ୍ରତିନିଧି ଦଳ ସୋମବାର ଏସ୍ପି ଅଶ୍ୱିନୀ କୁମାର ମହାନ୍ତିଙ୍କୁ ଦେଖା କରିଛନ୍ତି।

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ତୋଳାଳିମାନେ ନିଜ ଭିତରେ ସାମାଜିକ ଦୂରତା ରଖି କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି ।

କେନ୍ଦୁପତ୍ର ତୋଳାରେ ସାମାଜିକ ଦୂରତା

ଗୋଲାମୁଣ୍ଡା,୨୦।୪(ଡି.ଏନ.ଏ)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ସାମାଜିକ ସୁରକ୍ଷା ମଧ୍ୟରେ ଆରମ୍ଭ ହୋଇଛି କେନ୍ଦୁପତ୍ର ତୋଳା। ବର୍ତ୍ତମାନ କରୋନା ଭୟାବହତା ଲାଗିରହିଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାର କେତେକ ଜରୁରୀ କାମ ଉପରେ କଟକଣା କୋହଳ କରିଛନ୍ତି। ଫଳରେ ଗ୍ରାମସଭା ଜରିଆରେ ଏହି ବ୍ଲକର କନକପୁର, କାଲିପୁର, କସ୍ତୁରାପଦର, ଜାମଝରନ, ଜାମଗୁଡାବାହାଲି ଓ ଖସିଗୁଡା ଗ୍ରାମରେ ଶ୍ରମିକମାନଙ୍କୁ ନେଇ କେନ୍ଦୁପତ୍ର ତୋଳା ଆରମ୍ଭ ହୋଇଛି । ପତ୍ର ତୋଳିବା ପୂର୍ବରୁ ତୋଳାଳିମାନଙ୍କୁ ଆରସିଡିଏସ କର୍ମୀ ଦିଲୀପ କୁମାର ନାଏକଙ୍କ ନେତୃତ୍ୱରେ ମାସ୍କ ବଣ୍ଟନ ସହିତ ସାମାଜିକ ସୁରକ୍ଷା ନିୟମମାନି କେନ୍ଦୁପତ୍ର ତୋଳିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏପରିକି ପତ୍ର ତୋଳିବା ପରେ ସମସ୍ତ ତୋଳାଳିଙ୍କୁ ସାନିଟାଇଜ କରାଯାଉଛି। ଏଭଳି ଭାବେ ଗତ ୧୭ ତାରିଖରୁ କେନ୍ଦୁପତ୍ର ତୋଳା ଚାଲିଛି । ଏକ କେରିରେ ୨୦ଟି ପତ୍ର ରହୁଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ୧ଲକ୍ଷ କେରି ପତ୍ରତୋଳା ସରିଥିବା ଜଣାପଡିଛି। କେନ୍ଦୁପତ୍ର ଗ୍ରାମସଭା ସମୂହ ସଭାପତି ଚନ୍ଦନ, ଆଞ୍ଚଳିକ ଜଙ୍ଗଲ ସୁରକ୍ଷା ସଭାପତି ବନମାଳି ସାହୁ, କଣ୍ଡ ଜାଲ, ତିଳୋତ୍ତମା ଭୋଇ, ପୁଷ୍ପଲତା ଦୁର୍ଗା, ସୁରେଷ୍ଠା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ପତ୍ରତୋଳା କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି । ସୂଚନାଯୋଗ୍ୟ, ଗତ ୨୦୧୭ ମସିହାରୁ ଗୋଲାମୁଣ୍ଡା ବ୍ଲକର ଉକ୍ତ ଛଅଟି ଗ୍ରାମର ଲୋକେ ଗ୍ରାମସଭା ଜରିଆରେ କେନ୍ଦୁପତ୍ର ତୋଳି ବାହାର ରାଜ୍ୟର କମ୍ପାନୀ ଗୁଡିକୁ ବିକ୍ରି କରୁଛନ୍ତି ।

ଅମାନିଆଙ୍କୁ ରାସ୍ତାରେ ବସ୍‌ଉଠ୍ କଲା ପୋଲିସ

ପାଇକମାଳ, ୨୦।୪ (ଡି.ଏନ.ଏ)

ରାଜ୍ୟରେ ସବୁଜ ଜୋନ ମାନଙ୍କରେ ସୋମବାରଠାରୁ ନିୟମ କୋହଳ ହୋଇଛି । ତେବେ ବରଗଡ ଜିଲା ପାଇକମାଳରେ ନିୟମ ଆହୁରି କଡାକଡି କରାଯାଇଥିବା ଦେଖିବାକୁ ମିଳିଛି। ଲକ୍ ଡାଉନ ସମୟରେ ଯେଉଁ ଦୋକାନ ଗୁଡିକ ଖୋଲା ଯାଉଥିଲା ସାମାନ୍ୟ କୋହଳ ପରେ ମଧ୍ୟ କେବଳ ସେହି ଦୋକାନ ଗୁଡିକ ଖୋଲା ରହିଛି । ଦୁଇ ଚକିଆ ଯାନରେ ୧ରୁ ଅଧିକ ଆସିବା କରୁଥିବା ଲୋକମାନଙ୍କୁ ପୋଲିସ ଅଟକ ରଖି ନିୟମ ନ ଭାଙ୍ଗିବାକୁ ଉପଦେଶ ଦେଇଛି। ଏହାସହ ଅମାନିଆମାନଙ୍କୁ ରାସ୍ତାରେ ଉଠ୍‌ବସ୍ କରାଇଥିଲେ। ସେହିପରି ପାଇକମାଳ ଡିଏସ୍‌ପି ଦିନେଶ ନାୟକ ଓ ଆଇଆଇସି ବିଶ୍ୱଜିତ ମନବୋଧଙ୍କ ସହ ୩୨ରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ବନ ବିଭାଗ କର୍ମଚାରୀ ପୃଥକ ପୃଥକ ଦଳ କରି ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ସଚେତନ କରାଇବା ସହ ମାସ୍କ ପିନ୍ଧାଇଥିଲେ । ତହସିଲଦାର ମନୋଜ ମେହେରଙ୍କ ଉପସ୍ଥିତିରେ ପାଇକମାଳ ମୁଖ୍ୟ ଛକରେ ମାସ୍କ ପିନ୍ଧି ନ ଥିବା ଲୋକମାନଙ୍କ ଠାରୁ ୨ଶହ ଟଙ୍କା ଲେଖାଏଁ ଫାଇନ ଆଦାୟ କରାଯାଇଥିଲା ।

ନିୟମ ମାନୁ ନ କେତେକ ଯୁବକଙ୍କୁ ପାଇକମାଳ ପୋଲିସ ଉଠ୍‌ବସ୍ କରାଉଛି ।

କିନ୍ନର, ଅସହାୟଙ୍କୁ ଆହାର

ସାମାଜିକ କର୍ମୀମାନେ କିନ୍ନର, ଅସହାୟଙ୍କୁ ଆହର ଯୋଗାଉଛନ୍ତି ।

ବରଗଡ଼ ଅଫିସ୍,୨୦।୪

ବରଗଡ଼ ପାଣିଛତ୍ରଠାରେ ସୋମବାର ଗରିବ, ଅସହାୟ ତଥା କିନ୍ନରଙ୍କ ପାଇଁ ଅନ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଅଞ୍ଚଳର ଅସହାୟ ଲୋକେ ଅନ୍ନଭୋଜନ କାର୍ଯ୍ୟକ୍ରମକୁ ଆସି ରନ୍ଧା ଖାଦ୍ୟ ଖାଇଥିଲେ। ସାମାଜିକ କର୍ମୀ ପରୀକ୍ଷିତ ଛତର ଏହି ଭୋଜନର ବ୍ୟବସ୍ଥା କରିଥିବାବେଳେ ଏଥିରେ ଅନ୍ତିମ ସାହୁ, ହେମନ୍ତ ଛତ୍ରିଆ, ମୁକେଶ ଅଗ୍ରୱାଲ, କାନ୍ତ ମାଝି, ସତ୍ୟନାରାୟଣ ସୁନା, ରାଜେଶ ସୋଙ୍କର, ଅନିଲ ଛତର, ମୁନ୍ନା ମାଝି, ଲକ୍ଷ୍ମୀ ସା, କଇଁଟୁ ମେହେର, ଦୟାନିଧି ବାଗ, ଆନନ୍ଦ ଛତର, ମଳୟ ବେହେରା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

କଣ୍ଟାବାଞ୍ଜିରେ ସ୍ଥିତି ଅନୁଧ୍ୟାନ କଲେ ଏସ୍‌ପି

କଣ୍ଟାବାଞ୍ଜି, ୨୦।୪(ଡି.ଏନ.ଏ.)

ଲକ୍ ଡାଉନ ନିୟମ ଠିକ୍ ଭାବେ ପାଳନ ହେଉଛି କି ନାହିଁ ପରଖିବା ପାଇଁ ବଲାଙ୍ଗୀର ଏସପି ସନ୍ଦୀପ ମାଡକର କଣ୍ଟାବାଞ୍ଜିର ବିଭିନ୍ନ ଥାନା ଅଞ୍ଚଳ ବୁଲିଛନ୍ତି। ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ରଖିବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସହରରେ ମାସ୍କ ପିନ୍ଧି ନ ଥିବା କେତେ ଜଣ ବ୍ୟକ୍ତିଙ୍କୁ ପୋଲିସ ଜରିମାନା କରିଥିଲା। ମାସ୍କ ପିନ୍ଧି ନ ଥିବା ଲୋକଙ୍କୁ ଔଷଧ ନ ଦେବାକୁ ଦୋକାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, ଆଇଆଇସି ବିଜୟାନନ୍ଦ କରକରା, ସବ୍ ଇନ୍ସପେକ୍ଟର ତନ୍ମୟ ମୁର୍ମୁ, ଏଏସଆଇ ସୁନ୍ଦରମଣି ବେହେରା ଓ ଝସ ପୋଡ ପ୍ରମୁଖ ଏସପିଙ୍କ ସହ ସାମିଲ ହୋଇଥିଲେ।

ବିଶ୍ରାରେ ୪୮ଘଣ୍ଟା ବଢ଼ିଲା କଣ୍ଟେନମେଣ୍ଟ ଅବଧି

ସୁନ୍ଦରଗଡ,୨୦।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ କରୋନା ପଜିଟିଭ ସଂଖ୍ୟା ୩ରେ ପହଞ୍ଚିଲା

ରାଜ୍ୟରେ କରୋନା ସଂକ୍ରମଣ ଯୋଗୁ ୬ଟି ଜିଲାକୁ ହାଇରିସ୍କ ଜିଲା ଭାବେ ଘୋଷଣା କରାଯାଇଛି। ଏଥିମଧ୍ୟରେ ସୁନ୍ଦରଗଡ ଜିଲା ରହିଛି। ଗତ ୧୧ ତାରିଖରେ ଏହି ଜିଲାର ୨ଜଣଙ୍କ ଠାରେ କରୋନା ଭୂତାଣୁ ପ୍ରଥମେ ଚିହ୍ନଟ ହେବା ପରେ ସୋମବାର ପୁଣି ଆଉଜଣେ କରୋନା ରୋଗୀ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାକୁ ମିଶାଇ ଜିଲାରେ ବର୍ତ୍ତମାନ କରୋନା ପଜିଟିଭ ସଂଖ୍ୟା ୩ରେ ପହଞ୍ଚିଛି। ପ୍ରଥମେ ୨ଜଣ ବିଶ୍ରା ଅଞ୍ଚଳର ହୋଇଥିବା ବେଳେ ତୃତୀୟ ପଜିଟିଭ ଚିହ୍ନଟ ହୋଇଥିବା ବ୍ୟକ୍ତି ଜଣକ ମଧ୍ୟ ବିଶ୍ରା ବ୍ଲକ ଗୁଡଗୁଡଯୋରର ବୋଲି ଜଣାପଡିଛି। କରୋନା ପଜିଟିଭ ଚିହ୍ନଟ ପରେ ସଂପୃକ୍ତ ଅଞ୍ଚଳକୁ ଜିଲା ପ୍ରଶାସନ ଗତ ୧୨ତାରିଖରେ କଣ୍ଟେନମେଣ୍ଟ ଅଞ୍ଚଳ ଭାବେ ଘୋଷଣା କରି ସାମୂହିକ ନମୁନା ସଂଗ୍ରହ କରିଥିଲା। ସୋମବାର ଜିଲା ପ୍ରଶାସନ ପୁଣି ଚତୁର୍ଥ ଥର ପାଇଁ ସଂପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଅବଧି ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହା ମଧ୍ୟରେ ସଂପୃକ୍ତ ଅଞ୍ଚଳବାସୀ ବାହାରକୁ ନ ବାହାରି ସରକାରୀ କଟକଣାକୁ ମାନି ପ୍ରଶାସନକୁ ସହଯୋଗ କରିବାକୁ ଜିଲାପାଳ ନିଖିଲ ପବନ କଲ୍ୟାଣ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସୋମବାର ଚିହ୍ନଟ ହୋଇଥିବା ବ୍ୟକ୍ତିଜଣକ ପୂର୍ବରୁ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ କି ନାହିଁ ସେ ନେଇ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଯାଞ୍ଚ ଚାଲିଥିବା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର ପ୍ରକାଶ କରିଛନ୍ତି। ପୂର୍ବରୁ ସେହି ଅଞ୍ଚଳରୁ ୨ଟି ନମୁନାରେ ପଜିଟିଭ ଆସିବା ପରେ ସାଧାରଣ କାଶ, ଥଣ୍ଡା ହୋଇଥିବା ୧୭୧ଜଣଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ସକାଶେ ପଠା ଯାଇଥିଲା। ଏଥିରୁ ଗୋଟିଏ ପଜିଟିଭ ବାହାରିଥିବା ସେ ସୂଚନା ଦେଇଛନ୍ତି। ହେଲେ ଜିଲାରେ ତୃତୀୟ ପଜିଟିଭ ଚିହ୍ନଟ ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ଅମଳ ଆଖୁ ବିକିପାରୁନି ଚାଷୀ

ଖପ୍ରାଖୋଲ, ୨୦।୪(ଡି.ଏନ.ଏ.)

ଆଖୁ କ୍ଷେତରେ ଖପ୍ରାଖୋଲ ବ୍ଲକ ଅଞ୍ଚଳର ଜଣେ ଚାଷୀ।

ଲକ୍‌ଡାଉନ ପ୍ରଭାବ

କରୋନା ସଂକ୍ରମଣ ରୋକିବାକୁ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହାର ପ୍ରଭାବ ଲୋକଙ୍କ ଜୀବନଜୀବିକା ଉପରେ ପଡିଛି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳର ଆଖୁଚାଷୀ ଲକ୍‌ଡାଉନ ଯୋଗୁ ସଙ୍କଟରେ ପଡିଯାଇଛନ୍ତି। ଯେଉଁମାନେ କ୍ଷେତରୁ କାଟି ଆଣିଥିଲେ ସେମାନଙ୍କ ଆଖୁ ବାଡିରେ ଗଦା ହୋଇ ରହିଛି। ଗାଡିମୋଟର ବନ୍ଦ ରହିଥିବାରୁ ଅମଳ ଆଖୁ ନେବାକୁ ବ୍ୟବସାୟୀ ଆସୁ ନାହାନ୍ତି କିମ୍ବା ଚାଷୀ ଆଖୁକଳକୁ ନେଇ ପାରୁନାହିଁ। ସ୍ଥାନୀୟ ଆଖୁରସ ବଜାର ସବୁ ବନ୍ଦ ରହିଥିବାରୁ ଆଖୁ ବିକ୍ରି ହୋଇ ପାରୁ ନ ଥିବା କହିଛନ୍ତି ବେନ୍ଦେର ଗାଁର ଚାଷୀ ଅକ୍ଷୟ ପଧାନ। ଖପ୍ରାଖୋଲର ନାରାୟଣ ଦଣ୍ଡସେନା କହିଛନ୍ତି ଯେ, ଋଣ କରି ୨ଏକର ଜମିରେ ଆଖୁ ଚାଷ କରିଛି । ହେଲେ ଚଳିତ ବର୍ଷ ଲକ୍‌ଡାଉନ୍ ଯୋଗୁ ଆଖୁ ବିକ୍ରି ସମ୍ଭାବନା ନ ଥିବାରୁ କ'ଣ କରିବି ବୁଝିବାଟ ଦିଶୁନାହିଁ । ଏହି ପରିସ୍ଥିତିରେ ଧାରକରଜ କରି ଫସଲ କରିଥିବା ଚାଷୀ ଏବେ କିପରି ଋଣ ପରିଶୋଧ କରିବ ସେହି ଚିନ୍ତାରେ ପଡିଯାଇଛି।

ଚାଷୀଙ୍କୁ ଏବେ କରାମାଡ଼ ଚିନ୍ତା

ଦେଓଗାଁ, ୨୦।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ କରୋନା ନେଇ ହୋଇଥିବା ଲକ୍‌ଡାଉନ ଯୋଗୁ ପ୍ରଭାବିତ ଚାଷୀଙ୍କୁ ଏବେ ଅଦିନିଆ ବର୍ଷା ଓ କରାମାଡ଼ ଚିନ୍ତା ଘାରିଛି। ଶନିବାର ସନ୍ଧ୍ୟାରେ ଦେଓଗାଁ ବ୍ଲକର ବିଭିନ୍ନ ଅଞ୍ଚଳରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହୋଇଥିଲା। ଏଥିରେ ବ୍ୟାପକମାତ୍ରାରେ ରବିଧାନ ଫସଲ ସହିତ ପରିବା ଚାଷ ନଷ୍ଟ ହୋଇଛି। ବ୍ଲକ ଅନ୍ତର୍ଗତ ବନ୍ଧପଡ଼ା, ରାମଚନ୍ଦ୍ରପୁର, ଦେଷଣ୍ଡ, ଲଣ୍ଡାପଥର, ଧଣ୍ଡାମାଲ, ଗାଇବାହାଲ, ବ୍ରାହ୍ମଣୀଯୋର ଓ ସଦର ବ୍ଲକର ଭୂତିଆରବାହାଲ ଆଦି ପଞ୍ଚାୟତରେ ପନିପରିବା ଚାଷ କରାମାଡରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଦେଷଣ୍ଡ ପଞ୍ଚାୟତର ଗମ୍ଭାରୀମାଲର ଚାଷୀ ଜଗଦୀଶ ସାହୁଙ୍କ କହିବାନୁସାରେ, କରାମାଡ ଯୋଗୁ ୨୫ ଏକରରୁ ଉର୍ଦ୍ଧ୍ୱ ଜମିରେ ହୋଇଥିବା ଧାନ ସମେତ ପନିପରିବା ଚାଷ ଉଜୁଡି ଯାଇଛି। ଏଥିସହ ତରଭୁଜ, କଖାରୁ ଓ ଅମଳ ହୋଇ ଖଳାରେ ରଖାଯାଇଥିବା ଡାଲି ଜାତୀୟ ଫସଲ ନଷ୍ଟ ହୋଇଛି। ଏଥିସହ ଦେଓଗାଁ, ବନ୍ଧପଡା, ଭୂତିଆରବାହାଲ, ମହୀପୁର ଓ ବଲାଙ୍ଗୀର କେନ୍ଦୁପତ୍ର ରେଞ୍ଜର ଶତାଧିକ ଗାଁରେ କରାମାଡ ଯୋଗୁ କେନ୍ଦୁପତ୍ର କ୍ଷତିଗ୍ରସ୍ତ ହୋଇଯାଇଛି । ଏଣୁ କେନ୍ଦୁପତ୍ର ତୋଳି ପରିବାର ପୋଷଣ କରୁଥିବା ପରିବାରମାନେ ଏବେ ଚିନ୍ତାରେ ରହିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ସରକାରୀ ସହାୟତା ଯୋଗାଇଦେବା ପାଇଁ ଚାଷୀ ମହଲରେ ଦାବି ହେଉଛି।

ଗମ୍ଭାରୀମାଲରେ କରାମାଡ଼ରେ ଚାଷ ନଷ୍ଟ ହୋଇଛି।

କରୋନା ସଚେତନତା କରୁଛନ୍ତି ଚିତ୍ରଶିଳ୍ପୀ

କୋମନା,୨୦।୪(ଡି.ଏନ.ଏ.)

ମହାମାରୀ କରୋନାର ମୁକାବିଲା ପାଇଁ ସମସ୍ତେ ଗୋଟିଏ ଗୋଟିଏ ଯୋଦ୍ଧା ରୂପେ ଛିଡା ହୋଇଛନ୍ତି। କିଛି ଯୋଦ୍ଧା ଭୋକିଲାଙ୍କୁ ଖାଦ୍ୟ ଦେଉଛନ୍ତି ତ ଆଉ କିଛି ଯୋଦ୍ଧା ବିଭିନ୍ନ ମାଧ୍ୟମରେ ଲୋକଙ୍କୁ କରୋନାରୁ ରକ୍ଷା ପାଇବାକୁ ସଚେତନ କରୁଛନ୍ତି। ଏଭଳି ସ୍ଥଳେ ନୂଆପଡା ଜିଲା ଚିତ୍ରଶିଳ୍ପୀ ସଂଘ ନିଶୁଳ୍କ ଭାବେ ଗାଁ ଗାଁକୁ ଯାଇ ଲୋକଙ୍କ ଘର କାନ୍ଥରେ କରୋନା ସମ୍ପର୍କୀତ ସଚେତନତା ବାର୍ତ୍ତା ଲେଖି ସଚେତନ କରୁଛି। ଏଥିପାଇଁ ଜିଲା ଚିତ୍ରଶିଳ୍ପୀ ସଂଘ ସଭାପତି ଗୌରାଙ୍ଗ ମଲ୍ଲିକ ନେତୃତ୍ୱ ନେଇଛନ୍ତି। ଏବେ ସୁଦ୍ଧା ଜିଲାର ୩୦ରୁ ଅଧିକ ଗାଁରେ ସରକାରଙ୍କ କରୋନା ମୁକାବିଲାର ନିୟମାବଳୀ କାନ୍ଥରେ ଚିତ୍ରଶିଳ୍ପୀମାନେ ଲେଖୁଛନ୍ତି। ଏହାଦ୍ୱାରା ଲୋକେ ସଂପୂର୍ଣ୍ଣ ସଚେତନ ହୋଇ କରୋନାରୁ ମୁକ୍ତି ପାଇ ପାରିବେ ବୋଲି ଆଶା କରାଯାଉଛି।

ଜଣେ ଚିତ୍ରଶିଳ୍ପୀ କାନ୍ଥରେ ଚିତ୍ର ଆଙ୍କି ସଚେତନତା କରୁଛନ୍ତି ।

ବିତରଣ କେନ୍ଦ୍ରରେ ରହୁନି ସାମାଜିକ ଦୂରତା

ସମ୍ବଲପୁର,୨୦।୪ (ବ୍ୟୁରୋ)

ମହାମାରୀ କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସରକାର ଲକ୍ ଡାଉନ ଘୋଷଣା କରିବା ପରେ ଲୋକମାନେ ରୋଜଗାର ହରାଇଛନ୍ତି । ଫଳରେ ସେମାନଙ୍କୁ ଭତ୍ତା ଓ ପିଡିଏସ ସାମଗ୍ରୀ,ଗ୍ୟାସ, ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏପରିକି କେତେକ ଅନୁଷ୍ଠାନ ରନ୍ଧା ଓ ଖୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି । ହେଲେ ପ୍ରାୟ ସୟମରେ ବିତରଣ କେନ୍ଦ୍ର ଗୁଡିକ ସମ୍ମୁଖରେ ସାମାଜିକ ଦୂରତା ପାଳନ କରାଯାଉନାହିଁ । ସରକାରଙ୍କ ଆର୍ଥିକ ସହାୟତା ପାଇଁ ଲୋକେ ବିଭିନ୍ନ ବ୍ୟାଙ୍କ ଗୁଡିକରେ ଲମ୍ବା ଲାଇନରେ ଛିଡା ହେଉଛନ୍ତି । ଭୋର୍ ସମୟରୁ ଆସି ଲାଇନ କରୁଛନ୍ତି । ସେହିପରି ପ୍ରାୟ ସମସ୍ତ ଗ୍ୟାସ ବିତରଣ କେନ୍ଦ୍ର ଗୁଡିକରେ ଗ୍ରାହକମାନେ ସକାଳୁ ଖାଲି ଟ୍ୟାଙ୍କି ନେଇ ଛିଡା ହୋଇଯାଉଛନ୍ତି । ପୋଲିସ ଓ କର୍ମଚାରୀମାନେ ଯେତେ ବୁଝାଇଲେ ମଧ୍ୟ ଲୋକମାନେ ମାନିବାକୁ ନାରାଜ । ପୋଲିସ ଭଦ୍ର ଓ ନମ୍ର ହୋଇ କରୋନା ଭୂତାଣୁ ସଂକ୍ରମଣ ଉପରେ ସଚେତନତା କରୁଛି । ହେଲେ ଗ୍ରାହକମାନେ କଥା ଶୁଣୁ ନାହାନ୍ତି । ସୋମବାର ମାନେଶ୍ୱର ଠାରେ ଥିବା ଗ୍ୟାସ ଏଜେନ୍ସି ଓ ପଞ୍ଜାବ ବ୍ୟାଙ୍କ, ଭାରତୀୟ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଏଭଳି ହୋଇଥିବା ଦେଖିବାକୁ ମିଳିଥିଲା । ସଦର ଥାନା ପୋଲିସ ବ୍ୟାଙ୍କ ଓ ଗ୍ୟାସ ବିତରଣ କେନ୍ଦ୍ରରେ ଛିଡା ହୋଇଥିବା ଗ୍ରାହକମାନଙ୍କୁ ସଚେତନ କରିଥିଲା । ମହିଳାମାନେ ବ୍ୟାଙ୍କ ସମ୍ମୁଖରେ ଲାଇନରେ ଥିଲେ ସେମାନଙ୍କୁ ସାମାଜିକ ଦୂରତା ରଖିବାକୁ ଅନୁରୋଧ କରିଥିଲା । ଲୋକମାନେ ପୋଲିସ ଥିବା ପର୍ଯ୍ୟନ୍ତ ନିୟମ ମାନିଥିଲେ । ପରେ ପୂର୍ବ ଭଳି ପୁଣି ଛିଡା ହୋଇଯାଇଥିଲେ । ସେହିପରି ମାନେଶ୍ୱର ସାପ୍ତାହିକ ବଜାରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। କେତେଜଣ ପନିପରିବା, ମାଛ, ମାଂସ ବ୍ୟବସାୟୀ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ସାମାଜିକ ଦୂରତ୍ୱ ନିୟମ ପାଳନ କରୁ ନ ଥିବା ଦେଖାଯାଇଥିଲା । ପରିବା ଦୋକାନରେ ରୁଣ୍ଡ ହୋଇ ଲୋକମାନେ କିଣାକିଣି କରୁଥିଲେ । ଏହାକୁ ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ଲୋକମାନଙ୍କୁ କଟକଣା ଉପରେ ବୁଝାଇଥିଲେ। ସେହିପରି ବ୍ୟବସାୟୀ ମାନଙ୍କୁ ନିୟମ ପାଳନ କରିବାକୁ କଡା ତାଗିଦ କରାଯାଇଥିଲା ।

ସମ୍ବଲପୁର ଗ୍ୟାସ ବିତରଣ କେନ୍ଦ୍ର ସମ୍ମୁଖରେ ଲୋକାମାନେ ଛିଡା ହୋଇଛନ୍ତି ।

ସଂକ୍ଷେପରେ

ବିଦ୍ୟାମନ୍ଦିରରେ ଅନ୍‌ଲାଇନ ପାଠପଢ଼ା

ଟିକିରି,୨୦।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନ୍‌ଲାଇନ୍ ପାଠପଢ଼ା ଆରମ୍ଭ ହୋଇଛି। କରୋନା ଭାଇରସର ସଂକ୍ରମଣ ଭୟ ଓ ଲକ୍‌ଡାଉନ ପରସ୍ଥିତି ପାଇଁ ସ୍କୁଲ ଛୁଟି ଥିବାବେଳେ ପିଲାଙ୍କୁ ସେମାନଙ୍କର ସିଲାବସ୍ ସହ ଜଡ଼ିକ ରଖିବା ପାଇଁ ଏଭଳି ପଦ୍ଧତି ଆପଣାଇଛି ଅନୁଷ୍ଠାନ। ପିଲାଙ୍କ ଅଭିଭାବକଙ୍କ ହ୍ୱାରା ହ୍ୱାଟ୍‌ସଆପ୍‌ରେ ଗ୍ରୁପ୍ କରାଯାଇ ପ୍ରତ୍ୟେକ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଶୈଖିକ ପାଠ୍ୟ ଖସଡ଼ା ଚାଲୁ ରହିଛି। ଆଚାର୍ଯ୍ୟମାନେ ପ୍ରଶ୍ନପତ୍ର ପ୍ରସ୍ତୁତ କରି ପଠାଇବା ପରେ ପିଲାମାନେ ଉତ୍ତର କରି ଦେଉଛନ୍ତି। ପାଠପଢ଼ାରେ କୌଣସି ଦ୍ୱନ୍ଦ୍ୱ ରହିଲେ, ଫୋନ୍ ମାଧ୍ୟମରେ ପିଲାଙ୍କୁ ବୁଝାଇ ଦିଆଯାଉଛି। ସ୍କୁଲ ପରିଚାଳନା ସମିତିର ସମସ୍ତ ସଦସ୍ୟଙ୍କ ସମେତ ପ୍ରଧାନଆଚାର୍ଯ୍ୟ ରଘୁନାଥ ବେହେରା ଏହା ଉପରେ ନଜର ରଖିଛନ୍ତି।

ସାନିଟାଇଜ ହେଲା ଥାନା, ମେଡିକାଲ

ନନ୍ଦପୁର,୨୦।୪(ଡି.ଏନ୍.ଏ.): କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ, ବଞ୍ଜଲାପୁଟ ଛକ, ଥାନା, ମେଡିକାଲ, ହାଟପଦା ଡିପି କ୍ୟାମ୍ପ ଆଦି ସ୍ଥାନକୁ ସୋମବାର ଅଗ୍ନିଶମ ବିଭାଗ କର୍ମଚାରୀମାନେ ବିଶୋଧକ ସିଞ୍ଚନ କରିଛନ୍ତି। କରୋନା ଭୂତାଣୁ ହ୍ୱାରା ଆତଙ୍କିତ ଲୋକଙ୍କୁ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେବା ସହ ଜରୁରୀ ନ ହେଲେ ଘରୁ ନ ବାହାରିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ବିଶୋଧକ ସିଞ୍ଚନ ବେଳେ ପାଡୁଆ ପୋଲିସ ସହଯୋଗ କରିଥିବା ବେଳେ ସ୍ଥାନୀୟ ଯୁବଗୋଷ୍ଠୀ ମଧ୍ୟ ସହଯୋଗର ହାତ ବଢ଼ାଇଥିଲେ।

ସହାୟତାର ହାତ ବଢ଼ାଇଲା ସଂସ୍କୃତି କ୍ଲବ

ରାୟଗଡ଼ା ଅଫିସ,୨୦।୪: ରାୟଗଡ଼ା ବ୍ଲକର ରାମଚନ୍ଦ୍ରପୁର ଗ୍ରାମରେ ସ୍ଥାନୀୟ ସଂସ୍କୃତି ଲେଡ଼ିଜ କ୍ଲବ ତରଫରୁ ସାନିଟାଇଜର, ବିସ୍କୁଟ, ସାବୁନ ବଣ୍ଟନ କରାଯାଇଛି। କ୍ଲବର ସଭାପତି ସୁଜାତା ମାଦଳା, ସମ୍ପାଦକ ମାଳତୀ, ମେମ୍ବର ପଦ୍ମାଳୟା ମିଶ୍ର, ସୁଜାତା ପାଳ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଏସବୁ ପ୍ରଦାନ କରିଥିଲେ। ଗ୍ରାମବାସୀଙ୍କୁ କରୋନା ସମ୍ପର୍କରେ ସଚେତନ କରାଯିବା ସହ ସୁସ୍ଥ ପରିବେଶ ପାଇଁ ଆହ୍ୱାନ ଦିଆଯାଇଛି।

ଅମାନିଆ ଗଣିଲେ ଜରିମାନା

ରାଇଘର,୨୦।୪(ଡି.ଏନ୍.ଏ.)- ଲକ୍‌ଡାଉନ ନିୟମକୁ ଉଲ୍ଲଂଘନ କରିବାରୁ ନବରଙ୍ଗପୁର ଜିଲା ରାଇଘରରେ ପୋଲିସ ଅମାନିଆଙ୍କଠାରୁ ୭ହଜାର ୮ଶହ ଟଙ୍କା ଜରିମାନା ଆଦାୟ କରିଛି। ଥାନା ଅଧିକାରୀ ସରିତା ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ସକାଳେ ରାଇଘର ବଜାରଠାରେ ଯାଞ୍ଚ କରିବା ବେଳେ ମାସ୍କ ନ ପିନ୍ଧି ଲକ୍‌ଡାଉନ ନିୟମକୁ ଉଲ୍ଲଂଘନ କରିଥିବାରୁ ଅମାନିଆଙ୍କଠାରୁ ଜରିମାନା ଆଦାୟ କରିଥିବା ଜଣାପଡିଛି।

ମୋଟୁ ହେଲା ସାନିଟାଇଜ

ଏମ୍‌ଭି ୭୯,୨୦।୪(ଡି.ଏନ.ଏ.)- କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ କାଲିମେଳା ଅଗ୍ନିଶମ ବିଭାଗ ପକ୍ଷରୁ ସୋମବାର ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ମୋଟୁ ଅଞ୍ଚଳକୁ ସାନିଟାଇଜ୍ କରାଯାଇଥିବା ଅଗ୍ନିଶମ ଅଧିକାରୀ ଗୁପ୍ତେଶ୍ୱର ଦାସ ସୂଚନା ଦେଇଛନ୍ତି।

ଚଢ଼ାଉ କଲା ଯୋଗାଣ ବିଭାଗ

ଜୟପୁର/ଫାମ୍ପୁଣି,୨୦।୪(ଡି.ଏନ୍.ଏ.): ଜୟପୁର ବଜାରରେ ବିଭିନ୍ନ ତେଜରାତି ଦୋକାନରେ ସାମଗ୍ରୀର ଦର ସୂଚନା ବୋର୍ଡରେ ଲେଖାଯାଉ ନ ଥିବା ଅଭିଯୋଗ ହୋଇଛି। ଏହାପରେ ଯୋଗାଣ ବିଭାଗର ଏକ ଦଳ ରବିବାର ଚଢ଼ାଉ କରିଛି। ସ୍ପଷ୍ଟ ଭାବେ ଦର ସୂଚନା ବୋର୍ଡରେ ଲେଖି ଗ୍ରାହକଙ୍କ ପାଇଁ ଦୋକାନ ଆଗରେ ଟଙ୍ଗାଇବା ପାଇଁ ବିଭାଗ ନିର୍ଦ୍ଦେଶ ଦେଇଛି। ବଜାର ଦର ନିୟନ୍ତ୍ରଣ ଗୋଇନ୍ଦା ଅଧିକାରୀ ମୁରଲିଧର ହେସା, କର୍ମଚାରୀ ଡି. ରୁପେଶ ଆଚାରୀ, ଶଶିଭୂଷଣ ଜୁଡୁ ଏହି ଚଢ଼ାଉର ନେତୃତ୍ୱ ନେଇଥିଲେ। ସମସ୍ତ ଦୋକାନୀ ସୂଚନା ବୋର୍ଡ ତୁରନ୍ତ ଲେଖି ଟାଙ୍ଗିବା ପାଇଁ କଡ଼ା ତାଗିଦ୍ କରାଯାଇଛି। ନଚେତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

କେହି ମାନିଲେନି ସାମାଜିକ ଦୂରତ୍ୱ

ରାୟଗଡ଼(ଗଜପତି), ୨୦।୪(ଡି.ଏନ୍.ଏ.)

ସାମାଜିକ ଦୂରତା ରକ୍ଷା ନ କରି ଚାଲିଥିବା ବୈଠକ ।

କରୋନାକୁ ପ୍ରତିହତ କରିବାକୁ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ ଅନେକ କଟକଣା ଜାରି କରାଯାଇଛି। ସୋମବାରଠାରୁ କଟକଣାରେ କୋହଳ କରାଯାଇଥିବାବେଳେ ସାମାଜିକ ଦୂରତ୍ୱ ବଜାୟ ରହିବ ବୋଲି ନିର୍ଦ୍ଦେଶ ରହିଛି। ହେଲେ ଗଜପତି ଜିଲା ରାୟଗଡ଼ ବ୍ଲକ୍‌ରେ ଏହାକୁ ଉଲ୍ଲଂଘନ କରାଯାଇଥିବା ନଜରକୁ ଆସିଛି। ରାୟଗଡ଼ ପଞ୍ଚାୟତ ସଭାଗୃହରେ ସୋମବାର ଏକ ଜରୁରୀ ବୈଠକ ବିଡିଓ ଲୁକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବ୍ଲକର ସମସ୍ତ ସରପଞ୍ଚ ଓ କର୍ମଚାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏମ୍‌ଜିଏନ୍‌ଆର୍‌ଜିଏସ୍, ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଓ ନିୟମ କୋହଳ ବିଷୟରେ ଆଲୋଚନା ହୋଇଥିଲା। ସରପଞ୍ଚମାନଙ୍କୁ ପାସ୍ ପ୍ରଦାନ କରାଯାଇଥିଲା। ବିଶେଷକରି ଲକ୍‌ଡାଉନ ଉଠିବା ପରେ ବାହାର ରାଜ୍ୟରୁ ଲୋକଙ୍କ ଗ୍ରାମକୁ ଫେରିବା ସମ୍ଭାବନା ଥିବାରୁ ସେମାନଙ୍କୁ କିପରି ପଞ୍ଚାୟତ ସ୍ତରରେ ଚିହ୍ନଟ କରାଯାଇ ସଙ୍ଗରୋଧରେ ରଖାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର କୁମାର ଚୌଧୁରୀ, ଡିଆର୍‌ଡିଏ ପ୍ରୋଗ୍ରାମ୍ ଅଫିସର୍ ଦେବୀ ପ୍ରସାଦ ଅଧିକାରୀ, ଏମ୍‌ଜିଏନ୍‌ଆର୍‌ଜିଏସ୍ ସଂଯୋଜିକା ରଶ୍ମିତା ଦାସ, ସିଡିପିଓ ତେରେସ୍କଭା ମଲ୍ଲିକ ମଞ୍ଚାସୀନ ଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ବୈଠକରେ ସାମାଜିକ ଦୂରତ୍ୱକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିବା ଦେଖିବାକୁ ମିଳିଥିଲା।

କରୋନା ନେଇ ପଞ୍ଚାୟତସ୍ତରୀୟ ବୈଠକ

ସରକାରୀ ଅଧିକାରୀ, କର୍ମଚାରୀ ଓ ସରପଞ୍ଚମାନେ ଏହାକୁ ମାନି ନ ଥିଲେ। ଅନେକ ଜଣ ମାସ୍କ ମଧ୍ୟ ପିନ୍ଧି ନ ଥିବା ନଜରକୁ ଆସିଥିଲା। ଏ ବିଷୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପଚାରିବାରୁ ସେ କହିଲେ ଯେ, ଆମେ ଲୋକଙ୍କ ପାଇଁ କାମ କରୁଛୁ। ନିୟମ ଉଲ୍ଲଂଘନ ଅଭିଯୋଗକୁ ସେ ଖଣ୍ଡନ କରଥିଲେ।

କରୋନା କର୍ତ୍ତବ୍ୟ ପାଇଁ ଖବରଦାତାଙ୍କୁ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି, ୨୦।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଜିଲା ବିଜେଡିମହିଳା ସଙ୍ଗଠନ ପକ୍ଷରୁ ସମସ୍ତ ଜିଲାସ୍ତରୀୟ ଖବରଦାତାମାନଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ବର୍ତ୍ତମାନ କରୋନା ଭୂତାଣୁ ସହ ମୁକାବିଲା କରିବାପାଇଁ ସମସ୍ତ ସ୍ଥାନରେ ଲକ୍‌ଡାଉନ ଜାରି ରହିଥିବାବେଳେ ଖବରଦାତାମାନେ ଲୋକମାନଙ୍କୁ ସଚେତନ କରିବାରେ ଅଗ୍ରଣି ଭୂମିକା ଗ୍ରହଣ କରିଛନ୍ତି। ସେମାନେ ଲୋକଙ୍କ ପାଖରେ ସମସ୍ତ ପ୍ରକାର ସଚେତନତା ବାର୍ତ୍ତା ଏବଂ ଲକ୍‌ଡାଉନଜନିତ ନିୟମଗୁଡିକ ପହଞ୍ଚାଉଛନ୍ତି। ଖବରଦାତାମାନେ କରୋନା ମୁକାବିଲାରେ ପୋଲିସ ଓ ସ୍ୱାସ୍ଥ୍ୟବିଭାଗ ଭଳି ପ୍ରମୁଖ ଭୂମିକା ନେଇଥିବାରୁ ଜିଲା ବିଜେଡି ମହିଳା ସଙ୍ଗଠନ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛି । ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ମହିଳା ସଙ୍ଗଠନର କାର୍ଯ୍ୟକାରୀ ସଭାପତି ସସ୍ମିତା ବେହେରା, ମିନାକ୍ଷୀ ସାହୁ, ତନୁଜା ଶତପଥୀ, ଭାରତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଡିକୁ ସହାୟତା

କାଲିମେଳା,୨୦।୪(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକର ୨ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ କୋରନା ମୁକାବିଲା ଲାଗି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଡିକୁ ଅର୍ଥ ସହାୟତା ପ୍ରଦାନ କରିଛନ୍ତି। କାଲିମେଳାର ଶିକ୍ଷକ ତଥା ପଡିଆ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଭୋଳାନାଥ ସାହୁ ଏବଂ ଚିତ୍ରାଙ୍ଗପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନିତା ଦେବୀ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଡିକୁ ୧୦ ହଜାର ଲେଖାଏ ସହାୟତା ଚେକ ଆକାରରେ ବିଡିଓ ଉମା ଶଙ୍କର ଦଳାଇଙ୍କୁ ପ୍ରଦାନ କରିଛନ୍ତି।

ହୋମ୍ ସର୍ଭିସ ଆପଣାଇଛନ୍ତି ବ୍ୟବସାୟୀ

ପାରଳାଖେମୁଣ୍ଡି, ୨୦।୪ (ସ୍ୱ.ପ୍ର.)

ଲକ୍‌ଡାଉନ ଯୋଗୁ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟକେନ୍ଦ୍ରକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। ଓଡ଼ିଶାରେ ମଧ୍ୟ ସମାନ ଅବସ୍ଥା ଜାରି ରହିଛି। ବ୍ୟବସାୟୀମାନେ ହାତବାନ୍ଧି ବସିଛନ୍ତି। ଏପରି ସ୍ଥଳେ ହୋମ୍ ସର୍ଭିସକୁ କେତେଜଣ ବ୍ୟବସାୟୀ ଆପଣାଇ ନେଇଛନ୍ତି। ଏପରିସ୍ଥଳେ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ କେତେଜଣ ବ୍ୟବସାୟୀ ହୋମ୍ ସର୍ଭିସକୁ ଆପଣାଇ ନେଇଛନ୍ତି। ଲୋକଙ୍କ ଘରେ ସେବା ପହଞ୍ଚାଇ କିଛି ଅର୍ଥ ରୋଜଗାର କରୁଛନ୍ତି। ସେଲୁନ ବନ୍ଦ ଯୋଗୁ ଲୋକେ ନିଜର ଚୁଟି, ଦାଢ଼ି ଆଦି କାଟିପାରୁନାହାନ୍ତି। ପାରଳାଖେମୁଣ୍ଡିରେ ସେଲୁନ କରିଥିବା ଜଣେ ବ୍ୟକ୍ତି ଘରକୁ ଘର ବୁଲି ଲୋକଙ୍କୁ ଖିଅର କରୁଥିବା ଦେଖିବାକୁ ମିଳିଛି । ଯାହାବି ହେଉ ଲକ୍‌ଡାଉନ ଚାଲିଥିବା ବେଳେ ଏହି କାର୍ଯ୍ୟ ଯୋଗୁ ଉଭୟେ ବାରିକ ଓ ଲୋକେ ଉପକୃତ ହେଉଛନ୍ତି ।

ବାସନ ଦୋକାନ, ଷ୍ଟୁଡିଓ ସିଲ୍

ରାୟଗଡ଼ା ଅଫିସ,୨୦।୪

କରୋନା ମୁକାବିଲା ପାଇଁ ସରକାର ୩ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଅବଧି ବଢ଼ାଇଛନ୍ତି। ଯେଉଁ ଜିଲାରେ ଜଣେ ବି କରୋନା ରୋଗୀ ଚିହ୍ନଟ ହୋଇନାହାନ୍ତି, ସେଇ ସ୍ଥାନରେ ୨୦ ତାରିଖ ପରଠାରୁ କେତେକ କ୍ଷେତ୍ରରେ କୋହଳ କରାଯିବ ବୋଲିଜଣାପଡ଼ିବା ପରେ ରାୟଗଡ଼ା ଜିଲାର ଛୋଟ ବଡ଼ ଦୋକାନ ଖୋଲାହୋଇଛି। ସୋମବାର ତହସିଲଦାର ଉମାଶଙ୍କର ବେହେରା ଓ ଅତିରିକ୍ତ ତହସିଲଦାର ସୁନୀଲ ଖରା ସ୍ଥାନୀୟ ପୋଲିସ ସହ ମିଶି ସହରରେ ଖୋଲା ରହିଥିବା ଦୋକାନକୁ ବନ୍ଦ କରିଛନ୍ତି। ଅତ୍ୟାବଶ୍ୟକ ଦ୍ରବ୍ୟ ଓ ଜିଲାପାଳଙ୍କ ଦ୍ୱାରା ଅନୁମତି ପାଇଥିବା ଦୋକାନ ହିଁ ବର୍ତ୍ତମାନ ପାଇଁ ଖୋଲିବ। ଆଗାମୀ ଦିନରେ ଜିଲାପାଳଙ୍କ ଅନୁମତିରେ ଅନ୍ୟ ଦରକାରୀ ଦୋକାନ ଖୋଲିପାରେ ବୋଲି ତହସିଲଦାର କହିଛନ୍ତି। ଅନ୍ୟପକ୍ଷରେ ସୋମବାର ରାୟଗଡ଼ା ସହରର ୨ଟି ଦୋକାନ ସିଲ୍ ହୋଇଛି। ମୁଖ୍ୟ ବଜାରରେ ଥିବା କଂସା ବାସନ ଦୋକାନ, ଫଟୋ ଷ୍ଟୁଡିଓ ସିଲ୍ କରାଯାଇଛି। ସହରର କପିଳାସ ଛକ, ଡେଲି ମାର୍କେଟ, ମୁଖ୍ୟ ବଜାର, ଓଭରବ୍ରିଜ ତଳ, ଜ୍ୟୋତି ମହଲ ଛକରେ ଲୋକେ ମୋବାଇଲ ଦୋକାନ, ଡ୍ରେସ ଦୋକାନ, ବହି ଦୋକାନ, ସବୁ ଖୋଲିଥିଲେ। ସେସବୁକୁ ପ୍ରଶାସନ ବନ୍ଦ କରିଛି।

ସହାୟତା ଦେଲା ବ୍ରାହ୍ମଣ ପରିବାର ସଂଘ

ବିଶ୍ୱ ବ୍ରାହ୍ମଣ ପରିବାର ସଂଘ ପକ୍ଷରୁ ସହାୟତା କାର୍ଯ୍ୟକ୍ରମ ଚାଲିଛି ।

ମୁନିଗୁଡ଼ା,୨୦।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକରେ ଥିବା ବିଶ୍ୱ ବ୍ରାହ୍ମଣ ପରିବାର ସଂଘ ଲକ୍‌ଡାଉନ ବେଳେ ସହାୟତାର ହାତ ବଢ଼ାଇଛି। ସଂଘ ପକ୍ଷରୁ ଗରିବ ଲୋକଙ୍କୁ ଖାଦ୍ୟ ସାମଗ୍ରୀ ଓ ଅତ୍ୟାବଶ୍ୟକ ଗୃହ ସାମଗ୍ରୀ ଯୋଗାଇ ଦିଆଯାଇଛି। ସହରରେ ଲକ୍‌ଡାଉନ ଯୋଗୁ ସେମାନଙ୍କ ସମ୍ପ୍ରଦାୟର ଅନେକ ଗରିବ ପରିବାର କାମ ନ ପାଇ ଘରରେ ବନ୍ଦ ରହିବା ସହ ଅତ୍ୟାବଶ୍ୟକ ସେବା ଓ ସାମଗ୍ରୀରୁ ବଞ୍ଚିତ ରହୁଥିଲେ। ସୋମବାର ମୁନିଗୁଡ଼ା ପାଇକ ସାହିସ୍ଥିତ ମହାଲକ୍ଷ୍ମୀ ଭୋଜନ ମଣ୍ଡପ ନିକଟରେ ସେମାନଙ୍କୁ ଖାଦ୍ୟ ସାମଗ୍ରୀ ଦିଆଯାଇଛି। ସଂଘ ସଭାପତି ବ୍ରହ୍ମାନନ୍ଦ ଆଚାରୀ, ଉପସଭାପତି ବୀରଭଦ୍ର ଆଚାରୀ, ସମ୍ପାଦକ କେ. ନାଗେଶ୍ୱର ଆଚାରୀ, ଏ. ନାଗେଶ୍ୱର ଆଚାରୀ, ମୁରଲି ଆଚାରୀ, ପିଙ୍କୁ ଆଚାରୀ, ସୀମାଞ୍ଚଳ ଆଚାରୀ, ଶ୍ରୀନୁ ଆଚାରୀ ଓ ଗୌରୀ ଆଚାରୀ ଉପସ୍ଥିତ ଥିଲେ।

ସହାୟତା ମାଗିଲେ ହାଲୁକା ଯାନ କର୍ମଚାରୀ

ରାୟଗଡ଼ା ଅଫିସ,୨୦।୪

ରାୟଗଡ଼ା ହାଲୁକା ଯାନ କର୍ମଚାରୀମାନେ ଆର୍ଥିକ ସହାୟତା ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। କରୋନା ଯୋଗୁ ରାୟଗଡ଼ା ମୋଟର ୱାର୍କର୍ସ ୟୁନିୟନ ଅଧୀନରେ କାମ କରୁଥିବା ହାଲୁକା ଯାନ କର୍ମଚାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ୨୦୦ରୁ ଅଧିକ କର୍ମଚାରୀ ଛୋଟବଡ଼ ଗାଡ଼ି ଚଳାଇ ନିଜ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଲକ୍‌ଡାଉନ ପରଠୁ ତାଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଖରାପ ହୋଇଯାଇଛି। ଭୋକ ଉପାସରେ ଦିନ କାଟିବାକୁ ପଡୁଛି। ତେଣୁ ଏ ନେଇ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଆର୍ଥିକ ସହାୟତା ପାଇଁ ନିବେଦନ କରିଛନ୍ତି କର୍ମଚାରୀ।

ଜଙ୍ଗଲରେ ଗୋମାଂସ ଭୋଜି

୧୧ ଜଣଙ୍କୁ ଧରି ପୋଲିସକୁ ହସ୍ତାନ୍ତର କଲେ ଗ୍ରାମବାସୀ

ବୋରିଗୁମ୍ମା,୨୦।୪(ଡି.ଏନ୍.ଏ.)

ଲକ୍‌ଡାଉନ ବେଳେ କେତେକ ଅସାମାଜିକ ବ୍ୟକ୍ତି ଜଙ୍ଗଲରେ ଗୋମାଂସ ରାନ୍ଧି ଭୋଜି କରୁଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି ଗ୍ରାମବାସୀ। ବୋରିଗୁମ୍ମା ବ୍ଲକ ସସାହାଣ୍ଡି ପଞ୍ଚାୟତ ଧୁଡୁସାପାଲା ନିକଟସ୍ଥ ନୀଳଗିରି ଜଙ୍ଗଲରେ ସେମାନେ ଗାଈ ମାରି ତାହାର ମାଂସ ରାନ୍ଧିବା ବେଳେ ସ୍ଥାନୀୟ ଯୁବକ ସେହି ଖବର ପାଇଥିଲେ। ଗ୍ରାମର ପ୍ରକାଶ ସାମଲ, ତୁଳସୀରାମ ବିଶୋଇ, ସତ୍ୟାନନ୍ଦ ବିଶୋଇ, ଭଗତ ବିଶୋଇ, ଜଗନ୍ନାଥ ବିଶୋଇ, ଧନପତି ହରିଜନ, ରତନ ମାଳି, ମୀନକେତନ ମାଳି, ଖଗେଶ୍ୱର ଭତ୍ରା ଜଙ୍ଗଲରେ ପହଞ୍ଚି ସେମାନଙ୍କୁ ଧରି ପୋଲିସକୁ ହସ୍ତାନ୍ତ କରିଥିଲେ।

ଲକ୍‌ଡାଉନରେ ଲଢୁଛନ୍ତି ପରିମଳ ଯୋଦ୍ଧା

ଜୟପୁର,୨୦।୪(ନି.ପ୍ର.)

ଅଳିଆ ସଂଗ୍ରହ କରୁଛନ୍ତି ଜଣେ ସଫେଇ କର୍ମଚାରୀ ।

କରୋନା ମହାମାରୀ ଦ୍ୱାରା ସାରା ଦେଶ ପ୍ରଭାବିତ। ଏହି ଭାଇରସ ସଂକ୍ରମଣରୁ ଦୂରରେ ରହିବା ପାଇଁଲକ୍‌ଡାଉନ ଘୋଷଣା କରିଛନ୍ତି ସରକାର। ସାମାଜିକ ଦୂରତା ବଜାୟ ରଖିବା ସହ ଘରେ ନିରାପଦ ଓ ସୁସ୍ଥ ରହିବା ହେଉଛି ବର୍ତ୍ତମାନର ବଡ଼ ଆହ୍ୱାନ। ସମସ୍ତେ ଯେତେବେଳେ ଘରେ, ସେତେବେଳେ ଅଞ୍ଚଳର ପରିମଳ ସଜାଡ଼ିବା ପାଇଁ ନିଜ ଜୀବନକୁ ବାଜି ଲଗାଇ ବାହାରି ଆସୁଛନ୍ତି ସଫେଇ କର୍ମଚାରୀ। ସ୍ୱାସ୍ଥ୍ୟ ଓ ପୋଲିସ କର୍ମଚାରୀ ଭଳି ଏମାନେ ମଧ୍ୟ କରୋନା ଲଢ଼େଇରେ ଯୋଦ୍ଧା ସାଜିଛନ୍ତି। ଜୟପୁର ପୌରାଞ୍ଚଳରେ ଥିବା ୨୮ଟି ୱାର୍ଡ଼ରେ ୨୫୦ ଜଣେ ସଫେଇ କର୍ମଚାରୀ ରହିଛନ୍ତି। ଭୋର୍ ହେବା ମାତ୍ରେ ସେମାନେ ହାତରେ ଗ୍ଲବ୍‌ସ, ମୁହଁରେ ମାସ୍କ ପିନ୍ଧି ରାସ୍ତାଘାଟ ସଫା କରୁଛନ୍ତି। କିଏ ଝାଡୁ କରୁଛି ତ କିଏ ଘର ଘର ବୁଲି ଅଳିଆ ସଂଗ୍ରହ କରୁଛି ତ ଅନ୍ୟ କିଏ ଡ୍ରେନ ସଫା କରୁଛି। ସହରରେ ସ୍ୱାସ୍ଥ୍ୟ ସଚେତନ ଲୋକେ ଘରେ ରହୁଥିବା ବେଳେ ସଫେଇ କର୍ମଚାରୀଙ୍କ ଭିତରେ ଭୟ ଥାଇ ମଧ୍ୟ ସେମାନେ ନିଜ ସେବାରୁ କେବେ ନିବୃତ୍ତ ହୋଇନାହାନ୍ତି। ସେମାନେ ଘରେ ରହିଗଲେ, ଜନ ସମାଜକୁ ମାଡ଼ି ବସିବ ନାନା ପ୍ରକାର ରୋଗ। ସେମାନେ ନିଜ ସ୍ୱାସ୍ଥ୍ୟ କଥା ଭୁଲି ସହରକୁ ସ୍ୱଚ୍ଛ, ସୁନ୍ଦର ରଖିବା ପାଇଁ ଲାଗିପଡ଼ିଛନ୍ତି। ପ୍ରଶଂସା କି ପୁରସ୍କାର ଆଶା ବି ରଖିନାହାନ୍ତି। କରୋନା ଲଢ଼େଇରେ ସେହିମାନେ ହିଁ ଯୋଦ୍ଧା ସାଜିଛନ୍ତି।

ସଫେଇ କାମରେ ଲାଗିଛନ୍ତି ଜୟପୁର ପୌରାଞ୍ଚଳ ଅଧୀନ ୨୮ ୱାର୍ଡ଼ର ୨୫୦ କର୍ମଚାରୀ

ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ସହାୟତା

ରାଇଘର,୨୦।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଜୋଡିଙ୍ଗା ସରପଞ୍ଚ ଫୁଲସିଂ ଗଣ୍ଡ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଡିକୁ ୧୦ ହଜାର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ ଗଣ୍ଡ ୧୧ ହଜାର, କୁମୁଲି ସରପଞ୍ଚ କୃଷ୍ଣ ଗଣ୍ଡ ୧୩,୧୬୦, ପୂର୍ବତନ ଉପାଧ୍ୟକ୍ଷ ୧୧,୧୦୦, ପାରୁଆ ସରପଞ୍ଚ ପ୍ରେମଲାଲ ମାଝି ୨୧ ହଜାର, ଗୋନା ସରପଞ୍ଚ ଦେଓନାଥ ଗଣ୍ଡ ୫ ହଜାର ବିକାଶ ମଣ୍ଡଳୀ ୫ ହଜାର ଏବଂ ଗୋନା ଗ୍ରାମର ଜୟ ମା' କଙ୍କାଳୁଣୀ ଯୁବକ ସଂଘ ୬ ହଜାର ଟଙ୍କା ପ୍ରଦାନ କରିଛନ୍ତି।

ରିପୋର୍ଟ ଆସିବା ପରେ କୋହଳ ନିଷ୍ପତ୍

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ଏପ୍ରିଲ ୨୧/୨୦୨୦ Tuesday, April 21/2020

ସଂକ୍ଷେପରେ

ପିଏମ୍ କେୟାର୍ସ ପାଣ୍ଠିକୁ ଏମ୍‌ଜିଏମ୍ ମିନେରାଲ୍ସ ଦେଲା ୧ କୋଟି

ଭୁବନେଶ୍ୱର,୨୦।୪: ପିଏମ୍ କେୟାର୍ସ ପାଣ୍ଠିକୁ ଏମ୍‌ଜିଏମ୍ ମିନେରାଲ୍ସ ପକ୍ଷରୁ ୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କମ୍ପାନୀର ଅଧକ୍ଷ ପଙ୍କଜ ଲୋଚନ ମହାନ୍ତି ଉପସ୍ଥିତ ରହି ଅର୍ଥ ରାଶିର ଚେକ୍ ପ୍ରଦାନ କରିଛନ୍ତି। ଏହା ପୂର୍ବରୁ କମ୍ପାନୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ଟଙ୍କା ପ୍ରଦାନ କରାଯାଇଥିଲା।

ଏମ୍‌ଜିଏନ୍‌ଆର୍‌ଇଜିଏ ଶ୍ରମିକଙ୍କ ମଜୁରି ବଢ଼ିଲା

ନୂଆଦିଲ୍ଲୀ,୨୦।୪: କୋଭିଡ୍-୧୯ ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଏହାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର ସୋମବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏ) ଅଧୀନରେ ଶ୍ରମିକଙ୍କ ମଜୁରିକୁ ୨୦ ଟଙ୍କା ବଢ଼ାଇଛନ୍ତି। ସୋମବାରଠାରୁ ଏହି ଶ୍ରମିକମାନେ କାମ ସୁବିଧା ପାଇପାରିବେ। ଏଥିଲାଗି କିଛି ସର୍ତ୍ତ ସରକାର ରଖିଛନ୍ତି।

ଆଇସିଆଇସିଆଇ ବ୍ୟାଙ୍କ ଦେଲା ୧୦୦ କୋଟି

ମୁମ୍ବାଇ,୨୦।୪: କୋଭିଡ୍-୧୯ ବିରୋଧୀ ଲଢ଼େଇରେ ଯୋଗଦାନ ସ୍ୱରୂପ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ୧୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏହି ଅର୍ଥ ମଧ୍ୟରେ ପିଏମ୍ କେୟାର୍ସ ପାଣ୍ଠିକୁ ୮୦ କୋଟି ଏବଂ ରାଜ୍ୟ ସରକାର ଏବଂ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ ୨୦ କୋଟି ଟଙ୍କାର ଅର୍ଥ ରାଶି ସାମିଲ ରହିଛି। ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏହାର ସହଯୋଗୀ ସଂସ୍ଥାଗୁଡ଼ିକ ପକ୍ଷରୁ ଏହି ରାଶି ଘୋଷଣା କରାଯାଇଛି।

ବ୍ୟବସାୟୀଙ୍କୁ କାରବାର ଚିନ୍ତା

ମୁମ୍ବାଇ, ୨୦।୪: ଦେଶ ମଧ୍ୟରେ କରୋନା ଭୂତାଣୁ ନିୟନ୍ତ୍ରଣକୁ ଆସୁ ନ ଥିବା ଯୋଗୁ ଲକ୍‌ଡାଉନ ଅବଧି ଆସନ୍ତା ମାସ ୩ ତାରିଖକୁ ବଢ଼ାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ବାଦ୍ ଅନ୍ୟ ସମସ୍ତ ବ୍ୟବସାୟ ଏବେ ବନ୍ଦ ରହିଛି। ଲୋକମାନେ ଯେଭଳି ଅସୁବିଧା ସାମ୍ନା ନ କରିବେ ତାକୁ ଧ୍ୟାନରେ ରଖି ସରକାର ପ୍ରାଥମିକ ପର୍ଯ୍ୟାୟ ୧.୭ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଘୋଷଣା କରିଛନ୍ତି। ଲକ୍‌ଡାଉନ ପାଇଁ ବିଭିନ୍ନ କ୍ଷେତ୍ରର ବ୍ୟବସାୟୀ ଏବେ ଚିନ୍ତାରେ ରହିଛନ୍ତି। ଗତ ୨୫ ଦିନ ହେବ ବ୍ୟବସାୟ ବନ୍ଦ ହୋଇ ରହିଥିବା ବେଳେ ଲକ୍‌ଡାଉନ ଖୋଲିବା ପରେ ମଧ୍ୟ ବ୍ୟବସାୟ ରୂପରେଖ କ'ଣ ରହିବ ତାକୁ ନେଇ ଏବେ ଲୋକଙ୍କ ଚିନ୍ତା ବଢ଼ିଯାଇଛି।

ଭାରତୀୟ ରେଷ୍ଟୁରାଣ୍ଟ ଏବଂ ଫୁଡ୍ ସର୍ଭିସ ଶିଳ୍ପ ଏବେ ଠପ୍ ହୋଇରହିଛି। କନ୍‌ସଲଟାନ୍ସି ଫାର୍ମ କେୟାର ରେଟିଂ ପକ୍ଷରୁ ହୋଇଥିବା ଏକ ଆକଳନ ମୁତାବକ ଭାରତରେ ଏହି ଶିଳ୍ପର କାରବାର ପ୍ରାୟ ୫୦ ବିଲିୟନ ଡଲାର ହେବ। କାରବାର ବନ୍ଦ ଥିବାରୁ ଏବେ ରାଜସ୍ୱ ଆସିବା ବନ୍ଦ ରହିଛି। ଭଡ଼ା, କର୍ମଚାରୀଙ୍କ ବେତନ, ଇଣ୍ଟରେଣ୍ଟ ପେମେଣ୍ଟ ଦେବାକୁ ପଡୁଥିବାରୁ ଏହା ବ୍ୟବସାୟୀଙ୍କ ଲାଗି ଚିନ୍ତା ବଢ଼ାଇଛି। ଏବେ ଲୋକମାନେ ଘରେ ସମ୍ପୂର୍ଣ୍ଣ ଭାବେ ଘରେ ଥିବାରୁ ଖୁଚୁରା ବ୍ୟବସାୟ ଗଭୀର କ୍ଷତିଗ୍ରସ୍ତ। ମ୍ୟାନେଜମେଣ୍ଟ କନ୍‌ସଲଟାଣ୍ଟ କେପିଏମ୍‌ଜି ପକ୍ଷରୁ ହୋଇଥିବା ଏକ ଅଧ୍ୟୟନ ମୁତାବକ ଦେଶର ରିଟେଲ ସେଣ୍ଟର ମୋଟ ଜିଡିପିକୁ ପ୍ରାୟ ୧୦% ଯୋଗଦାନ ରଖିଥାଏ। ଏହି କ୍ଷେତ୍ରରେ ଦେଶର ମୋଟ ଶ୍ରମଶକ୍ତିର ପ୍ରାୟ ୮% ଲୋକ କାମ କରୁଛନ୍ତି। ଜିଡିପିକୁ ୧୨% ଯୋଗଦାନ ରଖୁଥିବା ବିମାନ ଚଳାଚଳ ଏବଂ ପର୍ଯ୍ୟଟନ ଶିଳ୍ପରେ ଅବସ୍ଥା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ୩୮ ନିୟୁତ ଲୋକଙ୍କ ଚାକିରି ଏବେ ପ୍ରଭାବିତ ହୋଇଛି, ଯାହା ଉକ୍ତ କ୍ଷେତ୍ରଗୁଡ଼ିକର ମୋଟ ଶ୍ରମଶକ୍ତିର ପ୍ରାୟ ୭୦% ବୋଲି କେମିଏମ୍‌ଜି ଏହାର ଆକଳନରେ ପ୍ରକାଶ କରିଛି।

- ଅର୍ଥ ବ୍ୟବସ୍ଥାକୁ ଦୈନିକ କ୍ଷତି ୪.୯ ବିଲିୟନ ଡଲାର୍
- ୫୦ ବିଲିୟନ ଡଲାରର ରେଷ୍ଟୁରାଣ୍ଟ,ଫୁଡ ସର୍ଭିସ ଶିଳ୍ପ କାରବାର ଠପ୍
- ଚିନ୍ତା ବଢ଼ାଉଛି ଭଡା, କର୍ମଚାରୀ ବେତନ, ଇଣ୍ଟରେଷ୍ଟ ପେମେଣ୍ଟ
- ଏମ୍‌ଏସ୍‌ଏମ୍‌ଇ ନିଯୁକ୍ତି ଉପରେ କଳାବାଦଲ
- ବନ୍ଦ ପଡିଛି ରିଟେଲ କାରବାର
- ଭିତ୍ତିଭୂମି କାର୍ଯ୍ୟ ପ୍ରଭାବିତ
- ପ୍ୟାକେଜ ଆଶାରେ ଶିଳ୍ପ

କୋଭିଡ୍-୧୯ ଦେଶର ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ର ଅଣ୍ଟା ଭାଙ୍ଗି ଦେଇଛି। ଦେଶର ମୋଟ ଅର୍ଥନୈତିକ କାର୍ଯ୍ୟକଳାପର ମୋଟ ୩୦% ଏହି କ୍ଷେତ୍ର ଯୋଗଦାନ ରଖିଥାଏ। ୧୧୧ ନିୟୁତ ଲୋକ କ୍ଷୁଦ୍ର ଶିଳ୍ପରେ ନିଜର ଗୁଜୁରାଣ ମେଣ୍ଟାନ୍ତି ବୋଲି ସରକାରୀ ଆକଳନରୁ ଜଣାପଡିଛି। ଲକ୍‌ଡାଉନ ଅବଧି ବଢିଥିବାରୁ ଶିଳ୍ପର ଚିନ୍ତା ମଧ୍ୟ ବଢିଛି। ଏଥିରେ କାମ କରୁଥିବା ଲୋକଙ୍କ ଚାକିରି ଉପରେ ମଧ୍ୟ କଳାବାଦଲ ଛାଇହୋଇ ରହିଛି। କରୋନା ଝଟକାକୁ ସମ୍ଭାଳିବା ଲାଗି ବିଭିନ୍ନ ଦେଶ ଭିନ୍ନ ଭିନ୍ନ ପଦକ୍ଷେପ ନେଇଛନ୍ତି। କିଛି ଦେଶ କମ୍ପାନୀଗୁଡ଼ିକର ବେତନ ବିଲ୍ ଉପରେ ସୁବିଧା ଦେବାକୁ କହିବା ସହ ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନ କରିଛନ୍ତି। ହେଲେ ଭାରତରେ ଏଭଳି କୌଣସି ପ୍ୟାକେଜ ଆସି ନ ଥିବାରୁ ଏହାକୁ ନେଇ ଶିଳ୍ପ କ୍ଷେତ୍ର ଏବଂ ବିଶେଷଜ୍ଞଙ୍କ ଆଶଙ୍କା ବଢ଼ିଯାଇଛି। କନ୍‌ସଲଟାନ୍ସି ଫାର୍ମ ଅକ୍ସଫୋର୍ଡ ଇକୋନୋମିକ୍ସର ଭାରତ ଏବଂ ଦକ୍ଷିଣ ଏସିଆ ମୁଖ୍ୟ ପ୍ରିୟାଙ୍କ କିଶୋର କହିଛନ୍ତି ଯେ, କରୋନାକୁ ପ୍ରତିରୋଧ କରିବା ଦିଗରେ ଲକ୍‌ଡାଉନ ଏକ ଭଲ ପଦକ୍ଷେପ ମାତ୍ର ଅଧିକ ହାରରେ ଟେଷ୍ଟିଂ ହେବାର ଆବଶ୍ୟକତା ରହିଛି। ଆର୍ଥିକ ପ୍ୟାକେଜ ଶୀଘ୍ର ଘୋଷଣା ହେଲେ ଶିଳ୍ପଗୁଡ଼ିକ ଏହା ଦ୍ୱାରା ନିଜ ସ୍ଥିତିକୁ ସମ୍ଭାଳିବାରେ ସକ୍ଷମ ହୋଇପାରନ୍ତେ।

ମୁମ୍ବାଇଭିତ୍ତିକ ଆକ୍ୟୁଟ ରେଟିଂ ଆଣ୍ଡ ରିସର୍ଚ୍ଚ ମୁତାବକ କରୋନା କଟକଣା ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ଏବେ ଦୈନିକ ୪.୬ ବିଲିୟନ ଡଲାର କ୍ଷତି ସହୁଛି। ଦେଶର ଅଭିବୃଦ୍ଧି ହାର ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ବିଶ୍ୱ ମାନ୍ଦାବସ୍ଥା ସହ ଭାରତ ଲଢୁଥିବା ବେଳେ କରୋନା ସ୍ଥିତି ଏହାକୁ ଆହୁରି ସଙ୍କଟାପନ୍ନ କରିଛି। କୋଭିଡ୍-୧୯ ପାଇଁ ପର୍ଯ୍ୟଟନ, ଭ୍ରମଣ ଏବଂ ମନୋରଞ୍ଜନ ଶିଳ୍ପର ସ୍ଥିତି ବେହାଲ ହୋଇଛି। ଏହି କ୍ଷେତ୍ରଗୁଡ଼ିକରେ ସ୍ଥିତି ଆଗାମୀ ୬ ମାସରେ ମଧ୍ୟ ସୁଧୁରିବ କି ନାହିଁ ସେ ନେଇ ସ୍ପଷ୍ଟ ନ ଥିବା ଆକ୍ୟୁଟ ରେଟିଂର ମୁଖ୍ୟ ଆନାଲିଟିକାଲ ଅଧିକାରୀ ସୁମନ ଚୌଧୁରୀ ସୂଚନା ଦେଇଛନ୍ତି। ୨୦୧୮ ଶେଷ ଆଡ଼କୁ ଆଇଏଲ୍‌ଆଣ୍ଡ ଏଫ୍‌ଏସ୍ ସଙ୍କଟ ପରେ କମ୍ପାନୀଗୁଡ଼ିକ ଋଣ ଲାଭ କରିବାରେ ଅନେକ ସମସ୍ୟା ସାମ୍ନା କରୁଛନ୍ତି। କ୍ଷତିଗ୍ରସ୍ତ ଚାହିଦାକୁ ସୁଧାରିବାରେ କମ୍ପାନୀଙ୍କୁ ଏବେ ଅନେକ ଅସୁବିଧା ସାମ୍ନା କରିବାକୁ ପଡିବ। ମଧ୍ୟମ ମିଆଦୀ ଭିତ୍ତିରେ କ୍ଷୁଦ୍ର ଏବଂ ମଧ୍ୟମ ବର୍ଗ ଶିଳ୍ପଗୁଡ଼ିକ ସେମାନଙ୍କ ସ୍ଥିତି ବଜାୟ ରଖିବାକୁ ଅଧିକ ସଂଗ୍ରାମ କରିବେ।

ଏବେ ଭିତ୍ତିଭୂମି କ୍ଷେତ୍ର କାର୍ଯ୍ୟକଳାପ ବନ୍ଦ ମଞ୍ଚର ଥିବାରୁ ସିମେଣ୍ଟ, ଇସ୍ପାତ ଏବଂ ନିଯୁକ୍ତି ଉପରେ ଏହା ପ୍ରଭାବ ପକାଉଛି। ଲକ୍‌ଡାଉନ ପରେ ଅଧିକ ପରିମାଣରେ ଚାକିରି ଯିବା ଆଶଙ୍କା ରହିଛି ବୋଲି ସିଆଇଆଇ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରେ କୁହାଯାଇଛି। ଭାରତୀୟ ମିଡିଆ ଶିଳ୍ପ ମଧ୍ୟ କରୋନା ପ୍ରଭାବରୁ ବର୍ତ୍ତିପାରିବ ନାହିଁ ବୋଲି ନ୍ୟାଶନାଲ ୟୁନିୟନ ଅଫ୍ ଜର୍ନାଲିଷ୍ଟ ପକ୍ଷରୁ ଆଶଙ୍କା ପ୍ରକାଶ ପାଇଛି। ବର୍ତ୍ତମାନ ଯାଏ ବାଣିଜ୍ୟଗୁଡ଼ିକୁ ସହାୟତା କରିବା ଲାଗି ସରକାର କେବଳ କେତେକ ନିୟାମକ ପଦକ୍ଷେପ ଘୋଷଣା କରିଛନ୍ତି। ଆର୍‌ବିଆଇ ପକ୍ଷରୁ ମୋରାଟୋରିୟମ ସମେତ ଆଉ କିଛି ପଦକ୍ଷେପ ଆସିଛି। ୨୦ ଏପ୍ରିଲଠାରୁ କିଛି କ୍ଷେତ୍ର ଲାଗି କଟକଣା କୋହଳ କରାଯାଇଛି। ସ୍ୱତନ୍ତ୍ର ପ୍ୟାକେଜ ଆଶା କରାଯାଉଛି। ଏହା କମ୍ପାନୀଗୁଡ଼ିକୁ ସୁବିଧା ହେଲା ଭଳି ଆଉ କିଛି ନିୟାମକ ପଦକ୍ଷେପ ସରକାର ଗ୍ରହଣ କରନ୍ତୁ ବୋଲି ବିଶେଷଜ୍ଞ କହିଛନ୍ତି। ଲକ୍‌ଡାଉନ ଯୋଗୁ ଲୋକମାନେ ଏବେ ଘରକୁ ପଳାଇଛନ୍ତି। ସେମାନେ କର୍ମକ୍ଷେତ୍ରକୁ କେବେ ଫେରିବେ ସେ ନେଇ ମଧ୍ୟ ଠିକ୍ ନାହିଁ।

ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆ ସିଇଓଙ୍କ ପରଲୋକ

ନୂଆଦିଲ୍ଲୀ, ୨୦।୪: ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି ତଥା ସିଇଓ ରୁଦ୍ରତେଜ ସିଂଙ୍କର ସୋମବାର ପରଲୋକ ଘଟିଛି। ତାଙ୍କୁ ୪୬ ବର୍ଷ ହୋଇଥିଲା। ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଏବଂ ମାନବବାଦୀ ଭାବେ ସେ ସର୍ବଦା ମନେ ରହିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ତାଙ୍କ ଶୋକ ସନ୍ତପ୍ତ ପରିବାରକୁ କମ୍ପାନୀ ପକ୍ଷରୁ ସମବେଦନା ପ୍ରଦାନ କରାଯାଇଛି। ୨୦୧୯ ଅଗଷ୍ଟ ପହିଲାରେ ସିଂ ବିଏମ୍‌ଡବ୍ଲ୍ୟୁ ସହ ଯୋଡ଼ିହୋଇଥିଲେ। ଚ୍ୟାଲେଞ୍ଜିଂ ବାଣିଜ୍ୟିକ ପରିବେଶରେ ତାଙ୍କର ଯୋଜନା ଏବଂ କୌଶଳ କମ୍ପାନୀ ଲାଗି ବେଶ୍ ଉପାଦେୟ ହୋଇପାରିଛି। ଦେଶରେ ଡିଲରନେଟ୍‌ୱର୍କ ସମ୍ପ୍ରସାରଣ ବେଳେ ହଠାତ୍ ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆ ପରିବାରରେ ଶୋକର ଛାୟା ଖେଳାଇଦେଇଛି। ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ମୁଖ୍ୟ ବିତ୍ତ ଅଧିକାରୀ ଆର୍ଲିଣ୍ଡୋ ଟେକ୍ସେରାଙ୍କୁ ଅନ୍ତରୀଣ ସମୟ ଲାଗି ଦାୟିତ୍ୱ ପ୍ରଦାନ କରାଯାଇଛି।

ସର୍ବନିମ୍ନ ସ୍ତରରେ ପହଞ୍ଚିଲା ଅଶୋଧିତ ତୈଳ

ମୁମ୍ବାଇ,୨୦।୪: ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୨୧ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। କରୋନା ମହାମାରୀ ଯୋଗୁ ଚାହିଦା ଖସିବା, ଆମେରିକାର ଷ୍ଟୋରେଜରେ ବୃଦ୍ଧି ଏବଂ କମ୍ପାନୀଗୁଡ଼ିକର ସ୍ଥିତି ଖରାପ ହେବା ଆଶଙ୍କାରେ ବଜାରରେ ଏଭଳି ପରିବର୍ତ୍ତନ ଦେଖାଯାଇଛି। ଏହି ସମୟରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୨.୬% ଖସିଛି। ଏହାର ବ୍ୟାରେଲ ପିଛା ମୂଲ୍ୟ ୨୭.୩୫ ଡଲାର ରହିଛି। ସେହିଭଳି ଡବ୍ଲ୍ୟୁଟିଆଇରେ ୧୯.୩% ହ୍ରାସ ହେବା ସହ ଏହା ୧୪.୭୪ ପ୍ରତି ଡଲାର ରହିଛି। ସୋମବାର କାରବା ବେଳେ ଡବ୍ଲ୍ୟୁଟିଆଇରେ ୨୧% ହ୍ରାସ ଘଟିଥିବା ଦେଖାଯାଇଥିଲା। ଫଳରେ ଏହା ୧୪.୪୭ ଡଲାରକୁ ଖସିଥିଲା, ଯାହା ୧୯୯୯ ପରଠାରୁ ସବୁଠୁ ସର୍ବନିମ୍ନ ସ୍ତର। ଉତ୍ପାଦନ ବୃଦ୍ଧି ଯୋଗୁ ତେଲ ଭଣ୍ଡାରଗୁଡ଼ିକ ଏବେ ପୂର୍ଣ୍ଣ ରହୁଛି। ଚାହିଦା ଖସିବାରୁ ଏହାର ମୂଲ୍ୟ ମଧ୍ୟ ପ୍ରଭାବିତ ରହିଛି। କରୋନା ଯୋଗୁ ଆମେରିକା ସମେତ ଅନ୍ୟ ଦେଶଗୁଡ଼ିକର ସ୍ଥିତି ଏବେ ବିଗିଡିଛି। ଏନର୍ଜି ସେକ୍ଟର ଏହା ଦ୍ୱାରା

ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଫ୍ୟାକ୍ଟ୍ରି କାର୍ଯ୍ୟକଳାପ ଏବଂ ବିମାନ ଚଳାଚଳ କ୍ଷେତ୍ର ଏବେ ପ୍ରଭାବିତ ରହିଛି। ଫଳରେ ତୈଳ ଚାହିଦା ମଧ୍ୟ ଖସିଛି।

ଖେଳ ଖବର

ବ୍ୟାଟ୍ ନିଲାମ କରିବେ ଲୋକେଶ ରାହୁଲ

ନୂଆଦିଲ୍ଲୀ,୨୦।୪ (ପି.ଟି.): ଅବହେଳିତ ପିଲାମାନଙ୍କ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ଭାରତୀୟ ତାରକା ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ଏବେ ଅଣ୍ଟା ଭିଡିଛନ୍ତି। ଗତବର୍ଷ ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍‌ରେ ସେ ବ୍ୟବହାର କରିଥିବା ବ୍ୟାଟ୍ ଓ ଅନ୍ୟାନ୍ୟ କ୍ରୀଡ଼ା ସାମଗ୍ରୀ ନିଲାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଟୁଇଟରରେ ଏକ ଭିଡିଓ ରାହୁଲ ପୋଷ୍ଟ କରିଛନ୍ତି। ନିଲାମରୁ ମିଳିବାକୁ ଥିବା ଅର୍ଥ ସମାଜର ଅବହେଳିତ ଓ ନିଷ୍ପେଷିତ ପିଲାମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଖର୍ଚ୍ଚ ହେବ ଓ ଏହି ପିଲାମାନେ କିପରି ପଢିବେ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ବ୍ୟବହାର କରିଥିବା କ୍ରିକେଟ ପ୍ୟାଡ, ଗ୍ଲୋଭ୍ସ, ହେଲ୍‌ମେଟ ଓ କେତୋଟି ଜର୍ସି ଆମ ପାର୍ଟନର ଭାରତ ଆର୍ମିକୁ ଦାନ କରିବାକୁ ନିଷ୍ପତ୍ତି ନେଇଛି ବୋଲି ରାହୁଲ କହିଛନ୍ତି। ମିଳିବାକୁ ଥିବା ଅର୍ଥ ଆଓ୍ୱାର ଫାଉଣ୍ଡେଶନକୁ ପ୍ରଦାନ କରାଯିବ।

ପାଣ୍ଠି ସଂଗ୍ରହ କରିବେ ମୁଶଫିକର

ଢାକା,୨୦।୪ (ପି.ଟି.): କୋଭିଡ୍-୧୯ ପାଇଁ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ବାହାରକୁ ବାହାରିଛନ୍ତି ବାଂଲାଦେଶ ଉଇକେଟକିପର ବ୍ୟାଟ୍ସମ୍ୟାନ ମୁଶଫିକର ରହିମ। ସେ ତାଙ୍କ ବ୍ୟାଟକୁ ନିଲାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୩ରେ ଶ୍ରୀଲଙ୍କା ବିପକ୍ଷରେ ଏହି ବ୍ୟାଟ୍‌ରେ ଦ୍ୱିଶତକ ହାସଲ କରିଥିଲେ। ରିଲିଫ୍ କାର୍ଯ୍ୟ ପାଇଁ ଅର୍ଥ ସଂଗ୍ରହ ଲାଗି ଏହି ବ୍ୟାଟ୍ ନିଲାମ କରିବାକୁ ଯାଉଛି ବୋଲି ସେ କହିଛନ୍ତି। ଏହି ନିଲାମରୁ ସଂଗ୍ରହ ହେବାକୁ ଥିବା ଅର୍ଥ ଗରିବ ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟରେ ଆସିବ ବୋଲି ସେ କହିଛନ୍ତି।

ସ୍କୋୟାର କଟ୍, ଏବେ ହେୟାର କଟ୍

ମୁମ୍ବାଇ, ୨୦।୪

କରୋନା ଭାଇରସ୍ ସଂକ୍ରମଣ ଜନିତ ଲକ୍‌ଡାଉନ୍ ସ୍ଥିତିରେ ଏବେ ବିଶେଷ କାର୍ଯ୍ୟ ନ ଥିଲେ ଘରୁ ବାହାରିବା ମନା। ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ଅନ୍ୟ ସବୁ ଉପରେ କଟକଣା। ତେଣୁ ଘରେ ଏକ ପ୍ରକାର ବନ୍ଦ ହୋଇ ରହିଥିବା ଖେଳାଳିମାନେ ନିଜ କାମ ନିଜେ କରିବାକୁ ପସନ୍ଦ କରୁଛନ୍ତି। ଏପରି ଏକ କାର୍ଯ୍ୟକରି ଏବେ ଚର୍ଚ୍ଚାରେ ରହିଛନ୍ତି ୪୬ବର୍ଷୀୟ କ୍ରିକେଟ ଲିଜେଣ୍ଡ ସଚିନ ତେନ୍ଦୁଲକର। ସେ ପରିବାରର କୌଣସି ସଦସ୍ୟଙ୍କୁ ଭରସା କରିବା ଅପେକ୍ଷା ନିଜ ଚୁଟି ନିଜେ କାଟିଛନ୍ତି। ଏକଦା କ୍ରିକେଟ ପଡ଼ିଆରେ ଅପର୍ କଟ୍, ସ୍କୋୟାର କଟ୍ ମାରି ଦର୍ଶକଙ୍କୁ ଉଲ୍ଲସିତ କରୁଥିବା ସଚିନ ଏବେ ନିଜେ ଦର୍ପଣ ସମ୍ମୁଖରେ କଇଞ୍ଚି ଧରି ନୂଆ ହେୟାର କଟ୍ ବନଉଥିବା ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ନିଜେ ଚୁଟି କାଟୁଥିବାର ଏକାଧିକ ଫଟୋ ସଚିନ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହାର କ୍ୟାପ୍‌ଶନରେ ସେ ''ସ୍କୋୟାର



କଟ୍‌ଠାରୁ ଆରମ୍ଭ କରି ନିଜ ହେୟାର କଟ୍ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ କରିବାରେ ମୁଁ ଆନନ୍ଦ ଅନୁଭବ କରେ'' ବୋଲି ସଚିନ ଲେଖିଛନ୍ତି। ପ୍ରଥମ ୨ଟି ଫଟୋରେ ଲିଟିଲ ମାଷ୍ଟର ଏକ ହାତକଟା ଗ୍ରୀନ୍ ଜର୍ସି ପିନ୍ଧି ଚୁଟି କାଟୁଥିବା ଦେଖାଯାଉଛି। ପରବର୍ତ୍ତୀ ୨ଟି ଫଟୋରେ

ନିଜେ ଚୁଟି କାଟି ସଚେତନ କରାଇଲେ ସଚିନ

ସେ ଦର୍ପଣ ସମ୍ମୁଖରେ ହେୟାର କଟ୍‌କୁ ଦେଖୁଛନ୍ତି ଏବଂ କ୍ୟାମେରା ସମ୍ମୁଖରେ ହସୁଥିବା ପରିଲକ୍ଷିତ ହେଉଛି। ପ୍ରକାଶଯୋଗ୍ୟ ଯେ, ସଚିନ କ୍ରିକେଟରୁ ଅବସର ନେଇଥିଲେ ହେଁ ଏବେ ମଧ୍ୟ ଅନେକ କ୍ରିକେଟ ପ୍ରେମୀଙ୍କ ହୃଦୟରେ ରହିଛନ୍ତି। ନିଜେ ଚୁଟି କାଟିବା ଫଟୋ ଛାଡ଼ି ସଚିନ ସଚେତନତା ବାର୍ତ୍ତା ମଧ୍ୟ ଦେଇଛନ୍ତି। ସମସ୍ତେ ସାମାଜିକ ଦୂରତ୍ୱ ରକ୍ଷା କରିବା ଉଚିତ ବୋଲି ସେ ଅନ୍ୟ ଏକ କ୍ୟାପଶନରେ ଲେଖିଛନ୍ତି।

ଅନ୍‌ଲାଇନ ଇଣ୍ଟରାକ୍ଟିଭ୍ ସେସନ

ନୂଆଦିଲ୍ଲୀ,୨୦।୪ (ପି.ଟି.): କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ଏନ ନୂଆ ପ୍ରୟାସ ଆରମ୍ଭ କରିଛି। ଅନ୍‌ଲାଇନ୍‌ରେ ମ୍ୟାଚ୍ ଅଫିସିଆଲମାନେ ପରସ୍ପର ସହିତ ବାର୍ତ୍ତାଳାପ ତଥା ଆଲୋଚନା କରିଛନ୍ତି। ହକିର ନୂଆ ନିୟମ ସହିତ ଅବଗତ ହେବା ଓ ଫିଟ୍‌ନେସ ବଜାୟ ରଖିବା ପାଇଁ ଅମ୍ପାୟର ଓ ଟେକ୍‌ନିକାଲ ଅଫିସିଆଲମାନେ ଅନ୍‌ଲାଇନ୍ ଇଣ୍ଟରାକ୍ଟିଭ ସେସନ ଦ୍ୱାରା ପରସ୍ପର ସହିତ ଯୋଗାଯୋଗ କରି ଅପ୍‌ଡେଟ ହୋଇଛନ୍ତି। ୬ଟି ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ହକି ଇଣ୍ଡିଆ ଏହି ସେସନ ଆୟୋଜନ କରିଛି। ଏଥିରେ ୩ଜଣ ଟେକ୍‌ନିକାଲ ଅଫିସିଆଲ ଓ ୩ ଜଣ ଅମ୍ପାୟରଙ୍କ ଗ୍ରୁପ୍ ସାମିଲ ରହିଛି। ପ୍ରତ୍ୟେକ ସପ୍ତାହର ୬ ଦିନରେ ପାଖାପାଖି ୧୦୦ ଅଫିସିଆଲା ଏଥିରେ ଅଂଶଗ୍ରହଣ କରିବା ପାଇଁ ରେଜିଷ୍ଟ୍ରେଶନ କରିଛନ୍ତି ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ଅଭିଜ୍ଞ ଟୁର୍ନାମେଣ୍ଟ ଡାଇରେକ୍ଟର, ଅମ୍ପାୟର ଓ ମ୍ୟାନେଜର ଏହି ସେସନର ସଂଯୋଜନା କରୁଛନ୍